



RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-164 ♦BHUBANESWAR ♦SATURDAY ♦9 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୬୪ ♦ଭୁବନେଶ୍ୱର ♦ଶନିବାର ♦୯ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦

### ପବିତ୍ର ମୋହନ ପ୍ରଧାନ ସରକାରୀ ହସ୍ପିଟାଲ ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଖୁବ୍‌ଶୀଘ୍ର ମେଡିକାଲ କଲେଜ





- ସରକାରୀ ଡାକ୍ତରଖାନା ଉପରେ ଲୋକଙ୍କ ଆସ୍ଥା ବଢ଼ିଛି
- ସହଯୋଗ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନବୀନ ଜଣାଇଲେ ଧନ୍ୟବାଦ
- ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ କେନ୍ଦ୍ର କୋଇଲା ମନ୍ତ୍ରୀ

■ **ତାଳଚେର ସଦର/ଭୁବନେଶ୍ୱର, ୮।୧୨ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଆଭାସୀ ମାଧ୍ୟମରେ ତାଳଚେର ଠାରେ ୩୩୦ ଶଯ୍ୟା ବିଶିଷ୍ଟ ପବିତ୍ର ମୋହନ ସରକାରୀ ହସ୍ପିଟାଲର ଲୋକାର୍ପଣ କରିଛନ୍ତି। ଏହି ହସ୍ପିଟାଲ ପ୍ରତିଷ୍ଠାରେ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି। ଅପରପକ୍ଷେ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିବା କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ହସ୍ପିଟାଲ ନିମନ୍ତେ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଳଚେର ହେଉଛି ସଂଗ୍ରାମ ଓ ସ୍ୱାଭିମାନର ଭୂମି। ମହାନ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ ଏହି ମାଟିରେ ଜନ୍ମ ନେଇଥିଲେ। ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ରାଜ୍ୟର ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ଅବସରରେ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହି ହସ୍ପିଟାଲକୁ ଆଗାମୀ ଦିନରେ ଏକ ମେଡିକାଲ କଲେଜରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ପ୍ରତିଟି ଜୀବନ ମୂଲ୍ୟବାନ ମନ୍ତ୍ର ନେଇ ଆମେ କାମ କରୁଛୁ: ମୁଖ୍ୟମନ୍ତ୍ରୀ**

ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଆମ ସରକାର ସର୍ବଦା ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦେଇ ଆସିଛନ୍ତି। ପ୍ରତିଟି ଜୀବନ ମୂଲ୍ୟବାନ ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ମନ୍ତ୍ର ନେଇ ଆମେ କାମ କରୁଛୁ। ରାଜ୍ୟରେ ଗତ କିଛି ବର୍ଷ ମଧ୍ୟରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି। ମେଡିକାଲ କଲେଜରୁ ଆରମ୍ଭ କରି ସବୁ ପ୍ରକାର ଡାକ୍ତରଖାନାରେ ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ଏଥିସହ ନିୟମିତ ଭାବେ ଡାକ୍ତର ଏବଂ ▶ପୃଷ୍ଠା-୧୦

**ସେଣ୍ଟ୍ରାଲ କିଷାନ କ୍ରେଡିଟ୍ କାର୍ଡ ନାଁରେ ୩.୩୩ କୋଟି ଚଲୁ**

# ୨ ପୂର୍ବତନ ବ୍ୟାଙ୍କ୍ ଅଧିକାରୀ ଗିରଫ

■ **ଭୁବନେଶ୍ୱର, ୮।୧୨ (ସମିସ):** କିଷାନ କ୍ରେଡିଟ୍ କାର୍ଡ ଯୋଜନାରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୩.୩୩ କୋଟି ଚଲୁ କରିବା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଆଜି ବ୍ୟାଙ୍କର ଦୁଇ ପୂର୍ବତନ ଅଧିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, କଟକ ଭଦ୍ରେଶ୍ୱର ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଶାଖା ପରିଚାଳକ ଡମ୍ବୁରୁଧର ନାୟକ ଓ ପୂର୍ବତନ କୃଷି ଅର୍ଥ ଅଧିକାରୀ ଦେବୀଦତ୍ତ ପାଣିଗ୍ରାହୀ। ୨୦୧୫ରୁ ୨୦୧୮ ମସିହା ମଧ୍ୟରେ ଦୁହେଁ ନକଲି ହିତାଧିକାରୀଙ୍କ ନାମରେ କୋଟିକୋଟି ଟଙ୍କା ହରଣଚାଳ କରିଥିବା ଜଣାଯାଇଛି। ୬୮ଟି ସେଣ୍ଟ୍ରାଲ କିଷାନ କ୍ରେଡିଟ୍ କାର୍ଡରେ ▶ପୃଷ୍ଠା-୧୦

**ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲା**

# ଲୋକସଭାରୁ ମହୁଆ ବହିଷ୍କୃତ

■ **ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି):** ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ଟିଏମ୍‌ସି ସାଂସଦ ମହୁଆ ମୋଇତ୍ରଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମହୁଆଙ୍କୁ ଲୋକସଭାରୁ ବହିଷ୍କୃତ କରିଦିଆଯାଇଛି। ମହୁଆଙ୍କ ଆଚରଣ ବେଆଇନ ଏବଂ ଖରାପ ଥିଲା ବୋଲି କୁହାଯାଇଛି। ଏହି ନିଷ୍ପତ୍ତିକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। ଏହା ବିରୋଧରେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହୁଆ ଏହି ନିଷ୍ପତ୍ତି ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ମୋତେ ନୁଆଁଇବା ପାଇଁ ସଦାଚାର କମିଟି ସମସ୍ତ ନିୟମ ଉଲ୍ଲଙ୍ଘନ କରିଦେଇଛି। ଏହି ▶ପୃଷ୍ଠା-୧୦

- ସଦାଚାର କମିଟି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ
- ପ୍ରଶ୍ନ ପାଇଁ ଟଙ୍କା ନେଇଥିବାର କୌଣସି ପ୍ରମାଣ ନାହିଁ: ମହୁଆ



- ସଂସଦ ବାହାରେ ବିରୋଧୀଙ୍କ ବିକ୍ଷୋଭ
- ଗଣତନ୍ତ୍ରକୁ ହତ୍ୟା କରିଦିଆଗଲା: ମମତା

**ମଦ ବ୍ୟବସାୟୀଙ୍କ ଘରେ 'ଟଙ୍କାର ପାହାଡ଼'**

# ୨୦୦ କୋଟି ଟପିଲାଣି ଜବତ ଟଙ୍କାର ପରିମାଣ

- କଂଗ୍ରେସ ନେତାଙ୍କୁ ପ୍ରଧାନମନ୍ତ୍ରୀଙ୍କ 'ଇମାନ୍‌ଦାରୀ' କଟାକ୍ଷ
- 'କଂଗ୍ରେସ-କରପ୍‌ସନ୍-କ୍ୟାସ୍' ଅଙ୍ଗାଙ୍ଗୀ ଜଡ଼ିତ: ଠାକୁର
- କେନ୍ଦ୍ରମନ୍ତ୍ରୀ ସ୍ମୃତିଙ୍କ ନିଶାଣରେ କଂଗ୍ରେସ ସାଂସଦ ଧୀରଜ
- ନିଜ ନେତାଙ୍କୁ କାଠଗଡ଼ାକୁ ଟାଣିଲେ ଓଡ଼ିଶା ବିଜେପି ନେତା
- ଆୟକର ଚଢ଼ଉକୁ ନେଇ ବିଜେପିକୁ କଂଗ୍ରେସର ନିଶାଣ

■ **ଭୁବନେଶ୍ୱର, ୮।୧୨ (ସମିସ):** ଓଡ଼ିଶା ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟର ବିଭିନ୍ନ ସ୍ଥାନରୁ ଆୟକର ବିଭାଗ ଗତ ୩ ଦିନ ମଧ୍ୟରେ ଜବତ କରିଛି ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଗତକାଲି ସୁଦ୍ଧା ୧୮୦ କୋଟି ଟଙ୍କା ଜବତ ହୋଇଥିବାବେଳେ ଆଜି ପୁଣି ୨୫ କୋଟି ଟଙ୍କା ଜବତ କରାଯାଇଥିବା କୁହାଯାଉଛି। ୧୫୭ଟି ବ୍ୟାଗରେ ଜବତ ଟଙ୍କାକୁ ଭର୍ତ୍ତି କରି ବ୍ୟାଙ୍କକୁ ଅଣାଯାଇଛି। ଆବଶ୍ୟକ ବ୍ୟାଗ ଅଭାବରୁ କେତେକ ସ୍ଥାନରେ ଟଙ୍କାକୁ ଅଖାରେ ଭର୍ତ୍ତି କରି ଟ୍ରକ ଯୋଗେ ବ୍ୟାଙ୍କରେ ପହଞ୍ଚାଯାଇଛି। ଜବତ ଅର୍ଥ ଗଣତି କାର୍ଯ୍ୟରେ





ଲାଗିଥିବା ଟଙ୍କା ଗଣା ମେସିନ ଗରମ ହୋଇ ଅଚଳ ହୋଇ ଯାଇଥିବା କୁହାଯାଉଛି। ପୂର୍ବରୁ ଜିଏସ୍‌ଟି ଚଢ଼ଉ ବେଳେ ପିୟୂଷ ଜୈନ ନାମକ ଜଣେ ବ୍ୟକ୍ତିଙ୍କ ନିକଟରୁ ସର୍ବାଧିକ ୨୦୦ କୋଟି ଟଙ୍କା ଜବତ ହୋଇଥିଲା। ସେହିପରି ଚେନ୍ନାଇରେ ଆୟକର ଚଢ଼ଉ ବେଳେ ୧୪୨ କୋଟି ଓ କାନପୁରରେ ଆୟକର ଚଢ଼ଉ ବେଳେ ୯୫ କୋଟି ଟଙ୍କା ଜବତ ହୋଇଥିଲା। ମାତ୍ର ସମ୍ପ୍ରତି ଜବତ ଅର୍ଥ ଦେଶରେ ସର୍ବାଧିକ ବୋଲି ମନେକରାଯାଉଛି। ▶ପୃଷ୍ଠା-୧୦









# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର


ଆଜି ଆସିଥିଲେ

ଓଡ଼ିଆ ସାହିତ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଜଣେ ବହୁଚର୍ଚ୍ଚିତ ବ୍ୟକ୍ତିତ୍ୱ । କାନ୍ତକବିଙ୍କ ରଚିତ କାଳଜୟୀ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସରକାର ରାଜ୍ୟ ସଙ୍ଗୀତ ମାନ୍ୟତା ଦେଇଛନ୍ତି । ଓଡ଼ିଆ ସାହିତ୍ୟ ଜଗତକୁ ଯେଉଁ କେତେଜଣ କବି, ଗାଳ୍ପିକ, ଔପନ୍ୟାସିକ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଅନ୍ୟତମ । ସେ ଏକାଧାରରେ ଥିଲେ ଜଣେ କବି, ସଙ୍ଗୀତଜ୍ଞ, କଥାକାର, ପ୍ରାବନ୍ଧିକ, ନାଟ୍ୟକାର, ଶିଶୁ ସାହିତ୍ୟିକ ଏବଂ ହାସ୍ୟରସର ସ୍ରଷ୍ଟା । ମାତୃଭୂମିର ସେବା କରିବା ପାଇଁ ଦୁଇଟି ମୁଖ୍ୟ ଅସ୍ତ୍ର ହେଉଛି ତ୍ୟାଗ ଏବଂ ସମର୍ପଣ ଭାବ । ଏହି କଥା ସେ ନିଜ କବିତା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇଥିଲେ । ଲକ୍ଷ୍ମୀକାନ୍ତଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଜ୍ୱଳନ୍ତ ଉଦ୍ଗୀରଣ ଦେଖିବାକୁ ମିଳିଥାଏ । ସ୍ୱରାଜ୍ୟ , ତ୍ୟାଗ, ଉତ୍ସର୍ଗ, ଜାତିପ୍ରୀତି ଓ ଦେଶପ୍ରୀତି ତାଙ୍କ କବିତାର ମୂଳମନ୍ତ୍ର ଥିଲା । ତାଙ୍କ ରଚିତ 'ବୁଢ଼ା ଶଙ୍ଖାରୀ', 'କଣାମାମୁଁ' ଭଳି ଅନେକ କାଳଜୟୀ ସର୍ଜନା ଓଡ଼ିଶା ସାହିତ୍ୟର ବିଭିନ୍ନ ଦିଗକୁ ସ୍ପର୍ଶ କରିଛି । ତାଙ୍କ ରଚିତ 'ଜୀବନ ସଙ୍ଗୀତ', 'ଜୀବଜନ୍ତୁ ଓ ଚିଡ଼ିଆଖାନା', 'କୁମାରୀ', 'ପିଲାଙ୍କ କଥା', 'ସଙ୍ଗୀତ ରତ୍ନ ଫରୁଆ' ଆଦି ଅନେକ ପ୍ରକାଶିତ ସାହିତ୍ୟ ସର୍ଜନା ଏବେ ଅନୁପଲବ୍ଧ । ସେ ମାସିକ ସାହିତ୍ୟ ପତ୍ରିକା 'ଡଗର'ର ପ୍ରତିଷ୍ଠାତା ଥିଲେ । 'ଡଗର'ରେ 'ମୁଁ କାହିଁକି ଲେଖେ'ଶୀର୍ଷକ ସ୍ତମ୍ଭରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଲେଖକଙ୍କ ସ୍ୱାକ୍ଷର ରହିଛି । ତାଙ୍କ ପିତାଙ୍କ ନାମ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ଓ ମାତାଙ୍କ ନାମ ରାଧାମଣି । ଲକ୍ଷ୍ମୀକାନ୍ତ କଟକର ଧୂଆଁପତରିଆଗଳିରେ ୧୮୮୮ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ସେଦିନ ମାଣବସା ଗୁରୁବାର ଥିବାରୁ ତାଙ୍କ ନାମ ଲକ୍ଷ୍ମୀକାନ୍ତ ବୋଲି ପରିବାର ଲୋକେ ରଖିଥିଲେ । ଚୌଧୁରୀ ଭାଗବତ ପ୍ରସାଦଙ୍କ ୪ଜଣ ପୁତ୍ରଙ୍କ ମଧ୍ୟରୁ ଲକ୍ଷ୍ମୀକାନ୍ତ ଥିଲେ ଜ୍ୟେଷ୍ଠ । ଭାଗବତ ପ୍ରସାଦ ଫକୀରମୋହନ ଏକାଡେମୀରେ କିଛିଦିନ ଶିକ୍ଷକତା କରିଥିଲେ । ତା'ପରେ ଆଇନ ଶିକ୍ଷା କରି ବାଲେଶ୍ୱରରେ ଓକିଲାତି କଲେ । ପରେ ଭଦ୍ରକରେ ମୁନ୍ସି କୋର୍ଟ ପ୍ରତିଷ୍ଠା ପରେ ସେଠାରେ ଓକିଲାତି ଆରମ୍ଭ କଲେ । ପରେ ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌କୁ ୪ଥର ସଭ୍ୟ ଓ ୨ଥର କାଉନସିଲ୍‌ର ଡେପୁଟି ସ୍ପିକର ହୋଇଥିଲେ । ପିଲାଟି ବେଳୁ ସାହିତ୍ୟ ପ୍ରତି ତାଙ୍କର ରୁଚିଥିଲା । ତାଙ୍କର ଚମତ୍କାର ଲେଖା ଯୋଗୁଁ ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତର ମଉଡ଼ମଣି ବୋଲି ମଧ୍ୟ କୁହାଯାଏ । କାନ୍ତକବି ରେଭେନ୍ସା କଲେଜରୁ ବିଏ ପାସ୍ କରିଥିଲେ । ସେ ବାଲେଶ୍ୱର ସୁନହଟ ଜମିଦାର ଲାଲାମୋହନ ଦାସଙ୍କ କନ୍ୟା ଲବଙ୍ଗଲତାଙ୍କୁ ସହଧର୍ମିଣୀ ଭାବେ ବାଛିଥିଲେ । କାନ୍ତକବିଙ୍କ ଦୁଇ ପୁତ୍ର ନିତ୍ୟାନନ୍ଦ ଓ ଗୌରଚନ୍ଦ୍ର ଓଡ଼ିଶାର ପ୍ରତିଷ୍ଠିତ ରାଜନେତା, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ । କାନ୍ତକବିଙ୍କ ରଚିତ 'ଜୀବନ ସଙ୍ଗୀତ' ଓଡ଼ିଶା ସାହିତ୍ୟ ଜଗତରେ ଏକ ଦୁର୍ଲଭ ସଙ୍ଗୀତ ଗ୍ରନ୍ଥ । କବି ନିଜ ରଚିତ ସଙ୍ଗୀତର ସ୍ୱର ନିଜେ ଦେବା ସହ ଏହାର ଇଂରାଜୀ ଅନୁବାଦ 'ସଙ୍ଗ୍ ଅଫ୍ ଦ ସୋଲ' ନିଜେ କରିଛନ୍ତି । ଏଥିରେ ଅନେକ ହୃଦୟସ୍ପର୍ଶୀ ଓ ସ୍ୱାଧୀନତା ଉଦ୍ରେକକାରୀ ସଙ୍ଗୀତ ରହିଛି । 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡାଇବ ହେ..', 'ମୋ ସକଳ ଗର୍ବ ଚୂର୍ଣ୍ଣ କରିଛ...., 'ଦେ ମୋତେ ବାୟା କରି..', 'କୋଟି କୋଟି କଣ୍ଠେ ଆଜି...', 'ଉଡ଼ାଇ ନିଶାଣ ବଜାଇ ଭେରି...', 'ବନ୍ଦେ ଉତ୍କଳ ଜନନୀ' ଭଳି ଅନେକ କାଳଜୟୀ ସଙ୍ଗୀତର ସେ ସ୍ରଷ୍ଟା । ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ଦୀର୍ଘଦିନର ଦାବି ପରେ ଶେଷରେ ଦୀର୍ଘ ୧୦୯ ବର୍ଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ରାଜ୍ୟ ସଙ୍ଗୀତ ମାନ୍ୟତା ଦେଇ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି । କାନ୍ତକବି ଲକ୍ଷ୍ମୀକାନ୍ତ ଦୁରାରୋଗ୍ୟବ୍ୟାଧିରେ ପୀଡ଼ିତ ହୋଇ ୧୯୫୩ ମସିହା ଫେବୃଆରୀ ୨୪ତାରିଖରେ ୬୪ବର୍ଷ ବୟସରେ ପରଲୋକଗମନ କରିଥିଲେ । ତାଙ୍କର ଅନେକ ଉଚ୍ଚକୋଟୀର ସାହିତ୍ୟ ସର୍ଜନା ଏବେ ବି ଅପ୍ରକାଶିତ ରହିଛି । ତାଙ୍କର ଅଧିକାଂଶ ରଚନା 'କାନ୍ତ ସାହିତ୍ୟମାଳା' ନାମକ ଦୁଇଟି ଗ୍ରନ୍ଥାବଳୀରେ ସ୍ଥାନିତ ହୋଇଛି ।

- ଉମାକଲ୍ୟାଣ ମହାପାତ୍ର, ଭଦ୍ରକ

# ଡେଟିଂର ନୂଆ ଧାରା 'ଷ୍ଟାକ୍ ଡେଟିଂ'



ଯୁବପିଢ଼ିଙ୍କ ମଧ୍ୟରେ ଡେଟିଂର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଛି । ଏହି କ୍ରମରେ ଏବେ ଡେଟିଂ ପରମ୍ପରାରେ ଏକ ନୂଆ ଧାରା ଆରମ୍ଭ ହୋଇଛି । ଯାହାକି 'ଷ୍ଟାକ୍ ଡେଟିଂ' ଭାବେ ପରିଚିତ । ସାଧାରଣ ଡେଟିଂ ତୁଳନାରେ ଏହା ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଯୁବପିଢ଼ିମାନେ ଏହାକୁ ବେଶି ପସନ୍ଦ କରୁଥିବା ଦେଖାଯାଇଛି । ସାଧାରଣତଃ ଡେଟିଂକୁ ଯିବା ପୂର୍ବରୁ ଉଭୟ ଯୁବକ, ଯୁବତୀ ନିଜକୁ ପ୍ରସ୍ତୁତ କରିଥାନ୍ତି । ତା'ସହ ଡେଟିଂରେ ଯିବା ପ୍ରସ୍ତୁତିରେ ଅଧିକ ଟଙ୍କା ଓ ସମୟ ବି ଖର୍ଚ୍ଚ ହୋଇଥାଏ । ତେବେ ଷ୍ଟାକ୍ ଡେଟିଂରେ ଯୁବକଯୁବତୀଙ୍କୁ ବେଶି କିଛି ପ୍ରାକ୍ ପ୍ରସ୍ତୁତି କରିବାକୁ ପଡ଼ି ନ ଥାଏ । ଏହା ହେଉଛି ଏଭଳି ଏକ ଡେଟିଂ, ଯେଉଁଥିରେ ଜଣେ ନିତିଦିନର ବ୍ୟସ୍ତମୟ ଜୀବନ ମଧ୍ୟରେ ଅନ୍ୟ ଜଣଙ୍କ ସହ କିଛି ସୁନ୍ଦର ସମୟ ଅତିବାହିତ କରିପାରିବ । ସରଳ ଭାଷାରେ କହିଲେ, ଜଣେ ଅଫିସ୍ ଯିବା ସମୟରେ ହେଉ କି ଅଫିସ୍‌ରୁ ଫେରିବା ବେଳେ ଅଫିସ୍ ଆଖପାଖର କେଉଁ ସ୍ଥାନ ବା କାଫେରେ ଜଣକୁ ଭେଟି ପରସ୍ପର ସହ କିଛି ସମୟ ଅତିବାହିତ କରିପାରିବେ । ସେହିପରି ଭାରତରେ ମଧ୍ୟ ଏହି ଡେଟିଂର ଚଳଣି ଧୀରେ ଧୀରେ ବୃଦ୍ଧି ପାଉଛି । ଅନ୍ୟପଟେ ନିତିଦିନର ବ୍ୟସ୍ତତା ପୂର୍ଣ୍ଣ ଜୀବନରେ ନିଜ ସାଥୀକୁ ପ୍ରତିଦିନ କିଛି ସମୟ ଦେବା ପାଇଁ ଷ୍ଟାକ୍ ଡେଟିଂକୁ ଉପଯୋଗୀ ବୋଲି କୁହାଯାଉଛି ।

# ପୁଣି ଏକାଠି ଆସିବେ ତବୁ-ଅଜୟ

ବଲିଉଡ୍‌ର ଏକ ଲୋକପ୍ରିୟ ଯୋଡ଼ି ହେଉଛନ୍ତି ଅଜୟ ଦେବଗନ୍ ଓ ତବୁ । ଏହି ଯୋଡ଼ିଙ୍କୁ ଏଯାବତ୍ ୯ଟି ଫିଲ୍ମରେ ଦେଖାଯାଇଛି । ଶେଷଥର ପାଇଁ ଏହି ଯୋଡ଼ିଙ୍କୁ 'ଭୋଲା' ଫିଲ୍ମରେ ଦେଖାଯାଇଥିଲା । ପୁଣି ଥରେ ଏହି ଯୋଡ଼ିକୁ ଦର୍ଶକେ 'ଔରୋ ମେଁ କହା ଦମ୍ ଥା' ଫିଲ୍ମରେ ଦେଖିବାକୁ ପାଇବେ । ଇତିମଧ୍ୟରେ ଏହି ଫିଲ୍ମର ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି । ଅଜୟ ନିଜେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ ଏନେଇ ସୂଚନା ଦେଇଛନ୍ତି । ଏହି ଫିଲ୍ମ ୨୬ ଏପ୍ରିଲ୍, ୨୦୨୪ରେ ରିଲିଜ୍ ହେବ । ତେବେ ଏହା ସିନେମାହଲ୍‌ରେ ରିଲିଜ୍ ହେବ କି ଓଟିଟିରେ, ସେ ବିଷୟରେ ଅଜୟ କିଛି ସୂଚନା ଦେଇ ନାହାନ୍ତି । ନୀରଜ ପାଣ୍ଡେଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଏକ ରୋମାଣ୍ଟିକ୍ ଡ୍ରାମା ହେବ । ଏଥିରେ ଅଜୟ-ତବୁଙ୍କ ସହ ସାଇ ମଞ୍ଜେରକର, ଜିମି ସେରଗିଲ୍ ଓ ଶାନ୍ତନୁ ମାହେଶ୍ୱରୀ ବି ନଜର ଆସିବେ । ଅଜୟ 'ଔରୋ ମେ କହା ଦମ୍ ଥା' ଫିଲ୍ମ ବ୍ୟତୀତ 'ସିଂଘମ୍ ଏଗେନ୍', 'ମୈଦାନ୍' ଓ 'ଗୋଲ୍‌ମାଲ୍-୫' ଫିଲ୍ମରେ ମଧ୍ୟ କାମ କରୁଛନ୍ତି ।



# ଷ୍ଟେଥୋସ୍କୋପ୍‌ର ସ୍ଥାନ ନେବ ଏଆଇ ଲେଜର କ୍ୟାମେରା



ଏଣିକି ଷ୍ଟେଥୋସ୍କୋପ୍‌ର ବିକଳ୍ପ ଭାବେ କାର୍ଯ୍ୟ କରିବ ଏଆଇ ଲେଜର କ୍ୟାମେରା । ବୈଜ୍ଞାନିକମାନେ ଏକପ୍ରକାର ଲେଜର କ୍ୟାମେରା ବିକଶିତ କରିଛନ୍ତି, ଯାହାକି ଦୂରରୁ ଜଣେ ବ୍ୟକ୍ତିଙ୍କ ହୃଦ୍‌ସ୍ପନ୍ଦନକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ । କେବଳ ସେତିକି ନୁହେଁ, ଏହା ଅନ୍ୟାନ୍ୟ ହୃଦ୍ ସମ୍ବନ୍ଧୀୟ ରୋଗକୁ ଚିହ୍ନଟ କରିବା ଦିଗରେ ବି କାର୍ଯ୍ୟ କରିବ । ଏହି ହାଇସ୍ପିଡ୍ କ୍ୟାମେରାରେ ଏଆଇ ଲେଜରକୁ ଉପଯୋଗ କରାଯାଇଛି । ଏହି ଏଆଇ ଲେଜର କ୍ୟାମେରା ଗଳା ମାଧ୍ୟମରେ ହୃଦ୍‌ସ୍ପନ୍ଦନର ଗତିକୁ ଜାଣିବ । ଫଳରେ ଏହା ଷ୍ଟେଥୋସ୍କୋପର ବିକଳ୍ପ ଭାବେ କାର୍ଯ୍ୟ କରିବ ବୋଲି କୁହାଯାଉଛି । ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ଏହି ସିଷ୍ଟମ୍ ଏଆଇ ଏବଂ କ୍ୱାଣ୍ଟମ୍ ଟେକ୍ନୋଲୋଜି ସହ ଜଡ଼ିତ ହୋଇଥିବାରୁ ଚିରାଚରିତ ସ୍ୱାସ୍ଥ୍ୟ ପରୀକ୍ଷା ଦିଗରେ ଏହା ପରିବର୍ତ୍ତନ ଆଣିବ । ସେହିପରି ଏହି ଡିଭାଇସ୍‌କୁ ସପିଂ ମଲ୍ ବୁଥ୍‌ରେ ରଖିବା ବ୍ୟବସ୍ଥା କରାଯିବ । ଯଦ୍ୱାରା ଖୁବ୍ କମ୍ ସମୟରେ ମଧ୍ୟରେ ଲୋକଙ୍କ ହୃଦ୍‌ସ୍ପନ୍ଦନ ଗତିକୁ ସେମାନଙ୍କୁ ଜାଣିବା ଦିଗରେ ସାହାଯ୍ୟ କରିବ । ଏପରିକି ଏହାକୁ ସେମାନେ ଅନ୍‌ଲାଇନ୍ ମେଡିକାଲ ରେକର୍ଡ ରିପୋର୍ଟରେ ମଧ୍ୟ ସାମିଲ କରିପାରିବେ । ଏହାବାଦ୍ ଏହି ଲେଜର ହାର୍ଟ ମନିଟର୍‌କୁ ଲୋକେ ନିଜ ଘରେ ମଧ୍ୟ ରଖିପାରିବେ । ଅନ୍ୟପଟେ ହୃଦ୍‌ସ୍ପନ୍ଦନର ଗତି ଦ୍ରୁତ କିମ୍ବା ଧୀର ଥିଲେ ଏହି ଡିଭାଇସ୍ ହୃଦ୍‌ଘାତର ପୂର୍ବ ଲକ୍ଷଣ ଜାଣିବା ଦିଗରେ ସହାୟତା କରିବ ।

## ଆଜିର ରାଶିଫଳ

**ମେଷ:** ସହକର୍ମୀଙ୍କଠାରୁ ସାହାଯ୍ୟ ପାଇବେ । ନୂତନ ବ୍ୟବସାୟ ପାଇଁ ମନବଳାଇବେ । ଦୀର୍ଘ ଦିନ ଧରି ଚାଲିଥିବା ସମସ୍ୟାରୁ ମୁକ୍ତି ପାଇବେ । ବିରୋଧୀମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ପୂଜାର୍ଚ୍ଚନା କରନ୍ତୁ ।

**ବୃଷ:** ଦିନଟି ମିଶ୍ରିତ ଫଳାଫଳ ପ୍ରଦାନ କରିବ । ବ୍ୟବସାୟରେ ଉନ୍ନତି ପାଇଁ ନୂତନ ଦିଗ ପାଇବେ । ଜୀବନସାଥୀଙ୍କ ସହ ସମ୍ପର୍କ ନିବିଡ଼ ହେବ । କାର୍ଯ୍ୟକ୍ଷେତ୍ରରେ ଭଲ ଫଳାଫଳ ପାଇବେ ।

**ମିଥୁନ:** କର୍ମକ୍ଷେତ୍ରରେ କିଛି ନୂତନ ପରିବର୍ତ୍ତନ ଦେଖାଦେବ । ସାଙ୍ଗସାଥୀଙ୍କ ସହ ଅଧିକ ସମୟ କଟାଇବେ । ନୂଆ କାରବାରରେ ଅକସ୍ମାତ୍ ଧନଲାଭ ଯୋଗ ରହିଛି । ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟର ହାତ ବଢ଼ାଇବେ ।

**କର୍କଟ:** ପୁରୁଣା ବନ୍ଧୁଙ୍କ ସହଯୋଗରେ ବଡ଼ ସମସ୍ୟାରୁ ମୁକୁଳିପାରିବେ । ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ବ୍ୟବସାୟୀମାନଙ୍କ ଆୟ ବୃଦ୍ଧି ପାଇବ । ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ ।

**ସିଂହ:** ପରିବାର ମଧ୍ୟରେ ଉତ୍ତମ ବୁଝାମଣା ରହିବା ସହ ଦିନଟି ଉତ୍ତମ ରହିବ । କର୍ମକ୍ଷେତ୍ରରେ ଉଚ୍ଚ ଅଧିକାରୀଙ୍କଠାରୁ ଅପମାନିତ ହୋଇପାରନ୍ତି । ବ୍ୟବସାୟରେ ଅବନତି ଦେଖାଦେବ । ହେବାକୁ ଯାଉଥିବା କାର୍ଯ୍ୟ ବିଗିଡ଼ି ଯାଇପାରେ ।

**କନ୍ୟା:** କର୍ମସ୍ଥଳୀରେ ସମସ୍ତ କାର୍ଯ୍ୟକୁ ସୁଚାରୁପେ କରି ପ୍ରଶଂସିତ ହେବ । ଅକସ୍ମାତ୍ ଅତିଥିଙ୍କ ଆଗମନ ହୋଇପାରେ । ରାଜନୀତି କ୍ଷେତ୍ରରେ ଜଡ଼ିତ ବ୍ୟକ୍ତିଙ୍କ ମାନସମ୍ମାନରେ ବୃଦ୍ଧି ହେବ ।

**ତୁଳା:** ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ । ବୁଝି ବିଚାରି କାର୍ଯ୍ୟ କରି ସଫଳତା ପାଇବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ବାଦବିବାଦ ଦେଖାଦେବ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିବେ ।

**ବିଛା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ମାନସିକ ଅବସାଦ ଲାଗି ରହିବ । କର୍ମକ୍ଷେତ୍ରରେ ବିଭିନ୍ନ ବାଧାପ୍ରତିବନ୍ଧକ ଉପୁଜିପାରେ । ଆର୍ଥିକସ୍ଥିତି ଭଲ ରହିବ । ଦାମ୍ପତ୍ୟ ଜୀବନ ମଧୁର ରହିବ ।

**ଧନୁ:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ ହେବ । ବ୍ୟବସାୟରେ ଅଧିକ ଲାଭ ପାଇବା ପାଇଁ ନୂତନ ରାସ୍ତା ପାଇବେ । ଅସହାୟ ବ୍ୟକ୍ତିଙ୍କୁ ଦାନ କରି ଆତ୍ମସନ୍ତୋଷ ପାଇବେ ।

**ମକର:** ପାରିବାରିକ ସମସ୍ୟା ଲାଗି ରହିବ । ଆର୍ଥିକକ୍ଷେତ୍ର ମଜଭୁତ ରହିବ । ନିଜ ବ୍ୟବହାରରେ ପରିବର୍ତ୍ତନ ପାଇଁ ଉଦ୍ୟମ କରିବେ । ଆୟ ତୁଳନାରେ ବ୍ୟୟ ବୃଦ୍ଧି ପାଇବ ।

**କୁମ୍ଭ:** ଦୀର୍ଘ ସମୟ ଧରି ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ବ୍ୟବସାୟରେ ଆଶାଠାରୁ ଅଧିକ ଲାଭ ପାଇବେ । ଅତ୍ୟଧିକ କାମକରି ମାନସିକ ଅବସାଦରେ ରହିପାରନ୍ତି । ନିଜ ସ୍ୱାସ୍ଥ୍ୟ ପାଇଁ ଯତ୍ନଶୀଳ ହେବେ ।

**ମୀନ:** ପରିବାର ସହ ଆନନ୍ଦପୂର୍ଣ୍ଣ ଦିନ ଅତିବାହିତ କରିପାରନ୍ତି । ବ୍ୟବସାୟ ପ୍ରସାରିତ କରିବା ପାଇଁ ସାଙ୍ଗସାଥୀଙ୍କ ସହଯୋଗ ପାଇବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇପାରେ ।

# ନିଜ ନିଜ ସପକ୍ଷରେ




ଆଜି ଦିପୁନାର ପରୀକ୍ଷା ଫଳ ବାହାରିବ । ମାଆ ବଡ଼ ଆଗ୍ରହର ସହିତ ପୁଅର ଫେରିବା ବାଟକୁ ଅପେକ୍ଷା କରିଥାନ୍ତି । ପୁଅ ଆସୁ ଆସୁ ମାଆ ପଚାରିଲେ – "ହଇରେ ଦିପୁନା ! ରେଜଲ୍ଟ କ'ଣ ହେଲା ?"

ଦିପୁନା : - ବୋଉ ! କହନା ଲୋ । ଏଥର ଅଙ୍କ ରେଜଲ୍ଟ ଯାହା ହେଇଚି, ଶୁଣିଲେ ତୁ ମୁଣ୍ଡରେ ହାତ ଦେବୁ । ଆମ କ୍ଲାସର ଫାଷ୍ଟ ପିଲା ଅଂଶୁମାନ । ସେ ଅଙ୍କରେ କେତେ ରଖିଥିବ କହିଲୁ ଦେଖି ।

ବୋଉ :- କେତେ ? ମୁଁ କେମିତି ଜାଣିବି । ତୁ କହ ।

ଦିପୁନା :- ସେ ସବୁବେଳେ ଶହେରୁ ଶହେ ରଖେ ଅଙ୍କରେ । ଏଥର ସେ ଷାଠିଏ ନମ୍ବର ରଖିଚି । ଆଉ ଆମ କ୍ଲାସ୍‌ର ସେକେଣ୍ଡ ହୁଏ ଯୋଉ ଝିଅଟା – ଦୀପିକା । ସେ କେତେ ରଖିଚି କହିଲୁ ।

ବୋଉ :- ଆରେ ତା' ନମ୍ବରରୁ ଆମକୁ କ'ଣ ମିଳିବ ? ତୁ କେତେ ରଖିଚୁ ଆଗେ କହ ।

ଦିପୁନା :- ଓହୋ ! ରାଗୁଚୁ କ'ଣ ? ସେ କେତେ ରଖିଚି ଆଗ ଶୁଣି ସାର୍ ।

ବୋଉ:- କେତେ?

ଦିପୁନା :- ସବୁବେଳେ ସେ ପଞ୍ଚାନବେରୁ ଅଧିକା ରଖେ । ଏଥର ପଞ୍ଚାବନ ନମ୍ବର ରଖିଚି ।

ବୋଉ :- ହଉ ! ଏଥର ତୋ' ନମ୍ବର କହ ।

ଦିପୁନା :- ମୋ'ର ତ ଗଲାଥର ଚାଳିଶ ଥିଲା ଏଥର ସମସ୍ତଙ୍କର କମ୍ ନମ୍ବର ଆସିଚି । ମୋ'ର ବି କମିଚି । ହେଲେ ବେଶୀ କମିନି । ପନ୍ଦର ନମ୍ବର କମି ଯାଇଚି ।

ବୋଉ :- ତା'ମାନେ ତୁ ଫେଲ୍ ହେଇଚୁ !!!

ମାଆ ପୁଅର ଫଳାଫଳ ଶୁଣି ମୁହଁ ଶୁଖେଇ ବସି ପଡ଼ିଲେ । ମୁଁ ସେଇଠି ବସିଥାଏ । ମତେ ବି ଦୁଃଖ ଲାଗୁଥାଏ । ଚିନ୍ତା ଲାଗୁଥାଏ – ଏ ପିଲା ଭବିଷ୍ୟତରେ କରିବ କ'ଣ ? କିନ୍ତୁ ତା' ଉତ୍ତର ଦେବାର ଭଙ୍ଗୀ ଆଉ ତର୍କ ଶୁଣି ମତେ ତା' ଭିତରେ ଗୋଟିଏ ସମ୍ଭାବନା ଜଳଜଳ ହେଇ ଦିଶୁଥାଏ । କିଛି ନହେଲେ ଏ ପିଲା ଭଲ ନେତାଟିଏ ହେବ ନିଶ୍ଚୟ ।

ହାଟ ମଝିରେ ବ୍ରହ୍ମଜ୍ଞାନ

ଏବେ ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ଆଉ ପତ୍ନୀଙ୍କୁ ବୁଝେଇବା ପାଇଁ କହିଲି –"ଦେଖ ! ଆମେ ଚେଷ୍ଟା କରୁଚେ । କିନ୍ତୁ ପିଲାର ଭବିଷ୍ୟତ ସମ୍ପୂର୍ଣ୍ଣ ଆମ ହାତରେ ନାହିଁ । ସେ କିଛି ନା କିଛି କରିବ ନିଶ୍ଚୟ । ତା' କଥାବାର୍ତ୍ତା ଶୁଣି ତ ମତେ ଲାଗୁଚି ସେ ବଡ଼ ନେତାଟିଏ ହେବ ।"

ମୁଁ କହିଲି – ଦେଖ ! ସେ ତା' ଦୋଷ ଦୁର୍ବଳତାକୁ କେତେ ସୁନ୍ଦର ଭାବେ ଲୁଚେଇ ଦେଉଚି । ଆମ ସାହିର ଅଭିନ ସେଦିନ ଏମିତି କଥା କହି ମୋ ମୁହଁ ବି ଚୁପ୍ କରି ଦେଇଥିଲା ।

ପତ୍ନୀ ପଚାରିଲେ – "କ'ଣ କହିଲା କି ଅଭିନ?"

ଘଟଣାଟି ଘରଣୀଙ୍କୁ ବିସ୍ତୃତ ଭାବରେ ବୁଝେଇଲି:-

ମୁଁ ପୂର୍ଣ୍ଣମୀ ଦିନ ମନ୍ଦିର ଯାଉଥାଏ । ମନ୍ଦିର ଆଗ ପୋଲ ପାଖରେ ଅଭିନ ତା' ଚେଲା ଚାମୁଣ୍ଡାଙ୍କୁ ଧରି ବସିଥାଏ । ସେମାନଙ୍କ ମୁହଁ ମହମହ ବାସି ଯାଉଥାଏ । ମୁଁ ଅଭିନକୁ କହିଲି – ହଇରେ ଆଜି ଭଳିଆ ଦିନରେ ଏ ପିଲାଙ୍କୁ ତୁ ପିଇବାକୁ ଦେଇଚୁ? ତୁ କେତେ ସେବା କାର୍ଯ୍ୟ କରୁଚୁ । ତା' ସାଙ୍ଗେ ଏମିତି କାମଗୁଡ଼ା କାହିଁକି କରୁଚୁ ?

ସେ ମତେ ଓଲଟି ବୁଝେଇଲା । ଭଲ କାମ ସହ ଏଭଳି କାମ ବି କରିବାକୁ ପଡ଼ିବ । ଏମାନଙ୍କୁ ଉତ୍ସାହିତ କରି ରଖିବାକୁ ପଡ଼ିବ । ନହେଲେ ସେମାନେ ସବୁକାମ ନିର୍ଭୟରେ କରିବେ କେମିତି?

ପୁଣି ମତେ ବ୍ରହ୍ମଜ୍ଞାନ ଶୁଣେଇଲା – ସୂର୍ଯ୍ୟ, ଅଗ୍ନି ତ ଆବର୍ଜନାର ରସକୁ ବି ଶୋଷୁଚନ୍ତି । ତାଙ୍କ ଦୋଷକୁ କ'ଣ ଧରାଯାଉଚି ? ଗଙ୍ଗାରେ ମଢ଼, ମଦ ବୋତଲ ସବୁ ଭାସୁଚନ୍ତି । ତାକୁ କ'ଣ ଅପବିତ୍ର କୁହାଯାଉଚି? ଅଭିନ ମୋତେ ଶାସ୍ତ୍ର ପୁରାଣ ବି ଶୁଣେଇ ଦେଲା :-

"ସୂର୍ଯ୍ୟ ଅଗ୍ନି ଶୋଷନ୍ତି ସକଳ ରସ
ତା' ଲାଗି ତାଙ୍କୁ କେହି ଦିଏ କି ଦୋଷ?
ଶୁଭ ଅଶୁଭ ସବୁ ଗଙ୍ଗାରେ ବହେ
ଅପବିତ୍ର ବୋଲି କେ' ତାକୁ କି କହେ?"

ବାସ୍, ସବୁ ଶୁଣି ମୁଁ ଚୁପ୍ ।

ଘଟଣାଟି ଶୁଣି ପତ୍ନୀ ହସିଲେ ।

ଖୁସିରେ କହିଲେ – ଆମ ଦିପୁନା ବି ସେମିତି ତର୍କ କରୁଚି ନା ? ଯେ ବି ଭଲ ନେତାଟିଏ ହେବ ।

ପତ୍ନୀଙ୍କ ମନ ବଦଳିଥିବାର ଦେଖି ମୁଁ କହିଲି – "ଏଥର ଯାଅ ରୋଷେଇ କରିବ । ଆଉ ସବୁ କାମ ସରିଲା ପରେ ମୋ ଲୁଗାପଟା ଟିକେ ବ୍ୟାଗ୍‌ରେ ପୂରେଇଦେଲେ ମୁଁ କାଲି ଗାଆଁକୁ ଯିବି ।"

ଘରଣୀ କହିଲେ- କାଲି ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଆଦି ରାଜ୍ୟର ନିର୍ବାଚନ ଫଳ ଟିଭିରେ ଦେବ । ତମର ସେଥିରେ ଭାରି ସଉକ । ଦେଖିବ କେମିତି?

ମୁଁ କହିଲି – ଫଳାଫଳ ତ ମୋବାଇଲରୁ ପାଇଯିବି । ବାକି ରହିଲା, ବିଭିନ୍ନ ଦଳର ନେତାଙ୍କ ବାକ୍ ଚାତୁରୀ । ସେସବୁ ତ ମୁଁ ଜାଣିଚି ।

ପତ୍ନୀ ପଚାରିଲେ କ'ଣ ଜାଣିଚ?

କହିଲି :- ଯୋଉମାନେ ଜିତିଯିବେ "ଏହା ଜନତାର ଜୟ କହିବେ" । ହାରିଥିବା ଦଳର ନେତା କହିବେ,"ଏହା ବାହୁବଳ, ଅର୍ଥବଳ ଓ କ୍ଷମତାର ଜୟ" ।

ଆମ ଦିପୁନା ଭଳି ହାରି ଯାଇଥିବା ଲୋକ କିନ୍ତୁ ତାଙ୍କ ପରାଜୟକୁ ସ୍ୱୀକାର କରିବେନି । ବରଂ କହିବେ – ସେମାନେ ଆମଠୁ ଅଧିକ ସିଟ୍ ପାଇଚନ୍ତି ସତ । ହେଲେ ଆମ ଭୋଟ୍ ହାର ଦେଖନ୍ତୁ । ସେଭଳି କିଛି କମିଯାଇନି ।

ଦିପୁନାଠୁ ଏ ନେତାଙ୍କ ପାଖରେ ବହୁ ଯୁକ୍ତି ଅଛି ନିଜ ନିଜ ସପକ୍ଷରେ । ■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

## ଆଜିର ଇତିହାସ

- ୧୬୨୫-ହଲାଣ୍ଡ ଓ ଇଂଲଣ୍ଡ ସେନା ସନ୍ଧିରେ ହସ୍ତାକ୍ଷର କଲେ ।
- ୧୮୯୮-ବେଲୁର ମଠର ସ୍ଥାପନା ।
- ୧୯୪୬- ସମ୍ବିଧାନ ସଭାର ପ୍ରଥମ ବୈଠକ ଅନୁଷ୍ଠିତ ।
- ୧୯୯୨- ବ୍ରିଟେନ ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଅଲଗା ହେବା କଥା ଘୋଷଣା କଲେ ।
- ୨୦୦୧- ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ହେଲେ ରାନିଲ ବିକ୍ରମସିଂଘେ ।

# ବାଲ୍‌କୋନୀ ଓ ବାସ୍ତୁ

**ଆଜିକାଲି ଅନେକ ଲୋକେ ଘରେ ବାଲ୍‌କୋନୀ ରଖିବାକୁ ପସନ୍ଦ କରୁଛନ୍ତି । ତେବେ ବାଲ୍‌କୋନୀ ନିର୍ମାଣ କଲା ବେଳେ ମଧ୍ୟ ବାସ୍ତୁ ନିୟମ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ନଚେତ୍ ବାସ୍ତୁଦୋଷ ରହିଲେ, ଏହା ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିପାରେ । ବାଲ୍‌କୋନୀ ନିର୍ମାଣ ସମୟରେ ବାସ୍ତୁ ଅନୁଯାୟୀ କେଉଁ କଥାଗୁଡ଼ିକ ଉପରେ ଧ୍ୟାନ ଦେବେ ଆସନ୍ତୁ ଜାଣିବା...**

- ଘରର ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗରେ ବାଲକୋନୀ ନିର୍ମାଣ କରିବା ଉଚିତ୍ । ପଶ୍ଚିମ କିମ୍ବା ଦକ୍ଷିଣ ଦିଗରେ ବାଲ୍‌କୋନୀ ନିର୍ମାଣ କରନ୍ତୁ ନାହିଁ ।
- ବାଲ୍‌କୋନୀରେ ଦୋଳି କିମ୍ବା ଝୁଲା ରଖୁଥିଲେ, ଧ୍ୟାନ ଦିଅନ୍ତୁ ଏଥିରେ ବସୁଥିବା ବ୍ୟକ୍ତିଙ୍କ ମୁହଁ ଯେମିତି ଉତ୍ତର ବା ଦକ୍ଷିଣ ଦିଗକୁ ରହିବ ।
- ବାସ୍ତୁଶାସ୍ତ୍ର ଅନୁସାରେ ବାଲ୍‌କୋନୀରେ ଛୋଟ ଗଛ ଲଗାଇବା ଶୁଭ ।
- ବାଲ୍‌କୋନୀରେ ଫର୍ଣ୍ଣିଚର ରଖୁଥିଲେ ଦକ୍ଷିଣ-ପଶ୍ଚିମ ଆଡ଼କୁ ମୁହଁ କରି ରଖନ୍ତୁ । ଏଠାରେ ଅଧିକ ଓଜନିଆ ଫର୍ଣ୍ଣିଚର୍ ନ ପକାଇ କମ୍ ଓଜନର ଫର୍ଣ୍ଣିଚର୍ ପକାନ୍ତୁ ।
- ଘରର ଛାତ ସହିତ ମିଶାଇ ବାଲ୍‌କୋନୀର ଛାତ କରନ୍ତୁ ନାହିଁ । ଘରର ଛାତଠାରୁ ଟିକେ ତଳେ ବାଲୋକନୀର ଛାତ ରହିଲେ ଭଲ । ବାଲ୍‌କୋନୀରେ ଲତା କିମ୍ବା କଣ୍ଟାଜାତୀୟ ଗଛ ଲଗାନ୍ତୁ ନାହିଁ ।





ୱାର୍ଲ୍ଡ ଆବିଲିଟିସ୍ପୋର୍ଟ୍ସ ଗେମ୍ସ
**ଦୀପ୍‌ରଞ୍ଜନଙ୍କୁ ସ୍ୱର୍ଣ୍ଣପଦକ**
▶ଖେଳ ପୃଷ୍ଠା ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-164 ♦BHUBANESWAR ♦SATURDAY ♦9 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୬୪ ♦ଭୁବନେଶ୍ୱର ♦ଶନିବାର ♦୯ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦


**୨୬ରୁ '୨୪' ସମରସଜ୍ଜା**

# ବିଜେଡିର ଲକ୍ଷ୍ୟ ଦେଢ଼ କୋଟି ଭୋଟ୍

**ଭୁବନେଶ୍ୱର, ୮।୧୨(ସମିସ):** ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଡ଼ିସେମ୍ବର ୨୬ ତାରିଖରୁ '୨୪' ପାଇଁ ସମରସଜ୍ଜା ଆରମ୍ଭ କରିବ ବିଜୁ ଜନତା ଦଳ। 'ମିଶନ୍ ୨୦୨୪' ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀଙ୍କୁ ଦେବେ ଗୁରୁମନ୍ତ୍ର। ଏହା ପୂର୍ବରୁ ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ଦଳର ବରିଷ୍ଠ ନେତାଙ୍କ ସହ କାର୍ଯ୍ୟକାରିଣୀ ବୈଠକରେ ପ୍ରତିଷ୍ଠା ଦିବସ ସମ୍ପର୍କରେ ଆଲୋଚନା କରିବେ ବୋଲି ସୂଚନା ମିଳିଛି।

ଏକ ଲୋକପ୍ରିୟ ଓ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ସାରାଦେଶରେ ବିଜୁ ଜନତା ଦଳକୁ ମିଳିଛି ମାନ୍ୟତା। ପ୍ରତିଷ୍ଠା ଦିବସକୁ ଜନସେବା ଉତ୍ସବ ଭାବେ ପୂରା ରାଜ୍ୟରେ ପାଳନ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି। ନବୀନ ପଟ୍ଟନାୟକଙ୍କ ୨୬ ବର୍ଷର ଜନସେବାକୁ ଅଧିକ ବ୍ୟାପକ କରିବା ଲାଗି ପୂରା ପ୍ରସ୍ତୁତ ହୋଇଛି ଦଳ। ଅତୀତର ପ୍ରତିଷ୍ଠା ଦିବସଗୁଡ଼ିକ ତୁଳନାରେ ଆଗାମୀ ପ୍ରତିଷ୍ଠା ଦିବସ ବେଶ୍ ଗୁରୁତ୍ୱ ବହନ କରୁଛି। ୬ଷ୍ଠ ଥର ପାଇଁ ବିଜେଡି ଓଡ଼ିଶାର ଶାସନ ଭାର ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସର୍ବଭାରତୀୟ ପ୍ରଶାସନିକ ପଦ ଛାଡ଼ି ରାଜନୀତିରେ ପାଦ ଦେଇଥିବା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଉତ୍ସର୍ଗୀକୃତ ସେବାର ସଙ୍କଳ୍ପ ବିଜେଡି ପାଇଁ ଆଶୀର୍ବାଦ ହୋଇଛି। ତେଣୁ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ପାଇଥିବା ୧.୨ କୋଟି ଭୋଟକୁ ୧.୫ କୋଟିରେ ପହଞ୍ଚାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୦୨୪ରେ ବିପୁଳ ବିଜୟ ଉପହାର ଦେବା ଲାଗି ବିଜେଡି ନେତାମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

୧୯୯୭ ଡିସେମ୍ବର ୨୬ ତାରିଖରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ନାମ, ନୀତି ଓ ଆଦର୍ଶକୁ ନେଇ ପ୍ରତିଷ୍ଠା ହୋଇଥିବା ବିଜୁ ଜନତା ଦଳ କ୍ରମାଗତ ଭାବେ ଓଡ଼ିଶାର ଶାସନ ଭାର ଗ୍ରହଣ କରି ନୂଆ ଇତିହାସ ସୃଷ୍ଟି କରିଛି। ଓଡ଼ିଶାବାସୀଙ୍କ ହକ୍ ପାଇଁ ଲଢୁଥିବା ବିଜେଡି ଏବେ ରାଜନୈତିକ ଦଳରେ ସୀମିତ ହୋଇ ରହିନାହିଁ, ବରଂ ଏହି ଦଳ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଅପ୍ରତିଦ୍ୱନ୍ଦ୍ୱୀ ଆଞ୍ଚଳିକ ଦଳ ଭାବେ ବିଜେଡି ଉଭା ହୋଇଛି। ଦିନକୁ ଦିନ ଦଳ ନିଜର ପୃଷ୍ଠଭୂମି ସୁଦୃଢ଼ କରି ଚାଲିଛି। ରାଜ୍ୟରେ ଜାରି ରହିଥିବା ରୂପାନ୍ତରଣ ଯାତ୍ରା ଜନସାଧାରଣଙ୍କୁ ଦଳ ସହିତ ଯୋଡ଼ିବା ପାଇଁ ଖୋରାକ ଯୋଗାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଆସ୍ଥା ▶ପୃଷ୍ଠା-୧୦

## ରାତି ତୁଳନାରେ ଦିନରେ ଅଧିକ ଥଣ୍ଡା

**ଭୁବନେଶ୍ୱର, ୮।୧୨ (ସମିସ):** ବର୍ତ୍ତମାନ ରାଜ୍ୟରେ ରାତି ତୁଳନାରେ ଦିନରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହୁଛି। ଏହାଦ୍ୱାରା ଦିନ ବେଳା ଥଣ୍ଡା ଅନୁଭୂତ ହେଉଛି। ମାତ୍ର ରାତିରେ ଯେଉଁ ପରିମାଣରେ ପାରଦ ଖସିବା କଥା, ତାହା ହେଉ ନଥିବାରୁ ରାତିରେ ବିଶେଷ ଥଣ୍ଡା ଅନୁଭୂତ ହେଉ ନଥିବା ଦେଖିବାକୁ ମିଳୁଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବର୍ତ୍ତମାନ ରାଜ୍ୟର ଅନେକ ସ୍ଥାନରେ ପାଗ ମେଘୁଆ ରହୁଥିବା ହେତୁ ସୂର୍ଯ୍ୟକିରଣ ପଡୁନାହିଁ। ଏହାଦ୍ୱାରା ଦିନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଛି ଓ ଥଣ୍ଡା ଅନୁଭୂତ ହେଉଛି। ମାତ୍ର ରାତିବେଳା ଆକାଶ ମେଘୁଆ ହେତୁ ତାପମାତ୍ରା ଅଧିକ ରହୁଛି। ବର୍ତ୍ତମାନ ରାଜ୍ୟରେ ରାତିର ତାପମାତ୍ରା ଅନେକ ସ୍ଥାନରେ ସ୍ୱାଭାବିକଠାରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିଥିବା ବେଳେ ଫୁଲବାଣୀରେ ଏହା ୭ ଡିଗ୍ରୀ ଅଧିକ ରହିଛି। ତେବେ ଆକାଶରୁ ▶ପୃଷ୍ଠା-୧୦

▶▶ **କଳିଙ୍ଗ ଷ୍ଟାଡିୟମ୍‌ରେ ପାଣ୍ଡିଆନଙ୍କ ସ୍କିପିଂ ଭିଡିଓ ଭାଇରାଲ**

# ସୁସ୍ଥ ଜୀବନର ବାର୍ତ୍ତା

**ଭୁବନେଶ୍ୱର, ୮।୧୨ (ସମିସ):** '୫-ଟି 'ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନିଜ ଅବିଶ୍ରାନ୍ତ ପରିଶ୍ରମ ପାଇଁ ଯେତିକି ପରିଚିତ, ଅନୁରୂପ ଭାବରେ ନିଜର ଫିଟ୍‌ନେସ୍ ପାଇଁ ମଧ୍ୟ ସେତିକି ଚର୍ଚ୍ଚିତ। ନିଜ ପରିଶ୍ରମ ପଛର ଫିଟ୍‌ନେସର ରହସ୍ୟ ନିଜେ ଖୋଲିଛନ୍ତି ଶ୍ରୀ ପାଣ୍ଡିଆନ। ନିଜକୁ ଫିଟ୍ ରଖିବା ପାଇଁ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ସ୍କିପିଂ କରୁଥିବା ଭିଡ଼ିଓ ଭାଇରାଲ ହୋଇଛି। ସର୍ଟ୍ସ ଓ ଓଡ଼ିଶା କ୍ରୀଡ଼ା ଟି-ସାର୍ଟରେ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ପୋର୍ଟି ଲୁକ୍‌ରେ ଶ୍ରୀ ପାଣ୍ଡିଆନ୍‌କୁ ଦେଖିବାକୁ ମିଳିଛି। ନିଜେ ଶ୍ରୀ ପାଣ୍ଡିଆନ୍ ଏହି ଭିଡିଓକୁ ଇନଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ପୋଷ୍ଟ କରିବା ସହିତ ସ୍ୱାସ୍ଥ୍ୟ ହିଁ ସମ୍ପଦର ବାର୍ତ୍ତା ଦେଇଛନ୍ତି। ବିଶେଷକରି ଯୁବ ପିଢି ଫିଟ୍ ରହିବାକୁ ନିଜ ପାଇଁ ଅନ୍ତତଃ କିଛି ସମୟ ଦେବା ଉଚିତ ବୋଲି ଏହି ଭିଡିଓ ଜରିଆରେ ଆହ୍ୱାନ ଜଣାଇଛନ୍ତି। କ୍ରୀଡ଼ା ଓ ଫିଟ୍‌ନେସ୍ ସହିତ ଶ୍ରୀ ପାଣ୍ଡିଆନଙ୍କ ସମ୍ପର୍କ ବହୁ ପୁରୁଣା। ସେ ନିଜର ଛାତ୍ର ଜୀବନ କ୍ରୀଡ଼ା ଛାତ୍ରାବାସରୁ ଆରମ୍ଭ କରିଥିଲେ। ସେବେ ଠାରୁ କ୍ରୀଡ଼ା ଓ ଶାରୀରିକ ଫିଟ୍‌ନେସ୍ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଛି। ଆଉ ତାଙ୍କର ଏହି ଫିଟ୍‌ନେସ୍ କ୍ରେଜ୍ ପାଇଁ ଓଡ଼ିଶା ଆଜି କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି। ତାଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ ଫଳରେ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ଏକ ସମ୍ମାନଜନକ ସ୍ଥାନ ▶ପୃଷ୍ଠା-୧୦



**ମଦଭାଟିରେ ଆୟକର ଚଢ଼ଉ ଘଟଣା**

# ଟଙ୍କା ଗଣିଗଣି କର୍ମଚାରୀ ହାଲିଆ

**ବଲାଙ୍ଗିର, ୮।୧୨(ସମିସ):** ବଲାଙ୍ଗିର ସହରସ୍ଥିତ ସୁଦପଡ଼ା ଓ ଟିଟିଲାଗଡ଼ରେ ଚାଲିଥିବା ଆୟକର ଚଢ଼ଉ ଆଜି ତୃତୀୟ ଦିନରେ ପହଞ୍ଚିଛି। ସୁଦପଡ଼ାସ୍ଥିତ ମଦଭାଟିରୁ ଜବତ ହୋଇଥିବା ଟଙ୍କାର ଗଣତି ସରୁନାହିଁ। ଏତେ ଟଙ୍କା ଜବତ ହୋଇଛି ଯେ ବ୍ୟାଙ୍କ କର୍ମଚାରୀମାନେ ଟଙ୍କା ଗଣିଗଣି ହାଲିଆ ହୋଇଯାଉଛନ୍ତି। ପ୍ରଥମ ଦିନରେ ଏହା ୧୫୦ କୋଟି ହେବ ବୋଲି କୁହାଯାଉଥିବା ବେଳେ ବର୍ତ୍ତମାନ ଏହା ୫୦୦କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଅଧିକ ଲୋକ ଓ ଟଙ୍କା ଗଣତି ମେସିନ୍ ନିୟୋଜିତ କରାଯାଇଥିଲେ ▶ପୃଷ୍ଠା-୧୦

**ଆହୁରି ୫ ଦିନ ଲାଗିବ**

**୫୦୦ କୋଟି ଟପିବ ଜବତ ଟଙ୍କା**

## ପାଚେରି ବାହାରେ ପୁଳାପୁଳା ଚିରା ୫୦୦ ଟଙ୍କିଆ

**ହରଭଙ୍ଗା, ୮।୧୨ (ସମିସ):** ବୌଦ୍ଧ ରାମ୍ବିକଟା ସ୍ପିରିଟ କାରଖାନା ବିଡିପିଏଲ ପାଚେରୀ ବାହାରେ ପୁଳାପୁଳା ୫ଶହ ଟଙ୍କିଆ ଚିରାନୋଟ୍ ପଡ଼ିଛି। ଏହା ଉପରେ ଆଜି ସ୍ଥାନୀୟ ଲୋକଙ୍କ ନଜର ପଡ଼ିବା ପରେ ସେମାନେ ଟଙ୍କାତକ ବୋହି ନେଇଛନ୍ତି। ସୂଚନାଯୋଗ୍ୟ, ଆୟକର ବିଭାଗ ପକ୍ଷରୁ ୩ଦିନ ହେଲା ଉକ୍ତ କାରଖାନାରେ ଚଢ଼ଉ ଚାଲିଛି। ଆଜି ଏହାର ପାଚେରୀ କଡ଼ରୁ ଚିରା ୫୦୦ ଟଙ୍କିଆ ନୋଟ୍ ମିଳିଥିବାରୁ ଏହାକୁ ନେଇ ନାନା ଚର୍ଚ୍ଚା ହେଉଛି।



# ଓଡ଼ିଶା ବିଜେପି ନେତା କିଛି ନ ଜାଣି ରାଜନୀତି କରୁଛନ୍ତି

**ଭୁବନେଶ୍ୱର, ୮।୧୨(ସମିସ):** ମଦ ବ୍ୟବସାୟୀଙ୍କ ଘରେ ଆୟକର ଚଢ଼ଉ ଓ ବିପୁଳ ଅର୍ଥ ଜବତ ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରିବାକୁ ଯାଇ ଅଡୁଆରେ ପଡ଼ିଛି ରାଜ୍ୟ ବିଜେପି। ଦଳର କେନ୍ଦ୍ରୀୟ ନେତାମାନେ ଗୋଟିଏ କଥା କହୁଥିବାବେଳେ ରାଜ୍ୟ ବିଜେପିର ନେତାମାନେ ଓଲଟା କଥା କହୁଥିବା ଦେଖାଯାଉଛି। ଏହାକୁ ନେଇ ଓଡ଼ିଶା ବିଜେପି ନେତାଙ୍କୁ କଟୁ ସମାଲୋଚନା କରିଛି ବିଜେଡି। ଘଟଣା ସମ୍ପର୍କରେ କିଛି ନ ଜାଣି ରାଜ୍ୟ ବିଜେପି ନେତାମାନେ ରାଜନୀତି କରିବାକୁ ଯାଇ ହାସ୍ୟାସ୍ପଦ ମନ୍ତବ୍ୟ ଦେଉଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଇପ୍ସିତା ସାହୁ।

ଇପ୍‌ସିତା କହିଛନ୍ତି ଯେ ଜଣେ ମଦ ବ୍ୟବସାୟୀଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ଆଦିରେ ଆୟକର ବିଭାଗର ଚଢାଉ ନେଇ ରାଜ୍ୟ ବିଜେପି ନେତା ସାମ୍ବାଦିକ ସମ୍ମିଳନୀ କରିଛନ୍ତି। କିନ୍ତୁ ଏହା ପୂର୍ବରୁ ବିଜେପିର ରାଷ୍ଟ୍ରୀୟ ନେତା ଓ ଝାଡଖଣ୍ଡ ବିଜେପି ନେତା କ'ଣ କହୁଛନ୍ତି, ସେ ସଂକ୍ରାନ୍ତରେ ଅବଗତ ହୋଇଥିଲେ ଭଲ ହୋଇଥାନ୍ତା। କାରଣ ଟଙ୍କା ଜବତ ହେବା ଘଟଣାରେ ଦିଲ୍ଲୀ ଏବଂ ଝାରଖଣ୍ଡରେ ବିଜେପି ନେତା କଂଗ୍ରେସ୍ ଦଳକୁ ଆକ୍ଷେପ କରୁଥିବା ବେଳେ କଂଗ୍ରେସ୍ ନେତା ବିଜେପି ନେତାଙ୍କ ସମ୍ପୃକ୍ତି ଦାବି କରୁଛନ୍ତି। ଏ ସବୁ କିଛି ନଜାଣି ଓଡ଼ିଶାରେ ବିଜେପି ନେତା ବୟାନବାଜି କରିବା ସେମାନଙ୍କ ଅପାରଗତା ଏବଂ ଅଜ୍ଞାନତାକୁ ପଦାରେ ପକାଇ ଦେଉଛି।

ଝାଡଖଣ୍ଡର ବିଜେପି ନେତାମାନେ ଜବତ ଅର୍ଥ କଂଗ୍ରେସ ନେତାଙ୍କର ବୋଲି ▶ପୃଷ୍ଠା-୧୦



**ହାସ୍ୟାସ୍ପଦ ଅଭିଯୋଗ: ବିଜେଡି**

**ଜବତ ଟଙ୍କା ସହ ବିଜେପିର 'ପଶ୍ଚିମା' ନେତାଙ୍କ ସମ୍ପର୍କ**

**ଜେଲ୍ ସଂସ୍କାର ମାମଲା**

# ଅନ୍ତେବାସୀଙ୍କୁ ଯୋଗାଭ୍ୟାସ କରାଅ: ହାଇକୋର୍ଟ

**କଟକ, ୮।୧୨(ସମିସ):** ଜେଲ୍ ସଂସ୍କାର ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏହି ମାମଲାରେ ଅଦାଲତ ଶୁକ୍ରବାର କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନ ଜେଲ୍ ଅନ୍ତେବାସୀମାନଙ୍କୁ ସମ୍ବାଦପତ୍ର ପଢ଼ିବାକୁ ଦେବା ସହ ସେମାନଙ୍କ ନିୟମିତ ଯୋଗାଭ୍ୟାସ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ସହ ରାଜ୍ୟ ସରକାର ଏକ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ। ବିଶେଷକରି କଏଦୀ ବା ଅନ୍ତେବାସୀମାନେ ସୁସ୍ଥ ପରିବେଶ ମଧ୍ୟରେ ରହିବା ଦରକାର। ରାଜ୍ୟ ଗୃହ ବିଭାଗ ଏ ଦିଗରେ ପଦକ୍ଷେପ ନେବା ଉଚିତ୍। ରୁଟିନ୍ ଅନୁସାରେ ଅନ୍ତେବାସୀଙ୍କ ଫିଟ୍‌ନେସ ନିମନ୍ତେ ପ୍ରତିଦିନ ଶାରୀରିକ ଶ୍ରମ ଓ ଯୋଗାଭ୍ୟାସ କରାଯିବା ଉପରେ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପଟରେ ଏହି ▶ପୃଷ୍ଠା-୧୦



**ଜେଲ୍ ଅନ୍ତେବାସୀଙ୍କ ପିଲାଙ୍କ ଶିକ୍ଷା ପ୍ରସଙ୍ଗରେ ସତ୍ୟପାଠ ଦାଖଲ ନିର୍ଦ୍ଦେଶ**

**ଅଧିକ ଜେଲ୍ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଅ**

**ଧାର୍ଯ୍ୟ କ୍ଷମତାଠାରୁ ଅଧିକ ଅନ୍ତେବାସୀ ରହିଥିବା ନେଇ ଉଦ୍‌ବେଗ**

## ଲୋକକଥା



ତିନି ରାଇଜରେ 'ଫୁଲ' ତ ଜିତିଲା
ଭଲ ନାହିଁ କାଳେ ସ୍ଥିତି,
'ହାତ'ଠାରୁ କମ୍ ଭୋଅଟ ମିଳିଛି
ଜଟିଳିଆ ପରିସ୍ଥିତି !
ଅଙ୍କ କଷା ଚାଲେ ନିତି
'ଚବିଶି' ପାଇଁକି କେତେ କାମଦେବ
କଥାକୁହା ରାଜନୀତି !!

**ନୂଆବର୍ଷରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ନୂଆ ନିୟମ**

# ପାନ, ଗୁଟ୍‌ଖା କଟକଣା କଡ଼ାକଡ଼ି

**ପୁରୀ, ୮।୧୨(ସମିସ):** ପାଖେଇ ଆସିଲାଣି ନୂଆବର୍ଷ। ଏହି ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ପାଇଁ ଲାଗୁ ହେବ ନୂଆ ନିୟମ। ଭକ୍ତଙ୍କ ପାଇଁ କେତେକ ସୁବିଧା କରାଯାଇଥିବା ବେଳେ ନୂଆବର୍ଷରୁ ଶ୍ରୀମନ୍ଦିରରେ ପାନ, ଗୁଟ୍‌ଖା କଟକଣାକୁ କଡାକଡି କରାଯିବ। ସେହିପରି ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ନିୟମ ମଧ୍ୟ ଲାଗୁ ହେବ।

ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ନୀତି ସବ୍ କମିଟି ବୈଠକ। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପହିଲି ଭୋଗ, ମକର ସଂକ୍ରାନ୍ତି ନୀତି ନିର୍ଘଣ୍ଟ ହୋଇଥିବା ବେଳେ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ଏବଂ ଅନ୍ୟ କେତେକ ବିଷୟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ତେବେ ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଶ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ପହିଲି ଭୋଗ, ମକର ସଂକ୍ରାନ୍ତି ନୀତି ପ୍ରସ୍ତୁତ କରାଯାଇଛି। ଧନୁ ମାସରେ ଅର୍ଥାତ୍ ଡିସେମ୍ବର ୧୬ରୁ ଜାନୁୟାରୀ ୧୪ ତାରିଖ ପର୍ଯ୍ୟନ୍ତ ରାତି ୨ଟାରେ ଦ୍ୱାର ଫିଟିବ ବୋଲି ସ୍ଥିର ହୋଇଛି। ନୂଆବର୍ଷ ଉପଲକ୍ଷେ ଆସନ୍ତା ୩୧ ତାରିଖ ରାତି ୧୨ଟାରୁ ଭକ୍ତଙ୍କ ଭିଡ଼ ଆଶଙ୍କା ରହିଛି। ଗତବର୍ଷ ଏହି ଦିନରେ ସମସ୍ତ ନିଯୋଗ କର୍ମକର୍ତ୍ତା ଏବଂ ପାଳିଆ ▶ପୃଷ୍ଠା-୧୦

**ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ଲାଗୁ କରାଯିବ**


DSPL-448

CDA

The E-Auction of 264 Residential Plots at CDA Sec 13



HURRY UP!

DATE OF E-AUCTION
10th December 2023

Those who have not updated Profile and accepted 'Marked as Interest' to the email sent from e-NIVIDA portal (URL:https://cda.enivida.com) are required to comply before 9th December 2023 by 12 midnight. For any queries contact CDA Help Desk.

HELP DESK NO:
01149606060, +91 9355030613,
+91 9355030608, +91 9355030620,
+91 9355030604, +91 9355030621,
+91 8448288984
CONTACT FROM 8AM TO 6PM

JUST 1 DAY TO GO

OIPR-13037/13/0186/2324

# ୧୪ ଦାଦନ ଶ୍ରମିକ ଉଦ୍ଧାର; ଗାଡ଼ି ଜବତ, ୨ ଗିରଫ

**ପାଟଣାଗଡ଼, ୮ ।୧୨ (ସମିସ):** ୧୪ ଜଣ ଦାଦନ ଶ୍ରମିକଙ୍କୁ ପାଟଣଗଡ ପୁଲିସ ପୋଡଛାପର ଛକ ନିକଟରୁ ଉଦ୍ଧାର କରି ନିଜସ୍ୱ ଗ୍ରାମକୁ ପଠାଇ ଦେଇଛି । ଗୁରୁବାର



ରାତିରେ ଯାଞ୍ଚ ସମୟରେ ଶ୍ରମିକ ସ୍ଥାନାନ୍ତର ନେଇ କୌଣସି କାଗଜପତ୍ର ନଥିବାରୁ ପୁଲିସ ଦୁଇ ଜଣ ସର୍ଦ୍ଦାର ଓ ସମ୍ପୃକ୍ତ ଗାଡ଼ିକୁ ମଧ୍ୟ ଜବତ କରିଛି । ଦାଦନ ଶ୍ରମିକଙ୍କ ମଧ୍ୟରେ ୨ ଜଣ ଛୋଟ ଶିଶୁ ଥିବାବେଳେ ୮ ଜଣ ପୁରୁଷ ଓ ୪ ଜଣ ମହିଳା ଅଛନ୍ତି । ଉଭୟ ଅଭିଯୁକ୍ତଙ୍କୁ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଥିବା ଥାନଅଧିକାରୀ ଅନନ୍ତ ପ୍ରଧାନ ସୂଚନା ଦେଇଛନ୍ତି ।

# ଦୁର୍ଘଟଣାରେ ଦୁଇ ଗୁରୁତର

**ଶଗଡ଼ା, ୮ ।୧୨(ସମିସ):** କଣ୍ଟାମାଳ ବ୍ଲକ ପଲସାଗୋରା ଗବଯୋର ରାସ୍ତାର ଯାମୂମାଳ ଗାଁ ନିକଟରେ ଥିବା କଲଭର୍ଟ ଠାରେ ଆଜି ଅପରାହ୍ନରେ ଏକ ବାଇକ ଦୁର୍ଘଟଣା ଘଟିଥିଲା । ଏଥିରେ ବାଇକ ଚାଳକ ଓ ପଛପଟେ ବସିଥିବା ଜଣେ ଯୁବକ ଗୁରୁତର ଥିବା ଜଣାପଡ଼ିଛି ।ସୂଚନା ଅନୁସାରେ, ଜାମୁମାଳ ଗ୍ରାମର ସିବୁଲ ପଣ୍ଡା (୨୫) ଯୁଧିଷ୍ଠିର ଦେବତା ଓ କୁନା କର୍ଣ୍ଣ କୌଣସି କାମରେ ପଲସାଗୋରା ଯାଉଥିବା ସମୟରେ ଯାମୂମାଳ ଗାଁ ନିକଟରେ ନିର୍ମାଣ ହୋଇଥିବା କଲଭର୍ଟ ଠାରେ ନିଜର ଗ୍ଲେମର ବାଇକରୁ ଭାରସାମ୍ୟ ହରାଇ ଛିଟିକି ପଡ଼ିଥିଲେ ।ଏଥିରେ ବାଇକ ଚାଳକ ସିବୁଲ୍ ଓ ଯୁଧିଷ୍ଠିର ଗୁରୁତର ଆହତ ହୋଇଥିବା ବେଳେ କୁନା ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି ।

## ମୋବାଇଲ ଚାର୍ଜ କରୁଥିବା ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ନୂଆପଡ଼ା, ୮ ।୧୨(ସମିସ) :** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସିହିନାମୁଣ୍ଡା ଗ୍ରାମରେ ଜଣେ ଯୁବକ ମୋବାଇଲ ଚାର୍ଜ କରୁଥିବା ବେଳେ ବିଦ୍ୟୁତ ଆଘାତରେ ଆସିଥିବାରୁ ମୃତ୍ୟୁ ଘଟିଛି । କୋମନା ଥାନା କରଙ୍ଗାଭଟା ଗ୍ରାମର ଜୟଧାନ କଟାଙ୍କ ପୁଅ ମୁକେଶ କଟା (୨୦) ସିହିନାମୁଣ୍ଡା ଗ୍ରାମର ନିଜ ଭିଣୋଇ ଘରକୁ ଯାଇଥିଲେ । ସେଠାରେ ସନ୍ଧ୍ୟାରେ ଏକ ଇଲେକ୍ଟ୍ରି ବୋର୍ଡରୁ ମୋବାଇଲ ଚାର୍ଜ କରୁଥିବା ସମୟରେ ସଟସର୍କିଟ ଯୋଗୁଁ ବିଦ୍ୟୁତ ଆଘାତରେ ଯୁବକ ଜଣକ ଗୁରୁତର ହୋଇଥିଲେ । ଯୁବକଙ୍କୁ ତୁରନ୍ତ ନୂଆପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନା କୁ ଅଣାଯାଇଥିଲା । ଏଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ନୂଆପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକର ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

# ଜାତୀୟ ବଡିବିଲ୍ଡିଂରେ କଣ୍ଟାବାଞ୍ଜିର ସଞ୍ଜୟ

**ତୁରେକେଲା,୮ ।୧୨(ସମିସ):** ଗୋଆଠାରେ ଆଇସିଏନ୍ ତରଫରୁ ଚାଲିଥିବା ଜାତୀୟସ୍ତରୀୟ ବଡିବିଲ୍ଡିଂ ପ୍ରତିଯୋଗିତାରେ କଣ୍ଟାବାଞ୍ଜିର ସଞ୍ଜୟ ବାରିକ (ବୁନା) ରୌପ୍ୟ ପଦକ ହାସଲ କରି କଣ୍ଟାବାଞ୍ଜି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସଞ୍ଜୟ ଅନେକ ଦିନରୁ ଜଣେ ଭଲ କ୍ରିକେଟ ଖେଳାଳି ଭାବେ ପରିଚିତ । ସେ ପ୍ରଥମ ଥର ପାଇଁ ଏଭଳି ଏକ ପ୍ରତିଯୋଗିତାରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସେ ବହୁତ ଖୁସି ଥିବା ତାଙ୍କ କୋଚ ଏନ୍ ସୁଧାକର ରାଓ କହିଛନ୍ତି । ସଞ୍ଜୟ ବାରିକଙ୍କ ଏହି ସଫଳତା ପାଇଁ କଣ୍ଟାବାଞ୍ଜିର ଅନେକ ସଂଗଠନ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।




# ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଆସିବ ବୈପ୍ଳବିକ ପରିବର୍ତ୍ତନ

## ଡବ୍ଲୁଓଡିସି ଦ୍ୱାରା ମହାନଦୀ ନେତ୍ର ଚିକିତ୍ସାଳୟର ଉନ୍ନତିକରଣ ହେବ

**ସୋନପୁର, ୮ ।୧୨ (ସମିସ)**

ଚକ୍ଷୁ ଚିକିତ୍ସାକୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରାଥମିକତା ଦିଆଯାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ସୁନେତ୍ର ଯୋଜନା ମାଧ୍ୟମରେ ବିଭିନ୍ନ ସରକାରୀ ଚିକିତ୍ସାଳୟ ଗୁଡିକରେ ଚକ୍ଷୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ପଶ୍ଚିମ ଓଡ଼ିଶାରେ ଚକ୍ଷୁ ଜନିତ ସମସ୍ୟାର ସମାଧାନ ପାଇଁ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ନେତ୍ର ଚିକିତ୍ସାଳୟ କାର୍ଯ୍ୟ କରୁଛି । ଏହି ଚିକିତ୍ସାଳୟର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ କରିବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବା ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ସୂଚନା ଦେଇଛନ୍ତି । ଶୁକ୍ରବାର ଖାରବେଳ ଭବନର ସମ୍ମିଳନୀ କକ୍ଷରେ ଆଭାଷୀ ମାଧ୍ୟମରେ ସୁବର୍ଣ୍ଣପୁର ଏବଂ ସମ୍ବଲପୁର ଜିଲ୍ଲାପାଳଙ୍କ



ସହ ଜିଲ୍ଲାରେ ଡବ୍ଲୁଓଡିସିର ଆର୍ଥିକ ଅନୁଦାନରେ ନିର୍ମାଣ କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଧ୍ୟକ୍ଷ ସମୀକ୍ଷା କରିଛନ୍ତି । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟର ଅଧିକାରୀଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ୧ କୋଟି ବ୍ୟୟ ବରାଦରେ ଚିକିତ୍ସାଳୟର ଉନ୍ନତିକରଣ କରାଯିବ । ବର୍ତ୍ତମାନ ଚିକିତ୍ସାଳୟରେ ୩୦ଟି ଶଯ୍ୟା ଥିବା ବେଳେ ଏହାକୁ ୮୦ ଶଯ୍ୟା ବିଶିଷ୍ଟ କରାଯିବା ନେଇ ପ୍ରସ୍ତାବ ଦିଆଯାଇଛି । ଆଧୁନିକ ଚିକିତ୍ସା ଉପକରଣର ବ୍ୟବସ୍ଥା କରାଯିବା ସମେତ ପଶ୍ଚିମ ଓଡ଼ିଶାରେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଏହା ଉତ୍କର୍ଷ କେନ୍ଦ୍ର ହେବ ବୋଲି ଡବ୍ଲୁଓଡିସି ଅଧ୍ୟକ୍ଷ କହିଛନ୍ତି । ଏହାସହ ସୁବର୍ଣ୍ଣପୁରରେ ନିର୍ମାଣ ହେଉଥିବା ନୂତନ ପର୍ଯ୍ୟଟନ ଆକର୍ଷଣ ହସ୍ତତନ୍ତ ମଲ୍ ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରୁ ବୁଝିବା ସହିତ ଜିଲ୍ଲା ଲାଇବ୍ରେରୀର ଉନ୍ନତିକରଣ ବିଷୟରେ ଆଲୋଚନା କରିଛନ୍ତି । ଉକ୍ତ ବୈଠକରେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର ଓ ବୈଷୟିକ ପରାମର୍ଶଦାତା ଉପସ୍ଥିତ ଥିଲେ ।

# ରାମଚନ୍ଦ୍ରପୁର ଅଞ୍ଚଳରେ କପାଚାଷ ନଷ୍ଟ

**ଦେଓଗାଁ, ୮।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ଅଦିନିଆ ବର୍ଷାରେ ଧାନ ସାଙ୍ଗକୁ ବିଶେଷ କରି ରାମଚନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳରେ କପା ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ରାମଚନ୍ଦ୍ରପୁର ପଞ୍ଚାୟତ ସମେତ ଦେଷଣ୍ଡ, ସିଙ୍ଗାମୁଣ୍ଡା, ବନ୍ଧପଡ଼ା, ଲଣ୍ଡପଥର ଆଦି ପଞ୍ଚାୟତ ଅନ୍ତର୍ଗତ ଗାଁରେ ପ୍ରାୟ ୨୬୦ ହେକ୍ଟର ଜମିରେ ଉନ୍ନତ ମାନର କପା ଚାଷ ହୋଇଥିବା ଦେଓଗାଁ କୃଷି ବିଭାଗ ସୂଚନା ଦେଇଛି । ବର୍ତ୍ତମାନ କପା ଅମଳ କ୍ଷମ ଅବସ୍ଥାରେ ଥିବାବେଳେ ଅଦିନିଆ ବର୍ଷାରେ କପା ଭିଜିଯିବାରୁ ପ୍ରାୟ ୭୫ ଭାଗ କପା ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ କ୍ଷତି ହୋଇଥିବା ଚାଷୀଙ୍କୁ ଉଚିତ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହେଉଛି ।



# ଜାତୀୟସ୍ତରୀୟ ତାଇକ୍ୱୋଣ୍ଡୋରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ, ୮।୧୨ (ସମିସ):** ଡେରାଡୁନ ଠାରେ ଡିସେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୩୭ତମ ସବ୍ ଜୁନିଅର୍ କ୍ୟୁରୋଗି ଓ ଏକାଦଶ



ପୁମସି ଜାତୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ବୌଦ୍ଧ ତାଇକ୍ୱୋଣ୍ଡୋ ଏକାଡେମୀର କୋଚ୍ ଅଞ୍ଜିତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିବା ଚାରି ଜଣ ଖେଳାଳୀ ଚାରିଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ହାସଲ କରି ବୌଦ୍ଧରେ ପହଞ୍ଚିବା ପରେ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବୌଦ୍ଧଗଡ଼ ଏନ୍.ଏ.ସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପବିତ୍ର କୁମାର ରାଉତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା, ଜେ.ଡି. ହାଇ ସ୍କୁଲର କ୍ରୀଡ଼ା ଶିକ୍ଷକ ସୁରେନ ସାହୁ, ବୌଦ୍ଧ ତାଇକୋଣ୍ଡୁ ସଙ୍ଘ ସଭାପତି ଯଜ୍ଞେଶ୍ୱର ମିଶ୍ର, ଉପସଭାପତି ବିଶ୍ୱ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଜାତୀୟ ସ୍ତରରେ ବୌଦ୍ଧ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ସ୍ୱର୍ଣ୍ଣ ପଦକ ବିଜେତା ସ୍ୱାଗତ ମିର୍ଦ୍ଧା, ସୁବାଶିଷ ମହିଶାଳ, ଅସ୍ମିତ୍ କୁମାର ସାହୁ ଓ ବ୍ରୋଞ୍ଜ ପଦକ ବିଜେତା ଅନ୍ୱେଷା ସାହୁ ଏବଂ କୋଚ୍ ଅଞ୍ଜିତ କୁମାର ସାହୁଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ ।ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଦରିଦ୍ର ଭଞ୍ଜନ ମଦନ ମୋହନ ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କୃତି ଖେଳାଳୀଙ୍କୁ ସମ୍ବର୍ଦ୍ଧନା ସହ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ତାଇକ୍ୱୋଣ୍ଡୋ ସଙ୍ଘର ସଦସ୍ୟ ବିଜୟ କୁମାର ସାହୁ, ସଞ୍ଜୟ ମିର୍ଦ୍ଧା, ଅରୁଣ କୁମାର ମେଣ୍ଡିଲି, ତ୍ରିଲୋଚନ ବେହେରା, ଅମନ୍ କୁମାର ସାହୁ, ବିଶ୍ୱ ରଞ୍ଜନ ମହିଶାଳ, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର

**ବଲାଙ୍ଗିର, ୮ ।୧୨ (ସମିସ):** ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୫, ୨୧ ଓ ୧୬ ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ । ବଲାଙ୍ଗିର ସହରର ୫ ନମ୍ବର ୱାର୍ଡ ଓ ୨୧ ନମ୍ବର ୱାର୍ଡ ସଂଲଗ୍ନରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩ଟି ପେଭର ବ୍ଲକ ରାସ୍ତାର ଉନ୍ନତିକରଣ ଓ ୱାର୍ଡ ନମ୍ବର ୧୬ ପତିତପାବନ ଏକାଡେମୀ ଛକ ଟିକ୍ରାପଡା ଦୁର୍ଗା ମଣ୍ଡପର ଉନ୍ନତିକରଣ



ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହାୟତା ଯୋଜନାରୁ ୪ ଲକ୍ଷ ଟଙ୍କା ଅନୁଦାନ କାର୍ଯ୍ୟକୁ ଲିକା ସାହୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଯୁବନେତା ଅର୍କେଶ ନାରାୟଣ ସିଂହଦେଓ, ପଡାବାସୀଙ୍କ ସମେତ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ କାଉନସିଲର ଲଲାଟେନ୍ଦୁ ପଟ୍ଟନାୟକ, ଶତ୍ରୁଘନ ବାଗ, ସନ୍ତୋଷିନୀ କୁଅଁର ଉପସ୍ଥିତ ଥିବାବେଳେ ପୌର ପରିଷଦର ସମସ୍ତ କାଉନସିଲର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ମହିଳା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ବୌଦ୍ଧ, ୮।୧୨ (ସମିସ):** ଜିଲ୍ଲା ଷ୍ଟାଡିୟମରେ ୭୦ ତମ ରାଜ୍ୟ ସ୍ତରୀୟ ସିନିଅର ମହିଳା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଓଡ଼ିଶା ଭଲିବଲ ଆସୋସିଏସନ ଏବଂ ଜିଲ୍ଲା କ୍ରୀଡା ସଙ୍ଘ ମିଳିତ ଭାବେ ଆୟୋଜନ କରୁଥିବା ଏହି ଟୁର୍ନାମେଣ୍ଟକୁ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ଅମାତଙ୍କ ସହ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଭଲିବଲ ଆସୋସିଏସନ ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାସ, ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ବୟନିକ ସଭାପତି ପ୍ରକାଶ ମେହେର, ଆରକ୍ଷୀ ଅଧିକ୍ଷକ ରାଜ ପ୍ରାସାଦ, ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପତ୍ର, ପୂର୍ବତନ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ଓକିଲ ସଙ୍ଘ ସଭାପତି ଧୂରୀଣ ଦେହୁରୀ, ସାଂସଦ ପ୍ରତିନିଧି ତାରିଣୀ ମହାପାତ୍ର ଯୋଗ ଦେଇଥିଲେ । ଟୁର୍ନାମେଣ୍ଟରେ ରାଜ୍ୟର ୧୦ ଟି ଟିମ ଯୋଗ ଦେଇଥିବା ବେଳେ ଉଦଘାଟନୀ ମ୍ୟାଚ ପୂର୍ବତଟ ରେଳପଥ ଏବଂ ପାରାଦ୍ୱୀପ ପୋର୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ପୂର୍ବତଟ ରେଳପଥ ୨-୦ ସେଟ ରେ ବିଜୟୀ ହୋଇଛି । ସେହିପରି ଆଜିର ଲିଗ ମ୍ୟାଚରେ ବଲାଙ୍ଗୀର, କେନ୍ଦ୍ରାପଡ଼ା, କନ୍ଧମାଳ ଦଳ ବିଜୟୀ ହୋଇଛନ୍ତି । ଆସନ୍ତା ୧୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

# ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମର ଶୁଭାରମ୍ଭ

**ପାଟଣାଗଡ଼,୮।୧୨ (ସମିସ):** ପାଟଣେଶ୍ୱରୀ ମନ୍ଦିର ନିକଟସ୍ଥ ଉତ୍ସବ ଭବନଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଅଧ୍ୟକ୍ଷତା କରିଥିବା ବେଳେ, ମଞ୍ଚ ପରିଚାଳନା କରିଥିଲେ ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା । ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟ ସଚେତକ ସରୋଜ ମେହେର ବିଜୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ କରିଥିଲେ ।



ସମ୍ମାନିତ ଅତିଥି ଭାବରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ଜୋନ ୧୪ର ଜିଲ୍ଲା ପରିଷଦର ସଭ୍ୟା କସ୍ତୁରୀ ସେଠ୍, ସିଡିପିଓ ଅନୁପମା ପଣ୍ଡା, ଶିଶୁ ମଙ୍ଗଳ ସମିତି ସଦସ୍ୟା ଲୀନା ବାବୁ, ସଦସ୍ୟ ସୀତାରାମ ହୋତା, ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପାଟଣାଗଡ଼ ବ୍ଲକର ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ବ୍ଲକ କର୍ମଚାରୀ, ୩୦ଟି ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଧନ୍ୟବାଦ ଦେଇଥିଲେ । ଅନୁରୂପ ଭାବରେ ପାଟଣେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଯୁବ ଓଡ଼ିଶା ନୂଆ ଓଡ଼ିଶାର ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅଧିନରେ ବେହେରାବନ୍ଧ ଗ୍ରାମରେ ବାଲ୍ୟବିବାହ ତଥା ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ବିଧାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ।

## ପିକ୍‌ନିକ୍ ସ୍ପଟ୍ ଓ ଐତିହ୍ୟ ପର୍ଯ୍ୟଟନ

# ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ଭୀମଡୁଙ୍ଗୁରୀ

**ବଲାଙ୍ଗିର, ୮।୧୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ହେଲେ ଏଇ କିଛି ବର୍ଷ ହେବ

> ବର୍ଷର ଶେଷ ସମୟ ଶୀତ ନେଇଆସେ । ନୂଆବର୍ଷ ଯେତିକି ପାଖେଇ ଆସୁଥାଏ ବଣଭୋଜି ପାଇଁ ଉତ୍ସାହ ମଧ୍ୟ ବଢୁଥାଏ । ଏ ସମୟରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବା ବଣଭୋଜିସ୍ଥଳରେ ଲୋକଙ୍କ ଗହଳି ଜମେ । ସାଙ୍ଗସାଥୀ, ପରିବାର ପରିଜନ ଏକାଠି ହୋଇ କିଛି ସମୟ ମନଭରି ଉପଭୋଗ କରିଥାନ୍ତି । ବଣପାହାଡ ଘେରା ବଲାଙ୍ଗିର ଜିଲ୍ଲାରେ ଏହି ସ୍ଥାନଗୁଡିକ ଲୋକଲୋଚନକୁ ଆସି ପ୍ରସିଦ୍ଧି ଲାଭ କରିଥିବାବେଳେ ଆଉ କିଛି ଠିକଣା ଖୋଜୁଥାନ୍ତି । ବଲାଙ୍ଗିର ଜିଲ୍ଲାର ସେହିଭଳି ଛୋଟବଡ ପର୍ଯ୍ୟଟନସ୍ଥଳୀକୁ ନେଇ ସକାଳର ଉପସ୍ଥାପନା 'ପିକ୍‌ନିକ୍ ସ୍ପଟ୍' ।

ଦେଓଗାଁ ବ୍ଲକ ଅଞ୍ଚଳରେ ଥିବା ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀ ଦର୍ଶକ, ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି । ତେଣୁକରି ଏହି ସ୍ଥାନ ଦେଖିବାକୁ ଆମେ ବାହାରିଥିଲୁ ଭୀମଡୁଙ୍ଗୁରୀ । ବଲାଙ୍ଗିର ସଦର ମହକୁମାଠାରୁ ପ୍ରାୟ ୨୦ କିମି ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳୀ ଅତ୍ୟନ୍ତ ମନୋରମ ହୋଇଛି । ଜିଲ୍ଲାର କୋଣ ଅନୁକୋଣ ଓ ଜିଲ୍ଲା ବାହାରୁ ଭୀମଡୁଙ୍ଗୁରୀକୁ ପର୍ଯ୍ୟଟକମାନେ ଆସୁଛନ୍ତି । ପ୍ରକୃତି କୋଳରେ ରହିଥିବା ଏହି ସ୍ଥାନ ଅତ୍ୟନ୍ତ ପବିତ୍ର ବୋଲି ବିଶ୍ୱାସ ରହିଥିବାବେଳେ ସ୍ୱାଧୀନତା ଇତିହାସ ସହ ଏହାର ସମ୍ପର୍କ ରହିଥିବା ଜଣାପଡ଼ିଛି ।

ବଲାଙ୍ଗିର ଜିଲ୍ଲା ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ବ୍ଲକ ଅଞ୍ଚଳରେ ରହିଛି ଭୀମଡୁଙ୍ଗୁରୀ । ସବୁଜବନାନୀ ଭିତରେ ଥିବା ଏହି ପାହାଡରେ ରହିଛି ବହୁ ସଂଖ୍ୟାରେ ଗୁମ୍ଫା । ପାହାଡର ପାଦଦେଶରେ ମହାଦେବ ବାବାଙ୍କ ମନ୍ଦିର ରହିଥିବାବେଳେ ପାହାଡ ଉପରେ ଭୀମାବୁଢାଙ୍କ ମଠ ରହିଛି । ଏହାସହ ଅନେକ ଗୁମ୍ଫା ରହିଛି । କେବଳ ମନ୍ଦିର ମଠ ଓ ଗୁମ୍ଫା ନୁହେଁ ଏହି ପର୍ଯ୍ୟଟନସ୍ଥଳୀର ଐତିହାସିକ ପୃଷ୍ଠଭୂମି ମଧ୍ୟ ରହିଛି । ସ୍ୱାଧୀନତା ଆନ୍ଦୋଳନରେ କନ୍ଧମେଳିର ନେତୃତ୍ୱ ନେଉଥିବା ଚକରା ବିଶୋଇ ଇଂରେଜ ମାନଙ୍କଠାରୁ ଲୁଚି ଏହି ଭୀମଡୁଙ୍ଗୁରୀରେ ଥିବା ଗୁମ୍ଫାରେ ରହୁଥିଲେ । ସେ ସମୟରେ ଆଟଗାଁ ଜମିଦାର ଧରମ ସିଂ ମାନଧାତା ତାଙ୍କୁ ସେଠାରେ ଲୁଚାଇ ରଖିଥିଲେ । ଏହି ଆନ୍ଦୋଳନରେ ସହଯୋଗ କରୁଥିଲେ ବୋଲି ତାଙ୍କୁ ଫାଶୀ ଦଣ୍ଡ ହୋଇଥିଲା ବୋଲି କୁହାଯାଏ । ୨୦୧୫ରେ ପର୍ଯ୍ୟଟନକ୍ଷେତ୍ରର ମାନ୍ୟତା ପାଇଥିବା ଏହି ସ୍ଥାନ ଆଜିର ଦିନରେ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ପର୍ଯ୍ୟଟକଙ୍କ ପସନ୍ଦର ପର୍ଯ୍ୟଟନସ୍ଥଳ ଭାବେ ନାମ କରିଛି । ବନ ବିଭାଗ ପକ୍ଷରୁ ଏହି ପର୍ଯ୍ୟଟନସ୍ଥଳର ନବକଳେବର ହୋଇପାରିଛି । ଏହାକୁ ଇକୋଟୁରିଜିମରେ ସାମିଲ କରାଯାଇ ପାହାଚ ନିର୍ମାଣ, ପାହାଚ ରେଲିଂ, ପିଇବା ପାଣିର ବ୍ୟବସ୍ଥା ହୋଇଛି । ସେଠାରେ ଥିବା ଜଳାଶୟରେ ବୋଟିଂର ବ୍ୟବସ୍ଥା କରାଯାଇଥିବାବେଳେ ଶିଶୁ ଉଦ୍ୟାନ ରହିଛି । ମିଶନ ଶକ୍ତି ତରଫରୁ ସେଠାରେ ଏକ କାଫେ ମଧ୍ୟ ପରିଚାଳନା କରାଯାଉଛି । ଭିମଡୁଙ୍ଗୁରୀରେ ଅଳ୍ପ କିଛି ବର୍ଷ ଭିତରେ ନୂଆ ରୂପରେ ସଜେଇ ହୋଇଥିବା ବେଳେ ରାଜ୍ୟ ସରକାର, ବିଧାୟକ ଓ ବନ ବିଭାଗର ପ୍ରଚେଷ୍ଟା ପ୍ରଶଂସନୀୟ । ସ୍ଥାନୀୟ ଲୋକେ ମଧ୍ୟ ଖୁସି ପ୍ରକାଶ କରିଛନ୍ତି ।

### କେମିତି ଯିବେ..

ବଲାଙ୍ଗିର ବିକ୍ରମ ଛକଠାରୁ କୁରୁଲ ଗାଁ ଦେଇ ଆଟଗାଁ ରୋଡରେ ପ୍ରାୟ ୧୦ କିମି ଗଲାପରେ ଆଟଗାଁରୁ ଭୀମଡୁଙ୍ଗୁରୀକୁ ଯିବା ପାଇଁ ଦୁଇଟି ରାସ୍ତା ରହିଛି । ଆଟଗାଁ ଛକରୁ ଉପରଝର ରାସ୍ତାରେ ରୁଗୁଡିପାଲି ଛକ ପର୍ଯ୍ୟନ୍ତ ଗଲାପରେ ସେଠାରୁ ରୁଗୁଡିପାଲି ଗାଁ ଭିତର ରାସ୍ତା ଦେଇ ଗାଁ ପାର କଲା ପରେ ଭୀମଡୁଙ୍ଗୁରୀ ପଡେ । ଅନ୍ୟ ଏକ ରାସ୍ତାରେ ଆଟଗାଁ ଛକଠାରୁ ମକୁନ୍ଦପୁର ରାସ୍ତା ଦେଇ ଯିବାକୁ ହୁଏ । ଆଟଗାଁରୁ ମହିମୁଣ୍ଡା ଦେଇ ମକୁନ୍ଦପୁର ଛକ ପର୍ଯ୍ୟନ୍ତ ଗଲା ପରେ ସେଠାରୁ ଭିତରକୁ ଗଲେ ଭୀମଡୁଙ୍ଗରୀ ପର୍ଯ୍ୟଟନସ୍ଥଳୀ ଆସିବ । ବଲାଙ୍ଗିର ସଦର ମହକୁମାଠାରୁ ଏହାର ଦୂରତା ପ୍ରାୟ ୨୦ କିମି ହେବ । ବାଇକ କିମ୍ବା କାରରେ ଗଲେ ଅଧାଘଣ୍ଟା ରୁ ୪୫ ମିନିଟ ସମୟ ଲାଗେ ।









● ଲଘୁଚାପଜନିତ ଲଗାଣ ବର୍ଷା

# ନୂଆଗାଁ ଟମାଟୋ ଚାଷୀଙ୍କ ମୁଣ୍ଡରେ ଚଡ଼କ

**ରାଉରକେଲା, ୮ ।୧୨(ସମିସ):**

ଲଘୁଚାପ ଜନିତ ଅଦିନିଆ ବର୍ଷା ବିପ୍ରାତ ଯୋଗୁଁ ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ଟମାଟୋ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ଋଣ କରି ଟମାଟୋ ଚାଷ କରିଥିବା ଚାଷୀକୁଳ ପରିଶୋଧ କିପରି କରିବେ ସେ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି । ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି ।

ବାତ୍ୟା 'ମିଗ୍‌ଜୋମ୍' ପ୍ରଭାବରେ ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ବୁଧବାର ଏବଂ ଗୁରୁବାର ଦୁଇ ଦିନ ଧରି ଅଦିନିଆ ଲଗାଣ ବର୍ଷା ସାଙ୍ଗକୁ କୋହଲା ପାଗ ସାଧାରଣ ଜୀବନଯାତ୍ରାକୁ ବାଧାପ୍ରାପ୍ତ କରିଥିଲା । ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେପଟେ ଏହି ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ମୁହଁରୁ ହସ ଛଡ଼େଇ ନେଇଛି । ଏବେ ଧାନ ପାଚି ଅମଳ ସମୟ ହୋଇଥିବାରୁ ଚାଷୀମାନେ ଧାନ କାଟିବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ବର୍ଷା ଯୋଗୁଁ ଧାନ ବିଲରେ ପାଣି ଜମିଛି । ଫଳରେ ପାଣିରେ ବୁଡ଼ି ଧାନ ପଚି ନଷ୍ଟ ହେବା ଆଶଙ୍କା ରହିଛି । ସେହିପରି ଟମାଟୋ ସମେତ ଅନ୍ୟ ପନିପରିବା ଚାଷ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ନୂଆଗାଁ ବ୍ଲକ ଚାଷୀମାନଙ୍କ ପାଇଁ ଏହି ବର୍ଷା ବ୍ୟାପକ କ୍ଷତି ପହଞ୍ଚାଇଛି ।

ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା, ବିଶ୍ରା, ଲାଠିକଟା ବ୍ଲକ ଆଦିବାସୀ ବହୁଳ ଅଞ୍ଚଳ । ଏଠାରେ ଅଧିକାଂଶ ଲୋକ ପ୍ରାୟତଃ ଚାଷକାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି । ତେବେ ଅଦିନିଆ ବର୍ଷା ଯୋଗୁଁ ଅଧିକାଂଶ ପଞ୍ଚାୟତର ବିଲରେ ପାଣି ଜମିଛି । ବିଶ୍ରା ବ୍ଲକର ୧୫ ପଞ୍ଚାୟତ ଏବଂ ନୂଆଗାଁର ୨୯ ପଞ୍ଚାୟତରେ ଧାନବିଲଗୁଡ଼ିକ ଖାଲୁଆ ଅଞ୍ଚଳ ହୋଇଥିବାରୁ ପାଣି ଜମି ରହିଛି । ବିଶେଷ ଭାବରେ ଧାନଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଇଛି । ସେହିଭଳି ନୂଆଗାଁ ବ୍ଲକର ଶହ ଶହ ଚାଷୀ ଏକର ଏକର ଜମିରେ ଟମାଟୋ ଚାଷ କରିଛନ୍ତି । ବ୍ଲକର ସୋରଡ଼ା, ନୂଆଗାଁ, ବାଗଡେଗା, ଚିତାପେଡ଼ି ଲିମଡ଼ା ପଞ୍ଚାୟତରେ ଚାଷୀ ଟମାଟୋ ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ଚଳିତ ବର୍ଷ ମଧ ବ୍ଲକରେ ମୋଟ ୧୮୮୬ ହେକ୍ଟର ଜମିରେ ଟମାଟୋ ସହ ଅନ୍ୟ ଚାଷ ମଧ କରାଯାଇଛି । ନୂଆଗାଁ ପଞ୍ଚାୟତର ବିନୋଦ ଚନ୍ଦ୍ର ସାହୁ କହିଛନ୍ତି ଯେ ସେ ଚଳିତ ବର୍ଷ ମୋଟ ୧୦ ଏକର ଜମିରେ ଟମାଟୋ ଚାଷ କରିଛନ୍ତି । ଫଳ ବି ଭଲ ହୋଇଥିଲା । ଦୁଇପଇସା ଲାଭ ହେବ ବୋଲି ସେ ଆଶା ରଖିଥିଲେ । ହେଲେ ଅଦିନିଆ ବର୍ଷା ସବୁ ଟମାଟୋ ଗଛ ଓ ଫଳକୁ ନଷ୍ଟ କରିଦେଇଛି । ବିଲରେ ପାଣି ଜମି ରହିବା ଦ୍ୱାରା ଟମାଟୋ ଗଛ ସବୁ ଭାଙ୍ଗି ପାଣିରେ ବୁଡ଼ି ରହିଛି । ମାଟିରେ ଟମାଟୋ ଲାଗି ପଚିଯିବା ସହ କଳା ପଡ଼ିଯାଇଛି । ସେହିପରି ବାରିଲେଫଟା ପଞ୍ଚାୟତର ଅନିଲ ଏକ୍କା କହିଛନ୍ତି ସେ ୪ ଏକର ଜମିରେ ଟମାଟୋ ଚାଷ କରିଥିଲେ । ତେବେ ବାତ୍ୟା ଜନିତ ବର୍ଷା ସବୁ କିଛି ନଷ୍ଟ କରି ଦେଇଛି । ସେହିପରି ବାରିଲେଫଟା ଗାଁର ଯାକ୍ରିୟାସ୍ ଏକ୍କା ୨ ଏକର ଜମିରେ ଟମାଟୋ ଚାଷ କରିଥିବା ବେଳେ ଚିତାପେଡ଼ି ପଞ୍ଚାୟତ ବାଙ୍କି ଗାଁର ଗଞ୍ଜୁଆ ଓରାମ ୩ ଏକର ଜମିରେ ଟମାଟୋ ଚାଷ କରିଛନ୍ତି । ବାରିଲେଫଟା ପଞ୍ଚାୟତର ଚାରୋ ଓରାମ ୪ ଏକର, ଖୁଣ୍ଟଗାଁ ପଞ୍ଚାୟତର ଅଜିତ ବାରା ୩ ଏକର, ସୋରଡ଼ା ପଞ୍ଚାୟତର ଇସଲାମ୍ ଆନସାରୀ ୩ ଏକର ଜମିରେ ଟମାଟୋ ଚାଷ କରିଛନ୍ତି । ଠିକ ଫଳ ଧରି ଅମଳ ଏବଂ ବିକ୍ରିଯୋଗ୍ୟ ହେବା ବେଳେ ଅଦିନିଆ ବର୍ଷା ସବୁ ନଷ୍ଟ କରିଦେଇଛି । ବିଲରେ ଜମିଥିବା ପାଣି ଓ ମାଟିରେ ଲାଗି ଟମାଟୋ ସବୁ କଳା ଓ ଧଳା ପଡ଼ିଯିବା ସହ ପଚିଯିବା ଆଶଙ୍କା ଦେଖାଦେଇଛି । ଏତଦବ୍ୟତୀତ ବର୍ଷା ଯୋଗୁଁ ଏକାଥରେ ଟମାଟୋ ପାଚିବା ସହ ଅଭାବୀ ବିକ୍ରିର ଆଶଙ୍କା ପ୍ରକାଶ ପାଇଛି ବୋଲି ଏହି ଚାଷୀମାନେ କହିଛନ୍ତି ।

ସୂଚନାଯୋଗ୍ୟ, ନୂଆଗାଁ ବ୍ଲକରୁ ଉତ୍ପାଦିତ ଟମାଟୋ ରାଜ୍ୟ ତଥା ରାଜ୍ୟ ବାହାରକୁ ବିକ୍ରି ପାଇଁ ପଠାଯାଇଥାଏ । ଚାଷୀମାନେ ବ୍ୟାଙ୍କ ତଥା ଲ୍ୟାମ୍ପରୁ ଋଣ ନେଇ ଦୁଇପଇସା ରୋଜଗାର ଆଶାରେ ଚାଷ କରିଥାଆନ୍ତି । ଏଭଳି ପରିସ୍ଥିତିରେ ଅଦିନିଆ ବର୍ଷା ଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି । ଏହି ଦୁଇଦିନ ଲଗାଣ ବର୍ଷା ଯୋଗୁଁ ଧାନ ଓ ଟମାଟୋ ଅମଳରେ ଚାଷୀ ବ୍ୟାପକ କ୍ଷତି ସହିବା ଆଶଙ୍କା ଦେଖାଦେଇଛି । ପ୍ରଥମେ ନିଅଣ୍ଟିଆ ବର୍ଷା, ପରିବର୍ତ୍ତନଶୀଳ ଜଳବାୟୁ ଆଉ ଏବେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଟମାଟୋ ପଚିଯିବା ଆଶଙ୍କା ଥିବାରୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି । ତେବେ ଏ ନେଇ ବିଭାଗୀୟ ଅଧିକାରୀ ସଠିକ ଭାବେ ସର୍ଭେ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ଚାଷୀ ମହଲରେ ଦାବି ହେଉଛି ।



ଋଣ ପରିଶୋଧ ନେଇ ଚିନ୍ତାରେ ଚାଷୀକୁଳ





## ପୁନଃ ଯାଞ୍ଚ ଅଭିଯୋଗର ସମାଧାନ ପାଇଁ ଲହୁଣୀପଡ଼ାରେ କୋର୍ଟ ବସାଇଲେ ଜିଲ୍ଲାପାଳ

**ଲହୁଣୀପଡ଼ା, ୮ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲି ଏବଂ ତାଙ୍କ ଟିମ ଶୁକ୍ରବାର ଲହୁଣୀପଡ଼ା ତହସିଲ ଅଫିସରେ ପୁନଃ ଯାଞ୍ଚ ଅଭିଯୋଗର ଶୁଣାଣି କରିବା ନିମିତ୍ତ କୋର୍ଟ ବସାଇଥିଲେ । ଏଥିରେ ଲହୁଣୀପଡ଼ା ବ୍ଲକର ୧୦ଟି, ଗୁରୁଣ୍ଡିଆ ବ୍ଲକର ୪ଟି, ଏବଂ କୋଇଡ଼ାର ୩ଟି, ଏପରି ମୋଟ ୧୭ଟି ପୁନଃ ଯାଞ୍ଚ ଅଭିଯୋଗର ଶୁଣାଣି ହୋଇଥିଲା । ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲି, ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ ସାହୁ, ଡେପୁଟି କଲେକ୍ଟର ସୁଦୀପ୍ତା ନାଏକ, କୋର୍ଟ ଅଫିସ ଚନ୍ଦ୍ରିକା କିଷାନ, ଲହୁଣୀପଡ଼ା ତହସିଲଦାର ବବୁଲ ପେରେଇଙ୍କ ଦ୍ୱାରା ଅଭିଯୋଗଗୁଡିକର ଶୁଣାଣି କରାଯାଇଥିଲା । ଏହି ଅବସରରେ ଲହୁଣୀପଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୬ ଭୂମିହୀନ ଅଧିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଜିଲ୍ଲାପାଳ ପ୍ରଦାନ କରିଥିଲେ । ଏହି ପୁନଃ ଯାଞ୍ଚ ଅଭିଯୋଗର ଶୁଣାଣି କାର୍ଯ୍ୟକ୍ରମରେ ଲହୁଣୀପଡ଼ା ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଆରଆଇ ସୁପରଭାଇଜର ତଥା ଅନ୍ୟ କର୍ମଚାରୀ ସହାୟତା କରିଥିଲେ ।



ରାଉରକେଲା ମହାନଗର ନିଗମ ପକ୍ଷରୁ ଏହାର କାର୍ଯ୍ୟାଳୟ କାନ୍ଥରେ ସବୁଜିମା ପ୍ରକଳ୍ପ; ସବୁଜ ଓ ସୁସ୍ଥ ପରିବେଶ ପାଇଁ ଅଭିନବ ପ୍ରୟାସ

# ହଟ୍ ଷ୍ଟ୍ରିପ୍ ମିଲ୍-୨ ପ୍ରଥମ ମୁଖ୍ୟ ମରାମତି ଅଭିଯାନ ପରେ ସଫଳତାର ସହ କାର୍ଯ୍ୟକ୍ଷମ

**ରାଉରକେଲା, ୮ ।୧୨(ସମିସ):** ଆରଏସ୍‌ପିର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ୍‌ଏସ୍‌ଏମ୍-୨) ବିଭାଗ ପକ୍ଷରୁ ଏହାର ପ୍ରଥମ ମୁଖ୍ୟ ମରାମତି ଅଭିଯାନ ସମାପ୍ତ କରିବା ପରେ ସଫଳତାର ସହ ପୁନଃ କାର୍ଯ୍ୟ ଆରମ୍ଭ କରିଛି । ପୁନର୍ବାର କାର୍ଯ୍ୟ ଆରମ୍ଭ ହେବାର ପ୍ରଥମ ଦିନରେ ମିଲ୍ ଉତ୍ପାଦନ ସ୍ଥିର ହୋଇପାରିଛି । ନଭେମ୍ବର ୨୪ ତାରିଖରେ ଆରମ୍ଭ ହୋଇ ଡିସେମ୍ବର ୬ ତାରିଖରେ ଶେଷ ହୋଇଥିବା ମୁଖ୍ୟ ମରାମତି ଅଭିଯାନ ମିଲ୍ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି ।




ବିସ୍ତୃତ ମୁଖ୍ୟ ମରାମତି ଅଭିଯାନରେ ବିଭିନ୍ନ ଉପକରଣର ମରାମତି ସମ୍ପାଦିତ ହୋଇଥିଲା । ଏହା ମଧ୍ୟରେ ଆଇସିଡବ୍ଲ୍ୟୁ, ଏଲସିଡବ୍ଲ୍ୟୁ, ଡିସିଡବ୍ଲ୍ୟୁ ଏବଂ ସ୍କେଲ୍ ପିଟ୍ ସମ୍ପଗୁଡ଼ିକର ନିଷ୍କାସନ ଓ ସମ୍ପୂର୍ଣ୍ଣ ସଫେଇ, ରି-ହିଟିଂ ଫର୍ଣ୍ଣେସ୍ ୧ ଓ ୨ର ରିଫ୍ରାକ୍ଟୋରି ସହ ପୁନର୍ବିନ୍ୟାସ କାର୍ଯ୍ୟ ସାମିଲ ଥିଲା । ଏଥିସହ ଅତିରିକ୍ତ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ମିଲ୍ ଫ୍ଲ୍ୟୁମ ଚ୍ୟାନେଲଗୁଡ଼ିକର ସଠିକ୍ ସଫେଇ, ଡାଉନ୍ କଏଲର୍ (ଡିସି) ସମ୍ପ, ଫର୍ଣ୍ଣେସ୍ ରୋଲଗୁଡ଼ିକର ମରାମତି ଏବଂ ହେଡର୍, ଏଣ୍ଟ୍ରି ଗାଇଡ୍ ସର୍ଭୋ ସିଲିଣ୍ଡର, ସ୍କ୍ରୁ-ଡାଉନ୍ ମୋଟର, ଏଜିସି ଲୋଡିଂ ସିଲିଣ୍ଡର, ଏଜର୍ ଲାଇନର ପ୍ରତିରୋପଣ, ଆରଓଟି ଲାମିନାର୍ କୁଲିଂର ସମସ୍ତ ୧୯୨ ହେଡର୍ ଫ୍ଲସିଂ ଓ ସଫେଇ, ଡିସି-୧ ମାଣ୍ଡ୍ରେଲ୍ ରୋଟାରୀ ୟୁନିଟ୍ ଏବଂ ଲିଫ୍ଟର୍ ରୋଲର୍ ଟେବୁଲ୍ ଫ୍ରେମ୍ ପ୍ରତ୍ୟାରୋପଣ ଇତ୍ୟାଦି ସାମିଲ ଥିଲା ।

ସର୍ବପ୍ରଥମ ମୁଖ୍ୟ ମରାମତି ଅଭିଯାନ ଜନିତ ଅନେକ ବୃହତ ଅଦୃଶ୍ୟ ଆହ୍ୱାନ ସତ୍ତ୍ୱେ ଏଚଏସଏମ-୨ର ଉତ୍ସର୍ଗୀକୃତ ବିଭାଗୀୟ ଦଳ ଦ୍ୱାରା ନିପୁଣ କାର୍ଯ୍ୟ ଯୋଜନା ଏବଂ ନିରନ୍ତର ପ୍ରୟାସ ଦ୍ୱାରା ଏହି ଅଭିଯାନ ସଫଳତା ସହିତ ସମ୍ପନ୍ନ ହୋଇଥିଲା । ସେଣ୍ଟ୍ରାଲାଇଜଡ୍ ମେକାନିକାଲ୍, ସେଣ୍ଟ୍ରାଲାଇଜଡ୍ ଇଲେକ୍ଟ୍ରିକାଲ୍, ଅଟୋମେସନ୍ ଆଣ୍ଡ ଇନଷ୍ଟ୍ରୁମେଣ୍ଟେସନ୍, ସିଭିଲ୍ ଇଞ୍ଜିନିୟରିଂ (ସେବା), ଜଳ ପରିଚାଳନା, ବିଦ୍ୟୁତ ବିତରଣ, ଫିଲ୍ଡ ମେସିନାରୀ (ରକ୍ଷଣାବେକ୍ଷଣ), ଏୟାର କଣ୍ଡିସନିଂ, ଶକ୍ତି ପରିଚାଳନା ବିଭାଗ, କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, ରିଫ୍ରାକ୍ଟୋରୀ, କ୍ରେନ୍ ମରାମତି, ଏଚଏସଏମ-୧, ସାମଗ୍ରୀ ପରିଚାଳନା, କଣ୍ଟ୍ରାକ୍ଟ ସେଲ୍‌ଫ (ୱାର୍କ୍ସ), ପିପିସି, ଟ୍ରାଫିକ ଓ କଞ୍ଚାମାଲ, ଅଗ୍ନିଶମ ସେବା ଏବଂ ସୁରକ୍ଷା ଇଞ୍ଜିନିୟରିଂ ଏବଂ କାର୍ମିକ (କାର୍ଯ୍ୟ) ଇତ୍ୟାଦି ସହଯୋଗୀ ଏଜେନ୍ସିଗୁଡ଼ିକ ଏହି ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମରାମତି ଅଭିଯାନର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବାରେ ସେମାନଙ୍କ ଉଦାହରଣୀୟ ଅବଦାନ ଏବଂ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଥିଲା ।

ମୁଖ୍ୟ ମରାମତି ଅଭିଯାନ କର୍ମଚାରୀ ଏବଂ ସମ୍ପୃକ୍ତ ଏଜେନ୍ସି ଲାଭ କରିଥିବା ବହୁମୂଲ୍ୟ ଅଭିଜ୍ଞତା ଏଚଏସଏମ-୨ର ଭବିଷ୍ୟତ କାର୍ଯ୍ୟଧାରାରେ ଉଲ୍ଲେଖନୀୟ ରୂପେ ସହାୟତା କରିବ । ଏହି ଅଭିଜ୍ଞତାର ସମ୍ପଦ ସହିତ, ମିଲ୍ ବର୍ତ୍ତମାନ ଉତ୍ପାଦନ, ଉତ୍ପାଦକତା ଏବଂ ଗୁଣବତ୍ତା ଦୃଷ୍ଟିରୁ ନୂତନ ମାଇଲଖୁଣ୍ଟ ହାସଲ କରିବାକୁ ପ୍ରସ୍ତୁତ ରହିଛି । ସମ୍ପ୍ରତି ହଟ ଷ୍ଟ୍ରିପ ମିଲ-୨ ସ୍ୱତନ୍ତ୍ର ଷ୍ଟିଲର ଉତ୍ପାଦନ ବୃଦ୍ଧି ଏବଂ କମ ମୋଟେଇ ଯୁକ୍ତ କଏଲ୍ ରୋଲିଂ କ୍ଷେତ୍ରରେ ଅଗ୍ରଗତି ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ଏହି ଅଭିଯାନ ଏଚ୍‌ଏସ୍‌ଏମ୍-୨ ବିଭାଗର ସିଜିଏମ୍ ଆରକେ ମୁଦୁଲିଙ୍କ ନେତୃତ୍ୱରେ ବିଭାଗୀୟ ଦଳ ଦ୍ୱାରା କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀଙ୍କ ସକ୍ରିୟ ମାର୍ଗଦର୍ଶନରେ ସମ୍ପାଦିତ ହୋଇଥିଲା ।

## ଲହୁଣୀପଡ଼ାରେ ନୂଆ ତହସିଲଦାରଙ୍କ ଯୋଗଦାନ

**ଲହୁଣୀପଡ଼ା, ୮ ।୧୨(ସମିସ):** ଲହୁଣୀପଡ଼ା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ବବୁଲ ପେରେଇ ଯୋଗଦାନ କରିଛନ୍ତି । ଲହୁଣୀପଡ଼ାରେ ଅବସ୍ଥାପିତ ଥିବା ତହସିଲଦାର ସୌଦାମିନୀ ନାୟକଙ୍କ ଅନ୍ୟତ୍ର ବଦଳି ପରେ ଏହି ପଦବୀ କିଛି ମାସ ଧରି ଖାଲି ରହିଥିଲା । ନୂତନ ତହସିଲଦାର ପେରେଇ ଏଥି ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ବିଡିଓ ଭାବେ କାର୍ଯ୍ୟରତ ଥିଲେ । ଏଠାରେ ଯୋଗଦାନ ପରେ ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଆରଆଇ ତଥା ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

## ଜୀବନସାଥୀଙ୍କ ଆର୍‌ଏସ୍‌ପି ପରିଦର୍ଶନ

**ରାଉରକେଲା, ୮ ।୧୨(ସମିସ):** ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ଆରଏସପି ଦ୍ୱାରା କର୍ମଚାରୀଙ୍କ ଜୀବନସାଥୀଙ୍କ ପାଇଁ 'ପ୍ରଗତିରେ ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । କାର୍ଯ୍ୟକ୍ରମ ଅନ୍ତର୍ଗତ ଡିସେମ୍ବର ୬ ତାରିଖ କୋକ ଓଭେନ ବିଭାଗର ୧୪ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ କୋକ ଓଭେନ ବ୍ୟାଟେରୀ ୬, ବ୍ଲାଷ୍ଟ ଫର୍ଣ୍ଣେସ-୫, ଷ୍ଟିଲ ମେଲ୍ଟିଂ ସପ-୨ ଏବଂ ନୂତନ ପ୍ଲେଟ ମିଲ ବିଭାଗ ଗସ୍ତରେ ନିଆଯାଇଥିଲା । ସି ଓ ସିସିଡି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ତୁଳାରାମ ବେହେରା ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ କାର୍ଯ୍ୟ କାର୍ମିକ ବିଭାଗ ଜିଏମ୍ ଇନ୍-ଚାର୍ଜ ଧୀରେନ୍ଦ୍ର ମିଶ୍ର, ଡିଜିଏମ ମୁକେଶ କରନ, ଏମଏମ, ଏମପିସି ଆଣ୍ଡ ଏଚଆରପିଇର କାର୍ମିକ ବିଭାଗ ଉପ ମହାପ୍ରବନ୍ଧକ ରାଜୀବ ମୁଖାର୍ଜୀ, କାର୍ମିକ ବିଭାଗ ବରିଷ୍ଠ ପ୍ରବନ୍ଧକ ଏବଂ ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।



ପରିଦର୍ଶକମାନଙ୍କୁ ପ୍ରାରମ୍ଭରେ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା । ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ । ସେମାନଙ୍କ ଜୀବନସାଥୀଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ନିମନ୍ତେ ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀମାନେ ଅନୁରୋଧ କରିଥିଲେ । ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲଠାରୁ ଆରମ୍ଭ କରି ଚୂଡ଼ାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ଏବଂ କାରଖାନାର ଲାଭାର୍ଜନତାରେ ବିଭାଗଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଅବଦାନ ବିଷୟରେ ସୂଚନା ଦିଆଯାଇଥିଲା । କୋକ ଓଭେନ ବିଭାଗ ସହଯୋଗରେ କାର୍ମିକ ବିଭାଗ ସହକାରୀ ପ୍ରବନ୍ଧକ ଆଲୋକ କୁମାର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନାଗରିକ ସୁରକ୍ଷା କମିଟିର ସାଧାରଣ ପରିଷଦ ବୈଠକ

**ରାଉରକେଲା, ୮ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ସାମଗ୍ରିକ ବିକାଶ ପ୍ରସଙ୍ଗରେ ନାଗରିକ ସୁରକ୍ଷା କମିଟି ପକ୍ଷରୁ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି । ନାଗରିକ କମିଟିର ଅନ୍ୟତମ ପ୍ରମୁଖ ସଦସ୍ୟ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗତ ଅଗଷ୍ଟ ୨୦ ତାରିଖ ମହାକନଭେନସନର ବ୍ୟାପକ ସଫଳତା ପରେ ଏହି ୧୧ ଦଫା ଦାବି ଉପସ୍ଥାପନ କରାଯାଇଥିଲା ।

ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲକୁ ଏମ୍ସ ଦ୍ୱାରା ପରିଚାଳନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତି ମୁତାବକ ମେଡିକାଲ କଲେଜ ପ୍ରତିଷ୍ଠା, ତାଳଚେର-ବିମଳାଗଡ଼ ରେଳପଥ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା, ରାଉରକେଲାକୁ ରେଳ ଡିଭିଜନ ଘୋଷଣା, ରାଉରକେଲାରେ ଏକ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ରାଉରକେଲା ବିମାନ ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ସଫ୍ଟୱେର ପାର୍କ ପ୍ରତିଷ୍ଠା, ବାସଚ୍ୟୁତଙ୍କ ପୁନଃ ଥଇଥାନ ଓ କ୍ଷତିପୂରଣ ପ୍ରଦାନ, ସୁନ୍ଦରଗଡ଼ ଜିଲ୍ଲାରେ ଏମ୍‌ଏସଏମଇର ବିକାଶ, ଆରଏସପିର ଆଧୁନିକୀକରଣ ଓ ସମ୍ପ୍ରସାରଣ, ରାଉରକେଲାରେ ଇଏସଆଇସି ମେଡିକାଲ କଲେଜ ପ୍ରତିଷ୍ଠା, ଜିଲ୍ଲା ସଦର ମହକୁମାକୁ ରେଳପଥ ସଂଯୋଗ ସହ ନୂତନ ରେଳପଥ ନିର୍ମାଣ ଓ ଜିଲ୍ଲାର ବିଭିନ୍ନ ରେଲଷ୍ଟେସନର ଉନ୍ନତୀକରଣ ପ୍ରଭୃତି ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାବି ଉପସ୍ଥାପନ କରାଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇନାହିଁ । ଏ ନେଇ ନାଗରିକ ସୁରକ୍ଷା କମିଟିର ଆଜିର ସାଧାରଣ ପରିଷଦ ବୈଠକରେ ଉଦବେଗ ପ୍ରକାଶ ପାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ପ୍ରମୁଖ ସଦସ୍ୟ ବିଷ୍ଣୁ ମହାନ୍ତି, ସଞ୍ଜୀବ ମହାନ୍ତି, ଗଣେଶ ପ୍ରଧାନ, ବିମାନ ମାଇତି, ବ୍ରଜେନ୍ଦ୍ର ଦାଶ, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ପୀତାମ୍ବର ନାୟକ, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ପୁନର୍ବାର ଏହି ଦାବିରେ ଆନ୍ଦୋଳନ ତୀବ୍ର କରିବାକୁ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଡିସେମ୍ବର ୨୦ରେ ଜିଲ୍ଲାର ସମସ୍ତ ରାଜନୈତିକ ଦଳ, ଟ୍ରେଡ୍ ୟୁନିୟନ, ଯୁବ, ଛାତ୍ର, ମହିଳା ସଂଗଠନର ନେତୃତ୍ୱ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରତିନିଧିଙ୍କୁ ଆଗାମୀ ଦିନରେ ପୁନର୍ବାର ଆନ୍ଦୋଳନ ପାଇଁ ଏକ ବୈଠକ ଡକାଯାଇଥିଲା ବେଳେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନାଗରିକ ସୁରକ୍ଷା କମିଟିର ଏକ ପ୍ରତିନିଧି ଦଳ ସାକ୍ଷାତ କରି ଉପସ୍ଥାପିତ ପ୍ରମୁଖ ଦାବି ଉପରେ ସରକାର ପଦକ୍ଷେପ ଗ୍ରହଣ କରିବା କୁ ଅନୁରୋଧ କରିବେ ବୋଲି ଏକ ପ୍ରେସ ବିବୃତିରେ କମିଟି ପକ୍ଷରୁ କୁହାଯାଇଛି ।

● ପ୍ରଥମ ଇସ୍ପାତ ନାଟକ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

# ଆମେ ନାଟୁଆ ତରଫରୁ 'ମହାଶୂନ୍ୟ' ମଞ୍ଚସ୍ଥ





**ରାଉରକେଲା, ୮ ।୧୨(ସମିସ):**

ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ପ୍ରଥମ ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ର ଅଷ୍ଟମ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ ଆମେ ନାଟୁଆ ତରଫରୁ ନାଟକ ମହାଶୂନ୍ୟ ମଞ୍ଚସ୍ଥ ହୋଇଛି । ନାଟ୍ୟକାର ଗଙ୍ଗାଧର ଜେନା ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ଡା. ସୁଶାନ୍ତ ପାଣି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଳୟ ଶତପଥୀ ମଞ୍ଚସଜ୍ଜା ଦାୟିତ୍ୱ ତୁଲାଇଥିଲେ । ପ୍ରଜ୍ଞାନନ୍ଦ ମହାନ୍ତି, ଶୁଭେନ୍ଦୁ ସାମଲ, ଭରତ ସେଠୀ, ବିନୟ ଜେନା, ପ୍ରତାପ ଲେଙ୍କା, ମାନସୀ ମହାପାତ୍ର ପ୍ରମୁଖ ଅଭିନୟ କରିଥିଲେ । ବିଚିତ୍ର, ଅଥଚ ସୁନ୍ଦର ପୁଷ୍ପିତ ସଂସାରରେ ମଣିଷ ବଞ୍ଚିଥାଏ ଅନେକ ଆଶା ଓ ବିଶ୍ୱାସକୁ ନେଇ । ସ୍ନେହ, ମମତା, ସୁଖ, ଶାନ୍ତିକୁ ନେଇ ଗଠିତ ପରିବାରରେ ସେ କ'ଣ ଆଶା କରିଥିବା ସୁଖ ଟିକକ ପାଇପାରେ? ଜୀବନଟା ଏକ ଦୁର୍ବୋଧ ଅଛିଣ୍ଡା ଗଣିତ ପରି । ଗୀତାର ବିଷାଦ ଯୋଗରୁ ଆରମ୍ଭ ହୋଇ ସମର୍ପଣରେ ଶେଷ ପରି ମଣିଷ ଜୀବନ ଭାବ, ଅଭାବ, ମହାଭାବକୁ ନେଇ ଗତିଶୀଳ । ଉତ୍ତମ ଚିନ୍ତା ମଣିଷକୁ ପୁରୁଷୋତ୍ତମ ଭାବେ ଠିଆ କରିଥିବା ବେଳେ ସଙ୍କୀର୍ଣ୍ଣ ସ୍ୱାର୍ଥ ଚିନ୍ତା ତାକୁ ନେଇ ଶୂନ୍ୟରେ ପହଞ୍ଚାଇ ଦିଏ । ଆଶା, ଭରସା, ସ୍ନେହ, ମମତା ସମାଧିସ୍ଥ ହୁଏ । ଏହା ହିଁ ଥିଲା ନାଟକ ମହାଶୂନ୍ୟର ସାରମର୍ମ । ଏଭଳି କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଥିଲା ।

ଆଜିର ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବଣେଇ ବିଧାୟକ ଭୀମସେନ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ଆରଏସପିର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି ଯୋଗଦେଇଥିଲେ । ମୁଖ୍ୟ ଅତିଥି ଚୌଧୁରୀ ତାଙ୍କ ବକ୍ତବ୍ୟରେ କହିଲେ ଆମ ଭାଷା ଓ ସଂସ୍କୃତିର ଉପମା ନାହିଁ । ସଂସାର ଦୁଃଖ ଜଞ୍ଜାଳରୁ ନାଟକ ମୁକ୍ତି ଦେଇଥାଏ । ସମ୍ମାନିତ ଅତିଥି ମହାନ୍ତି ତାଙ୍କ ବକ୍ତବ୍ୟରେ କଳା ଓ ସଂସ୍କୃତି କ୍ଷେତ୍ରରେ ରାଜ୍ୟରେ ରାଉରକେଲା ସ୍ଥାନ ସ୍ୱତନ୍ତ୍ର ବୋଲି କହିବା ସହ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିଥିବା ବ୍ୟକ୍ତି ଓ ଅନୁଷ୍ଠାନ ସର୍ବଦା ଧନ୍ୟବାଦର ପାତ୍ର ବୋଲି କହିଥିଲେ । ଏକତ୍ର ତରଫରୁ ସୁମନ ଦତ୍ତ ସ୍ୱାଗତ ଭାଷଣ ଦେଇଥିଲେ । ସଦସ୍ୟ ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ରାଜୀବ ପାଣି, ସମ୍ପାଦକ ସୁଦେଶ ନାୟକ, କୃପାସିନ୍ଧୁ ନାୟକ, ଆଲୋକ ବୋଷ, ଚନ୍ଦ୍ରଶେଖର ଶତପଥୀ, ସରୋଜ ଶଙ୍ଖୁଆ, କନକଲତା ଦାସ, ଆନନ୍ଦ ଚନ୍ଦ୍ର ମହାନ୍ତି, ଶରତ ଦାସ, ରମେଶ ମହାନ୍ତି, ଅକ୍ଷୟ ଧଳ, ପ୍ରଦୀପ ନାୟକ, ରାଧାକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଝିଲିମା ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ । ନାଟକର ରୂପସଜ୍ଜାରେ ହରିହର ବଳ, ଶବ୍ଦ ଓ ଆଲୋକରେ ସାନୁଶ୍ରୀ ଲାଇଟ୍ସ ତଥା କଲ୍ୟାଣୀ ଦାସ ଓ ରୁନୁ ବେକ୍ ପରିଚାଳନାରେ ସହଯୋଗ କରିଥିଲେ ।

# ମଦ ବ୍ୟବସାୟୀଙ୍କ ଘରେ ଆୟକର ଚଢ଼ଉ



**ସୁନ୍ଦରଗଡ଼, ୮।୧୨(ସମିସ):** ସୁନ୍ଦରଗଡ଼ ସହରର ମଦ ବ୍ୟବସାୟୀ ରାଜକିଶୋର ଜୟସ୍ୱାଲଙ୍କ ଘରେ ଆୟକର ବିଭାଗ ଚଢ଼ଉ କରିଛି। ସ୍ଥାନୀୟ ରାଣୀବଗିଚାସ୍ଥିତ ତାଙ୍କ ବାସଭବନରେ ଆୟକାର ବିଭାଗର ଦୁଇଟି ଟିମ୍ ଚଢ଼ଉ ଜାରି ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା କୋଟିଏରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ମିଳିଥିବା ସୂଚନା ମିଳିଛି। ଦୁଇଟି ଟିଣ ବାକ୍ସରେ ଉକ୍ତ ଟଙ୍କା ରହିଥିଲା। ରାଜକିଶୋରଙ୍କ ଘର ସମେତ ଗତକାଲି ଅଫିସ ଏବଂ ସର୍ଗିପାଲିସ୍ଥିତ ଦେଶୀମଦ ଭାଟିରେ ଚଢ଼ଉ ହୋଇଥିଲା।

ଗତକାଲି ଚଢ଼ଉରେ ଗୋଟିଏ ଟିମ ସାମିଲ ଥିବା ବେଳେ ଆଜି ଦୁଇଟି ଟିମ ସାମିଲ ହୋଇଛି। ଜବତ ଟଙ୍କାକୁ ଗଣିବା ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କର ସୁନ୍ଦରଗଡ଼ ଶାଖାକୁ ଅଣାଯାଇଥିଲା। ପ୍ରକୃତରେ କେତେ ଟଙ୍କା ଜବତ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କ ଅଫିସ୍‌ରେ ବ୍ୟାଙ୍କ ଟ୍ରାଞ୍ଜାକ୍ସନ, ବିଲ ଭାଉଚର୍ ନେଣଦେଣକୁ ଯାଞ୍ଚ କରାଯାଉଛି। କେଉଁ ମଦଭାଟିରୁ କେବେ କେତେ ଟଙ୍କା ଆସିଲା, ଏହି ଟଙ୍କା କେଉଁଠି ବ୍ୟବହୃତ ହୋଇଛି ତାହାକୁ ନେଇ ଆୟକର ବିଭାଗ ଖୋଳତାଡ଼ ଚଳାଇଛି।

## ରୟତି ଜମିରେ ମୁଖ୍ୟ ରାସ୍ତା !

# ମାଲିକଙ୍କ ବିରୋଧ ଯୋଗୁଁ ହୋଇପାରୁନି ଉନ୍ନତୀକରଣ

ସୁନ୍ଦରଗଡ଼, ୮।୧୨(ସମିସ)

ଆବହମାନ କାଳରୁ ଥିବା ରାସ୍ତାର ଉନ୍ନତୀକରଣ ସମୟରେ ଜଣେ ବ୍ୟକ୍ତି ଏହାକୁ ନିଜ ରୟତି ଜମି ବୋଲି ଦାବି କରିଥିଲେ। ନୂତନ ରାସ୍ତା ନିର୍ମାଣକୁ ତୀବ୍ର ବିରୋଧ କରି ଏହାକୁ କରାଇ ଦେଇ ନ ଥିଲେ। ଫଳରେ ଉକ୍ତ ମୁଖ୍ୟ ରାସ୍ତା ପିଚୁ ହୋଇ ନ ପାରି ଆବଡ଼ା ଖାବଡ଼ା ହୋଇ ପଡ଼ିରହିଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ତଥାପି ପ୍ରଶାସନ ପକ୍ଷରୁ ଏହାର ସମାଧାନ କରାଯାଉ ନ ଥିବାରୁ ଲୋକଙ୍କ ଦୁର୍ଦ୍ଦଶା ଜାରି ରହିଛି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପିଡବ୍ଲ୍ୟୁଡି ରାସ୍ତାର ଇଣ୍ଡଷ୍ଟ୍ରି ଛକରୁ ସର୍ଦ୍ଧାପାଲି ଆରଡି ରାସ୍ତା ଭାୟା ସୁର୍ଡାର ନିଆଲିପାଲିଠାରେ।




ଉକ୍ତ ରାସ୍ତାର ଇଚ୍ଛା ନାଳାରେ ପୋଲ ନିର୍ମାଣ ହେବା ପରେ ଉକ୍ତ ମୁଖ୍ୟ ରାସ୍ତା ଚଳଚଞ୍ଚଳ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ୨୦୧୭ରେ ଏହି ରାସ୍ତାକୁ ଗ୍ରାମ ପଞ୍ଚାୟତ ତଥା ପଞ୍ଚାୟତ ସମିତିରୁ ଆରଡି ବିଭାଗକୁ ହସ୍ତାନ୍ତର କରାଯାଇଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ଏବେ ଛାଡୁ ନ ଥିବା ରାସ୍ତାରେ ପୂର୍ବରୁ ନିଆଲିପାଲି ଗ୍ରାମ ପଞ୍ଚାୟତ ପକ୍ଷରୁ ପୋଲ ମଧ୍ୟ ନିର୍ମାଣ କରାଯାଇଛି। ସେହିପରି ଏହି ରାସ୍ତାର ରକ୍ଷଣାବେକ୍ଷଣ ଗ୍ରାମ ପଞ୍ଚାୟତ କରି ଆସିବା ସମୟରେ ଅଭିଯୋଗ ଉଠୁ ନ ଥିଲା। ତେବେ ୨୦୨୧-୨୨ ବର୍ଷରେ ଏମଡିଆର-୨୭ରୁ ଚାଉଁରଡାଳ ଯାଏ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରାଯାଇ ରାସ୍ତା ନିର୍ମାଣ ସମୟରେ କୁର୍ଗା ଗ୍ରାମର ଯୁଗଳ କିଶୋର ପଟେଲ ଏପରି ଅଭିଯୋଗ ଉଠାଇଛନ୍ତି। ତାଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ ଉକ୍ତ ଜମିର ମାପ କରାଯାଇଥିଲା। ମାପ ବେଳେ ଉକ୍ତ ରାସ୍ତାର କିଛି ଅଂଶ ପ୍ରକୃତରେ ଅଭିଯୋଗକାରୀଙ୍କ ଜମି ବୋଲି ଜଣାପଡ଼ିବାରୁ ସମ୍ପୃକ୍ତ ଅଂଶରେ ପକ୍କା ସଡ଼କ ନିର୍ମାଣ କରା ନ ଯାଇ ଛାଡ଼ି ଦିଆଯାଇଛି। ଏହା ପରେ ପ୍ରଶାସନ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛି। ସ୍ଥାନୀୟ ଜନ ପ୍ରତିନିଧିମାନେ ମଧ୍ୟ ମୁଣ୍ଡ ପୂରାଉନାହାନ୍ତି। ଏହି ରାସ୍ତାରେ ପ୍ରତ୍ୟହ ଶତାଧିକ ଗାଡ଼ିମୋଟର ଚଳାଚଳ କରୁଛି। ଏଣୁ ରାସ୍ତା ଅବସ୍ଥା ଦିନକୁ ଦିନ ଅତ୍ୟନ୍ତ ଶୋଚନୀୟ ହୋଇ ମରଣଯନ୍ତା ପାଲଟିଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏଣୁ ଆରଡି ବିଭାଗ ପକ୍ଷରୁ ଉକ୍ତ ଜମି ଅଧିଗ୍ରହଣ କିମ୍ବା ଜମି ମାଲିକଙ୍କଠାରୁ କିଣାଯାଇ ପକ୍କା ସଡ଼କ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

# 'ଶ୍ରୀମନ୍ଦିର ପରିଚାଳନାରେ ଶଙ୍କରାଚାର୍ଯ୍ୟଙ୍କ ମତକୁ ପ୍ରାଧାନ୍ୟ ଦିଆଯିବା ଉଚିତ'

**ସୁନ୍ଦରଗଡ଼, ୮।୧୨(ସମିସ):** ସୁରତରେ ଅନୁଷ୍ଠିତ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ପୁରୀ ଶ୍ରୀମନ୍ଦିର ପରିଚାଳନା କ୍ଷେତ୍ରରେ ମୁଁ ଅଲୋଡ଼ା ହୋଇଯାଇଛି ବୋଲି କହି କ୍ଷୋଭ ପ୍ରକାଶ କରିବା ଘଟଣାରେ ବିଶ୍ୱହିନ୍ଦୁ ପରିଷଦ ସମରସତା ବିଭାଗର ପଶ୍ଚିମ ଓଡ଼ିଶା ମୁଖ୍ୟ ଶାନ୍ତନୁ କୁସୁମ ମୁହଁ ଖୋଲିଛନ୍ତି। ଏହି ପରିପ୍ରେକ୍ଷୀରେ କୁସୁମ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ବିଶ୍ୱର ଚାରିଧାମ ମଧ୍ୟରୁ ଶ୍ରେଷ୍ଠ ଧାମ ହେଉଛି ପୁରୀ ଶ୍ରୀକ୍ଷେତ୍ର। ସେହି ଧାମର ଜଗତଗୁରୁ ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଶ୍ରୀମନ୍ଦିର ପରିଚାଳନା ଓ ନୀତିକାନ୍ତିକୁ ନେଇ କ୍ଷୋଭ ପ୍ରକାଶ କରିବା ଯେତିକି ଚିନ୍ତାଜନକ ତା'ଠାରୁ ଅଧିକ ଉଦବେଗଜନକ। କାରଣ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜା ହେଉଛନ୍ତି ଶ୍ରୀମନ୍ଦିରର ଅଂଶବିଶେଷ। ତେଣୁ ପୂଜ୍ୟ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଅଣଦେଖା କରିବା ନିଶ୍ଚିତ ଭାବରେ ଜଗନ୍ନାଥ ସଂସ୍କୃତିର ବିରୁଦ୍ଧାଚରଣ। ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିର ପରିଚାଳନା କାର୍ଯ୍ୟ ହୋଇଥାଏ ବୋଲି ପ୍ରାଚୀନ ସମୟରୁ ମାଦଳା ପାଞ୍ଜିରେ ଲିପିବଦ୍ଧ ରହିଥିବା ବେଳେ ଏହାକୁ ତର୍ଜମା କରି ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିର ପରିଚାଳିତ ହେବା କଥାକୁ ସୁପ୍ରିମକୋର୍ଟ ମଧ୍ୟ ସମ୍ମତି ପ୍ରଦାନ କରିଛନ୍ତି। ଏହା ସତ୍ତ୍ୱେ ତାଙ୍କୁ ଅଣଦେଖା କରିବା ଜଗନ୍ନାଥ ସଂସ୍କୃତିର ବିରୁଦ୍ଧାଚରଣ ବୋଲି କୁସୁମ ପ୍ରକାଶ କରିଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ମତକୁ ପ୍ରାଧାନ୍ୟ ଦେଇ ଶ୍ରୀମନ୍ଦିର ପରିଚାଳନା କରିବା ପାଇଁ ସେ ଦାବି କରିଛନ୍ତି।

# ଅଘରିଆ ଭବନ ନିର୍ମାଣ ପାଇଁ କୋଟିଏ ଟଙ୍କା ଅନୁଦାନ

**ସୁନ୍ଦରଗଡ଼, ୮।୧୨(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଭଷ୍ଣା ଗ୍ରାମରେ ଅଘରିଆ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଟିଏ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏଣୁ ସୁନ୍ଦରଗଡ଼ ଜିଲ୍ଲା ଚଉରାଶି ଅଘରିଆ ସମାଜ ଗାଙ୍ଗପୁର ଆଞ୍ଚଳିକ କମିଟି ପକ୍ଷରୁ ଏକ ବୈଠକ ଡକାଯାଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ, ବିଜେଡି ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ରାଜ୍ୟ ବିଜେଡି ସମ୍ପାଦକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କୁ ମଧ୍ୟ ସେମାନେ ସାଧୁବାଦ ଜଣାଇଛନ୍ତି। ବୈଠକରେ ସୁନ୍ଦରଗଡ଼ ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ସଙ୍ଗଠନର ସୁନ୍ଦରଗଡ଼ ଜିଲ୍ଲା ଆଞ୍ଚଳିକ ସଭାପତି ପ୍ୟାରୀମୋହନ ପଟେଲ, ଆଞ୍ଚଳିକ ସମ୍ପାଦକ ଦେବେନ୍ଦ୍ର ପଟେଲ, ମଣ୍ଡଳ ସଦର ସଭାପତି ପ୍ରଦୀପ କୁମାର



ନାଏକ, ସମ୍ପାଦକ ଭିକାରୀ ଚରଣ ଚୌଧୁରୀ, ଦର୍ଲିପାଲି ମଣ୍ଡଳ ସଭାପତି ସୁରେନ୍ଦ୍ର କୁମାର ପଟେଲ, ମଙ୍ଗସପୁର ଗୁଡ଼ି ସଭାପତି ଅଶୋକ ନାଏକ, ଦେଉଳୀ ଗୁଡ଼ି ସଭାପତି ବୈଣୁଧର ଚୌଧୁରୀ, ଭେଡ଼ାବାହାଲ ଗୁଡ଼ି ସଭାପତି ଦିବ୍ୟଲୋଚନ ପଟେଲ, କୁଣ୍ଡୁକେଲା ଗ୍ରାମ୍ୟ ସଭାପତି ଶ୍ରୀକାନ୍ତ ପଟେଲ, କୋଷାଧ୍ୟକ୍ଷ ଲିଙ୍ଗରାଜ ପଟେଲଙ୍କ ସମେତ ଫଣୀନ୍ଦ୍ର ଚୌଧୁରୀ, ମଳୟ ଚୌଧୁରୀ, ଲିପ୍ସା ପଟେଲ, ମଞ୍ଜୁଲତା ଚୌଧୁରୀ, ବାସନ୍ତୀ ପଟେଲ, ସୁଚିତ୍ରା ପଟେଲ, ପୁଷ୍ପଲତା ପଟେଲ, ଦୁଲଭା ଚୌଧୁରୀ, ସୁରେଶ୍ୱରୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ ଅକ୍ଟୋବର ୮ ତାରିଖ ସଙ୍ଗଠନର କର୍ମକର୍ତ୍ତାମାନେ ତତ୍କାଳୀନ ୫-ଟି ସଚିବ ପାଣ୍ଡିଆନଙ୍କୁ ନବୀନ ନିବାସରେ ସାକ୍ଷାତ କରି ଅଘରିଆ ଭବନ ନିର୍ମାଣ ପାଇଁ ଜମି ଓ ଅନୁଦାନ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅନୁରୋଧକୁ ସହୃଦୟତାର ସହ ଗ୍ରହଣ କରି ତାଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ କୋଟିଏ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି।

# କୁତ୍ରା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ



**କୁତ୍ରା, ୮।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ଉପାନ୍ତ ଅଞ୍ଚଳ ପଞ୍ଚରା, ଝିରପାଣି ଓ ନୂଆଗାଁ ଭଳି ବିଭିନ୍ନ ଅଞ୍ଚଳରେ ଦୀର୍ଘ ସପ୍ତାହରୁ ଅଧିକ ସମୟ ହେବ ହାତୀ ଉପଦ୍ରବ ଲାଗିରହିଛି। ବଡ଼ଗାଁ ବନଖଣ୍ଡ ଅନ୍ତର୍ଗତ ଏହି ଅଞ୍ଚଳରେ ବର୍ଷତମାମ ହାତୀ ଉପଦ୍ରବ ଦେଖିବାକୁ ମିଳିଥାଏ। ମାତ୍ର ଏ ବର୍ଷ ଧାନ ଫସଲ ଅମଳ ଆରମ୍ଭରୁ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ପାଖାପାଖି ୫୦ରୁ ୬୦ ଟିକିଆ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଗୋଡ଼ା ଧାନ କ୍ଷେତରେ ପାଚିଥିବାରୁ ଚାଷୀ ଏବେ ଧାନ କାଟି ଅମଳ କରୁଛନ୍ତି। ମାତ୍ର ଅଞ୍ଚଳରେ ହାତୀପଲ ବୁଲୁଥିବାରୁ ଚାଷୀମାନେ ଧାନ ଅମଳ କରିପାରୁନାହାନ୍ତି। ଗତ କିଛିଦିନ ହେବ ଏହି ଅଞ୍ଚଳରେ ରାତିରେ ଗାଁରେ ହାତୀପଲ ପଶିବା ସହ ବହୁ ଲୋକଙ୍କ ଘର ଭାଙ୍ଗିଛନ୍ତି। ଏହା ସହିତ ଘରେ ଥିବା ଧାନ ଖାଇଯିବା ସହିତ ବ୍ୟବହାର୍ଯ୍ୟ ବସ୍ତୁ ସବୁ ନଷ୍ଟକରି ଦେଉଛନ୍ତି। ଗୁରୁବାର ରାତିରେ ହାତୀପଲ ଝିରପାଣି ମଝାପଡ଼ା ଗ୍ରାମର ପୁଲିକର ଏକ୍କାଙ୍କ ଘର ଭାଙ୍ଗିଦେବା ସହ ଘରେ ଥିବା ଧାନ ଖାଇ ଦେଇଛନ୍ତି। ଏହି ହାତୀପଲ ରାତିରେ ଗାଁରେ ପଶି ଉପଦ୍ରବ କରି ସକାଳେ ପୁଣି ଝିରପାଣି ଓ ନୂଆଗାଁ ମଝିରେ ଥିବା ଜଙ୍ଗଲକୁ ପଳାଇଯାଉଛନ୍ତି। ଫଳରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିବା ସହ ରାତିରେ ପାଳି କରି ନିଆଁ ଜଳାଇ ଗାଁ ଜଗୁଛନ୍ତି।

# ଅଦିନିଆ ବର୍ଷା କ୍ଷୟକ୍ଷତି ନେଇ କୋଶଳ ସମାଜର ଦାବିପତ୍ର

**ସୁନ୍ଦରଗଡ଼, ୮।୧୨(ସମିସ):** ତିନିଦିନ ଧରି ଲାଗି ରହିଥିବା ଅଦିନିଆ ବର୍ଷା ଯୋଗୁଁ ସୁନ୍ଦରଗଡ ଜିଲ୍ଲାରେ ବ୍ୟାପକ ଫସଲହାନୀ ଘଟିଛି। ଚାଷୀଙ୍କୁ ସହାୟତାର ହାତ ବଢ଼ାଇବା ପାଇଁ କୋଶଳ ସମାଜ ପକ୍ଷରୁ ଜିଲ୍ଲା ପ୍ରଶାସନଠାରେ ଦାବି କରାଯାଇଛି। ଖରିଫ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଧାନ କାଟି ଯେଉଁମାନେ କ୍ଷେତରେ ରଖିଛନ୍ତି ଗଜା ହୋଇଯାଇଛି। ଯେଉଁମାନେ ଧାନ କାଟିନାହାନ୍ତି ଧାନ ଝଡ଼ିଯାଇଛି। ବିଲରେ ଝଡ଼ି ପଡ଼ିଥିବା ଧାନଗୁଡ଼ିକୁ ଶୀଘ୍ର କ୍ଷେତରୁ ଆଣିବା ଆବଶ୍ୟକତା ରହିଛି। ଚାଷୀ ପାଖରେ ଟଙ୍କା ଅଭାବରୁ ଟ୍ରାକ୍ଟର ଦ୍ୱାରା ଧାନ ଆଣିବା କଷ୍ଟକର ହେଉଛି। ଏଣୁ ଚାଷୀଙ୍କ କ୍ଷେତରୁ ଧାନ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଟ୍ରାକ୍ଟର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ସେହିପରି ଧାନ ରଖିବା ପାଇଁ ଯେଉଁ ଚାଷୀ ପାଖରେ ଜାଗା ନାହିଁ ସ୍କୁଲ, କ୍ଲବ୍ କିମ୍ବା ମଣ୍ଡପରେ ବ୍ୟବସ୍ଥା କରିବା, ଯେଉଁ ଚାଷୀଙ୍କ ଧାନ ଗଜା ହୋଇଛି ତାଙ୍କୁ କ୍ଷତିପୂରଣ ପ୍ରଦାନ, ପ୍ରତି ଗ୍ରାମରେ ଛାତଯୁକ୍ତ ଧାନଖଳା ନିର୍ମାଣ, ଚାଷୀଙ୍କୁ ଚାଷ ସମ୍ବନ୍ଧୀୟ ତାଲିମ ପ୍ରଦାନ, ଆସନ୍ତା ୧୫ ତାରିଖରୁ ଖୋଲିବାକୁ ଥିବା ଧାନମଣ୍ଡିରେ କଟନି ଛଟନି ବନ୍ଦ କରିବା ଆଦି ଦାବି ରହିଛି। କୋଶଳ ସମାଜ ପକ୍ଷରୁ ସମାଜର ମହାସଚିବ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସଦର ଉପଜିଲ୍ଲାପାଳ ପ୍ରମୁଖଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।




# ପବ୍ଲିକ ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସୁନ୍ଦରଗଡ଼, ୮।୧୨(ସମିସ):** ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧକ୍ଷା ହରିପ୍ରିୟା ପଟେଲ ଡାକ୍ତରୀ ଦଳଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିରେ ଚର୍ମରୋଗ ବିଶେଷଜ୍ଞ ଡା. ଗୁରୁପ୍ରସାଦ ମହାନ୍ତ, କର୍ଣ୍ଣ ଓ ଗଳା ରୋଗ ବିଶେଷଜ୍ଞ ଡା. ଦୀପକ ପ୍ରଧାନ, ଦନ୍ତ ଚିକିତ୍ସକ ଡା. ଏଲିନା ଚୌଧୁରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନର୍ସ ଅଫିସର ବୈଶାଳୀ ପଟେଲ ଓ ସହାୟକ ମହେନ୍ଦ୍ର ପଟେଲ ସହଯୋଗ କରିଥିଲେ। ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଅଭିଭାବକଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଆଗକୁ ଏପରି ଶିବିରର ଆୟୋଜନ କରାଯାଇ ଆହୁରି ଛାତ୍ରଛାତ୍ରୀଙ୍କୁ ସାମିଲ କରାଯିବ ବୋଲି ସମ୍ପାଦକ କହିଥିଲେ। ଏହି ଶିବିର ଆୟୋଜନ ପାଇଁ ବିଦ୍ୟାଳୟ ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଦେବାଶିଷ ଦାସ, ସନ୍ତୋଷ ମହନ୍ତ, ମାଇକେଲ ଖାଲଖୋ, ମନିଷା କଚ୍ଛରିଆ ପ୍ରମୁଖଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅଦିନିଆ ବର୍ଷାରେ ବ୍ୟାପକ ଫସଲ ନଷ୍ଟ

**ହେମଗିରି, ୮।୧୨(ସମିସ):** ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁଁ ହେମଗିରି ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଧାନ କଟାହୋଇ କ୍ଷେତରେ ପଡ଼ିରହିଛି। ଘରକୁ ବା ଖଳାକୁ ଆଣିବା ପୂର୍ବରୁ ଲଗାଣ ବର୍ଷା ହୋଇଥିବାରୁ ଧାନ ନଷ୍ଟ ହେବା ଆଶଙ୍କା ଉପୁଜିଛି।



# ହେମଗିରି ସିଏଚ୍‌ସି ପରିସର ଅନ୍ଧାର ସାଙ୍ଗକୁ କୁକୁର ଆତଙ୍କ



**ହେମଗିରି, ୮।୧୨(ସମିସ):** ହାଇମାଷ୍ଟ ଲାଇଟ୍ ଅଚଳ ହୋଇପଡ଼ିଥିବାରୁ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଗତ ୩ ମାସ ଧରି ଅନ୍ଧାର ହୋଇଥିବା ବେଳେ ଏବେ କୁକୁର ଆତଙ୍କ ସୃଷ୍ଟି କରିଛି। ଅନ୍ଧାର ରାତିରେ ଆସିବା ଯିବା ବେଳେ ମେଡିକାଲ କର୍ମଚାରୀ ସମେତ ରୋଗୀ ତଥା ରୋଗୀ ସମ୍ପର୍କୀୟମାନେ ବିପଦର ସମ୍ମୁଖୀନ ହେଉଛନ୍ତି। କିଛି ଦିନ ମଧ୍ୟରେ ୮ ଜଣ ଲୋକ କୁକୁର କାମୁଡ଼ାର ଶିକାର ହେଲେଣି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଶିଶୁ ମହୋତ୍ସବ 'ସରଗି ଫୁଲ୍'ର ଦ୍ୱିତୀୟ ଦିବସ

# 'ସରଗି ଫୁଲ୍ ଜନଜାତି ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନର ଉପଯୁକ୍ତ ମାଧ୍ୟମ'

ସୁନ୍ଦରଗଡ଼, ୮।୧୨(ସମିସ)

ସୁନ୍ଦରଗଡ଼ ଭବାନୀପୁରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଚାଲିଥିବା ଉତ୍ତର-ଓଡ଼ିଶା ଜୋନସ୍ତରୀୟ ଶିଶୁ ମହୋତ୍ସବ 'ସରଗି ଫୁଲ୍'ର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିନରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଆମ ରାଜ୍ୟର ଜନଜାତି ଛାତ୍ରଛାତ୍ରୀଙ୍କ ଭିତରେ ଅନେକ ପ୍ରତିଭା ରହିଛି। ପ୍ରତିଭା ପ୍ରଦର୍ଶନ ପାଇଁ ସରଗି ଫୁଲ୍ ହେଉଛି ଏକ ଉପଯୁକ୍ତ ମାଧ୍ୟମ ବୋଲି ସେ କହିଥିଲେ। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ ଯୋଗଦେଇ କହିଲେ, ଉତ୍ତର-ଓଡ଼ିଶା ଜୋନସ୍ତରୀୟ କାର୍ଯ୍ୟକ୍ରମ ସୁନ୍ଦରଗଡ଼ ଜିଲ୍ଲାରେ ହେଉଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଖୁସିର କଥା। ଜନଜାତି ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ 'ସରଗି ଫୁଲ୍' ହେଉଛି ଉପଯୁକ୍ତ ପ୍ଲାଟଫର୍ମ। ତେଣୁ ପିଲାମାନେ ଏହାର ସୁଯୋଗ ନେଇ ନିଜ ଦକ୍ଷତା ଓ ପାରଦର୍ଶିତା ଦେଖାନ୍ତୁ ବୋଲି ତିର୍କୀ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସୁନ୍ଦରଗଡ଼ ଜିଲ୍ଲାପାଳ ଡା. ପରାଗ ହର୍ଷଦ ଗାଭାଲି ଏବଂ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ମହାଜନ ଯୋଗଦେଇ ଜନଜାତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ କର୍ମଶାଳା ଆୟୋଜନ କରାଯାଇଥିଲା। ବକୁଳ ଫାଉଣ୍ଡେସନ ସହଯୋଗରେ ଆୟୋଜିତ 'ଶିଶୁ ସାମ୍ବାଦିକ' କର୍ମଶାଳା ବିଶେଷ ଆକର୍ଷଣ ପାଲଟିଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ଅନୁଜ ଦାସ ଯୋଗଦେଇ ପିଲାମାନଙ୍କୁ ସାମ୍ବାଦିକତା ବିଷୟରେ ସୂଚନା ଦେଇଥିଲେ। ଜନଜାତି ଛାତ୍ରଛାତ୍ରୀମାନେ ଏଥିରେ ଭାଗନେଇ ଖବରର ସଂଜ୍ଞା, ଖବର ସଂଗ୍ରହ ଓ ପରିବେଷଣ, ସମ୍ପାଦନା ଆଦି ବିଷୟରେ ବୁଝିଥିଲେ। ସେହିପରି ମୋ ସ୍କୁଲ ଅଭିଯାନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଟିଙ୍କରିଂ, କାର୍ଟୁନ୍, ୱାର୍ଡ ପଜଲ୍ ଏବଂ ପୁସ୍ତକ ସମୀକ୍ଷା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହାସହ ରଙ୍ଗୀନ କାଗଜରୁ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ଓ ଅଦରକାରୀ କାଗଜରୁ ବ୍ୟବହାର୍ଯ୍ୟ ଜିନିଷ ପ୍ରସ୍ତୁତି, ଷ୍ଟୋରି ଟେଲିଂ, ଥିଏଟର, ମ୍ୟାଥ୍ ଗେମ୍, ଓଡ଼ିଶୀ ନୃତ୍ୟ ଏବଂ ମ୍ୟାଜିକ୍ ସୋ' ଭଳି କାର୍ଯ୍ୟକ୍ରମ ରହିଥିଲା। ସର୍ଜନାତ୍ମକ ଲେଖା ସହିତ ବକ୍ତୃତା, ଓପନ ସ୍ଲୋଗାନ, ଏକକ ନୃତ୍ୟ, ଦଳଗତ ନୃତ୍ୟ ଏବଂ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ଦେଖାଇଥିଲେ। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିଶୁ ମହୋତ୍ସବରେ ୧୫ ଜିଲ୍ଲାର ୬୦୦ରୁ ଅଧିକ ଜନଜାତି ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଏହା ଶନିବାର ଉଦଯାପିତ ହେବ।






# ରେଡକ୍ରସ କାଉନସିଲର ପ୍ରଶିକ୍ଷଣ ଶିବିର ଉଦଘାଟିତ




**ସୁନ୍ଦରଗଡ଼, ୮।୧୨(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ରେଡକ୍ରସ୍ କାଉନସିଲର ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦଘାଟନ କରିବା ସହ କାଉନସିଲରମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏଥିରେ ଅଧ୍ୟକ୍ଷତା କରି କାଉନସିଲରମାନଙ୍କୁ ରେଡକ୍ରସ୍‌ର ଲକ୍ଷ୍ୟକୁ ଆଗକୁ ନେଇ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁଚରଣ ନାୟକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରେଡକ୍ରସ୍‌ର ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ରେଡକ୍ରସ୍ ସଂଯୋଜକ ସୁମନ୍ତ ଦ୍ୱିବେଦୀ ଓ ସରୋଜ କୁମାର ପୂଝାରୀ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ସମ୍ପାଦକ ସେବକ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଅଜିତ ପ୍ରସାଦ କାଉନସିଲରମାନଙ୍କୁ ଉତ୍ସାହିତ କରିଥିଲେ। ବୈଷୟିକ ସେସନରେ ସୁବ୍ରତ କୁମାର ପାଣିଗ୍ରାହୀ, ଶିବପ୍ରସାଦ ମହାନ୍ତି, ରଶ୍ମିରଞ୍ଜନ ରାଉତ ଓ ବିଶ୍ୱରଞ୍ଜନ ସାହୁ ରେଡକ୍ରସର ଇତିହାସ, ପାଠ ପରିବର୍ତ୍ତନ, ରେଡକ୍ରସ୍ କାଉନସିଲରଙ୍କ ଭୂମିକା ଓ ବିପର୍ଯ୍ୟୟ ପରିଚାଳନା ବିଷୟରେ ବୁଝାଇଥିଲେ। ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କାଉନସିଲର ଡ. ଶମ୍ଭୁଶଙ୍କର ଦୀପ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସରୋଜ କୁମାର ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ ଶିବିରରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର କାଉନସିଲର ଯୋଗଦେଇ ପ୍ରଶିକ୍ଷଣ ନେଉଛନ୍ତି।

## ୩ ରାଜ୍ୟରେ ଭୂକମ୍ପ ଝଟ୍‌କା

**ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି):** ଭାରତର ତିନି ରାଜ୍ୟରେ ଶୁକ୍ରବାର ସକାଳେ ଭୂକମ୍ପ ହୋଇଛି । ନ୍ୟାସନାଲ ସେଣ୍ଟର ଫର୍ ସେସମୋଲୋଜିର ସୂଚନା ଅନୁଯାୟୀ ଶୁକ୍ରବାର ସକାଳ ୬ଟା ୫୨ରେ କର୍ଣ୍ଣାଟକର ବିଜୟପୁରାରେ ପ୍ରଥମ ଭୂକମ୍ପ ହୋଇଥିଲା । ରିଚର ସ୍କେଲରେ ଏହାର ତୀବ୍ରତା ୩.୧ ଥିଲା । ଏହା ପରେ ୮ଟା ୪୬ରେ ମେଘାଳୟର ସିଲଂରେ ୩.୮ ତୀବ୍ରତାର ଝଟ୍‌କା ଅନୁଭୂତ ହୋଇଥିଲା । ସେହିପରି ସକାଳ ୯ଟାରେ ଗୁଜରାଟର କଚ୍ଛରେ ଭୂମି ଥରି ଥିଲା । ଏହି ଭୂକମ୍ପର ତୀବ୍ରତା ୩.୯ ଥିଲା । ଏଥିରେ କୌଣସି ପ୍ରକାରର କ୍ଷୟକ୍ଷତିର ସୂଚନା ମିଳିନାହିଁ ।

## ଜୁନିୟର ମେହମୁଦଙ୍କ ପରଲୋକ



**ମୁମ୍ବଇ, ୮।୧୨ (ଏଜେନ୍ସି):** ଜୁନିୟର ମେହମୁଦ (୬୭) ଭାବେ ପରିଚିତ ବଲିଉଡ ଅଭିନେତା ନଇମ ସୈଦଙ୍କ ପରଲୋକ ହୋଇଛି । ସେ ଦୀର୍ଘ ଦିନ ହେଲା ପାକସ୍ଥଳୀ କର୍କଟରେ ପୀଡ଼ିତ ଥିଲେ । ମୁମ୍ବଇର ଟାଟା ମେମୋରିଆଲ ହସ୍ପିଟାଲରେ ତାଙ୍କ ଚିକିତ୍ସା ଚାଲିଥିଲା । ଗତ ୨ ମାସ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା । ଓଜନ ମଧ୍ୟ ବହୁତ ହ୍ରାସ୍ ପାଇଥିଲା । କର୍କଟ ତାଙ୍କ ଯକୃତ ଏବଂ ଫୁସ୍‌ଫୁସ୍‌କୁ ବ୍ୟାପି ଯାଇଥିଲା । ଜଣ୍ଡିସ ମଧ୍ୟ ହୋଇଥିଲା । ତାଙ୍କୁ ଭେଣ୍ଟିଲେଟରରେ ରଖା ଯାଇଥିଲା । ପରିଶେଷରେ ଗୁରୁବାର ବିଳମ୍ବିତ ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଜୁନିୟର ମେହମୁଦ କଟି ପତଙ୍ଗ, ମେରା ନାମ ଜୋକର, ପରବରିଶ ଏବଂ ଦୋ ଔର ଦୋ ପାଞ୍ଚ ସହିତ ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ୧୯୬୭ରେ ମୁକ୍ତିଲାଭ କରିଥିବା ନୈନିହାଲ ଚଳଚ୍ଚିତ୍ରରୁ ସେ ଶିଶୁ କଳାକାର ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ଏହା ପରେ ପ୍ରାୟ ୨୫୦ ଫିଲ୍ମରେ କାମ କରିଥିଲେ ।

## ଭିଆର୍‌ଏସ୍ ନେଇଛନ୍ତି ବିଏସ୍‌ଏଫ୍‌ର ୪,୧୨୭ ଯବାନ

**ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି):** ଚଳିତ ବର୍ଷ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ର ୪,୧୨୭ ଯବାନ ଏବଂ କେନ୍ଦ୍ରୀୟ ସଂରକ୍ଷିତ ପୁଲିସ ବାହିନୀ (ସିଆର୍‌ପିଏଫ୍)ର ୨,୫୭୨ ଯବାନ ସ୍ୱେଚ୍ଛାକୃତ ଭାବେ ଅବସର (ଭିଆରଏସ୍) ନେଇଛନ୍ତି । ସଂସଦର ଶୀତ ଅଧିବେଶନରେ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ସୂଚନା ଦେଇଛନ୍ତି । ସେ ରାଜ୍ୟସଭାରେ କହିଛନ୍ତି ଯେ ଯବାନଙ୍କ ଭିଆର୍‌ଏସ୍‌କୁ ବନ୍ଦ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି । ଏହା ପଛରେ ବ୍ୟକ୍ତିଗତ କାରଣ ରହିଛି । ଆଉ କିଛି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଏପରି ନିଷ୍ପତ୍ତି ନେଉଛନ୍ତି । ଭିଆରଏସ୍ ରୋକିବାକୁ କ୍ରମାଗତ ଭାବେ କ୍ୟାଡର ସମୀକ୍ଷା କରାଯାଉଛି । ଚାକିରି ଭିତରେ ତିନି ଥର ନିଶ୍ଚିତ ପଦୋନ୍ନତି ଦିଆଯାଉଛି । ନିର୍ଦ୍ଧାରିତ ପ୍ରକ୍ରିୟାରେ ସ୍ୱାଭାବିକରୁ କଠିନ ଅଞ୍ଚଳକୁ ବଦଳି କରାଯାଉଛି ।

## ଗାଧୁଆଘରୁ ଖସି ପଡ଼ିଲେ କେସିଆର

**ହାଇଦରାବାଦ, ୮।୧୨ (ଏଜେନ୍ସି):** ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି (ବିଆରଏସ) ମୁଖ୍ୟ କେ ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଛି । ସେ ଗୁରୁବାର ବିଳମ୍ବିତ ରାତିରେ ଇରାଭଲି ସ୍ଥିତ ନିଜ ଫାର୍ମ ହାଉସର ଗାଧୁଆ ଘରୁ ପଡ଼ି ଯାଇଛନ୍ତି । ସଙ୍ଗେ ସଙ୍ଗେ ତାଙ୍କୁ ହାଇଦରାବାଦର ଯଶୋଦା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କେସିଆରଙ୍କ ହାଡ଼ ଗଣ୍ଠିରେ ଶକ୍ତ ଆଘାତ ଲାଗିଛି ବୋଲି ଡାକ୍ତର କହିଛନ୍ତି । ଶୁକ୍ରବାର ତାଙ୍କର ଅସ୍ତ୍ରୋପଚାର କରାଯିବ । ଏହା ପୂର୍ବରୁ କେସିଆରଙ୍କ ଝିଅ କେ କବିତା କହିଥିଲେ ଯେ ବାପାଙ୍କଠାରେ ସାମାନ୍ୟ ଆଘାତ ଲାଗିଛି । ଖୁବଶୀଘ୍ର ସେ ସୁସ୍ଥ ହୋଇଯିବେ ।

## ଅଗ୍ନିକାଣ୍ଡ; ୭ ମହିଳା ଶ୍ରମିକ ମୃତ

**ପୁଣେ, ୮।୧୨ (ଏଜେନ୍ସି):** ମହାରାଷ୍ଟ୍ର ପୁଣେର ପିମ୍ପରି ଚିଞ୍ଚୱାଡରେ ଥିବା ଏକ ବାଣ କାରଖାନା (ଫାୟାର କ୍ୟାଣ୍ଡେଲ) ର ଗୋଦାମରେ ଶୁକ୍ରବାର ଦ୍ୱିପହରେ ଭୟାବହ ଅଗ୍ନିକାଣ୍ଡ ଘିଟିଛି । ଏହି ଦୁର୍ଘଟଣାରେ ୭ ଜଣ ମହିଳା ଶ୍ରମିକ ପ୍ରାଣ ହରାଇଛନ୍ତି । ୮ ଜଣ ମଧ୍ୟ ଆହତ ହୋଇଛନ୍ତି । ଚିଞ୍ଚୱାଡର ୱାଇସିଏମ ଡାକ୍ତରଖାନାରେ ଆହତଙ୍କ ଚିକିତ୍ସା ଚାଲିଛି । ଏମାନଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ । ବିନା ଲାଇସେନ୍ସରେ କାରଖାନା ଚାଲିଥିଲା ବୋଲି କୁହାଯାଉଛି । ୬ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଛି । ଏହି କାରଖାନାରେ ଜନ୍ମଦିନରେ ବ୍ୟବହୃତ ଫାୟାର କ୍ୟାଣ୍ଡେଲ ନିର୍ମାଣ କରାଯାଉଥିଲା ।

## ବିଦେଶରେ ୪୦୩ ଭାରତୀୟ ଛାତ୍ର ମୃତ





**ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି):** ଗତ ୫ ବର୍ଷରେ ୪୦୩ ଭାରତୀୟ ଛାତ୍ର ବିଦେଶରେ ପ୍ରାଣ ହରାଇଛନ୍ତି । ଏମାନଙ୍କ ମଧ୍ୟରୁ କାନାଡ଼ାରେ ସର୍ବାଧିକ ୯୧ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ବ୍ରିଟେନରେ ୪୮, ରୁଷ୍‌ରେ ୪୦, ଆମେରିକାରେ ୩୬, ଅଷ୍ଟ୍ରେଲିଆରେ ୩୫, ୟୁକ୍ରେନରେ ୨୧, ଜର୍ମାନୀରେ ୨୦, ସାଇପ୍ରସରେ ୧୪, ଇଟାଲୀରେ ୧୦ ଏବଂ ଫିଲିପାଇନ୍ସରେ ୧୦ ଜଣ ଲେଖାଏଁ ଛାତ୍ର ପ୍ରାଣ ହରାଇଛନ୍ତି । ଦୁର୍ଘଟଣା ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଏହି ଛାତ୍ରଙ୍କ ମୃତ୍ୟୁ ହୋଇଛି । ସଂସଦରେ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । କାନାଡ଼ାରେ ସର୍ବାଧିକଙ୍କ ଜୀବନ କାହିଁକି ଯାଇଛି ବୋଲି ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ଅରିନ୍ଦମ ବାଗଚୀଙ୍କୁ ପ୍ରଶ୍ନ କରାଯାଇଛି । ଏହାର ଉତ୍ତରରେ କାନାଡ଼ାକୁ ସର୍ବାଧିକ ଛାତ୍ର ମଧ୍ୟ ପଢ଼ିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି ।

## 'ହଲ୍‌ଦୀ' କାର୍ଯ୍ୟକ୍ରମରେ କାନ୍ଥ ଭୁଶୁଡ଼ି ୬ ମୃତ



**ମଉ, ୮।୧୨ (ଏଜେନ୍ସି):** ଉତ୍ତରପ୍ରଦେଶ ମଉ ଅନ୍ତର୍ଗତ ଘୋସି କୋତୱାଲୀ କ୍ଷେତ୍ରର ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ଦ୍ୱିପହରେ ବଡ଼ ଦୁର୍ଘଟଣା ଘଟିଛି । ବିବାହ ପୂର୍ବରୁ ଘରେ ଶୋକର ଲହରୀ ଖେଳି ଯାଇଛି । ଏଠାରେ ବରର 'ହଲ୍‌ଦୀ' କାର୍ଯ୍ୟକ୍ରମ ଚାଲିଥିବାବେଳେ ଘର ନିକଟରେ ନିର୍ମାଣ ହେଉଥିବା ଏକ କୋଠାର କାନ୍ଥ ଅଚାନକ ଭୁଶୁଡ଼ି ଯାଇଛି । ଏହାର ଅବଶେଷ ତଳେ ଦବି ୪ ଜଣ ମହିଳା ଏବଂ ୨ ଶିଶୁଙ୍କ ମୃତ୍ୟୁ ହୋଇଛି । ୨୦ ଜଣ ଗୁରୁତର ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ବରର ସମ୍ପର୍କୀୟ ମଧ୍ୟ ସାମିଲ ଅଛନ୍ତି । ସମସ୍ତ ଆହତଙ୍କୁ ଜିଲ୍ଲା ହସ୍ପିଟାଲ ଏବଂ ଆଜମଗଡ଼ରେ ଭର୍ତ୍ତି କରାଯାଇଛି । ଏହି ସୂଚନା ମିଳିବା ପରେ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା । ଜେସିବି ମାଧ୍ୟମରେ ଅବଶେଷ ହଟାଇ ଉଦ୍ଧାରକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି କାନ୍ଥ ୧୦ ଫୁଟ ଉଚ୍ଚ ଏବଂ ୧୫ ଫୁଟ ଲମ୍ବା ଥିଲା ।

### ଆଦିତ୍ୟ ଏଲ୍-୧ର ସଫଳତା

# ଆସିଲା ସୂର୍ଯ୍ୟଙ୍କ ପ୍ରଥମ ଫୁଲ୍-ଡିସ୍କ ଫଟୋ



**ବେଙ୍ଗାଲୁରୁ, ୮।୧୨ (ଏଜେନ୍ସି)**

ଭାରତର ପ୍ରଥମ ସୂର୍ଯ୍ୟ ଅଭିଯାନ 'ଆଦିତ୍ୟ ଏଲ୍-୧' ସୂର୍ଯ୍ୟଙ୍କ ପ୍ରଥମ ଫୁଲ୍-ଡିସ୍କ ଫଟୋଇ ଉଠାଇଛି । ଶୁକ୍ରବାର ସନ୍ଧ୍ୟାରେ ଇସ୍ରୋ ପକ୍ଷରୁ ଏହି ଫଟୋ ଜାରି କରାଯାଇଛି । ଏଲ୍-୧ର ପେଲୋଡରେ ଲାଗିଥିବା ସୋଲାର ଅଲ୍‌ଟ୍ରାଭାଓଲେଟ ଇମେଜିଂ ଟେଲିସ୍କୋପ (ଏସ୍‌ୟୁଆଇଟି) ଅଲ୍‌ଟ୍ରାଭାଓଲେଟ ୱେବଲେନ୍ଥ ନିକଟରୁ ଏହି ଫଟୋ ଉତ୍ତୋଳନ କରିଛି । ୨୦୦ରୁ-୪୦୦ ନାନୋ ୱେବଲେନ୍ଥରୁ ଏହି ନିଆଯାଇଛି । ଏହାକୁ କଏଦ କରିବା ପାଇଁ ପେଲୋଡ ୧୧ ଫିଲ୍‌ଟର ବ୍ୟବହାର କରିଛି । ଏହି ଫଟୋରେ ସନ୍ ସ୍ପଟ, ବ୍ଲାକ ସ୍ପଟ୍, ସୂର୍ଯ୍ୟଙ୍କ ଶାନ୍ତ କ୍ଷେତ୍ରର ଦୃଶ୍ୟ ଦେଖିବାକୁ ମିଳୁଛି । ଫଟୋରେ ସୂର୍ଯ୍ୟଙ୍କ ଫଟୋସ୍ଫିୟର ଏବଂ କ୍ରୋମୋସ୍ଫିୟରର ବିବରଣୀ ଦେଖାଯାଉଛି । ଏହି ଫଟୋ ବୈଜ୍ଞାନିକ ଅଧ୍ୟୟନ ପାଇଁ ସହାୟକ ହେବ । ସୂର୍ଯ୍ୟଙ୍କ ପରିବେଶ ସମ୍ପର୍କରେ ସୂଚନା ମିଳିବ । ପୃଥିବୀ ଉପରେ ସୌର ବିକିରଣର ପ୍ରଭାବ ସମ୍ପର୍କରେ ଅଧ୍ୟୟନ କରାଯାଇପାରିବ ।

ସୂଚନାଯୋଗ୍ୟ ଯେ ସୂର୍ଯ୍ୟଙ୍କ ଅଧ୍ୟୟନ ଲାଗି ସେପ୍ଟେମ୍ବର ୨ ତାରିଖରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଆଦିତ୍ୟ ଏଲ୍-୧ ଉତ୍‌କ୍ଷେପଣ କରାଯାଇଥିଲା । ଏବେ ଏହି ଅଭିଯାନ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି ବୋଲି ଇସ୍ରୋ ମୁଖ୍ୟ କହିଛନ୍ତି । ଏହା ଜାନୁଆରୀ ୭ ତାରିଖରେ ଲାଗରେଞ୍ଜ ପଏଣ୍ଟରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଏହା ପୂର୍ବରୁ ଇସ୍ରୋ ସେପ୍ଟେମ୍ବର ୭ ତାରିଖରେ ଆଦିତ୍ୟ ଏଲ୍-୧ର କ୍ୟାମେରା ନେଇଥିବା ସେଲ୍‌ଫି ଫଟୋ ଜାରି କରିଥିଲା । ଏଥିରେ ଏଲ୍-୧ ପୃଥିବୀ ଏବଂ ଚନ୍ଦ୍ର ସହ ଏହି ସେଲ୍‌ଫି ନେଇଥିଲା । ସେପ୍ଟେମ୍ବର ୪ ତାରିଖରେ ଏହି ଫଟୋ ଉତ୍ତୋଳନ କରାଯାଇଥିଲା । ଫଟୋରେ ଆଦିତ୍ୟ ଏଲ୍-୧ରେ ଲାଗିଥିବା ୨ଟି ଉପକରଣ ଭିଇଏଲ୍‌ସି ଏବଂ ଏସ୍‌ୟୁଆଇଟିକୁ ମଧ୍ୟ ଦେଖିବାକୁ ମିଳିଥିଲା ।

### ଭାଗ ନେଲେଣି ୧ କୋଟିରୁ ଅଧିକ ନାଗରିକ

## ଦେଶବାସୀଙ୍କୁ ଯୋଡୁଛି ବିକଶିତ ଭାରତ ସଂକଳ୍ପ ଯାତ୍ରା




**ନୂଆଦିଲ୍ଲୀ, ୮।୧୨(ଏଜେନ୍ସି):** ବିକଶିତ ଭାରତ ସଂକଳ୍ପ ଯାତ୍ରା ଦେଶବାସୀଙ୍କ ପାଇଁ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ବିଭିନ୍ନ ଭାଗର ଲୋକେ ପରସ୍ପର ସହ ଯୋଡ଼ି ହେଉଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଲୋକ ଏଥିରେ ଭାଗ ନେଇସାରିଥିବା ଜଣାପଡ଼ିଛି । ଗତ ନଭେମ୍ବର ମାସ ୧୫ ତାରିଖରେ ଝାଡ଼ଖଣ୍ଡର ଖୁଣ୍ଟି ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିଥିଲା ବେଳେ ଡିସେମ୍ବର ୭ ତାରିଖ ସୁଦ୍ଧା ଏହା ଦେଶର ୩୬ ହଜାର ଗ୍ରାମ ପଞ୍ଚାୟତ ପରିକ୍ରମା କରିସାରିଛି । ଏହିକ୍ରମରେ ଉତ୍ତରପ୍ରଦେଶରେ ସର୍ବାଧିକ ଭାବେ ୩୭ ଲକ୍ଷ ଲୋକ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଛନ୍ତି । ସେହିପରି ଏହାପଛକୁ ମହାରାଷ୍ଟ୍ରରେ ୧୨.୦୭ ଲକ୍ଷ,ଗୁଜରାଟରେ ୧୧.୫୮ ଲକ୍ଷ ଏବଂ ଜମ୍ମୁ-କାଶ୍ମୀରରେ ୯ ଲକ୍ଷ ଲୋକ ଯୋଡି ହୋଇଥିବା କୁହାଯାଇଛି ।

## କାନ୍ଦିବାରୁ ଶିଶୁ ଓ ମାଆକୁ ହତ୍ୟା

**ସୀତାପୁର, ୮।୧୨ (ଏଜେନ୍ସି):** ଉତ୍ତରପ୍ରଦେଶ ସୀତାପୁରର ଦେବରିଆ ଗ୍ରାମରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି । ଶୁକ୍ରବାର ସକାଳେ ଜଣେ ବ୍ୟକ୍ତି ନିଜ ନାତି (୨ ବର୍ଷ) କୁ ହତ୍ୟା କରିଦେଇଛି । ନାତି କାନ୍ଦିବାରୁ ଏଭଳି ଜଘନ୍ୟ କାଣ୍ଡ ଘଟାଇଛି । ଶିଶୁକୁ ରକ୍ଷା କରିବାକୁ ଆସିଥିବା ମାଆକୁ ମଧ୍ୟ ମାରି ଦେଇଛି । ପରେ ହତ୍ୟାକାରୀ ଘରୁ ଏକ ବାଡ଼ି ଧରି ବାହାରକୁ ବାହାରି ହଙ୍ଗାମା କରିଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଛାତକୁ ଚଢ଼ି ଯାଇଥିଲା । ପୁଲିସ ଉପରେ ଆକ୍ରମଣ ମଧ୍ୟ କରିଥିଲା । ୨୫-୩୦ ମିନିଟ ପରେ ପୁଲିସ ତାକୁ ଗିରଫ କରିଥିଲା । ହତ୍ୟାକାରୀର ମାନସିକ ସ୍ଥିତି ଠିକ୍ ନ ଥିବା କୁହାଯାଉଛି । ମୃତ ଶିଖାଙ୍କ ସ୍ୱାମୀ ପଞ୍ଜାବରେ ରହୁଛନ୍ତି ।

### ମିଜୋରାମରେ କ୍ଷମତାରେ ୪ ବର୍ଷ ପୁରୁଣା ଦଳ

# ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଲାଲଦୁହୋମା

**ଆଇଜୋଲ, ୮।୧୨ (ଏଜେନ୍ସି)**

ମିଜୋରାମ ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ଜୋରମ ପିପୁଲ୍ସ ପାର୍ଟି (ଜେଡ୍‌ପିଏମ) ଇତିହାସ ସୃଷ୍ଟି କରିଛି । ଏହି ଦଳର ନେତା ତଥା ପୂର୍ବତନ ଆଇପିଏସ ଅଧିକାରୀ ଲାଲଦୁହୋମା ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଶୁକ୍ରବାର ସକାଳ ୧୧ଟାରେ ଆଇଜୋଲ ରାଜଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ହରି ବାବୁ କମ୍ଭମପତି ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇଛନ୍ତି । ଅନ୍ୟ ଦୁଇ ନେତା ସପଦଙ୍ଗା ଏବଂ ବନଲାଲହଲାନା କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଲାଲଦୁହୋମାଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶ ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।



**ଇନ୍ଦିରାଗାନ୍ଧୀଙ୍କ ସୁରକ୍ଷା ଦାୟିତ୍ୱରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଯାତ୍ରା**

**ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ, ମୁଖ୍ୟମନ୍ତ୍ରୀ ନବୀନ**

ଲାଲଦୁହୋମା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସୁରକ୍ଷା ଦାୟିତ୍ୱରୁ ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ଯାତ୍ରା କରିଛନ୍ତି । ସେ ୧୯୮୪ରେ କଂଗ୍ରେସ ଟିକଟରୁ ସଂସଦକୁ ମଧ୍ୟ ନିର୍ବାଚିତ ହୋଇଥିଲେ । ସେ ୧୯୮୮ରେ ପ୍ରଥମ ଲୋକସଭା ସାଂସଦ ଭାବେ ଦଳବଦଳ ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ । ପରେ ୨୦୧୮ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଇଜୋଲ ପଶ୍ଚିମ-୧ରୁ ସାଂସଦ ନିର୍ବାଚିତ ହୋଇଥିଲେ । ଚଳିତ ବିଧାନସଭା ନିର୍ବାଚନରେ ଲାଲଦୁହୋମାଙ୍କ ଦଳ ୨୭ ଆସନ, ମିଜୋ ନ୍ୟାସନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ୧୦, ବିଜେପି ୨ ଏବଂ କଂଗ୍ରେସ ଗୋଟିଏ ଆସନ ଜିତିଛି । ପ୍ରଥମେ ଜେଡ୍‌ପିଏମ୍ ୬ଟି ଆଞ୍ଚଳିକ ଦଳ ସହ ମେଣ୍ଟ କରିଥିଲା । ୨୦୧୮ରେ ଏହି ମେଣ୍ଟ ମାତ୍ର ୮ଟି ଆସନରେ ବିଜୟୀ ହୋଇଥିଲା । ପରେ ୨୦୧୯ରେ ୫ଟି ଦଳକୁ ଏକାଠି କରି ଜେଡ୍‌ପିଏମ ଗଠନ ହୋଇଥିଲା । ଲାଲଦୁହୋମା ପୂର୍ବରୁ ଗୋଆ କ୍ୟାଡରର ଆଇପିଏସ ଥିଲେ । ନିଶା ବ୍ୟବସାୟୀ ତାଙ୍କ ନା ଶୁଣିଲେ ଥରହର ହେଉଥିଲେ । ସେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଚାକିରି ଛାଡ଼ି ନିର୍ବାଚନ ଲଢ଼ି ଥିଲେ । ଲାଲଦୁହୋମା ଅନୁଶାସନକୁ ପ୍ରାଧାନ୍ୟ ଦେଉଥିଲେ ।

### 'ଇଣ୍ଡିଆ' ମେଣ୍ଟ ଗୋଡ଼ ତଳକୁ ତଳକୁ

# ପ୍ରଧାନମନ୍ତ୍ରୀ ପ୍ରାର୍ଥୀକୁ ନେଇ ଟଣାଓଟରା ଆରମ୍ଭ

**ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି)**

୨୦୨୪ ନିର୍ବାଚନରେ ବିଜେପିକୁ କେନ୍ଦ୍ରରୁ ବିଦା କରିବା ଲକ୍ଷ୍ୟରେ ଗଠନ ହୋଇଥିଲା 'ଇଣ୍ଡିଆ' ମେଣ୍ଟ । ଯେକୌଣସି ପ୍ରକାରେ ମୋଦୀ ସରକାରକୁ କ୍ଷମତାଚ୍ୟୁତ କରିବାକୁ ପଣ କରି କଂଗ୍ରେସ ନେତୃତ୍ୱରେ ୨୧ରୁ ଅଧିକ ଦଳ ଏକାଠି ହୋଇଥିଲେ । ମେଣ୍ଟ ଗଠନ ପରେ ପାଟନା ଠାରୁ ଆରମ୍ଭ କରି ବେଙ୍ଗାଲୁରୁ, ମୁମ୍ବାଇ ଏବଂ ଦିଲ୍ଲୀ ପର୍ଯ୍ୟନ୍ତ ମେଣ୍ଟ ନେତାମାନେ ଘନ ଘନ ବୈଠକ କରି ରଣନୀତି ମଧ୍ୟ ପ୍ରସ୍ତୁତ କରିଥିଲେ ।

୨୦୨୪ ପୂର୍ବରୁ ୫ ରାଜ୍ୟର ବିଧାନସଭା ନିର୍ବାଚନରେ ମେଣ୍ଟ ସମନ୍ୱୟ ରକ୍ଷା କରି ନିର୍ବାଚନ ଲଢ଼ିବ ବୋଲି ମଧ୍ୟ ମୁମ୍ବାଇ ବୈଠକରେ ନିଷ୍ପତ୍ତି ହୋଇଥିଲା । ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମିଜୋରାମ ବ୍ୟତୀତ ମଧ୍ୟପ୍ରଦେଶ, ରାଜସ୍ଥାନ,ଛତିଶଗଡ଼ ଏବଂ ତେଲଙ୍ଗାନା ଭଳି ୪ ପ୍ରମୁଖ ରାଜ୍ୟର ନିର୍ବାଚନ ଫଳାଫଳ ୨୦୨୪ ଲୋକସଭା ନିର୍ବାଚନ ପାଇଁ ସେମି ଫାଇନାଲ ହେବ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଆରମ୍ଭ ହେବା ପରେ ଏହାକୁ ଇଣ୍ଡିଆ ମେଣ୍ଟ ଗୁରୁତ୍ୱ ଦେଇ ନିଜର କର୍ତ୍ତୃତ୍ୱ ଦେଖାଇବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟ ନିର୍ବାଚନ ଯେତିକି ନିକଟତର ହୋଇଥିଲା ମେଣ୍ଟ ସଦସ୍ୟଙ୍କ ମଧ୍ୟରେ ସେତିକି ଦୂରତା ଆରମ୍ଭ ହୋଇଥିଲା । ହେଲେ ୫ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏବେ ଯେଉଁଭଳି ସ୍ଥିତି ଉପୁଜିଛି ତଦ୍ୱାରା ଏହି ମେଣ୍ଟର ଭବିଷ୍ୟତ ଯେ ଅନ୍ଧକାରମୟ; ତାହା ସବୁ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଇଣ୍ଡିଆ ମେଣ୍ଟ ବିଜେପି ବିପକ୍ଷରେ ଲଢେଇ

**ମେଣ୍ଟ ଭିତରେ କଂଗ୍ରେସ ଏବେ ଅଲୋଡ଼ା !**

କରିବା ତ' ଦୂରର କଥା, ନିଜ ମଧ୍ୟରେ ମେଣ୍ଟ ସଦସ୍ୟମାନେ ଲଢେଇ ଆରମ୍ଭ କରିଦେଇଛନ୍ତି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ଇଣ୍ଡିଆ ମେଣ୍ଟର ମୁଖିଆ ଭାବେ କଂଗ୍ରେସ ନିକଟରେ ଶେଷ ହୋଇଥିବା ୫ ରାଜ୍ୟର ନିର୍ବାଚନରେ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ବିଜୟୀ ହେବ ବୋଲି ନିଶ୍ଚିତ ହୋଇଯାଇଥିଲା । ମଧ୍ୟ ଭାରତର ଏହି ତିନି ମୁଖ୍ୟ ହିନ୍ଦୀ ଭାଷୀ ରାଜ୍ୟରେ ବିଜୟୀ ହେଲେ କଂଗ୍ରେସ ଇଣ୍ଡିଆ ମେଣ୍ଟରେ ନିଜର ଦବଦବା ଜାହିର କରିବ ବୋଲି ଭାବି ନେଇଥିଲା । କିନ୍ତୁ ନିର୍ବାଚନ ଫଳାଫଳ ଯାହା ଆସିଲା ତାହାକୁ ଦେଖି କଂଗ୍ରେସ ତ' ବେହୋସ୍ ହୋଇଗଲା । ହେଲେ ମେଣ୍ଟରେ ସାମିଲ ହୋଇଥିବା ଅନ୍ୟ ଦଳମାନଙ୍କ ନିକଟରେ ମଧ୍ୟରେ ଅଲୋଡ଼ା ହୋଇଯିବା ଘଟଣା ଇଣ୍ଡିଆ ମେଣ୍ଟର ସାମର୍ଥ୍ୟ ଏବଂ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉତ୍‌ଥାପନ କରିଛି । ତିନି ତିନି ରାଜ୍ୟରେ ଶୋଚନୀୟ ପରାଜୟ ବରଣ କରିବା ପରେ ରକ୍ତ ଚାଉଳ ଚୋବାଉଥିବା କଂଗ୍ରେସ ତୁରନ୍ତ ମେଣ୍ଟ ବୈଠକ ଆହୂତ କରିଥିଲା । ବିଧାନସଭା ନିର୍ବାଚନ ଫଳାଫଳ ଡିସେମ୍ବର ୩ ତାରିଖରେ ପ୍ରକାଶ ପାଇଥିଲା ବେଳେ ୬ ତାରିଖରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଦିଲ୍ଲୀରେ ସମସ୍ତଙ୍କୁ ଏକାଠି ହେବାକୁ କହିଲେ । କିନ୍ତୁ ମେଣ୍ଟରେ ସାମିଲ ଥିବା ପ୍ରମୁଖ ଦଳଙ୍କ ନିକଟରୁ ଯେଉଁ ଉତ୍ତର ଆସିଲା ତାହା ଇଣ୍ଡିଆ ମେଣ୍ଟର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଟିଏମସି ସୁପ୍ରିମୋ ମମତା ବାନାର୍ଜୀ,ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଦି ନିଜର ଅସୁସ୍ଥତା କିମ୍ବା କର୍ମବହୁଳତାର କାରଣ ଦେଇ ୬ ତାରିଖରେ ବୈଠକରେ ଯୋଗ ଦେଇପାରିବେ ନାହିଁ ବୋଲି କହିଥିଲେ ।




ସେହିପରି ଆପ୍ ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଏନସିପି ନେତା ଶରଦ ପାୱାର ମଧ୍ୟ ଏହି ବୈଠକରେ ଯୋଗ ଦେବା ନେଇ କିଛି ବି ସ୍ପଷ୍ଟ କଲେ ନାହିଁ । କେବଳ ବୈଠକରେ ଯୋଗ ଦେବାର କଥା ନୁହେଁ, ମମତା ଏବଂ ଅଖିଳେଶଙ୍କ ଭଳି କିଛି ନେତା ଏହି ବୈଠକକୁ ନେଇ ନକରାତ୍ମକ ମନ୍ତବ୍ୟ ଦେବାକୁ ମଧ୍ୟ ପଛାଇଲେ ନାହିଁ । ୬ ତାରିଖରେ ଦିଲ୍ଲୀରେ ବୈଠକ ହେଉଥିବା କଥା ମମତା ଜାଣନ୍ତି ନାହିଁ ବୋଲି କହିଥିଲା ବେଳେ ପୂର୍ବରୁ କଂଗ୍ରେସକୁ ଠକ ଦଳ ବୋଲି କହିଥିବା ଅଖିଳେଶ ମଧ୍ୟ ଭିନ୍ନ ମନ୍ତବ୍ୟ ଦେବାକୁ ପଛାଇ ନଥିଲେ । ଏତିକିରେ ମଧ୍ୟ କଥା ଶେଷ ହୋଇ ନଥିଲା । ୨୦୨୪ ନିର୍ବାଚନରେ ସବୁ ଦଳ ମଧ୍ୟରେ ଆସନ ବୁଝାମଣା ଏକ ମୁଖ୍ୟ ପ୍ରସଙ୍ଗ ହୋଇ ରହିଥିଲା ବେଳେ ମମତା ଏବଂ ଅଖିଳେଶଙ୍କ ଠାରୁ ଆରମ୍ଭ କରି ନୀତୀଶଙ୍କ ଯାଏଁ ଏବେ ଯେଉଁଭଳି ଟିପ୍ପଣୀ ଦେଇଛନ୍ତି ତାହାକୁ ନେଇ ମଧ୍ୟ ଇଣ୍ଡିଆ ମେଣ୍ଟର ଭବିଷ୍ୟତ ପାଇଁ ପ୍ରଶ୍ନ ଉଠିଛି । ପଶ୍ଚିମବଙ୍ଗରେ ଟିଏମସି କଂଗ୍ରେସକୁ ଏବଂ ବାମଦଳଙ୍କୁ ଗୋଟିଏ ଲେଖାଏଁ ଆସନ ଛାଡିପାରିବେ ବୋଲି କହିଥିଲା ବେଳେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ସବୁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଅଖିଳେଶ କହିଥିଲେ । ଏହିକ୍ରମରେ ଇଣ୍ଡିଆ ମେଣ୍ଟର ମୁଖ୍ୟ ପୁରୋଧା ନୀତୀଶ ମଧ୍ୟ ପଛରେ ପଡ଼ି ନଥିଲେ । ୨୦୨୪ ନିର୍ବାଚନରେ ବିହାରରେ ୫୦ ପ୍ରତିଶତ ହାରରେ ଉଭୟ ଜେଡିୟୁ ଏବଂ ଲାଲୁଙ୍କ ଆରଜେଡି ଲଢିବ ବୋଲି ମଧ୍ୟ କିଛି ଦିନ ତଳେ ନୀତୀଶ ଘୋଷଣା କରିଥିଲେ । ଏହି ଦୁଇ ପ୍ରମୁଖ ଦଳ ପରେ ଆପ୍ ଏବଂ ଡିଏମକେ ସହ ଏନସିପି ମଧ୍ୟ ସମାନ ରାସ୍ତାରେ ନ ଯିବ ବୋଲି କିଏ କହିବ? ଯଦି ମେଣ୍ଟ ଭିତରେ ଆସନ ବୁଝାମଣା ନ ହୁଏ ତେବେ ବିଜେପି ବିରୋଧରେ ଏହି ବିରୋଧୀ ଦଳ କିଭଳି ଏକାଠି ଲଢିବେ ବୋଲି ପ୍ରଶ୍ନ ଉଠିଛି ।

କେବଳ ସେତିକି ନୁହେଁ, ଏବେ ଆଉ ଯେଉଁ ପ୍ରସଙ୍ଗ ମୁଣ୍ଡ ଟେକିଛି ତଦ୍ୱାରା ୨୦୨୪ ନିର୍ବାଚନ ବେଳକୁ ମେଣ୍ଟର ସ୍ଥିତି ଯେ ତଳକୁ ହୋଇସାରିଥିବା ତାହା ସନ୍ଦେହ ଆଣିଛି । ପୂର୍ବରୁ ମେଣ୍ଟ ମୁଖିଆ ଭାବେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ହିଁ ପ୍ରଧାନମନ୍ତ୍ରୀ ଭାବେ ସବୁ ଦଳ ଆକଳନ କରିଥିଲେ । ଯଦିଓ ଔପଚାରିକ ଭାବେ ଏନେଇ ଘୋଷଣା କରାଯାଇ ନାହିଁ ତେବେ ତାହାହିଁ ଆପେକ୍ଷିକ ଭାବେ ଧରି ନିଆଯାଇଥିଲା । କିନ୍ତୁ ୫ ରାଜ୍ୟର ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଏବେ ରାହୁଲ ମଧ୍ୟ ଅନ୍ୟମାନଙ୍କ ମାନସପଟରୁ ବାହାରିଯାଇଛନ୍ତି । ସେଥିପାଇଁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇଁ ନୀତୀଶ କୁମାର ଏବଂ ମମତା ମଧ୍ୟ ଦାବି କରିବା ଆରମ୍ଭ କରିଦେଇଛନ୍ତି । ତେଣୁ ଏଭଳି ସ୍ଥିତିରେ ୨୦୨୪ରେ ଇଣ୍ଡିଆ ମେଣ୍ଟର ଗତି କ'ଣ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି ।

ଆମ ଅନ୍ତରାତ୍ମାରେ ପ୍ରଜ୍ଞାର ପ୍ରଦୀପକୁ ଯିଏ ପ୍ରଜ୍ୱଳିତ କରନ୍ତି ସେ ହିଁ ପ୍ରକୃତ ଗୁରୁ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

## ସାଂସଦ ମହୁଆ ମୈତ୍ରଙ୍କ ସଦାଚାର ପ୍ରସଙ୍ଗ

# ସଂସଦ ଓ ସାଂସଦଙ୍କ ଗରିମା ସର୍ବୋପରି

ଯାହା ଅନୁମାନ କରାଯାଉଥିଲା ଶେଷରେ ତାହା ହିଁ ହେଲା। ଜଣେ ବ୍ୟବସାୟୀଙ୍କଠାରୁ ଅନୁଚିତ ଉପହାର ଓ ଅନୁଗ୍ରହ ପାଇ ସଂସଦରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରଶ୍ନ ପଚାରିବା ଅଭିଯୋଗରେ ସଂସଦୀୟ ସଦାଚାର (ନୀତି) କମିଟି ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ତୃଣମୂଳ କଂଗ୍ରେସ ଲୋକସଭା ସଦସ୍ୟା ମହୁଆ ମୈତ୍ରଙ୍କୁ ଶୁକ୍ରବାର ବାଚନିକ ଭୋଟ୍‌ରେ ଲୋକସଭା ସଭ୍ୟ ପଦରୁ ହଟାଇ ଦିଆଯାଇଛି। ଏହାକୁ ସୁଶ୍ରୀ ମୈତ୍ର ନିନ୍ଦା କରିବା ସହ ଏହା ଶାସକଦଳ ଓ ସରକାରର ଷଡ଼ଯନ୍ତ୍ରର ପରିଣାମ ବୋଲି କହିଛନ୍ତି। ବହୁମତରେ ଶକ୍ତି ପ୍ରଦର୍ଶନ କରାଯାଇ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ସଭ୍ୟପଦରୁ ହଟାଇ ଦିଆଯାଇଥିବା ଏବଂ ତାଙ୍କୁ ସଂସଦରେ ନିଜ ସପକ୍ଷରେ ସ୍ପଷ୍ଟୀକରଣ ଦେବାକୁ ସୁଯୋଗ ଦିଆଯାଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେ ମଧ୍ୟ ସଦାଚାର କମିଟିକୁ ଏକ 'କଙ୍ଗାରୁ କୋର୍ଟ' ସହ ତୁଳନା କରି ଏହାର କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଛନ୍ତି। ମହୁଆଙ୍କ ବିରୋଧରେ ସଂସଦରେ ଭୋଟ୍ ନିଆଯିବାବେଳେ ବିରୋଧୀ ପକ୍ଷ ଏହାର କକ୍ଷ ତ୍ୟାଗ କରିଥିଲା।

ଏହି ଘଟଣାର ବିଭିନ୍ନ ଦିଗ ଉପରେ ବିଶେଷଜ୍ଞ ଓ ସମାଲୋଚକ ମତ ଦେବା ସ୍ୱାଭାବିକ। ପ୍ରଥମତଃ, ଏକ ଆଞ୍ଚଳିକ ଦଳର ଜଣେ ମହିଳା ସାଂସଦଙ୍କୁ ଉପହାର ଗ୍ରହଣ ବିନିମୟରେ ସଂସଦରେ ପ୍ରଶ୍ନ କରିବା ଅଭିଯୋଗରେ ବରଖାସ୍ତ କରାଯାଇଛି ଏବଂ ତାଙ୍କୁ ପକ୍ଷ ରଖିବାକୁ ଉପଯୁକ୍ତ ସୁଯୋଗ ଦିଆଯାଇନାହିଁ। ମହୁଆ ନିଜେ କହିଛନ୍ତି ଯେ ତାଙ୍କ ବିରୋଧରେ ଲାଞ୍ଚ ଗ୍ରହଣ ଅଭିଯୋଗ ପ୍ରମାଣିତ ହୋଇନାହିଁ। ଅଭିଯୋଗ କରିଥିବା ବ୍ୟବସାୟୀଙ୍କୁ ମଧ୍ୟ ସଦାଚାର କମିଟି ଡାକି ଜେରା କରିନାହିଁ; ବରଂ ତାଙ୍କ ସତ୍ୟପାଠ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଦାନୀ ଶିଳ୍ପଗୋଷ୍ଠୀ ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କ ଘେନି ସେ ସଂସଦରେ ପ୍ରଶ୍ନ ପଚାରିବାରୁ ତାଙ୍କୁ ଚୁପ୍ କରିବାକୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଉଦ୍ଦେଶ୍ୟମୂଳକ ଭାବେ ଗ୍ରହଣ କରାଯାଇଛି। ସଦାଚାର କମିଟିରେ ଶାସକଦଳର ଅଧ୍ୟକ୍ଷଙ୍କ ସହିତ ସଂଖ୍ୟାଧିକ ସଦସ୍ୟ ଶାସକମେଣ୍ଟର। ଏଥିରେ ବିରୋଧୀ ଦଳର ସଦସ୍ୟଙ୍କ ସଂଖ୍ୟା ମାତ୍ର ୨। ତେଣୁ ମହୁଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ ହୋଇଛି। ସେ ଆହୁରି ମଧ୍ୟ ଆପତ୍ତି ଉଠାଇଛନ୍ତି ଯେ ସଦାଚାର କମିଟିର କାମ ହେଲା ଅଭିଯୁକ୍ତ ସାଂସଦ ପ୍ରକୃତରେ ଦୋଷୀ କି ନିର୍ଦ୍ଦୋଷ ତାହା ନିର୍ଦ୍ଧାରଣ କରିବା। ତାଙ୍କୁ ଗୃହର ସଦସ୍ୟ ପଦରୁ ବହିଷ୍କାର କରାଯିବ କି ନାହିଁ, ତାହା ସୁପାରିସ କରିବାର ଅଧିକାର ସଦାଚାର କମିଟିର ନାହିଁ। ଏ ଅଧିକାର ସମ୍ପୃକ୍ତ ସଦନର। ଏ କ୍ଷେତ୍ରରେ କିନ୍ତୁ ତାଙ୍କୁ ସଭ୍ୟପଦରୁ ବରଖାସ୍ତ କରିବାକୁ କମିଟି ସୁପାରିସ କରିଥିଲା।

ମହୁଆ ଜଣେ ମହିଳା ଏବଂ ସେ ବିରୋଧୀ ପକ୍ଷର। ଜଣେ ମହିଳା ସାଂସଦଙ୍କୁ ଯେଭଳି ଭାବେ ଗୃହର ସଦସ୍ୟ ପଦରୁ ବହିଷ୍କାର କରାଗଲା ତାହାକୁ ଅନେକ ମାତ୍ରାଧିକ ଦଣ୍ଡ ଭାବେ ବିବେଚନା କରୁଛନ୍ତି। କେତେକ ପର୍ଯ୍ୟବେକ୍ଷକଙ୍କ ମତରେ ଶାସକଦଳ ଓ ବାଚସ୍ପତି ଯଦି ଏ କ୍ଷେତ୍ରରେ ସାମାନ୍ୟ ଉଦାରତା ଦେଖାଇଥା'ନ୍ତେ ଓ ଅନ୍ତିମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥା'ନ୍ତେ, ତା'ହେଲେ ସରକାର, ଶାସକଦଳ ଓ ସଂସଦର ଗରିମା ବରଂ ବଢ଼ିଥା'ନ୍ତା। ମହୁଆ ମୈତ୍ରଙ୍କ ଅଭିଯୋଗ ଯେ ବିଜେପି ସାଂସଦ ବିଧୁରି ଏସ୍‌ପି ସାଂସଦ ଡାନିସ୍ ଅଲ୍ଲିଙ୍କୁ ଯେଉଁ ଭାଷାରେ ଗାଳି ଦେଇଥିଲେ ତାହା ଅତ୍ୟନ୍ତ ଆପତ୍ତିଜନକ ହୋଇଥିଲେ ମଧ୍ୟ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବୋଧହୁଏ ସେ ଶାସକ ଦଳର ହୋଇଥିବାରୁ ତାଙ୍କୁ ଦଣ୍ଡିତ କରାଯାଇନାହିଁ। ତେବେ ସେ ଯା'ହେଉ ସଂସଦର ସ୍ୱାଧୀକାର କେଉଁଠି ଆରମ୍ଭ ହୋଇ କେଉଁଠି ସରେ ତାହା ଜାଣିବା ମୁସ୍କିଲ। ତଥାପି ମାନ୍ୟବର ସାଂସଦମାନଙ୍କ ପାଇଁ ଏକ ସଦାଚାର ନୀତି ଓ ଏହାର ବିଚାର କରିବାକୁ ଏକ କମିଟି ରହିଛି। ବାଚସ୍ପତିଙ୍କ କ୍ଷମତା ଓ ଅଧିକାର ମଧ୍ୟ ଅନେକ ସମୟରେ ପ୍ରଶ୍ନାତୀତ। ତେଣୁ ସରକାରୀ ଦଳ ବହୁମତ ବଳରେ ବିରୋଧୀମାନଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇପାରେ। କିନ୍ତୁ ସଂସଦୀୟ ନିୟମ ଓ ଅନୁଶାସନ ସୀମା ଭିତରେ ରହିବା ବାଧ୍ୟତାମୂଳକ।

ମହୁଆଙ୍କ କ୍ଷେତ୍ରରେ ଯାହା ଘଟିଲା ତାହା ଆମ ସଂସଦୀୟ ଇତିହାସରେ ପ୍ରଥମ ଘଟଣା ନୁହେଁ। ୨୦୦୫ରେ କଂଗ୍ରେସ ଶାସନ କାଳରେ କୋବ୍ରା ଦୁର୍ନୀତି ସମ୍ପର୍କରେ ଗୃହରେ ପ୍ରଶ୍ନ ପଚାରି ଏବଂ ଏଥିପାଇଁ ପ୍ରାୟୋଜିତ ପକ୍ଷଙ୍କଠାରୁ ଅର୍ଥନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଲୋକସଭାର ୧୦ ଏବଂ ରାଜ୍ୟସଭାର ଜଣେ ସାଂସଦ ଅନୁରୂପ ଢଙ୍ଗରେ ବହିଷ୍କୃତ ହୋଇଥିଲେ। ସେଥିରେ ବିଜେପିର ୬ଜଣ ସାଂସଦ ଥିଲେ। ସେତେବେଳେ ବିରୋଧୀଦଳ ନେତା ଲାଲକୃଷ୍ଣ ଆଡଭାନୀ ମଧ୍ୟ ସଦାଚାର କମିଟିକୁ 'କଙ୍ଗାରୁ କୋର୍ଟ' ବୋଲି କହିଥିଲେ। ତେବେ ସେ ବହିଷ୍କୃତ ସଦସ୍ୟମାନଙ୍କ ଆଚରଣକୁ ସେତେବେଳେ ନିନ୍ଦା କରିବା ସହ ସାଂସଦମାନେ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ନ ହେବାକୁ ପରାମର୍ଶ ଦେଇଥିଲେ। ଇତିହାସର ପୁନରାବୃତ୍ତି ୧୮ ବର୍ଷ ପରେ ଘଟିଛି। ଉଭୟ ଘଟଣାରେ ପ୍ରଧାନମନ୍ତ୍ରୀ ବିରୋଧୀଙ୍କ ଟାର୍ଗେଟରେ ଥିଲେ। ମହୁଆ ନିର୍ଦ୍ଦୋଷ ହୋଇପାରନ୍ତି; କିନ୍ତୁ ତାଙ୍କର ବାରମ୍ବାର ବିଦେଶ ଯାତ୍ରା, ବିଦେଶରେ ରହୁଥିବା ଜଣେ ବ୍ୟବସାୟୀଙ୍କ ସହିତ ସମ୍ପର୍କ, ତାଙ୍କ ଆତିଥ୍ୟ ଗ୍ରହଣ, ତାଙ୍କର ସଂସଦୀୟ ପୋର୍ଟାଲକୁ ସେହି ବ୍ୟବସାୟୀ ବ୍ୟବହାର କରିବା ଆଦି ଘଟଣାର ସେ ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି; ବରଂ ପରୋକ୍ଷରେ ଏହିଭଳି କେତେକ ଲାଭ ଏହି ପ୍ରସଙ୍ଗରେ ପାଇଛନ୍ତି ବୋଲି ପୂର୍ବରୁ ଗଣମାଧ୍ୟମରେ ବିବୃତି ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆଣିବାବେଳେ ପ୍ରଥମେ ନିଜକୁ ସ୍ୱଚ୍ଛ ଓ ସନ୍ଦେହମୁକ୍ତ ରଖିବାକୁ ପଡ଼ିବ। ତା'ନହେଲେ ଏହା ବୁମେରାଂ ହୋଇ ଅଭିଯୋଗକାରୀ ରାଜନୈତିକ ପ୍ରତିହିଂସା ଓ ପ୍ରତିଶୋଧର ସମ୍ମୁଖୀନ ହେବା ଏକ ସାଧାରଣ କଥା।

ମହୁଆଙ୍କ ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହେଲା ଯେ ଗଣତନ୍ତ୍ରରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଗୁରୁତର ଦୁର୍ନୀତି ପ୍ରସଙ୍ଗ ସଂସଦରେ ଉତ୍ଥାପନ କରିବା ବିପଜ୍ଜନକ ଓ ପାଲଟା କାର୍ଯ୍ୟାନୁଷ୍ଠାନର ଆଶଙ୍କା ଥାଏ ଯଦି ଅଭିଯୋଗକାରୀ ସାଂସଦ ନିଜେ ଆଇନ ଓ ନୀତି ନିୟମ ଭିତରେ ରହି ଏଭଳି ପ୍ରଶ୍ନ ଉଠାଇବେ। ବଡ଼ବଡ଼ିଆଙ୍କ ବିରୁଦ୍ଧରେ ପ୍ରଶ୍ନ ଉଠାଇବା ସାଂସଦଙ୍କ ମୌଳିକ ଅଧିକାର ହେଲେ ମଧ୍ୟ ଚାଲୁଣି ହୋଇ ଛୁଞ୍ଚିକୁ ଦୋଷାରୋପ କରିବା ମହଙ୍ଗା ସାବ୍ୟସ୍ତ ହୋଇପାରେ। ତେଣୁ ନୀତିନିଷ୍ଠ ଥିବା ଏବଂ କୌଣସି ସନ୍ଦିଗ୍ଧ କାର୍ଯ୍ୟରେ ଲିପ୍ତ ନଥିବା ସଦସ୍ୟ ହିଁ ତଥ୍ୟ ପ୍ରମାଣ ସହ ପ୍ରଶ୍ନ ଉତ୍ଥାପନ କରିବା ଆବଶ୍ୟକ। କାହା ବୁଦ୍ଧିରେ ପଡ଼ି କାହାଠାରୁ ଅନୁଗ୍ରହ ଓ ଆର୍ଥିକ ଲାଭ ପାଇ ପ୍ରଶ୍ନ ପଚାରିବା ଅର୍ଥ ନିଜେ କାଚଘର ମଧ୍ୟରେ ରହି ଅନ୍ୟକୁ ପଥର ମାରିବା ସଦୃଶ। ଆମର ମତ ହେଲା ଆମ ସଂସଦରେ ଗଣତାନ୍ତ୍ରିକ ଉଦାରତା ଓ ଶାଳୀନତା ଆହୁରି ଭଲ ହେବା ଉଚିତ। ଉଦ୍ଦେଶ୍ୟମୂଳକ ଆରୋପ ଓ ଉଦ୍ଦେଶ୍ୟମୂଳକ ପାଲଟା କାର୍ଯ୍ୟାନୁଷ୍ଠାନ ଏଥିରେ ଯେତେ କମ୍ ହେବ ସେତେ ଭଲ। ଏହି ଘଟଣାରେ କେଉଁପକ୍ଷର ବିଜୟ ଓ କାହାର ପରାଜୟ ବାସ୍ତବରେ ହେଲା, ତାହା ବଡ଼ କଥା ନୁହେଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସଂସଦୀୟ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ନୀତି, ନିୟମ, ସଦାଚାର ଓ ସାମ୍ବିଧାନିକ ନୈତିକତା ସର୍ବୋପରି ବୋଲି ପ୍ରମାଣିତ ହେଲା।

# ଶିକ୍ଷାରେ ଦୀକ୍ଷାର ମହତ୍ତ୍ୱ



ଡ. ଶାନ୍ତନୁ କୁମାର ରଥ
ଭୁବନେଶ୍ୱର, ମୋ: ୯୪୩୭୨୨୮୭୭୩

ବେଦର ଏକ ଅଙ୍ଗ ଭାବରେ ଶିକ୍ଷାକୁ ଗ୍ରହଣ କରାଯାଇଛି। ବେଦ ଅଧ୍ୟୟନ ପାଇଁ ଯେଉଁ ଛଅଟି ଅଙ୍ଗର ପ୍ରଣୟନ କରାଯାଇଛି, ତା'କୁ ବେଦାଙ୍ଗ କୁହାଯାଏ। ତା' ଭିତରୁ ଶିକ୍ଷା ଗୋଟିଏ। ବେଦ ଅଧ୍ୟୟନ ପାଇଁ ଏହି ଶିକ୍ଷା ଏକାନ୍ତ ଆବଶ୍ୟକ। କିନ୍ତୁ କାଳକ୍ରମେ ସାଂସାରିକ ବ୍ୟାବହାରିକ ଜ୍ଞାନ ବା ଦକ୍ଷତା ଆହରଣକୁ ଶିକ୍ଷା ଭାବରେ ଗ୍ରହଣ କରାଗଲା। ଗୁରୁକୁଳରେ ଗୁରୁମାନେ ବେଦ ଶିକ୍ଷା ସହ ଅନ୍ୟାନ୍ୟ ଶିକ୍ଷା ଦେବା ଆରମ୍ଭ କଲେ, ଯାହା ସାମାଜିକ ଦୃଷ୍ଟିରୁ ଆବଶ୍ୟକ ଥିଲା। ଏହିଭଳି ଭାବରେ ଗୁରୁକୁଳମାନଙ୍କରେ ବୈଦିକ ଶିକ୍ଷା ଶିଷ୍ୟମାନଙ୍କୁ ଆତ୍ମଜ୍ଞାନ ହାସଲ ଦିଗରେ ଉନ୍ମୁଖ କଲାବେଳେ ବ୍ୟାବହାରିକ ଶିକ୍ଷା ସେମାନଙ୍କୁ ସାଂସାରିକ ଦୃଷ୍ଟିରୁ ସମର୍ଥ କରୁଥିଲା। ଗୁରୁକୁଳରେ ଶିକ୍ଷା ସମାପ୍ତ ହେବା ପରେ ଶିଷ୍ୟମାନଙ୍କୁ ଗୃହସ୍ଥ ଆଶ୍ରମକୁ ପଠାଇବା ପୂର୍ବରୁ ଦୀକ୍ଷାନ୍ତ ଉପଦେଶ ସହ ବିଦାୟ ଦେଉଥିଲେ। ଯଦିଓ ଶିକ୍ଷା ଓ ଦୀକ୍ଷା ଏକ ନିରନ୍ତର ପ୍ରକ୍ରିୟା ଯାହା ଜୀବନବ୍ୟାପୀ ଚାଲେ, ଔପଚାରିକ ଦୃଷ୍ଟିରୁ ଗୁରୁକୁଳରେ ତାହା ଶେଷ ହେଉଥିବାରୁ ତାକୁ ଦୀକ୍ଷାନ୍ତ ବୋଲି କୁହାଯାଉଥିଲା। ଏବେ ମଧ୍ୟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷା ଶେଷ ହେବା ପରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେଉଛି ଏବଂ ସେଥିରେ ଦୀକ୍ଷାନ୍ତ ଉଦ୍‌ବୋଧନ ଦିଆଯାଉଛି।

ଅତୀତରେ ବ୍ୟକ୍ତିତ୍ୱ ନିର୍ମାଣ ଏବଂ ଚରିତ୍ର ଗଠନ ପାଇଁ ଶିକ୍ଷା ଗ୍ରହଣ କରାଯାଉଥିଲା। ଅଧିକାଂଶ ବୃତ୍ତି କୌଳିକ ଥବାରୁ ଶିଷ୍ୟମାନେ ଗୁରୁକୁଳରୁ ଫେରି ଏହି କୌଳିକ ବୃତ୍ତିଗୁଡ଼ିକୁ ଗ୍ରହଣ କରି ଜୀବିକା ନିର୍ବାହ କରୁଥିଲେ। ତେଣୁ ଶିକ୍ଷାଟି ବୃତ୍ତିଭିତ୍ତିକ କିମ୍ବା ଜୀବିକା ଭିତ୍ତିକ ନଥିଲା। ତେଣୁ ବିଦ୍ୟା ସମ୍ପର୍କରେ କୁହାଯାଉଥିଲା- 'ସା ବିଦ୍ୟା ଯା ବିମୁକ୍ତୟେ'। ଅର୍ଥାତ୍ ତାହା ହେଉଛି ବିଦ୍ୟା, ଯାହା ମୁକ୍ତ ଉଦ୍ଦେଶ୍ୟରେ ଗ୍ରହଣ କରାଯାଏ। ଚରିତ୍ର ଗଠନ ସମ୍ପର୍କରେ କୁହାଯାଉଥିଲା- 'ବିଦ୍ୟା ଦଦାତି ବିନୟମ୍, ବିନୟାତ ଯାତି ପାତ୍ରତାମ୍' ଅର୍ଥାତ୍ ବିଦ୍ୟାଲାଭ ଦ୍ୱାରା ବିନୟ ଗୁଣ ଲାଭ ହୁଏ ଏବଂ ଏହି ବିନୟ ଗୁଣ ଦ୍ୱାରା ମୁକ୍ତି ଲାଭ ପାଇଁ ଯେଉଁ ଈଶ୍ୱର ବା ଗୁରୁକୃପା ଆବଶ୍ୟକ ତାହା ଲାଭ କରିବା ପାଇଁ ଯୋଗ୍ୟତା ବା ପାତ୍ରତା ଆସେ। ବିନା ପାତ୍ରତାରେ ଈଶ୍ୱର କୃପା ଲାଭ ହୁଏ ନାହିଁ କିମ୍ବା ବିନା ଈଶ୍ୱର କୃପାରେ ମୁକ୍ତି ମାର୍ଗ ମିଳେ ନାହିଁ। ମୋଟାମୋଟି ଭାବରେ ଏହା ହିଁ ଥିଲା ଶିକ୍ଷାର ଉଦ୍ଦେଶ୍ୟ, ଯାହା ସହ ଦୀକ୍ଷାଟି ସମନ୍ୱିତ ହୋଇ ରହିଥିଲା।

ଦୀକ୍ଷା ହେଉଛି କିଛି କରିବାର ସଂକଳ୍ପ, ବ୍ରତ ବା ଅଭୀଷ୍ଟ ପ୍ରାପ୍ତି ନିମନ୍ତେ ସଂକଳ୍ପ। ଏଠି ଅଭୀଷ୍ଟ ହେଉଛି ସତ୍ୟର ଉପଲବ୍ଧି, ଯାହାର ଅନ୍ୟନାମ ଈଶ୍ୱର ଉପଲବ୍ଧି। ଗୁରୁ ଏ ଦୀକ୍ଷା ପ୍ରଦାନ କରନ୍ତି, ଦୀକ୍ଷା ଗ୍ରହଣ ପରେ ଗୁରୁଙ୍କ ମାର୍ଗ ଦର୍ଶନରେ ନିଜକୁ ପରିଚାଳିତ କଲେ ଧୀରେ ଧୀରେ ନିଜ ଭିତରେ ସୌଜନ୍ୟ, ବଦାନ୍ୟତା ଏବଂ ଆନୁକୂଲ୍ୟ ବିକଶିତ ହୁଏ। ଏହାକୁ ହିଁ କୁହାଯାଏ ଦକ୍ଷିଣା ବା ଦାକ୍ଷିଣ୍ୟ। ଦକ୍ଷିଣା ଦ୍ୱାରା ଶ୍ରଦ୍ଧା ବା ଯାହାର ଅର୍ଥ ହେଉଛି ଗୁରୁ ଏବଂ ଶାସ୍ତ୍ର ବାକ୍ୟରେ ଦୃଢ଼ ବିଶ୍ୱାସ, ତାହା ଆସେ ଏବଂ ପରିଶେଷରେ ଏ ସବୁର ମିଳିତ ପ୍ରଭାବରେ ସତ୍ୟ ଲାଭ ହୁଏ। ଏହି ସବୁଗୁଡ଼ିକ ମିଳିତ ହେଲେ ତା'କୁ ଦୀକ୍ଷା କୁହାଯାଏ। ଶିକ୍ଷା ସହିତ ଏହା ମିଶି ରହୁଥିଲା ଆମର ପ୍ରାଚୀନ ଶିକ୍ଷା ପଦ୍ଧତିରେ। କିନ୍ତୁ ଆଜିକାଲି ଆମେ ଯେଉଁ ଶିକ୍ଷା ଲାଭ କରୁଛନ୍ତି ତାହା ଏକାନ୍ତ ଭାବେ ଜୀବିକାଭିତ୍ତିକ ହୋଇ ପଡ଼ିଛି ଏବଂ ଏହାର ଯେ ଆମ ଜୀବନରେ ଏକ ମହତ୍ତର ଉଦ୍ଦେଶ୍ୟ ଅଛି, ତାହା



ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଆଦୌ ନାହିଁ ବା ଯାହା ବି ଅଛି ତାହା ଉପରେ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ପିଢ଼ି ପରେ ପିଢ଼ି ଏହି ଦୀକ୍ଷା ସମ୍ପର୍କରେ ଜାଣି ପାରୁନାହାନ୍ତି। ଶିକ୍ଷା ଭଳି ଦୀକ୍ଷା ମଧ୍ୟ ଯେ ଜୀବନରେ ସମାନ ଭାବରେ ଆବଶ୍ୟକ ଏବଂ ଗୁରୁତ୍ୱପୂର୍ଣ୍ଣ, ତାହା ଅଧିକାଂଶ ପିତାମାତା ଏବଂ ସନ୍ତାନ ସନ୍ତତି, ବିଦ୍ୟାୟର ଶିକ୍ଷକଗଣ ମଧ୍ୟ ଜାଣୁନାହାନ୍ତି। ଫଳରେ ପିଲାମାନଙ୍କର ଜୀବନ ଏକପାଖିଆ ହୋଇ ଭୌତିକ ବିକାଶ ଦିଗରେ ଅଗ୍ରଗତି କରୁଛି ସିନା ଆଧାତ୍ମିକ କ୍ଷେତ୍ରରେ ସେମାନଙ୍କର ବିଶେଷ ପ୍ରଗତି ହେଉନାହିଁ।

ଶିକ୍ଷା ମନୁଷ୍ୟକୁ ଜୀବିକା ଦିଏ, ବୃତ୍ତିଦିଏ, ଜୀବନରେ ବଢ଼ିବାର ଦକ୍ଷତା ଦିଏ। ଏହି ଶିକ୍ଷାବଳରେ ମନୁଷ୍ୟ ଜୀବନର ଧନ ସମ୍ପଦ, ପଦ ପଦବୀ, ସମ୍ମାନ ଯଶ ଇତ୍ୟାଦି ଲାଭ କରେ; କିନ୍ତୁ ଜୀବନର ଲକ୍ଷ୍ୟ ପାଖରେ ପହଞ୍ଚି ପାରେ ନାହିଁ। ଜୀବନର ପ୍ରକୃତ ଲକ୍ଷ୍ୟ ପାଖରେ ପହଞ୍ଚିବା ପାଇଁ ଦୀକ୍ଷାର ଏକାନ୍ତ ପ୍ରୟୋଜନ। ଜୀବନରେ ସଫଳତା ପାଇଁ ଶିକ୍ଷା ଯେପରି ପ୍ରୟୋଜନ, ଜୀବନର ପ୍ରକୃତ ଲକ୍ଷ୍ୟ ହାସଲ ପାଇଁ ଦୀକ୍ଷା ମଧ୍ୟ ସେପରି ଏକାନ୍ତ ପ୍ରୟୋଜନ। ଏ ସମ୍ପର୍କରେ ଆମର ପ୍ରିୟ ଠାକୁର ଶ୍ରୀନିଗମାନନ୍ଦ କହିଛନ୍ତି- ଦୀକ୍ଷା ମଧ୍ୟ ଆମ ହିନ୍ଦୁମାନଙ୍କ ପାଇଁ ବାଧ୍ୟତାମୂଳକ କରାଯାଉଛି। ଅନୁରାଗ ଥାଉ ବା ନଥାଉ, ସମସ୍ତଙ୍କୁ ଦୀକ୍ଷା ନେବାକୁ ହେବ। ଆଚାର୍ଯ୍ୟଗୁରୁ ଦୀକ୍ଷା ଦେଇ କେତେଗୁଡ଼ିଏ ବିଧି-ନିଷେଧ ପାଳନ କରନ୍ତି ଏବଂ ଗୋଟିଏ ନାମ ରୂପ ଧରାଇଦେଇ ତାହାର କିଛି ସାଧନ ଭଜନ ଦିଅନ୍ତି। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଧନ ଭଜନ କରୁ କରୁ ଯେତେବେଳେ ଚିତ୍ତ ଶୁଦ୍ଧି ହୁଏ ସେତେବେଳେ ସତ୍ୟଲାଭ ପାଇଁ ପ୍ରବଳ ଅନୁରାଗ ଜନ୍ମେ। ଅନୁରାଗ ପ୍ରବଳ ହେଲେ ହେଁ ସଦ୍‌ଗୁରୁଙ୍କ ଦର୍ଶନ ମିଳେ। ସଦ୍‌ଗୁରୁ ସେତେବେଳେ କୃପା କରି ତାର ଅଜ୍ଞାନ ଅନ୍ଧକାର ଦୂର କରିଦିଅନ୍ତି ଓ ଜ୍ଞାନାଲୋକରେ ତାର ହୃଦୟ ଉଦ୍‌ଭାସିତ କରନ୍ତି। ଆମର ସଦ୍‌ଗୁରୁ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ଦୀକ୍ଷା ସମ୍ପର୍କରେ କହନ୍ତି- 'ଜଣେ ଦୀକ୍ଷା ନ ନେଇପାରେ, କିନ୍ତୁ ନେଲେ ଭଲ। ଦୀକ୍ଷା ହେଉଛି ଏକ ଆଧାତ୍ମିକ ଧାରାକୁ ସ୍ୱୀକାର କରିବାର ଅଙ୍ଗୀକାର। ଏକ ଶୃଙ୍ଖଳା। ଦୀକ୍ଷା ଗ୍ରହଣ ଦ୍ୱାରା ନିଶ୍ଚିତ ଭାବରେ ଲାଭ ହୁଏ। ଏ ଲାଭର ପ୍ରମାଣ ହେଉଛି ଦୀକ୍ଷା ଉପରାନ୍ତ ଉପଲବ୍ଧି। ଲୋକଚାର ଦୃଷ୍ଟିରୁ ନୁହେଁ, ବରଂ ମାନସିକ ଦୃଷ୍ଟିରୁ ନିଜକୁ ପୂର୍ଣ୍ଣ ପ୍ରସ୍ତୁତ କରି ସଦ୍‌ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କଲେ ଏହାର ଫଳ ଲାଭ ହୁଏ।' ଗୁରୁଦେବ ଥିଲେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମୃତ୍ତିକା ବିଜ୍ଞାନୀ। ବିଜ୍ଞାନକୁ ସେ ଟିକିନିଖି ବୁଝିଥିଲେ। ଆଧାତ୍ମକୁ ମଧ୍ୟ ମର୍ମେ ମର୍ମେ ଉପଲବ୍ଧି କରିଥିଲେ। ନିଜେ ଅତି ଉଚ୍ଚଶିକ୍ଷିତ ହୋଇଥିଲେ ମଧ୍ୟ ଦୀକ୍ଷାକୁ ସେ ଖୁବ୍ ମହତ୍ତ୍ୱ ଦେଉଥିଲେ।

ଖାଲି ଦୀକ୍ଷା ଗ୍ରହଣ କରିଦେଲେ ହେବ ନାହିଁ, ଏହା ଉପରାନ୍ତ ଆମକୁ ଛଅଟି କଥାକୁ ସ୍ମରଣ ଏବଂ ପାଳନ କରିବାକୁ ହେବ। ସେଥିରୁ ପ୍ରଥମଟି ହେଲା ଆହାର ଶୁଦ୍ଧି। ଏହା ହେଲା ପରିମିତ ପରିମାଣର ଏପରି ଖାଦ୍ୟ ଆମେ ଗ୍ରହଣ କରିବା ଯାହା ଆମ ଦେହ-ମନକୁ ପୁଷ୍ଟ କରିବ। ଲୋଭରେ ପଡ଼ି ଆମେ ଖାଦ୍ୟ ଗ୍ରହଣ କରିବା ନାହିଁ, ଈଶ୍ୱର ଭାବନାରେ ଆମ ମନକୁ ଲଗାଇବା ପାଇଁ ଆମ ଖାଦ୍ୟ ଯେପରି ବାଧକ ନ ହୁଏ, ତାହା ଆମକୁ ଦେଖିବାକୁ ପଡ଼ିବ। ଦ୍ୱିତୀୟଟି ହେଲା ଆଚରଣ ଶୁଦ୍ଧି। ଏହା ଭିତରେ ହିଁ ଅବଶିଷ୍ଟ ପାଞ୍ଚଟି କଥା ରହିଛନ୍ତି। ଆମେ ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା। କାହାପ୍ରତି କାୟ, ମନ, ବାକ୍ୟରେ ହିଂସା ଆଚରଣ କରିବା ନାହିଁ। ତୃତୀୟଟି ହେଲା ସବୁବେଳେ ସତ୍ୟକୁ ଧରି ରଖିବା। କାରଣ ସତ୍ୟ ହିଁ ଭଗବାନ। ଶ୍ରୀରାମକୃଷ୍ଣ କହିଛନ୍ତି- 'ଯିଏ ସତ୍ୟକୁ ଧରିଥାଏ ସେ ଭଗବାନଙ୍କ କୋଳରେ ବସିଥାଏ। ସତ୍ୟକଥା ହେଉଛି କଳି ଯୁଗର ତପସ୍ୟା'। ସତ୍ୟରେ ଚାଲିବା ପାଇଁ ଆମକୁ କଷ୍ଟ ହୋଇପାରେ, ଆମକୁ ବହୁ ତ୍ୟାଗ ସ୍ୱୀକାର କରିବାକୁ ହୋଇପାରେ; କିନ୍ତୁ ମନେ ରଖିବାକୁ ହେବ, ତାହା ହିଁ ପନ୍ଥା। ଚତୁର୍ଥଟି ହେଲା ଠକାମି, ଅନ୍ୟାୟରେ ଆମେ କାହାଠାରୁ କିଛି ଗ୍ରହଣ କରିବା ନାହିଁ। କାହାକୁ ଠକାଇବା ନାହିଁ। ଏହା କଲା ମାନେ ଆମେ ସତ୍ୟଭ୍ରଷ୍ଟ ହେବା। ପଞ୍ଚମଟି ହେଲା ସମସ୍ତ ଇନ୍ଦ୍ରିୟଙ୍କୁ ଆମ ଆୟତ୍ତରେ ରଖିବାକୁ ହେବ। ସେମାନେ ଆମ ଦ୍ୱାରା ଚାଳିତ ହୁଅନ୍ତୁ। ଆମେ ସେମାନଙ୍କ ଦ୍ୱାରା ଚାଳିତ ହେବା ନାହିଁ। ସାଧନା ପଥରେ ଏହା ଅତ୍ୟନ୍ତ ପ୍ରୟୋଜନ। ଷଷ୍ଠ ଏବଂ ଶେଷ ସାଧନଟି ହେଲା ସର୍ବଦା ଦୃଢ଼ତା ରଖିବା ଯେ ଈଶ୍ୱରଙ୍କୁ ଲାଭ କରିବା ପାଇଁ ଆମେ ଜୀବନ ଲାଭ କରିଛୁ। ଭୋଗ ବିଳାସ ଆମର ଉଦ୍ଦେଶ୍ୟ ନୁହେଁ। ତେଣୁ ଆମର ଜୀବନ ଯାପନ ଯେତେ ସରଳ, ସହଜ ଓ ସ୍ୱାଭାବିକ ହୋଇପାରିବ, ସେ ଦିଗରେ ଆମର ଚେଷ୍ଟା ରହିବା ଦରକାର। ଖାଇବା, ରହିବା, ପିନ୍ଧିବା ଇତ୍ୟାଦି ଯେତେ ସରଳ ହୋଇପାରିବ, ସେତେ ଭଲ। ଆମର ଲକ୍ଷ୍ୟ ହେବା ଉଚିତ ଯେ ଆମେ କେତେ କମ୍ ବସ୍ତୁ ବ୍ୟବହାର କରି ସନ୍ତୁଷ୍ଟ ରହି ପାରୁଛୁ।

ଉପରୋକ୍ତ ଆଚରଣ ଶୁଦ୍ଧିଗୁଡ଼ିକ ଦୀକ୍ଷାର ପରିପୂରକ ହୋଇ ଦୀକ୍ଷାର ଫଳପ୍ରାପ୍ତିକୁ ତ୍ୱରାନ୍ୱିତ କରାନ୍ତି। ତେଣୁ ଦୀକ୍ଷା ସହିତ ଏଗୁଡ଼ିକ ନିତାନ୍ତ ପକ୍ଷରେ ଚାଲିବାକୁ ପଡ଼ିବ। ଅନ୍ୟଥା କେବଳ ଦୀକ୍ଷା ଗ୍ରହଣ କରିଦେଇ ଜୀବନ ଯେପରି ଚାଲିଥିଲା, ସେପରି ଚଲାଇଲେ ଦୀକ୍ଷାର କିଛି ଫଳ ହୁଏ ନାହିଁ। ଅନେକ ଉଚ୍ଚଶିକ୍ଷିତ ତାଙ୍କ ଶିକ୍ଷାକୁ ନେଇ ଅହଂକାରୀ ହୋଇପଡ଼ନ୍ତି। ଏହାର ଅର୍ଥ ହେଲା ଶିକ୍ଷା ତାଙ୍କୁ ସାମାଜିକ ଦୃଷ୍ଟିରୁ ଉଚ୍ଚ କରିଦେଲା। କିନ୍ତୁ ତାଙ୍କୁ ଜୀବନର ଅସଲ ଲକ୍ଷ୍ୟପଥରୁ ବିଚ୍ୟୁତ କରିଦେଲା। ଦୀକ୍ଷା ଗ୍ରହଣ ଫଳରେ ଏ ଉଚ୍ଚ ଶିକ୍ଷା, ଉଚ୍ଚ ସ୍ଥାନ ଜନିତ ଅହଂକାରର ବିନାଶ ଘଟେ। ସାମ୍ପ୍ରତିକ ସମୟରେ ଆମେ ଏବଂ ଆମର ଶିକ୍ଷା ବ୍ୟବସ୍ଥା କେବଳ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଚାଲିଛି। ଦୀକ୍ଷା ପ୍ରତି ଆମର ଦୃଷ୍ଟି ନାହିଁ ଏବଂ ଶିକ୍ଷା ପରି ଜୀବନରେ ଦୀକ୍ଷାର ମଧ୍ୟ ଯେ ଆବଶ୍ୟକତା ଅଛି ଏବଂ ଏହା ନହେଲେ ଆମ ଜୀବନର ସନ୍ତୁଳନ ନଷ୍ଟ ହୋଇଯିବ, ଏକଥା କେହି ଭାବୁନାହାନ୍ତି। ଉଚ୍ଚ ଶିକ୍ଷା ପାଇଁ ଆମେ ଯେପରି ବାଛି ବାଛି ଭଲ ସ୍କୁଲ୍‌କୁ ଯାଉଛୁ, ସେହିପରି ଦୀକ୍ଷା ଗ୍ରହଣ ପାଇଁ ଉପଯୁକ୍ତ ଗୁରୁଙ୍କ ନିକଟକୁ ମଧ୍ୟ ଯିବା ଆବଶ୍ୟକ। କୁହାଯାଏ ଯେ ଜୀବନରେ ଦୀକ୍ଷା ଗ୍ରହଣ କରିବା ପାଇଁ ପ୍ରାଣରେ ବ୍ୟାକୁଳତା ଜାଗିଲେ ସଦ୍‌ଗୁରୁ ସ୍ୱତଃ ପ୍ରାପ୍ତ ହୁଅନ୍ତି, ଯାହାଙ୍କ ଦର୍ଶନ ମାତ୍ରେ ବ୍ୟକ୍ତି ବିଭୋର ହୋଇଯାଇ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ତାଙ୍କର ଆଶ୍ରିତ ହୋଇଯାଏ। ତା'ପରେ ତା'ର ବିଚାର, ଆଚାର ଭଲ ଦିଗରେ ବଦଳି ଯାଏ ଏବଂ ସେ ନିଜ ଭିତରେ ଅନୁଭବ କରେ ଏକ ଉଦ୍‌ଭାସନ। ମୋଟ୍ ଉପରେ କହିଲେ ଏହା ହିଁ ଦୀକ୍ଷାର ମହତ୍ତ୍ୱ।

# 'ଶ୍ରୀ' ମାହାତ୍ମ୍ୟ

ଶ୍ରୀଅଲେଖ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

'ଶ୍ରୀ' ଏକ ଶୁଭସୂଚକ ପବିତ୍ର ଶବ୍ଦ, ଯାହା ଧନ, ସମ୍ପତ୍ତି, ସୁସ୍ଥତା, ସୌଷ୍ଠବ, ପରିପୂର୍ଣ୍ଣତା, ସୌଭାଗ୍ୟ ଇତ୍ୟାଦିର ସଂକେତ ବହନ କରେ। ଧନ, ଜନ, ଗୋପ, ଲକ୍ଷ୍ମୀ ଓ ସମୃଦ୍ଧିର ପ୍ରତୀକ ଲକ୍ଷ୍ମୀଠାକୁରାଣୀଙ୍କର ଏହା ଅନ୍ୟ ଏକ ନାମ। ଅମରକୋଷରେ ମହାଲକ୍ଷ୍ମୀଙ୍କ ଅନେକ ନାମ ଉଲ୍ଲେଖ ରହିଛି - 'ଲକ୍ଷ୍ମୀ ପଦ୍ମାଳୟା ପଦ୍ମା କମଳା ଶ୍ରୀହରିପ୍ରିୟା ଇନ୍ଦିରା ଲୋକମାତା ମା କ୍ଷିରାବ୍ଧିତନୟା ରମା'। ଫଳ ଶବ୍ଦ 'ଶ୍ରୀ'ସଂଯୁକ୍ତ ହେଲେ 'ଶ୍ରୀଫଳ' (ନଡ଼ିଆ) ଭାବରେ ସାଧାରଣ ପୂଜାବିଧିଠାରୁ ନୈବେଦ୍ୟ ଓ ସକଳ ମାଙ୍ଗଳିକ କର୍ମର ଶୁଭାରମ୍ଭ ଯାଏ ଅପରିହାର୍ଯ୍ୟ ହୋଇଥାଏ। 'ଶ୍ରୀ ମଙ୍ଗଳାତ୍ ପ୍ରଭବତି'। ମଙ୍ଗଳକାମ ଦ୍ୱାରା ଶ୍ରୀବୃଦ୍ଧି ହୁଏ। ଦେବାଦେବୀଙ୍କ ନାମ ସହିତ 'ଶ୍ରୀ' ସଂଯୁକ୍ତ ହୋଇଥାଏ। ଶ୍ରୀଜଗନ୍ନାଥ, ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଦେବୀ, ଶ୍ରୀରାଧା ଇତ୍ୟାଦି। ଅନେକ ପବିତ୍ର ସ୍ଥାନ ସହିତ ମଧ୍ୟ 'ଶ୍ରୀ' ଯୋଡ଼ାଯାଇଥାଏ। ଯେପରି ଶ୍ରୀକ୍ଷେତ୍ର, ଶ୍ରୀବିରଜା ଭୂମି, ଶ୍ରୀଚୈତନ୍ୟ ଧାମ, ଶ୍ରୀପଦପରାଇ, ଶ୍ରୀଲଙ୍କା ଇତ୍ୟାଦି। (ଶ୍ରୀଭୂମି ସହିତଂ ଦେବଂ ଗଙ୍ଗାବ୍ଦମନ ସମ୍ମତମ୍)। ଈଶ୍ୱରଙ୍କର ଅଙ୍ଗପ୍ରତ୍ୟଙ୍ଗରେ 'ଶ୍ରୀ' ଶବ୍ଦ ଯୋଗ ହୋଇଥାଏ। ଯେମିତି ଶ୍ରୀମୁଖ, ଶ୍ରୀପଦ, ଶ୍ରୀଭୁଜ। ସମ୍ମାନୀୟ ବ୍ୟକ୍ତିଙ୍କୁ ସମ୍ବୋଧନ ପାଇଁ 'ଶ୍ରୀ' ବ୍ୟବହୃତ ହୁଏ। ଯେପରି ପିତାଶ୍ରୀ, ମାତାଶ୍ରୀ, ଭ୍ରାତାଶ୍ରୀ ଇତ୍ୟାଦି। ଅନେକ ଉପାଧି 'ଶ୍ରୀ' ଶବ୍ଦ ସହିତ ସଂଯୁକ୍ତ, ଯାହାର ଦୃଷ୍ଟାନ୍ତ ପଦ୍ମଶ୍ରୀ, ଶ୍ରୀଚକ୍ର, ଶ୍ରୀଶ୍ରୀ ବିରାଧିବୀରବର। 'ଶ୍ରୀ' ଉତ୍କର୍ଷର ପ୍ରତୀକ। ଶ୍ରେଷ୍ଠ ପଦାର୍ଥ କିମ୍ବା ବ୍ୟକ୍ତିବିଶେଷଙ୍କୁ ସମ୍ମାନସୂଚକ 'ଶ୍ରୀ' ପ୍ରଦାନ କରାଯାଇଥାଏ। କାବ୍ୟଶ୍ରୀ, କଳାଶ୍ରୀ, ଗାୟକଶ୍ରୀ, କବିଶ୍ରୀ ଇତ୍ୟାଦି ଏହାର ଉଦାହରଣ। ଗୁରୁ ବା ଗୁରୁମା'ଙ୍କ ନାମ ସହିତ ସାଧାରତଃ 'ଶ୍ରୀ' ସଂଲଗ୍ନ କରାଯାଇଥାଏ। ଯଥା :- ଶ୍ରୀଅରବିନ୍ଦ, ଶ୍ରୀମା, ଶ୍ରୀସାରଦାଦେବୀ, ଶ୍ରୀଶ୍ରୀଠାକୁର ଇତ୍ୟାଦି। ଲୌକିକ ବଚନିକାରେ ବି 'ଶ୍ରୀ' ଶବ୍ଦ ପ୍ରାୟତଃ ବ୍ୟବହୃତ ହୋଇଥାଏ। ସେଥିପାଇଁ ବିପର୍ଯ୍ୟୟର ଶିକାର ହୋଇଥିବା ଲୋକକୁ 'ଶିରୀ ତୁଟିଯିବା' ଏବଂ ଈର୍ଷା ପ୍ରଣୋଦିତକୁ 'ଶିରୀ ନଦେଖିବା' ବୋଲି ବର୍ଣ୍ଣନା କରାଯାଇଥାଏ। 'ଶ୍ରୀ' ଜୀବନର ସଂକେତ। ତେଣୁ ବଞ୍ଚିଥିବା ମଣିଷର ନାମ ପୂର୍ବରୁ 'ଶ୍ରୀ/ଶ୍ରୀମତୀ' ଲେଖାଯାଏ। ମୃତ୍ୟୁ ପରେ ଏହି ଶବ୍ଦ ସ୍ଥାନରେ 'ସ୍ୱର୍ଗତ/ସ୍ୱର୍ଗତା' ଲେଖାହୁଏ ଅଥବା ଈଶ୍ୱର ଚିହ୍ନ ଦିଆଯାଏ। କାରଣ ମୃତପ୍ରାଣୀ ଶ୍ରୀହୀନ। ସେଥିପାଇଁ ଯୁଗଯୁଗ ଧରି 'ଶ୍ରୀ' କିମ୍ବା ତତ୍ତୁଲ୍ୟ ଶବ୍ଦ ଯଥା ଶ୍ରୀଲ, ଶ୍ରୀଯୁକ୍ତ, ଶ୍ରୀମଦ୍, ଶ୍ରୀମାନ୍, ଶ୍ରୀମତୀ, ସୁଶ୍ରୀ, ଶ୍ରୀଶ୍ରୀ, ସର୍ବଶ୍ରୀ ଆମ ସଂସ୍କୃତିର ଅଂଶବିଶେଷ ହୋଇ ରହିଆସିଅଛି। ଦୈନନ୍ଦିନ ଜୀବନରେ ମଧ୍ୟ ଏହାର ବହୁଳ ବ୍ୟବହାର ଦେଖିବାକୁ ମିଳେ। ଏପରିକି ଆଗକାଳରେ ଜାତକ କିମ୍ବା ପତ୍ରଟିଏ ଲେଖିବା 'ଶ୍ରୀ, ଶ୍ରୀ, ଶୁଭମସ୍ତୁ' ରୁ ହିଁ ଆରମ୍ଭ ହେଉଥିଲା। ନାମ ସହିତ 'ଶ୍ରୀ' ଯୋଗ ହେଲେ ତାହା ଏକ ମର୍ଯ୍ୟାଦାର ପରିଚୟ ହୁଏ। ଏହି ଶବ୍ଦଟି ପ୍ରତି ଅହେତୁକ ଆକର୍ଷଣ ପାଇଁ କେତେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନମବାଚକ ବିଶେଷ୍ୟ ସହ ଏକାଧିକ 'ଶ୍ରୀ' ଲେଖାଯାଉଥିଲା। ମାତ୍ର ପରିତାପର ବିଷୟ ଉଚ୍ଚସ୍ତରରୁ ନିମ୍ନସ୍ତର ଯାଏଁ ପ୍ରାୟ ସବୁଠାରେ ଏହି ଶବ୍ଦଟିକୁ ଛାଡ଼ିଦେବା ଏକ ଫେଶନ୍ ହୋଇଗଲାଣି। ଫଳରେ 'ଶ୍ରୀ' ଓ ତତ୍ ସମ ଶବ୍ଦଗୁଡ଼ିକ ଲୋପ ପାଇବାକୁ ବସିଲାଣି। ଏହା 'ଶିରୀ ତୁଟିଯିବା'ର ଲକ୍ଷଣ ନୁହେଁ ତ?

## ଲୋକମତ

### ଏକକ ପାଠ୍ୟପୁସ୍ତକ ପ୍ରଚଳିତ ହେଉ

ରାଜ୍ୟରେ ଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକ ପ୍ରାୟତଃ ସିବିଏସ୍‌ଇ କିମ୍ବା ଆଇସିଏସଇ ଦ୍ୱାରା ଅନୁବନ୍ଧିତ। କିନ୍ତୁ ଅଧିକାଂଶ ସିବିଏସଇ ଅନୁବନ୍ଧିତ ବିଦ୍ୟାଳୟମାନଙ୍କରେ ପ୍ରଥମରୁ ସପ୍ତମ ଶ୍ରେଣୀ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ବହି ପଢ଼ା ଯାଉ ନଥିବା ଅଭିଯୋଗ ଆସୁଛି। ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ବହି ବଦଳରେ ବିଦ୍ୟାଳୟଗୁଡ଼ିକ ନିଜସ୍ୱ ନିଷ୍ପତ୍ତି ହିସାବରେ ବିଭିନ୍ନ ପ୍ରକାଶକମାନଙ୍କ ବହି ଆଣି ପଢ଼ାଉଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଯଦି ଏହି ଅଭିଯୋଗ ସତ୍ୟ ହୋଇଥାଏ ତାହାହେଲେ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାର ମାନ ନିର୍ଦ୍ଧାରଣ କରିବା କଷ୍ଟକର ହେବ ନିଶ୍ଚୟ। ଅନ୍ୟପକ୍ଷରେ ଭିନ୍ନ ଭିନ୍ନ ପାଠ୍ୟପୁସ୍ତକ ତଥା ପରୀକ୍ଷାରେ ମିଳୁଥିବା ନମ୍ବରକୁ ନେଇ ଉଭୟ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଚିନ୍ତିତ ଓ ସନ୍ଦୀହାନ ହୋଇ ପଡୁଛନ୍ତି। ଅନ୍ୟପକ୍ଷରେ ଜଣେ ଜଣେ ଅଭିଭାବକ ବିଭିନ୍ନ ଜାଗାରୁ ବହି ଖୋଜାଖୋଜି କରି କିଣି ଆଣି ପିଲାକୁ ଦେଇ ପଢ଼ାଇବା ଦ୍ୱାରା ପିଲାଟି ମାନସିକ ଚାପଗ୍ରସ୍ତ ହୋଇପଡୁଛି। ଏହି ପରିପ୍ରେକ୍ଷୀରେ ସମସ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ପାଠ୍ୟକ୍ରମ ସମ୍ବଳିତ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ଏହାର ଅନୁପାଳନକୁ କଡ଼ାକଡ଼ି କରାଯାଉ। ଯାହାଫଳରେ ପାଠ ବହିକୁ ନେଇ ବିଦ୍ୟାଳୟ, ଅଭିଭାବକ ତଥା ପିଲାମାନଙ୍କ ମଧ୍ୟରେ ଥିବା ଭଲ-ମନ୍ଦ ଓ ବଡ଼-ସାନ ଫରକ ଦୂର ହୋଇପାରିବ। ଏହା ମଧ୍ୟ ଶିକ୍ଷାଦାନର ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ନିର୍ଦ୍ଧାରଣରେ ସହାୟକ ହୋଇପାରିବ।

ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

### ମିଲେଟ୍ ଗବେଷଣା ପ୍ରତିଷ୍ଠାନ କେନ୍ଦ୍ରର ଆବଶ୍ୟକତା

ପୁଷ୍ଟିଶସ୍ୟ ହେଉଛି ଓଡ଼ିଶାରେ ଆଦିବାସୀମାନଙ୍କ ଖାଦ୍ୟର ଏକ ଅଭିନ୍ନ ଅଂଶ। ନିକଟରେ ସମସ୍ତ ହିତାଧିକାରୀଙ୍କୁ ନେଇ ଓଡ଼ିଶାରେ ଅନୁଷ୍ଠିତ ଦୁଇଦିନିଆ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ରାଜ୍ୟ ସରକାର ଓଡ଼ିଶାର ସର୍ବାଧିକ ମିଲେଟ୍ ଉତ୍ପାଦନ ପାଇଁ ସୁନ୍ଦରଗଡ଼, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାକୁ ସମ୍ବର୍ଦ୍ଧିତ କରିବା ସହିତ ମିଲେଟ୍ ଉତ୍ପାଦନର ଉତ୍କର୍ଷ ପାଇଁ ୫ ଜଣ ଚାଷୀଙ୍କୁ ପୁରସ୍କୃତ କରିଛନ୍ତି। ଓଡ଼ିଶାର ୩୦ଟି ଜିଲ୍ଲାର ୧୭୭ଟି ବ୍ଲକରେ ମିଲେଟ୍ ଚାଷ ହେଉଛି। ମିଲେଟ୍ ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ ୨୫୦୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଦେଶ, ବିଦେଶ ତଥା ଜାତିସଂଘରେ ଓଡ଼ିଶା 'ମିଲେଟ୍ ମିଶନ୍'କୁ ମାନ୍ୟତା ମିଳିଛି। ଉତ୍ପାଦନ ତଥା ହିତାଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଓଡ଼ିଶାରେ ମିଲେଟ୍ ଗବେଷଣା ପ୍ରତିଷ୍ଠାନ କେନ୍ଦ୍ରର ଆବଶ୍ୟକତା ଅଛି।

ନବ୍‌ନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ବହିର ଆଦର ଓ ଆବେଦନ ସର୍ବକାଳୀନ

ସମାଜ ଓ ରାଷ୍ଟ୍ରର ପରିବର୍ତ୍ତନରେ ପୁସ୍ତକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। 'ଅଙ୍କଲ ଟମ'ସ୍ କ୍ୟାବିନ୍' ଓ 'ଅନ୍ ଟୁ ଦିସ୍ ଲାଷ୍ଟ' ବହି ଦୁଇଟିର ଯୁଗାନ୍ତକାରୀ ପ୍ରଭାବ ବିଶ୍ୱବିଦିତ। 'ଓଡ଼ିଆ ଭାଗବତ' ଓଡ଼ିଆ ଜନଜୀବନକୁ ବିଗତ ପାଞ୍ଚଶହରୁ ଅଧିକ ବର୍ଷ ଧରି ଯେପରି ଗଭୀର ଭାବେ ଆଚ୍ଛନ୍ନ କରି ରଖିଛି, ତାହାର ପଟାନ୍ତର ନାହିଁ। ମହାକାବ୍ୟ 'ରାମାୟଣ' ଓ 'ମହାଭାରତ' ମନୁଷ୍ୟର ଜୀବନ ବେଦ। ପୁସ୍ତକ ହେଉଛି ଜ୍ଞାନର ଗନ୍ତାଘର, ତଥ୍ୟର ଭଣ୍ଡାର ଏବଂ ଉଲ୍ଲାସର ଉତ୍ସ। ବହିଟିଏ ପଢ଼ିଲେ ମଣିଷ ଭୁଲି ଯାଏ ତା' ଜୀବନର ସକଳ ଦୁଃଖ, ଦୈନ୍ୟ ଆଉ ଅବସାଦ। ବହିର ବାସ୍ନାର ବିଭୋର ହେବାରେ ଥାଏ ଏକ ଭିନ୍ନ ଆନନ୍ଦ। ବହିଟିକୁ ଛୁଇଁଦେଲେ ଦେହରେ ରୋମାଞ୍ଚ ଜାତ ହୁଏ। ଏହାର ପୃଷ୍ଠା ଓଲଟାଇଲେ ଶିହରଣ ସୃଷ୍ଟି ହୁଏ। ପୁଲକ ଜାଗେ। ମଣିଷକୁ କିମିଆ କରି ରଖିବାର ମୋହିନୀ ଶକ୍ତି ଅଛି ବହିର। କେହି ଜଣେ ଠିକ୍ କହିଥିଲେ- 'ବହି ପଢୁପଢୁ ଯଦି ବସ୍ ବା ଟ୍ରେନ୍ ଫେଲ୍ ନ ହୁଅ, ତେବେ ସେ କି ବହି ବା ସେ କି ପାଠକ?' ଦିନକୁ ଦିନ ପାଠକଙ୍କ ସଂଖ୍ୟା କମି କମିଯିବାର ଅଭିଯୋଗ ହୁଏ। ସଦ୍ୟ ଅନୁଷ୍ଠିତ ୨୬ତମ କଳିଙ୍ଗ ପୁସ୍ତକ ମେଳାରେ ପାଖାପାଖି ୩ କୋଟି ଟଙ୍କାର ବହି ବିକ୍ରି ହୋଇଛି। ସେହିପରି ଜାନୁଆରି ୨୦୨୩ ରେ ଅନୁଷ୍ଠିତ କୋଲକାତା ଅନ୍ତର୍ଜାତୀୟ ବହି ମେଳାରେ ପ୍ରାୟ ୨୬ କୋଟି ଟଙ୍କା ମୂଲ୍ୟର ବହି ବିକ୍ରି ହେବାର ଖବର ପ୍ରକାଶିତ। ପାଠକଙ୍କ ସଂଖ୍ୟା କ୍ରମଶଃ କମିବା ଖବର ଯେ ଆଦୌ ଠିକ୍ ନୁହେଁ, ତାହା ଏଥିରୁ ପ୍ରମାଣିତ। ଯଦି ପାଠକଙ୍କ ସଂଖ୍ୟା କମୁଛି, ତେବେ ଏତେସଂଖ୍ୟକ ବହି ବିକ୍ରି ହେଉଛି କିପରି? ବହିର ଆବେଦନ ଚିରନ୍ତନ। ବହି ଅତୀତରେ ଥିଲା ତାଳପତ୍ର ବା ପୋଥି ରୂପରେ। ଏବେ ଅଛି ଛାପା ଅକ୍ଷରରେ ଓ ଇ-ବୁକ୍‌ରେ। ଭବିଷ୍ୟତରେ ରହିଥିବ ହୁଏତ ଆଉ କେଉଁ ରୂପରେ। ବହି ରହିଥିବ ଅନନ୍ତ କାଳ, ମଣିଷ ସଭ୍ୟତା ବଞ୍ଚି ରହିଥିବା ଯାଏଁ। କାରଣ ବହିର ମୃତ୍ୟୁ ନାହିଁ।

ପ୍ରତାପ ନାୟକ
ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଯାଜପୁର, ୮।୧୨(ସମିସ): ଏକ ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି ଯାଜପୁରର ଆଡହକ ପକ୍ସୋ କୋର୍ଟ ଅଭିଯୁକ୍ତ ବୃଦ୍ଧ ପ୍ରଫୁଲ୍ଲ ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସୂଚନାନୁଯାୟୀ, ୨୦୨୧ ଜୁଲାଇ ୨୫ ତାରିଖରେ ଯାଜପୁର ଥାନା ଅଞ୍ଚଳର ପ୍ରଫୁଲ୍ଲ ଜଣେ ନାବାଳିକାକୁ ତାଙ୍କ ଘରେ ଛାଡ଼ିଦେବାକୁ କହି ନିଜ ଘରକୁ ନେଇ ଯାଇଥିଲେ ଓ ସେଠାରେ ଦୁଷ୍କର୍ମ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାରଲୋକ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ପ୍ରଫୁଲ୍ଲଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ମାମଲା ପରିଚାଳନା କରୁଥିଲେ।

### ଥର୍ମାଲ ପାୱାର ପ୍ଲାଣ୍ଟ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରସଂଗ

# ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୮।୧୨(ସମିସ): କୋଲ୍ ଫାୟାର୍ଡ ଥର୍ମାଲ ପାୱାର ପ୍ଲାଣ୍ଟଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାର କିମ୍ବା ପ୍ରତିପକ୍ଷ ସମସ୍ତ କମ୍ପାନୀ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇପାରିନାହିଁ। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସରକାର ଓ ପ୍ରତିପକ୍ଷ କମ୍ପାନୀଗୁଡ଼ିକ ସେମାନଙ୍କ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଏନ୍ଆଇଓଏଚ୍ (ନ୍ୟାସ୍ନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଅକୁପେସନାଲ ହେଲ୍ଥ) ପକ୍ଷରୁ ଜବାବ ଦାଖଲ କରାଯାଇଥିଲା। ଏନ୍ଆଇଓଏଚ୍ ପକ୍ଷରୁ ଯେଉଁ ରିପୋର୍ଟ ଦିଆଯାଇଥିଲା ତାହାକୁ ରାଜ୍ୟ ସରକାର ଅନୁପାଳନ କରୁ ନ ଥିବା ଏଥିରେ ଦର୍ଶାଯାଇଛି। ଏହି ପ୍ରସଂଗରେ ସତ୍ୟପାଠ ଦେବାକୁ ହାଇକୋର୍ଟ ଗତ ମେ' ୪ରେ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା ଦାଖଲ ହୋଇପାରିନାହିଁ।

ପ୍ରକାଶ ଥାଉକି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶମତେ ହାଇକୋର୍ଟ ନିଜ ଆଡୁ ଏହି ମାମଲା ରୁଜୁ କରି ଶୁଣାଣି କରିଆସୁଛନ୍ତି। ଏହି ପାୱାର ପ୍ଲାଣ୍ଟଗୁଡ଼ିକର କର୍ମଚାରୀମାନେ ଆଜ୍ମା ସମେତ ଫୁସ୍ଫୁସ୍ ସମ୍ବନ୍ଧୀୟ ଗୁରୁତର ରୋଗରେ ଆକ୍ରାନ୍ତରେ ହୋଇଆସୁଛନ୍ତି ବୋଲି ଏନ୍ଆଇଓଏଚ୍ ପକ୍ଷରୁ ସୁପ୍ରିମକୋର୍ଟରେ ଅତୀତରେ ଏକ ରିପୋର୍ଟ ଦିଆଯାଇଥିଲା। ୨୦୦୫ରେ ଅକୁପେସନାଲ ହେଲ୍ଥ ଆଣ୍ଡ ସେଫ୍ଟି ଆସୋସିଏସନ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ଶ୍ରମିକ କର୍ମଚାରୀଙ୍କ ନିୟମିତ ଚିକିତ୍ସା ସହ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ସୁପ୍ରିମକୋର୍ଟ। ଯେଉଁ ରାଜ୍ୟଗୁଡ଼ିକରେ ଏହି ସବୁ ପାୱାର ପ୍ଲାଣ୍ଟ ରହିଛି ସେହି ସବୁ ରାଜ୍ୟର ହାଇକୋର୍ଟଗୁଡ଼ିକ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗରେ ନିଜ ଆଡୁ ମାମଲା ଦାୟର କରିବା ସହ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ମୋଟ ୫୭ଟି କୋଇଲାଚାଳିତ ଥର୍ମାଲ ପାୱାର ପ୍ଲାଣ୍ଟ ରହିଥିବାବେଳେ ସମସ୍ତଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଦୁଇ ସପ୍ତାହ ପରେ ହେବ ବୋଲି ଖଣ୍ଡପୀଠ କହିଛନ୍ତି।

**କାର୍ ଧକ୍କାରେ ବାବୁଲା ଦେହୁରୀ ମୃତ୍ୟୁ ଘଟଣା**

## ସରପଞ୍ଚଙ୍କ ସମେତ ୩ ଗିରଫ

ନାକଟିଦେଉଳ, ୮।୧୨(ସମିସ): ନାକଟିଦେଉଳ-ବାଟଗାଁ ରାସ୍ତାର ଶିରିଗିଡ଼ା ନାଳ ନିକଟ ବୁଲାଣିରେ କାର୍ ଧକ୍କାରେ ବାଟଗାଁ ଗ୍ରାମର ବାବୁଲା ଦେହୁରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ନାକଟିଦେଉଳ ପୁଲିସ ସାହେବୀ ପଞ୍ଚାୟତର ସରପଞ୍ଚ ରାମପ୍ରସାଦ ସାହୁଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଅନ୍ୟମାନେ ହେଲେ, ବାରୁ ଦେହୁରୀ ଏବଂ ରେଢାଖୋଲ ଗଣେଶନଗରର ନାରାୟଣ ଦେହୁରୀ ଓରଫ୍ ନିତ୍ୟାକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱରସ୍ଥିତ ପଟିଆ ଅଞ୍ଚଳରୁ ଗିରଫ କରାଯାଇଥିବା ଉପଖଣ୍ଡ ପୁଲିସ୍ ଅଧିକାରୀ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି।

ଗତ ୧ ତାରିଖ ସନ୍ଧ୍ୟାରେ ବାବୁଲା ନିଜ ବାଇକ୍‌ରେ ଯାଉଥିବା ବେଳେ ନାକଟିଦେଉଳ-ବାଟଗାଁ ରାସ୍ତାର ଶିରିଗିଡା ନାଳ ନିକଟସ୍ଥ ବୁଲାଣିଠାରେ ପଛରୁ ଏକ କାର୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ବାବୁଲାଙ୍କୁ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାବୁଲାଙ୍କ ସାନଭାଇ ଅଜିତ୍ ଅଭିଯୋଗ କରିଥିଲେ ଯେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଭାଇକୁ ହତ୍ୟା କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ବାବୁଲାଙ୍କ ସହ ରାମପ୍ରସାଦଙ୍କ ବ୍ୟାବସାୟିକ ଶତ୍ରୁତା ଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି।

## ଟ୍ରେନ୍‌ରେ କଟି ରେଳ ଯନ୍ତ୍ରୀଙ୍କ ମୃତ୍ୟୁ



**ରେଳ ଧାରଣାରେ ଗୋଡ଼ ଫଶିଯିବାରୁ ଦୁର୍ଘଟଣା**

ନୂଆପଡ଼ା, ୮।୧୨(ସମିସ): ନୂଆପଡ଼ା ଜିଲ୍ଲା ଲଖନା ରେଳ ଷ୍ଟେସନରେ ଇଲେକ୍ଟ୍ରିକାଲ ସିଗନାଲ ମେଣ୍ଟେନର ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅନୁପ ରଏ (୨୮) ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ଗୁରୁବାର ବିଳମ୍ବିତ ରାତ୍ରିରେ ଏହି ଅଘଟଣ ଘଟିଛି। ଅନୁପଙ୍କ ଘର ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ଧୋବୀ ପଡ଼ାରେ। ନୂଆପଡ଼ା ଷ୍ଟେସନ୍‌ର ରେଳ ସିଗନାଲ୍‌ରେ ଯାନ୍ତ୍ରିକ ତ୍ରୁଟି ଥିବା ଖବର ପାଇ ଅନୁପ ରଙ୍ଗବତୀ ଟ୍ରେନ୍‌ରେ ଲଖନାରୁ ନୂଆପଡ଼ା ଷ୍ଟେସନ୍‌କୁ ଯାଇଥିଲେ। ସେଠାରେ କାମ ସାରି ବିଳମ୍ବିତ ରାତ୍ରିରେ ଏକ ମାଲବାହୀ ଟ୍ରେନ୍‌ରେ ଲଖନା ଫେରିଥିଲେ। ତେବେ ଧାରଣା ପାର୍ ହୋଇ ସେ ଷ୍ଟାଫ୍‌ରୁମ୍‌କୁ ଯାଉଥିବା ବେଳେ ରେଳ ଲାଇନ୍‌ରେ ତାଙ୍କ ଗୋଡ଼ ଫସି ଯାଇଥିଲା। ବହୁ ଚେଷ୍ଟା ପରେ ବି ସେ ଧାରଣାରୁ ଗୋଡ଼ ବାହାର କରିପାରିନଥିଲେ। ଏହି ସମୟରେ ଆସୁଥିବା ବିଶାଖାପାଟଣା-ଗାନ୍ଧୀଧାମ୍ ସୁପରଫାଷ୍ଟ ଏକ୍ସପ୍ରେସ୍‌ଟି ତାଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ସକାଳେ କଣ୍ଟାବାଞ୍ଜି ରେଳବାଇ ପୁଲିସ ଘଟଣାସ୍ଥଳରୁ ତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ସଂରକ୍ଷିତ ପଦରେ ନିୟମିତ ହୋଇପାରିବନି ସାଧାରଣ ବର୍ଗଙ୍କ ଚାକିରି: ହାଇକୋର୍ଟ



କଟକ, ୮।୧୨(ସମିସ): ଆବେଦନକାରୀ ଜଣକ ସାଧାରଣ ବର୍ଗର ହୋଇଥିବାବେଳେ ସଂରକ୍ଷିତ ପଦରେ ନିଜ ଚାକିରିକୁ ନିୟମିତ କରିବା ପାଇଁ ଦାବି କରିପାରିବେ ନାହିଁ। ଯେଉଁ ପଦରେ ଆବେଦନକାରୀ ଜଣକ ଚାକିରି ନିୟମିତ କରିବା ପାଇଁ ଦାବି କରିଥିଲେ ସେହି ପଦଟି ସଂରକ୍ଷିତ ନ ଥିଲା ବୋଲି ମଧ୍ୟ ଆବଶ୍ୟକ ନଥିପତ୍ର ଦାଖଲ କରିପାରି ନ ଥିଲେ। ଏଣୁ ତାଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ରଜେନ୍ଦ୍ର ମିଶ୍ରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ରାୟ ଦେଇଛନ୍ତି। ଖରିଆର ଏନ୍ଏସି ଅଧୀନସ୍ଥ ସରସ୍ୱତୀ ହାଇସ୍କୁଲରେ ଦୁଇଟି ଟିଜିଟି କଳା, ଗୋଟିଏ ଟିଜିଟି ବିଜ୍ଞାନ ଓ ଗୋଟିଏ ଟିଜିଟି ହିନ୍ଦୀ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ୧୯୯୭ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ଜଣକ ଏଥିରେ ଅଂଶଗ୍ରହଣ କରି ଯୋଗ୍ୟ ବିବେଚିତ ହେବା ସହ ଆଡହକ୍ ଭାବେ ମାତ୍ର ୪୪ ଦିନ ପାଇଁ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ନିଯୁକ୍ତି ମିଆଦ ବୃଦ୍ଧି ପାଇଚାଲିଥିଲା। ତେବେ ତାଙ୍କ ସହ ହିନ୍ଦୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ଜଣେ ପ୍ରାର୍ଥୀଙ୍କ ଚାକିରିକୁ ନିୟମିତ କରାଯାଇଥିବା ନେଇ ଆବେଦନକାରୀ ଜାଣିବାକୁ ପାଇଥିଲେ। ଏଣୁ ସେ ତାଙ୍କ ଚାକିରି ନିୟମିତ କରିବାକୁ ଏକ ଦାବିପତ୍ର ଦେଇଥିଲେ; ହେଲେ କର୍ତ୍ତୃପକ୍ଷ ତାଙ୍କୁ ୨୦୦୧ ମାର୍ଚ୍ଚ ୩୧ରେ ଚାକିରିରୁ ବିଦା କରିଦେଇଥିଲେ। ଏନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୨୦୦୮ରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେବାକୁ କହିଥିଲେ। ଏହି ଅନୁସାରେ ସେ ଦାବିପତ୍ର ଦେଇଥିଲେ। ଯେଉଁ ପଦରେ ଆବେଦନକାରୀ ନିଜ ଚାକିରି ନିୟମିତ କରିବା ପାଇଁ ଦାବି କରିଛନ୍ତି ସେହି ପଦଟି ଏସ୍‌ଟି ବର୍ଗ ପାଇଁ ସଂରକ୍ଷିତ ଥିବାରୁ ୨୦୧୦ ଜୁନ୍ ୧୮ରେ କର୍ତ୍ତୃପକ୍ଷ ଉକ୍ତ ଦାବିପତ୍ରକୁ ଖାରଜ କରିବା ପରେ ସେ ପୁଣି ହାଇକୋର୍ଟରେ ମାମଲା ଦାୟର କରିଥିଲେ।

# ଜମିଜମା ବିବାଦକୁ ନେଇ ମାରପିଟ୍, ୧୦ ଆହତ



ରାଜନଗର, ୮।୧୨(ସମିସ): ରାଜନଗର ଥାନା ସାତଭାୟା ପଞ୍ଚାୟତ ବଗପାଟିଆ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇପକ୍ଷ ମଧ୍ୟରେ ମାରପିଟ୍ ହେବାରୁ ୧୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବଗପାଟିଆ ଗ୍ରାମର ରବି ମଣ୍ଡଳ, ଲତା ମଣ୍ଡଳ, ନଳିତା ଗାଇନି, ଶ୍ୟାମପଦ ମଣ୍ଡଳଙ୍କ ଅଭିଯୋଗ ମୁତାବକ, ଜମିଜମା ବିବାଦ ସମ୍ବନ୍ଧରେ ପୂର୍ବରୁ ଥାନାରେ ଏତଲା କରିଥିଲେ। ଗାଁରେ ସମାଧାନ ହେବା ପାଇଁ ଉଭୟପକ୍ଷ ରାଜି ହୋଇଥିଲେ। କିନ୍ତୁ ଅପରପକ୍ଷରେ ଥିବା ଗାଁର କାଳୀପଦ ମଣ୍ଡଳ, ନୀଳମଣି ମଣ୍ଡଳ, ଲବ ମଣ୍ଡଳ, କୁଶ ମଣ୍ଡଳ, ସୀତା ମଣ୍ଡଳ, ଭରତ ମଣ୍ଡଳ, ଆମଦିନ ମଣ୍ଡଳ ପ୍ରମୁଖ ଗାଁରେ ସମାଧାନ ପାଇଁ ସହଯୋଗ କରିନଥିଲେ। ଶୁକ୍ରବାର ଦିନ ଏହାକୁ ନେଇ ହଠାତ୍ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲେ। ଏନେଇ ଥାନାରେ ଉଭୟ ପକ୍ଷ ଲିଖିତ ଅଭିଯୋଗ କରିଛନ୍ତି।

## କମିଛି ଆଇଏଏସ୍ ଅଧିକାରୀଙ୍କ ସ୍ୱେଚ୍ଛାକୃତ ଅବସର ସଂଖ୍ୟା

**୨୦ବର୍ଷରେ ଓଡ଼ିଶାରୁ ମାତ୍ର ୩ ଅଧିକାରୀଙ୍କ ସ୍ୱେଚ୍ଛାକୃତ ଅବସର**

ବଲାଙ୍ଗିର, ୮।୧୨(ସମିସ): ଗତ ୨୦ ବର୍ଷ ମଧ୍ୟରେ ସମଗ୍ର ଦେଶରେ ଆଇଏଏସ୍ ଅଧିକାରୀମାନଙ୍କ ସ୍ୱେଚ୍ଛାକୃତ ଅବସର ଗ୍ରହଣ ସଂଖ୍ୟା ଆଶାତୀତ ଭାବେ ହ୍ରାସ ଘଟିଛି ବୋଲି ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା କହିଛନ୍ତି। ସର୍ବଭାରତୀୟ ସେବା ଅଧିନିୟମ ୧୯୫୮ର ୧୬(୨କ) ଧାରା ବଳରେ ସମଗ୍ର ଦେଶର ୧୩୫ଜଣ ଆଇଏଏସ ଅଧିକାରୀ ଗତ ୨୦ବର୍ଷ ମଧ୍ୟରେ ସ୍ୱେଚ୍ଛାକୃତ ଅବସର ନେଇଥିବା ଭାରତ ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ସେଥିମଧ୍ୟରୁ ୨୦୦୩ରେ ସର୍ବାଧିକ ୨୬ଜଣ ଆଇଏଏସ୍ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। କିନ୍ତୁ କରୋନା କାଳରେ ଜଣେ ହେଲେ ବି ସ୍ୱେଚ୍ଛାକୃତ ଅବସର ନେଇନାହାନ୍ତି। ପରେ ମଧ ଏହି ସଂଖ୍ୟା ଅପେକ୍ଷାକୃତ ଭାବେ କମ୍ ରହିଛି। ତଥ୍ୟ ଅନୁସାରେ, ୨୦୦୪ ମସିହାରେ ୧୩ଜଣ, ୨୦୦୫ରେ ୧୨ଜଣ, ୨୦୦୬ରେ ୨୧ଜଣ, ୨୦୦୭ରେ ୧୯ଜଣ, ୨୦୦୮ରେ ୯ଜଣ, ୨୦୦୯ରେ ୩ଜଣ, ୨୦୧୧ରେ ୨ଜଣ, ୨୦୧୨ରେ ୧୨ଜଣ, ୨୦୧୩ରେ ୪ଜଣ, ୨୦୧୫ରେ ୨ଜଣ, ୨୦୧୮ରେ ୨ଜଣ, ୨୦୧୯ରେ ୧ ଜଣ, ୨୦୨୨ରେ ୪ ଜଣ ଓ ୨୦୨୩ରେ ୫ଜଣ ଆଇଏଏସ ଅଧିକାରୀ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି।


**WORKS DEPARTMENT**
**OFFICE OF THE SUPERINTENDING ENGINEER, BHADRAK (R&B) DIVISION**
B-1411:
e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK- 26 /2023-24
No. 7336 / dt- 7/12/23

1. Nature of work: - Building Work
2. Number of works: -1(One) No
3. Amount put to Tender: - Rs. 82,57,081/-
4. Class of Contractor: -"B"
5. Date & Time of availability of bid document in the portal: - 19.12.2023 11.00 AM
6. Last Date / Time of receipt of bid in the portal: - 29.12.2023up to 05.00 PM
7. Date of opening of bid: - Dt.30.12.2023at 11.30 AM
8. Name & address of the Office inviting bid: - Superintending Engineer, Bhadrak (R&B) Division.
9. The bidders have to participate in ONLINE bidding only.
10. Further details can be seen from the e-procurement portal "http//tendersodisha.gov.in."
11. All future corrigendum will be available on ONLINE mode only.

OIPR-34079/11/0025/2324
Superintending Engineer
Bhadrak (R&B) Division

**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT**
କୋରାପୁଟ ବନଖଣ୍ଡ ଅଧିକାରୀ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରଙ୍କ କାର୍ଯ୍ୟାଳୟ
ଦୂରଭାଷ ନଂ. 06852-251270, ଫ୍ୟାକ୍ସ ନଂ. 06852-25270, ଇ. ମେଲ- ID-dfo.koraput@odisha.gov.in&
ଅଭିଯୋଗ କକ୍ଷ (SMS) ନଂ. 9437011270
Memo No. 5846 /1F-Accts- /2023 Date: 07/12/23
MM-356:
**CANCELLATION OF BID**
The bid for the work i.e." Construction of Police Out Post-cum-Office at proposed Eco-Cottage Complex at Deomali & another one Forest Guard Quarter at Kotia beat in Semiliguda Range for the year 2023-24." (the details are given below) is hereby cancelled due to no responsive bid in respect of bid (Sl.No. 01 & 02).

| Sl. No. | Name of the work | Tender ID Nos. | Invited Vide bid identification No. |
|---|---|---|---|
| 1 | Construction of Police Out Post-cum-Office at proposed Eco-Cottage Complex at Deomali for the year 2023-24. | 2023_DFOKP_97344_1 | DFO-KPT-04/2023 1(F) |
| 2 | Construction of Forest Guard Quarter at Kotia of Kotia beat, Pottangi section in Semiliguda Range of, Koraput Forest Division during the year 2023-24. | 2023_DFOKP_97344_2 | DFO-KPT-04/2023 1(F) |

OIPR-08067/11/0014/2324
Sd/- Divisional Forest Officer,
Koraput Forest Division

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

C-2047:
Phone No. : (0663)-2412135
Email ID : eephdsbp@gmail.com
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR.**
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-07/2023-24 Dt. 04.12.2023

| | | |
|---|---|---|
| 01. | Name of the Work | 2 nos Work. |
| 02. | Type of Bid. | Single Bid System |
| 03. | Estimated Cost | Rs. 23.28 lakhs to Rs. 34.87 lakh |
| 04. | Period of Completion | 3 (Three) Calendar Months |
| 05. | Date & Time of availability of bid document in the portal | From 11.00 AM of dt. 11.12.2023 to 5.00 PM of 21.12.2023 |
| 06. | Last date / time of receipt of bids in the portal | 5.00 PM of 21.12.2023. |
| 07. | Date & Time of opening of technical bids | At 11.30 AM of 22.12.2023. |
| 08. | Name and Address of the Officer Inviting Bid | Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in
OIPR-13026/11/0016/2324
Sd/- Executive Engineer
P.H. Division, Sambalpur

**AFFIDAVIT**
I, Pinky Barik, W/o- Narendra Barik resident of AT-Dhanurjayapur, PO- Digapada, PS- Kodala, Dist- Ganjam, Pin- 761032, Odisha declared by this affidavit No. 2171, dated- 08/12/2023, that now onwards I shall be known as **PINKI BARIK** for all future purposes.

**WATCO**
**OFFICE OF THE GENERAL MANAGER, WATCO DIVISION-I, VANIVIHAR SQUARE, BHUBANESWAR, ODISHA, PIN-751022**
Phone / FAX: - 0674-2542821 / e-Mail: gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
C-2041:
GMWATCO-I/94/ 2023-24 Dt.06.12.2023
No. 17828 / Date: 06.12.2023

| | | |
|---|---|---|
| 01 | Name of the work | Fitting. Fixing of Water meter box & Data Collection with PVR through mobile App for Khandagiri Bari DMA & Ghatikia Village DMA. |
| 02 | Estimate cost | Rs. 11.40 lakh |
| 03 | Period of completion | 15 Days, |
| 04 | Date & Time of availability of bid document In the portal | From 11.00 AM of Dt.12.12.2023 to 5.00 PM of 27.12.2023 |
| 05 | Last date / time of receipt of bids in the portal | 5.00 PM of 27.12.2023 |
| 06 | Date & Time of opening of bids | At 12.30 PM of 28.12.2023 |
| 07 | Name and Address of the Officer Inviting Bid | General Manager WATCO Division-I, BBSR |

Name & Address of Officer Inviting Bid: The General Manager, WATCO Division-I, BBSR, Odisha.
Further details can be seen from the e-Procurement portal https://www.tendersodisha.gov.in
OIPR-13083/11/0020/2324
GENERAL MANAGER,
WATCO Division-I,BBSR

**AFFIDAVIT**
I, Manjushree Panigrahi, W/o- Chandra Sekhar Panda, resident of AT- Flat No. C-303, Okilbag Enclave, PO- Budheswari, PO- Laxmisagar, Bhubaneswar, Pin-751006, Dist-Khordha, Odisha declared by this affidavit No.2017, dated- 07/12/2023 sworn before P K Nayak, Notary Public, Govt. of Odisha that my surname Panda is changed to Panigrahi, now onwards I shall be known as **MANJUSHREE PANIGRAHI** instead of **MANJUSHREE PANDA** for all future purposes and my name **Manjushree Panigrahi and Manjushree Panda** is one and same person.

**GOVERNMENT OF ODISHA**
WORKS DEPARTMENT
**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION BALLIGUDA**
B-1408:
TELEPHONE & Fax 06846-243242 E-mail- eepwd.balliguda@gmail.com
**Bid Identification No. S.E. BLG-12/ 2023-24 Dated:-02.12.2023**

| Sl.No | Name of the Work | Building and Road Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.77.00 lakh to 84.00 lakh |
| 2 | No. of Works | 02(Two) Only |
| 3 | Period & time of completion | 04(Four) Calendar Months |
| 4 | Date & time of availability of the bid document in the portal | 11.12.2023 to 21.12.2023(up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 21.12.2023 |
| 6 | Date & Time of bid opening | 11.30 hours on Dated. 22.12.2023 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist:-Kandhamal, Pin-762103 |

Others can be seen from Detailed Notice inviting Tenders, available in website. www.tendersodisha.gov.in.
Corrigendum if any, shall only be published in the above website.
OIPR-34038/11/0011/2324
Superintending Engineer
Baliguda (R&B) Division

O-1758:
E-Mail ID - rwd.padampur@yahoo.co.in
Ph.No. 9437255440
**Government of Odisha "e" Procurement Notice**
**Bid Identification No: Online- 10-OF 2023-24**

| | | |
|---|---|---|
| 1. | Name of the work | Building works (As per Annexure-'A') |
| 2. | Amount put to Bid Excluding GST | As per Annexure-'A' |
| 3. | Class of contractor | "C" & "B" |
| 5. | Date & Time of availability of bid document in the portal | From Dt. 13.12.2023 at 10.00 A.M. |
| 6. | Last Date & Time for receipt of bids in the portal | Dt. 23.12.2023 up to 05:00 P.M. |
| 7. | Last date of seeking clarification | Dt. 22.12.2023 up to 5.00 P.M |
| 8. | Date & Time of bid opening | Dt. 26.12.2023 at 11.00 A.M. |
| 9. | Name and address of the Officer Inviting Bid | Superintending Engineer, R.W.Division, Padampur, At/Po- Padampur, Dist-Bargarh,Pin- 768036 |

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website
OIPR-25069/11/0024/2324
Superintending Engineer,
Rural Works Division, Padampur

On the Occasion of Prathamastami
**SPECIAL HANDLOOM EXPO - 2023**
ପ୍ରଥମାଷ୍ଟମୀ ଉପଲକ୍ଷେ
ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୩
Ekamra Haat, Unit -III, Bhubaneswar
Upto 15.12.2023 at 11.00 AM to 9.00 PM
AVAIL SPECIAL GOVT. DISCOUNT
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by
Handlooms, Textiles & Handicrafts Department
Government of Odisha

Tel. 06766-258301(O)
email: se_nerwkjr@rediffmail.com
**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE: KEONJHAR**
O-1755:
**1st Corrigendum Notice**
Identification No. Bridge-cum-weir Online NCB No. 400
No. 4471 / Date: 7/12/23 /

1. Under unavoidable circumstances, the availability of tender online for bidding, opening of Technical Bid & Financial Bid of the tender invited vide eProcurement Notice No. 4248 Dtd: 21.11.23 / Bid Identification No. Bridge Online NCB No. 400 of Chief Construction Engineer, Rural Works Circle, Keonjhar is hereby rescheduled as below.
2. The approximate amount put to tender may be read as Rs.190.00 Lakhs instead of Rs.196.44 Lakhs.

| Procurement Officer | Bid Identification No. | Ava[illegible] F | [illegible]er Online To | Last Date & Time of seeking Tender Clarification. | Date & Time of Opening of Tender in O/O C.C.E., R.W. Circle, Keonjhar: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No. 400 | Dt.29.11.23 at 11.00 A.M. | Dt.21.12.23 up to 5.00 P.M. | Dt.20.12.23 up to 5.00 P.M. | Dt.22.12.23 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in
OIPR-25177/11/0043/2324
Chief Construction Engineer,
R.W. Circle, Keonjhar.

**OFFICE OF THE PANCHAYAT SAMITI: MATHILI**
ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି
(Development Section)
Govt. of Odisha
Panchayatiraj & D.W. Department
E-mail: ori-mathili@nic.in
No. 3800/Dev., Dated.07.12.2023
**TENDER CALL NOTICE No. 05 / 2023-24**
The Block Development Officer, Mathili invites sealed tender in prescribed form from reputed firms/authorized dealers/companies/agencies/registered manufacturers for the following items to be supplied in conformity with the Detailed Tender Call Notice.

| Sl. No. | Name of the Block | Name of the Work | Cost of Tender Paper (in Rs) | E.M.D (in Rs) (1 %) | Delivery Period |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Mathili | Supply & Installation of Dual Desk Bench System | 6000/- | @ 1% of quoted amount in prescribed shape | 15 (fifteen) days |

Showing of Tender Paper: The tender documents can be seen from the Govt. website www.malkangiri.nic.in only from 09.12.2023 to 18.12.2023 (up to 05:30 P.M). No Tender paper will be sold by the Block office, Mathili or any other offices. Interested bidders will download the bid documents from the same web site only i.e www.malkangiri.nic.in.
Place and date of receipt of tender Paper: Panchayat Samiti, Mathili, from 11.12.2023 to 18.12.2023 through Registered/Speed post only (Office Hour from 10:00 AM to 5:30 PM Except Sunday and Public Holidays).
Place and date of opening of tender paper: Panchayat Samiti, Mathili on dtd. 19.12.2023 at 11:00 AM.
Mode of receipt of tender paper: Registered/Speed Post only.
Name of the Scheme: Mo school, ST High School Transformation, Govt. of Odisha for the year 2023-24.
The authority reserves the right to reject any or all of the tenders without assigning any reasons thereof. The detailed information/corrigendum on Tender call notice can be available in the District website http//www.malkangiri.nic.in only.
*N.B: All Should go through the terms and conditions of Tender call Notice and Detail Tender call notice before submission of Tender papers.*
Sd/- Block Development Officer, Mathili

# ଆଶାଠାରୁ କମ୍ ବର୍ଷା ଘୋଡ଼ାହାଡ଼ ଓ ବାଘଲଟି ଜଳଭଣ୍ଡାର ଶ୍ରୀହୀନ

ବ୍ରହ୍ମପୁର, ୮ ।୧୨ (ସମିସ):



## ୨୫ବର୍ଷ ପରେ ଉତ୍କଟ ଜଳସଂକଟ

## ଖରିଫ ଓ ରବି ଚାଷ ପ୍ରଭାବିତ

## ପୋଖରୀ, ଗାଡ଼ିଆକୁ ଚାଲିଗଲେଣି କୁମ୍ଭୀର

ଗଞ୍ଜାମ ଜିଲ୍ଲାର ଦୁଇ ପ୍ରମୁଖ ଜଳଭଣ୍ଡାର ଘୋଡ଼ାହାଡ଼ ଓ ବାଘଲଟି ଶୁଖିଲା ପଡ଼ିଛି। ଦୀର୍ଘ ୨୫ ବର୍ଷ ପରେ ପୁଣି ଏଭଳି ସ୍ଥିତି ଦେଖିବାକୁ ମିଳିଛି। ୧୯୯୫ରୁ ୨୦୦୦ମସିହା ମଧ୍ୟରେ ଗୋଟିଏ ବର୍ଷ ଏଭଳି ଜଳ ସଂକଟ ସମସ୍ୟା ଦେଖାଦେଇଥିଲା। ଏବେ ପୁଣି ଜଳ ସଂକଟ ସ୍ଥାନୀୟ ଚାଷୀ, ଜନସାଧାରଣ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ଜଳଭଣ୍ଡାରଦ୍ୱୟ ଉପରେ ନିର୍ଭର କରୁଥିବା ଚାଷୀମାନେ ହତାଶ ହୋଇଛନ୍ତି। ଖାଲି ଚାଷ ଓ ଚାଷୀ ଯେ ପ୍ରଭାବିତ ହୋଇଛନ୍ତି, ତାହା ନୁହେଁ, କୁମ୍ଭୀର ଓ ଅନ୍ୟ ଜଳଚର ପ୍ରାଣୀଙ୍କ ଜୀବନ ପ୍ରତି ସଂକଟ ଦେଖାଦେଇଛି। ଭୀଷଣ ବର୍ଷା ବ୍ୟତୀତ ଏହାର ସମାଧାନ ପାଇଁ ଅନ୍ୟ କୌଣସି ବାଟ ନାହିଁ ବୋଲି ଜଳସମ୍ପଦ ବିଭାଗ ସ୍ପଷ୍ଟ କରିଛି।

ଚଳିତବର୍ଷ ଏହି ଜଳଭଣ୍ଡାର ଥିବା ଅଞ୍ଚଳରେ ୧୪୦୦ ମି.ମି ବର୍ଷା ଆଶା କରାଯାଉଥିବା ବେଳେ ମାତ୍ର ୭୮୦ ମି.ମି ବର୍ଷା ହୋଇଛି। ଫଳରେ ଜଳଭଣ୍ଡାର ଏବେ ଖେଳପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଆଗାମୀ ଦିନରେ ବର୍ଷା ହେଲେ, ଜଳଭଣ୍ଡାର ପୁନଃଜୀବିତ ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସାଧାରଣତଃ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ବର୍ଷା ହେଲେ ଏହି ଦୁଇ ଜଳଭଣ୍ଡାର ପରିପୂର୍ଣ୍ଣ ହୋଇଥାଏ। କିନ୍ତୁ ଚଳିତବର୍ଷ ଆଶାନୁଯାୟୀ ବର୍ଷା ହୋଇନାହିଁ। ଫଳରେ ଜୀବନରେଖା କୁହାଯାଉଥିବା ଏହି ଜଳଭଣ୍ଡାରଦ୍ୱୟ ଜଳସଂକଟ ପାଇଁ ନିଜ ସୌନ୍ଦର୍ଯ୍ୟ ଓ ଗରିମା ହରାଇଛନ୍ତି।

ଘୋଡ଼ାହାଡ଼ ଜଳଭଣ୍ଡାର ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ଚାଷୀମାନଙ୍କ ପାଇଁ ସଞ୍ଜୀବନୀ ସଦୃଶ। ଅସମୟରେ ଏହା ଚାଷୀଙ୍କ କାମରେ ଲାଗିଥାଏ। ଡ୍ୟାମ୍‌ର ବାମ ଓ ଡାହାଣ କେନାଲ ଦ୍ୱାରା ସରକାରୀ ଭାବେ ୭ହଜାର ୮୭୮ହେକ୍ଟର ଜମିକୁ ଜଳସେଚିତ ହୋଇଥାଏ। ସରକାରୀ ଜମି ମିଶିଲେ ପ୍ରାୟ ୧୦ ହଜାର ହେକ୍ଟର ଜମିକୁ ଜଳ ମାଡ଼ିଥାଏ। କିନ୍ତୁ ଏବର୍ଷ ଶୁଖିଲା ପଡ଼ିଥିବାରୁ ମୁଣ୍ଡରେ ହାତ ଦେଇ ବସିଛି ଚାଷୀ। ଏହି ଜଳଭଣ୍ଡାରର ଆଉ ଏକ ବିଶେଷତ୍ୱ ହେଲା, ନିଜ ଗର୍ଭରେ ଏହା ବହୁ କୁମ୍ଭୀରଙ୍କୁ ଆଶ୍ରୟ ଦେଇଥିଲା। ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ଏଠାରେ କୁମ୍ଭୀର ଗଣନା କରାଯାଉଥିଲା। କିନ୍ତୁ ଏ ବର୍ଷ ଆଉ ସେ ସ୍ଥିତି ଦେଖିବାକୁ ମିଳୁନାହିଁ। ପର୍ଯ୍ୟାପ୍ତ ପାଣି ନଥିବାରୁ ଏଠାକାର କୁମ୍ଭୀରମାନେ ନିକଟସ୍ଥ ପୋଖରୀ, ଗାଡ଼ିଆକୁ ଚାଲି ଯାଇଥିବା ଅନୁମାନ କରାଯାଉଛି।

ସେହିଭଳି ବାଘଲଟି ଜଳଭଣ୍ଡାର ପାତ୍ରପୁର, ଚିକିଟି ଓ ଦିଗପହଣ୍ଡି ବ୍ଲକର ବହୁ ପଞ୍ଚାୟତର ଚାଷ ଜମିକୁ ଜଳଯୋଗାଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ଚଳିତ ବର୍ଷ ଗଜପତି ଜିଲ୍ଲାରେ କମ୍ ବର୍ଷା ଯୋଗୁଁ ଏହି ଜଳଭଣ୍ଡାର ଶୁଖିଲା ପଡ଼ିଛି। ନିକଟରେ ଥିବା ଚାଷ ଜମିଗୁଡ଼ିକୁ ଜଳସେଚନ ହୋଇପାରି ନଥିବା ବେଳେ ଚାଷୀମାନେ ମଧ ବିକଳ୍ପ ଚିନ୍ତା କରିପାରୁନାହାନ୍ତି। ଜଳଭଣ୍ଡାର ଆଖପାଖ ଇଲାକାରେ ଧାନ ସମେତ ତୈଳବୀଜ ଓ ରବି ଫସଲ ଚାଷ ହେଉଥିଲା। କିନ୍ତୁ ଚଳିତ ବର୍ଷ ଏହା ବନ୍ଦ ହୋଇଛି। ଦୀର୍ଘ ୨୦ ବର୍ଷ ପରେ ଏଭଳି ଅବସ୍ଥା ଦେଖିବାକୁ ମିଳିଥିବା ବେଳେ ଜଳଭଣ୍ଡାର ଭିତରେ ଥିବା ଏକ ଛୋଟିଆ ମନ୍ଦିର ସମ୍ପ୍ରତି ଦୃଶ୍ୟମାନ ହେଉଛି। ଏହି ଜଳଭଣ୍ଡାର ନିକଟରେ ପିକିନିକ ଋତୁ ଆସିଲେ ପର୍ଯ୍ୟଟକମାନଙ୍କ ଭିଡ଼ ଜମୁଥିଲା। କିନ୍ତୁ ଚଳିତ ବର୍ଷ ପାଣି ନଥିବା ଯୋଗୁଁ ବାଘଲଟି ଏବେ ତାର ଅସ୍ତିତ୍ୱ ଖୋଜୁଛି।

ପାଣିପାଗ ବିଶେଷଜ୍ଞଙ୍କ ମତରେ ଜଳବାୟୁ ଓ ପାଣିପାଗରେ ଦ୍ରୁତ ପରିବର୍ତ୍ତନ ପାଇଁ ଏପରି ସ୍ଥିତି ଦେଖାଦେଇଛି। ଏବର୍ଷ ଦେଶ ଓ ରାଜ୍ୟରେ ମୌସୁମୀ ବର୍ଷା ଠିକ୍‌ଠାକ୍ ରହିଥିବା ବେଳେ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ଉପଯୁକ୍ତ ବର୍ଷା ନହେବା ଏହାର ବଡ଼ ଉଦାହରଣ। କିନ୍ତୁ ଏଥିପାଇଁ ହାତବାନ୍ଧି ନ ବସି ପ୍ରଶାସନ ଏହାର ବିକଳ୍ପ ଚିନ୍ତା କରିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ଅପରପକ୍ଷେ କୃଷି ବିଶେଷଜ୍ଞମାନଙ୍କ ମତରେ ଆଗାମୀ ଦିନରେ ବର୍ଷାଜଳକୁ ସଂରକ୍ଷିତ ରଖିବାରେ ଯଦି କିଛି ବିହିତ ପଦକ୍ଷେପ ନନିଆଯାଏ ତେବେ ଗଞ୍ଜାମ ଜିଲ୍ଲାରେ ଜମିକୁ ଜଳସେଚନ ପାଇଁ ପାଣିର ସଂକଟ ଏକ ବିରାଟ ସମସ୍ୟା ଭାବେ ଉଭା ହେବ ବୋଲି କୃଷି ବିଶେଷଜ୍ଞମାନେ ମତ ଦେଇଛନ୍ତି।

■ ଜେଲ୍‌ରେ ବଢୁଛି ହୃଦ୍‌ଘାତ ଜନିତ ମୃତ୍ୟୁ

# ରୋଗରେ ପଡ଼ି ୩ ବର୍ଷରେ ୧୬୩ ମୃତ

**୨୦୨୨ରେ ଜେଲ୍ ୫୦ଜଣଙ୍କ ମୃତ୍ୟୁ ଘଟିଛି**

**୪୭ ଜଣଙ୍କ ପ୍ରାକୃତିକ ମୃତ୍ୟୁ, ୩ଜଣଙ୍କ ସନ୍ଦେହ ଜନକ ମୃତ୍ୟୁ**

**୧୬ ଜଣ ହୃଦଘାତରେ ମୃତ୍ୟୁ ଘଟିଛି**

ଭୁବନେଶ୍ୱର, ୮ ।୧୨ (ସମିସ): ଓଡ଼ିଶାର ଜେଲ୍‌ଗୁଡ଼ିକରେ ହୃଦ୍‌ଘାତ ଜନିତ କଏଦୀଙ୍କ ମୃତ୍ୟୁସଂଖ୍ୟା କ୍ରମାଗତ ଭାବେ ବଢୁଛି। କଏଦୀଙ୍କ ମାନସିକ ସ୍ଥିତି ଠିକ୍ ନ ରହିବା ଏବଂ ଚିନ୍ତା ଆଦି ଅନ୍ୟାନ୍ୟ କାରଣରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି ବୋଲି ସଦ୍ୟପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ-୨୦୨୨ରେ କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ୨୦୨୨ରେ ୧୬ଜଣ କଏଦୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ବେଳେ ୨୦୨୧ରେ ୯ଜଣ ଏବଂ ୨୦୨୦ରେ ୧୫ଜଣଙ୍କ ହୃଦ୍‌ଘାତଜନିତ ମୃତ୍ୟୁ ହୋଇଛି।

ଏହାବ୍ୟତୀତ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇ ଗତ ୩ ବର୍ଷରେ ୧୬୩ କଏଦୀଙ୍କ ମୃତ୍ୟୁ ଘଟିଛି। ୨୦୨୨ରେ ୪୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୧ରେ ୫୨ ଏବଂ ୨୦୨୦ରେ ୬୭ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବିଶେଷକରି ଫୁସ୍‌ଫୁସ୍, କିଡ୍‌ନି, ଯକୃତ, ମସ୍ତିଷ୍କାଘାତ, ନିଶା ନ ପାଇବା, ଟିବି ଓ କ୍ୟାନସର୍ ଭଳି ମାରାତ୍ମକ ରୋଗରେ ପଡ଼ି ପ୍ରାଣ ହରାଇଛନ୍ତି।

ଏ ସଂପର୍କରେ ମାନସିକ ବିଶେଷଜ୍ଞଙ୍କ କହିବା କଥା, ଜେଲ୍‌ରେ କଏଦୀମାନେ ପରିବାର ଲୋକଙ୍କଠାରୁ ଦୂରେଇ ରହୁଛନ୍ତି। ଏହା ତାଙ୍କୁ ମାନସିକ ଭାବେ ଗଭୀର ପ୍ରଭାବିତ କରୁଛି। ଅବସାଦ ଓ ଉଦାସୀନତା ଯୋଗୁଁ ସେମାନଙ୍କୁ ଧୀରେଧୀରେ ବିଭିନ୍ନ ରୋଗ ମାଡ଼ି ବସୁଛି।

୨୦୨୨ରେ ଓଡ଼ିଶାର ବିଭିନ୍ନ ଜେଲ୍‌ରେ ୫୦ ଜଣଙ୍କ ମୃତ୍ୟୁ ଘଟିଥିଲା। ସେଥିମଧ୍ୟରୁ ୪୭ଜଣଙ୍କ ମୃତ୍ୟୁ ସ୍ୱାଭାବିକ ଥିବା ବେଳେ ୩ଜଣଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ୨୦୨୧ରେ ବିଭିନ୍ନ ଜେଲ୍‌ରେ ୬୦ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୨ଜଣଙ୍କର ସ୍ୱାଭାବିକ ଓ ୮ଜଣଙ୍କ ସନ୍ଦେହଜନକ ଏବଂ ୨୦୨୦ରେ ୭୫ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬୭ ଜଣଙ୍କ ସ୍ୱାଭାବିକ ଏବଂ ୮ଜଣଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ୨୦୨୨ରେ ୩ଜଣ, ୨୦୨୧ରେ ୪ଜଣ ଆତ୍ମହତ୍ୟା କରିଛନ୍ତି ଏବଂ ଜଣଙ୍କର ଗୁଳିମାଡ଼ରେ ମୃତ୍ୟୁ ଘଟିଥିଲା। ଜେଲ୍‌ରେ କଏଦୀଙ୍କ ମୃତ୍ୟୁ ଉଭୟ ମାନବାଧିକାର ଆୟୋଗ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନମାନଙ୍କ ଚିନ୍ତା ବଢ଼ାଇ ଦେଇଛି।

# ଅବଶିଷ୍ଟାଂଶ...

## ଖୁବ୍‌ଶୀଘ୍ର ମେଡିକାଲ...

ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି। ସରକାରୀ ଡାକ୍ତରଖାନାରେ ନୂଆ ଏବଂ ଅତ୍ୟାଧୁନିକ ଚିକିତ୍ସା ଉପଲବ୍ଧ କରାଯାଇଛି। ସେଥିପାଇଁ ସରକାରୀ ଡାକ୍ତରଖାନା ଲୋକଙ୍କ ଆସ୍ଥା ଭାଜନ ହୋଇପାରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଗରିବ ଲୋକଙ୍କ ପାଇଁ ଆଶୀର୍ବାଦ ସାଜିଛି। ପ୍ରତି ମାସରେ ଲକ୍ଷାଧିକ ଗରିବ ଲୋକ ବିନା ମୂଲ୍ୟରେ ସୁପରସ୍ପେଶାଲିଟି ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ଆଜି ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯେଉଁ ରୂପାନ୍ତର ଆସିଛି ତାହା କେବଳ ଲୋକମାନଙ୍କ ସହଯୋଗ ପାଇଁ ସମ୍ଭବ ହୋଇଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି ଯେ ଏହି ହସ୍ପିଟାଲ ତାଳଚେର ଓ ଅନୁଗୋଳବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସଫଳ ହେବ। ଏହି ହସ୍ପିଟାଲ ପାଇଁ କୋଲ ଇଣ୍ଡିଆର ବହୁ ଅବଦାନ ରହିଛି। ଆଗାମୀ ଦିନରେ ଏହି ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବା ପାଇଁ କୋଲ ଇଣ୍ଡିଆ ସବୁ ପ୍ରକାର ସହଯୋଗ ପ୍ରଦାନ କରିବ। ଏହି ହସ୍ପିଟାଲ ପ୍ରତିଷ୍ଠା ପାଇଁ ସମସ୍ତ ସହାୟତା ଦେଇଥିବାରୁ ଓଡ଼ିଶା ସରକାର ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବହୁତ ଧନ୍ୟବାଦ ବୋଲି ଶ୍ରୀ ଯୋଶୀ କହିଛନ୍ତି। ଆଗାମୀ ୫ ବର୍ଷ ପାଇଁ ଏହି ହସ୍ପିଟାଲ ପରିଚାଳନା ନିମନ୍ତେ ଏମ୍‌ସିଏଲ୍ ୬୨୮ କୋଟି ଟଙ୍କା ଯୋଗାଇ ଦେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ ପ୍ରତିଶ୍ରୁତି ଦେଇଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଛନ୍ତି ଯେ ଆଜି ଆମ ସମସ୍ତଙ୍କ ପାଇଁ ଏକ ଗୌରବମୟ ଓ ସ୍ମରଣୀୟ ଦିବସ। ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ଏହି ହସ୍ପିଟାଲ ପ୍ରତିଷ୍ଠା ହେବା ଦ୍ୱାରା ଏହି ମାଟି ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରିଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହା ସହ୍ ଶୀଘ୍ର ମେଡିକାଲ କଲେଜ କାର୍ଯ୍ୟକାରୀ କରିବା ପାଇଁ ଏହି ଅବସରରେ ସେ ଅନୁରୋଧ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ ଦିଗ୍‌ଦର୍ଶନ ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଆମକୁ ସର୍ବଦା ପ୍ରେରଣା ଦେଇ ଆସିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏବଂ କୋଲ ଇଣ୍ଡିଆ ଅଧକ୍ଷ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। '୫-ଟି' ଓ 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାନଦୀ କୋଲ୍ ଫିଲ୍ଡସ୍‌ର ସିଏମ୍‌ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ପୂର୍ବତନ ବ୍ୟାଙ୍କ୍...

୮୫ ଲକ୍ଷ ୪୯ ହଜାର ଟଙ୍କା, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମରେ ୧କୋଟି ୪୯ ଲକ୍ଷ ଟଙ୍କା ଏବଂ ସରକାରୀ ସବ୍‌ସିଡି ବାବଦରେ ୧୫ଲକ୍ଷ ୬୦ ହଜାର; ଏହିପରି ମୋଟ ୩ କୋଟି ୩୩ ଲକ୍ଷ ୫୨ ହଜାର ୬୦୨ଟଙ୍କାର ଦୁର୍ନୀତି କରିଥିବା ତଦନ୍ତରୁ ଜଣାଯାଇଛି। ସୂଚନାନୁଯାୟୀ, ଦୁହେଁ ଜାଲ କାଗଜପତ୍ର ବଳରେ ନକଲି ହିତାଧିକାରୀଙ୍କ ନାମରେ ବ୍ୟାଙ୍କ ଅର୍ଥ ଆତ୍ମସାତ୍ କରିଥିଲେ। ବ୍ୟାଙ୍କ ପକ୍ଷରୁ ଏନେଇ ତଦନ୍ତ ହେବା ପରେ ସତ ସାମ୍ନାକୁ ଆସିଥିଲା। ପରେ ସେଣ୍ଟ୍ରାଲ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଅନାଦି ବିଶ୍ୱାସ ଦୁହିଁଙ୍କ ନାଁରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲୁ ଜଣଙ୍କୁ କେନ୍ଦୁଝରରୁ ଓ ଅନ୍ୟଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରିଛି। ଉଭୟଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଇଓଡବ୍ଲୁ ପକ୍ଷରୁ କୁହାଯାଇଛି।

## ଲୋକସଭାରୁ ମହୁଆ...

ରିପୋର୍ଟରେ କୌଣସି ନିୟମ ପାଳନ କରାଯାଇ ନାହିଁ। କମିଟି ମୂଳ ପର୍ଯ୍ୟନ୍ତ ନ ପହଞ୍ଚି ରିପୋର୍ଟ ପ୍ରସ୍ତୁତ କରିଛି। ପ୍ରଶ୍ନ ପାଇଁ ଟଙ୍କା ନେଇଥିବାର କୌଣସି ପ୍ରମାଣ ନ ଥାଇ ମୋତେ ଦଣ୍ଡ ଦିଆଯାଇଛି। ୧୭ତମ ଲୋକସଭାର ଆଜିର ଦିନଟି ଐତିହାସିକ ରହିଛି। ଏହି ସଦନରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିବାବେଳେ ଜଣେ ମହିଳା ସାଂସଦଙ୍କୁ ଅପମାନିତ କରାଯାଇଛି। ଏକ ସଂସଦୀୟ କମିଟିକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଇଛି। ଯେଉଁ କାମ ପାଇଁ ସଦାଚାର କମିଟି ଗଠନ କରାଯାଇଥିଲା ତାହା ଆଦୌ କରାଯାଇ ନାହିଁ। ମାଆ ଦୁର୍ଗା ଆସିଗଲେଣି। ଏବେ ବିଧ୍ୱଂସ ଦେଖିବାକୁ ମିଳିବ। ବିନାଶ ଆରମ୍ଭ ହେଲେ ବିବେକ ମରିଯାଏ ବୋଲି ମହୁଆ କହିଛନ୍ତି।

ଏହି ମାମଲାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମହୁଆଙ୍କୁ ସମର୍ଥନ କରିଛନ୍ତି। ମହୁଆ ଏହି ଯୁଦ୍ଧ ଜିତିବେ ବୋଲି କହିଛନ୍ତି। ସେ ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଦର୍ଶାଇଛନ୍ତି। ବାଚସ୍ପତି ତରବରିଆ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି। ଗଣତନ୍ତ୍ରକୁ ହତ୍ୟା କରି ଦିଆଯାଇଛି। ପୀଡ଼ିତଙ୍କୁ ନିଜ ସୁରକ୍ଷା ପାଇଁ ଅଧିକାର ଦିଆଯାଉ ନାହିଁ। ବାଚସ୍ପତି ନ୍ୟାୟ ନୁହେଁ, ଅନ୍ୟାୟ କରିଛନ୍ତି। ଲୋକ, ସାଂସଦ ଏବଂ ସମ୍ବିଧାନକୁ ଧୋକା ଦେଇଛନ୍ତି। ବିଜେପି ପ୍ରତିଶୋଧର ରାଜନୀତି କରୁଛି। ଏହା ଗଣତନ୍ତ୍ର ପାଇଁ ଦୁର୍ଭାଗ୍ୟଜନକ। ଲୋକେ ଏହାର ପ୍ରତିଶୋଧ ନେବେ। ବିରୋଧୀ ଏଥିରୁ ଶିକ୍ଷା ଗ୍ରହଣ କରି ଏକାଠି ହୁଅନ୍ତୁ ବୋଲି ମମତା ଆହ୍ୱାନ ଦେଇଛନ୍ତି।

## ୨୦୦ କୋଟି ଟପିଲାଣି...

ମାତ୍ର ଜବତ ଟଙ୍କା ପର୍ବତକୁ ନେଇ ଏବେ ଦେଶର ରାଜନୀତିରେ ସୃଷ୍ଟି ହୋଇଛି କମ୍ପନ। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ନେଇ ନିଜ ସୋସିଆଲ ମିଡ଼ିଆ 'ଏକ୍ସ'ରେ ପରୋକ୍ଷରେ କଂଗ୍ରେସକୁ କଟାକ୍ଷ କରିଛନ୍ତି। ଦେଶବାସୀ ଏହି ଟଙ୍କା ଗଦାକୁ ଦେଖନ୍ତୁ ଓ ପୁଣି ସେମାନଙ୍କ ନେତାଙ୍କ 'ଇମାନଦାରୀ' ଭାଷଣ ଶୁଣନ୍ତୁ ବୋଲି ଉଲ୍ଲେଖ କରି ଲୋକଙ୍କୁ ଯେଉଁମାନେ ଲୁଟିଛନ୍ତି; ସେମାନଙ୍କୁ ଏହାର ପ୍ରତିଟି ପଇସା ଫେରାଇବାକୁ ପଡ଼ିବ, ଏହା ମୋଦୀ ଗ୍ୟାରେଣ୍ଟି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏହା '୩-ସି' କଂଗ୍ରେସ-କରପସନ-କ୍ୟାସ'ର ପ୍ରମାଣ ବୋଲି ଉଲ୍ଲେଖ କରିଥିବାବେଳେ ଅନ୍ୟତମ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ ଏହି ପ୍ରସଙ୍ଗରେ କଂଗ୍ରେସକୁ ସିଧାସଳଖ ନିଶାଣ କରିଛନ୍ତି। ଏହି ବିପୁଳ ଅର୍ଥ କଂଗ୍ରେସର ରାଜ୍ୟସଭା ସାଂସଦ ଧୀରଜ ସାହୁଙ୍କର ବୋଲି ବିଜେପି ଅଭିଯୋଗ କରିଛି। ଅନ୍ୟପକ୍ଷରେ ସାଂସଦ ଧୀରଜ ସାହୁଙ୍କୁ ବଞ୍ଚାଇବାକୁ ଝାଡ଼ଖଣ୍ଡର ପାନୀୟ ଜଳ ମନ୍ତ୍ରୀ ମିଥିଲେଶ ଠାକୁର ଆଗକୁ ଆସିଛନ୍ତି। ଏତେ ଟଙ୍କା ମିଳିବାରେ କେଉଁଠି ଅସୁବିଧା ରହିଛି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ତାଙ୍କର ପ୍ରତିଦିନ କୋଟିକୋଟି ଟଙ୍କାର ବ୍ୟବସାୟ ହୁଏ ଓ ନଗଦ ଅର୍ଥ ଆସେ। ଏଥିରେ କିଛି ଭୁଲ ନାହିଁ। ଦେଶର ବଡ଼ବଡ଼ ଶିଳ୍ପପତିଙ୍କ ଘରେ ଚଢ଼ଉ ହେଲେ ବି ନଗଦ ଅର୍ଥ ମିଳିବ। ଅନ୍ୟକୁ କାଦୁଅ ଫିଙ୍ଗିବା ବିରୋଧୀଙ୍କ ଅଭ୍ୟାସ ବୋଲି ମିଥିଲେଶ ବିଜେପିକୁ ଆକ୍ଷେପ କରିଛନ୍ତି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ କଂଗ୍ରେସ ନେତା ତଥା ଏଆଇସିସି ସାଧାରଣ ସମ୍ପାଦକ ରାକେଶ ସିହ୍ନା ଏହି ପ୍ରସଙ୍ଗରେ ବିଜେପିକୁ ଘେରିଛନ୍ତି। ଇଡ଼ି, ସିବିଆଇ ଚଢ଼ଉକୁ ବିଜେପି ନେତାମାନେ ବିକାଶ ବୋଲି ଭାବୁଛନ୍ତି ଓ ଅତିମାତ୍ରାରେ ଉତ୍ସାହିତ ହୋଇ ପଡ଼ିଛନ୍ତି ବୋଲି ସେ କହିଛନ୍ତି। ରାକେଶ କହିଛନ୍ତି ଯେ ଚଢ଼ଉରେ କେତେ ଟଙ୍କା ଜବତ ହୋଇଛି ତାହା ସିବିଆଇ ସ୍ପଷ୍ଟ କରିନାହିଁ; ମାତ୍ର ବିଜେପି ନେତାମାନେ ଟଙ୍କା ପରିମାଣ ପ୍ରକାଶ କରିବା ପଛରେ ଅନେକ କିଛି ରହସ୍ୟ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ଓଡ଼ିଶାର ବୌଦ୍ଧ ଡ଼ିଷ୍ଟିଲାରୀ ପ୍ରାଇଭେଟ ଲିଃରୁ ଆରମ୍ଭ ହୋଇଥିବା ଏହି ଆୟକର ଚଢ଼ଉ ରାଜ୍ୟର ବିଭିନ୍ନ ସ୍ଥାନକୁ ବ୍ୟାପିଛି। ବୌଦ୍ଧ ଡ଼ିଷ୍ଟିଲାରୀ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମ୍ପୃକ୍ତ ବଳଦେବ ସାହୁ ଏଣ୍ଡ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ବିଭିନ୍ନ ଦେଶୀ ମଦ ଭାଟି, ଚାଉଳ କଳ ଓ ଅନ୍ୟାନ୍ୟ ସ୍ଥାନରେ ମଧ ଚଢ଼ଉ ହୋଇଛି। ବଳଦେବ ସାହୁ ଏଣ୍ଡ ଗ୍ରୁପ୍ ଅଫ୍ କମ୍ପାନୀରେ ଧୀର ସାହୁଙ୍କ ସହ ତାଙ୍କ ପରିବାରର ରାଜକିଶୋର ସାହୁ, ସ୍ୱରାଜ ସାହୁ ଓ ଅନ୍ୟ ପରିବାର ସଦସ୍ୟ ଅଂଶୀଦାର ଥିବା କୁହାଯାଉଛି। ଓଡ଼ିଶାରେ ଧୀରଜଙ୍କ ଭାଇ ସଞ୍ଜୟ ସାହୁ ଓ ଦୀପକ ସାହୁ କାରବାର ସମ୍ଭାଳୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଧୀରଜ ଓ ତାଙ୍କ ସମ୍ପର୍କୀୟମାନେ ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦେଶୀ ମଦ କାରବାରର ମଙ୍ଗ ଧରିଥିବା କୁହାଯାଉଛି ଏବଂ ବୌଦ୍ଧ ଡ଼ିଷ୍ଟଲାରୀ ଏହାର ଅଂଶବିଶେଷ। ଏହା ସହିତ ବଳଦେବ ସାହୁ ଇନ୍‌ଫ୍ରା ପ୍ରାଇଭେଟ ଲିଃ, କ୍ୱାଲିଟି ବଟଲର୍ସ ପ୍ରାଇଭେଟ ଲିଃ, କିଶୋର ପ୍ରସାଦ ବିଜୟ ପ୍ରସାଦ ବ୍ରିୱେରିଜ୍ ପ୍ରାଇଭେଟ ଲିଃ ସହ ମଧ ଜବତ ଟଙ୍କାର ସମ୍ପର୍କ ଥିବା ଅନ୍ୟଏକ ସୂତ୍ରରୁ ସୂଚନା ମିଳିଛି। ମଦ ବ୍ୟବସାୟୀଙ୍କ 'ଟଙ୍କା ପାହାଡ଼'କୁ ନେଇ ଜାତୀୟ ସ୍ତରରେ ବିଜେପିର ଶୀର୍ଷ ନେତାମାନେ କଂଗ୍ରେସକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବାବେଳେ ଓଡ଼ିଶା ବିଜେପି ନେତାମାନେ ମିଛ ଗପ ଓ କାହାଣୀ ଗାଉଛନ୍ତି। ବିନା କିଛି ତଥ୍ୟପ୍ରମାଣରେ ତୁଚ୍ଛା ରାଜନୈତିକ ଫାଇଦା ଓ ଆତ୍ମପ୍ରଚାର ପାଇଁ ଦଳର ନେତାମାନେ ଅଯଥାରେ ବିଜେଡ଼ିକୁ ଟାଣିବାକୁ ଉଦ୍ୟମ କରି ନିଜ ଦଳର ଜାତୀୟ ନେତା ଓ ପ୍ରଧାନମନ୍ତ୍ରୀଙ୍କୁ ବି ମିଛୁଆ କରି ଦେଇଛନ୍ତି। ଖୋଦ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ସ୍ମୃତି ଇରାନୀ ଏହି ଅର୍ଥକୁ ନେଇ କଂଗ୍ରେସକୁ ନିଶାଣ କରିବାବେଳେ ଓଡ଼ିଶାର ବିଜେପି ନେତାମାନେ ବିଜେଡି ପ୍ରତି ଅଙ୍ଗୁଳି ଉଠାଇ ନିଜର ଅଜ୍ଞତାକୁ ପରିପ୍ରକାଶ କରିବା ସହ ନିଜ ଦଳର ନେତାଙ୍କୁ କାଠଗଡ଼ାରେ ଠିଆ କରାଇ ଦେଇଛନ୍ତି।

## ବିଜେଡିର ଲକ୍ଷ୍ୟ...

ବଢ଼ି ବଢ଼ି ଚାଲିଛି। ଏପରିସ୍ଥଳେ ଆଉ କିଛି ମାସର ବ୍ୟବଧାନରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଦଳର ପ୍ରତିଷ୍ଠା ଦିବସ ବେଶ୍ ଗୁରୁତ୍ୱବହନ କରୁଛି। କେବଳ ନିର୍ବାଚନ ରଣନୀତି ନୁହେଁ, ଜନସେବାକୁ ଅଧିକ ତ୍ୱରାନ୍ୱିତ ଓ ବ୍ୟାପକ କରିବା ଉପରେ ଦଳ ଗୁରୁତ୍ୱ ଦେଉଛି। ଏହା ପୂର୍ବରୁ ଜିଲ୍ଲାରୁ ରାଜ୍ୟସ୍ତରଯାଏ ପ୍ରତିଷ୍ଠା ଦିବସ ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି।

ବିଧାନସଭା, ସଂସଦ, ପୌର ଓ ପଞ୍ଚାୟତ ନିର୍ବାଚନରେ ଓଡ଼ିଶାବାସୀ ବିଜେଡିକୁ ଆଶୀର୍ବାଦର ସୁନା କଳସ ଢ଼ାଳିବାରେ ଅବହେଳା କରି ନାହାନ୍ତି। ପ୍ରତିଥର ପରି ଏଥର ମଧ ଦଳ ଲୋକଙ୍କ ସେବାରେ ଉତ୍ସର୍ଗ କରିବ। ସେଥିପାଇଁ ବିଜେଡି ପ୍ରତିଷ୍ଠା ଦିବସକୁ ଓଡ଼ିଶାବାସୀ 'ଜନସେବା ଉତ୍ସବ' ଭାବେ ପାଳନ କରିବେ ବୋଲି ଦଳର ନେତାମାନେ ସ୍ପଷ୍ଟ କରିଛନ୍ତି। ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ପ୍ରତ୍ୟେକ ଘରେ ପହଞ୍ଚାଇବା ସହିତ ତୃଣମୂଳ ସ୍ତରରୁ ଜନସେବାକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀଙ୍କ ସୁଖଦୁଃଖର ସାଥୀ ହୋଇଛି ବିଜେଡି।

ରୂପାନ୍ତରଣ ପଥରେ ଆଗକୁ ଚାଲିଥିବା ଓଡ଼ିଶା ଏବେ ପୂରା ଦେଶର ରୋଲ୍ ମଡେଲ ସାଜିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି, ପର୍ଯ୍ୟଟନ, ଆଇଟି, କୃଷିକ୍ଷେତ୍ରରେ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି ଓଡ଼ିଶା। ବିକଶିତ ଓଡ଼ିଶା ନିର୍ମାଣ ପ୍ରକ୍ରିୟା ଜାରି ରହିଛି। ଏପରିସ୍ଥଳେ ମିଶନ୍ ୨୦୨୪ ପାଇଁ ନବୀନଙ୍କ ଗୁରୁମନ୍ତ୍ର ଯଥେଷ୍ଟ ଗୁରୁତ୍ୱବହନ କରିବ। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ଓଡ଼ିଶାବାସୀଙ୍କ ସେବାରେ ମୁଖ୍ୟମନ୍ତ୍ରୀ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଓଡ଼ିଶାବାସୀ ହେଉଛନ୍ତି ତାଙ୍କ ପରିବାର। ତାଙ୍କର ତ୍ୟାଗପୂତ ସେବା ହିଁ ତାଙ୍କୁ ଆଜି ଅପ୍ରତିଦ୍ୱନ୍ଦ୍ୱୀ ନେତାରେ ପରିଣତ କରିଛି। ଆମର କାହା ସହିତ ପ୍ରତିଦ୍ୱନ୍ଦ୍ୱିତା ନାହିଁ। କାରଣ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତୀ ଓ ସେବା ମନୋଭାବ ହିଁ ତାଙ୍କୁ ଲୋକଙ୍କ ଆଶୀର୍ବାଦ ଆଣି ଦେଇଛି। ତେଣୁ ଚଳିତ ଥର ମଧ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାବାସୀ ଆଶୀର୍ବାଦ କରିବେ ଏଥିରେ ସନ୍ଦେହ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ଟଙ୍କା ଗଣି...

ହେଁସବୁ ଟଙ୍କା ଗଣିବାକୁ ଆଉ ୫ରୁ ୬ ଦିନ ସମୟ ଲାଗି ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଗତ ବୁଧବାର ସଂଧ୍ୟାରେ ଆୟକର ବିଭାଗ ପକ୍ଷରୁ ବଲାଙ୍ଗିର ସୁଦପଡ଼ାରେ ଥିବା ବଳଦେବ ସାହୁଙ୍କ ମଦଭାଟିରେ ଚଢ଼ଉ କରାଯାଇଥିଲା। ଆୟକର ଅଧିକାରୀମାନେ ସେଠାରେ ଥିବା ୯ଟି ଆଲମାରୀରୁ ପୁଳାପୁଳା ଟଙ୍କା ଜବତ କରିଥିଲେ। ସେହିଭଳି ଟିଟିଲାଗଡ଼ ସଞ୍ଜୟ ସାହୁ ଓ ଦୀପକ ସାହୁଙ୍କ ଘରୁ ମଧ ଟଙ୍କା ଜବତ ହୋଇଥିଲା। ଜବତ ସମସ୍ତ ଟଙ୍କାକୁ ବଲାଙ୍ଗିରସ୍ଥିତ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟଶାଖାରେ କଡ଼ା ସୁରକ୍ଷାବଳୟ ମଧ୍ୟରେ ଗଣତି କରାଯାଉଛି। ଜଣେ ଡିଏସ୍‌ପି ପ୍ୟାହାର ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟଙ୍କା ଗଣତି ଚାଲିଛି। ତେବେ ଗିରଫଦାରୀ ଭୟରେ ସଞ୍ଜୟ ଓ ଦୀପକ ଫେରାର୍ ହୋଇଯାଇଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କର କୌଣସି ଖୋଜ୍‌ଖବର ମିଳିପାରିନାହିଁ। ଅପରପକ୍ଷେ ଚଢ଼ଉ କିମ୍ବା ଟଙ୍କା ଗଣତି କୁ ନେଇ ଆୟକର ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

ଜାତୀୟ ରାଜପଥରେ ଜରୁରୀକାଳୀନ କଲ୍-ବଟନ୍

# ଗୋଟିଏ ବଟନ୍‌ରେ ୩ ଜରୁରୀକାଳୀନ ସେବା

ଭୁବନେଶ୍ୱର, ୮ ।୧୨ (ସମିସ): ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ପକ୍ଷରୁ ପ୍ରଥମ କରି ୧୬ ନମ୍ବର ଜାତୀୟ ରାଜପଥରେ ଏମର୍ଜେନ୍ସି କଲ୍ ବକ୍ସେସ୍(ଇସିବି) ବା ଏସ୍‌ଓଏସ୍ କଲ୍ ବ୍ୟବସ୍ଥା ଲାଗୁ କରାଯାଇଛି। ଦୁର୍ଘଟଣା ସମୟରେ ତ୍ୱରିତ ସହାୟତା, ଲୁଟ୍‌ପାଟ୍ ତଥା ଅନ୍ୟ କୌଣସି ଆପରାଧିକ ଘଟଣାର ସମ୍ମୁଖୀନ ହେଲେ କିମ୍ବା ଟ୍ରାଫିକ୍ ସମସ୍ୟା ଆଦି ଅନ୍ୟ କୌଣସି ଅସୁବିଧା ସମୟରେ ଯାତ୍ରୀଙ୍କ ସହାୟ ହୋଇପାରିବ ବୋଲି କୁହାଯାଉଛି। ଏହା ଦେଖିବାକୁ ଏକ ସାଧାରଣ ଟେଲିଫୋନ୍ ଭଳି। ତ୍ୱରିତ ସହାୟତା ପାଇଁ ଯାତ୍ରୀମାନେ ଏହା ସାହାଯ୍ୟରେ ନିକଟସ୍ଥ ଥାନା, ଅଗ୍ନିଶମ ଅଫିସ୍ ଓ ଆମ୍ବୁଲାନ୍ସକୁ ଯୋଗାଯୋଗ କରିପାରିବେ। ବିଶେଷକରି ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚାଇବାରେ ଏହି ସେବା ସହାୟକ ହୋଇପାରିବ। ବରମୁଣ୍ଡାରୁ ଚଣ୍ଡିଖୋଲ(୬୭ କିମି) ମଧ୍ୟରେ ପ୍ରତି ୨ କି.ମି ବ୍ୟବଧାନରେ ଏହା ରାଜପଥର ଉଭୟ ପାର୍ଶ୍ୱ ଖୁଣ୍ଟରେ ଲଗାଯାଉଛି। ପୋଲ୍ ଉପରେ ଏହାକୁ ଝୁଲାଇ ଦିଆଯାଇଛି।



**ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିବ ପୁଲିସ, ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି**

**ଦୁର୍ଘଟଣାଗ୍ରସ୍ତ, ଟ୍ରାଫିକ୍ ସମସ୍ୟାର ହେବ ତ୍ୱରିତ ସମାଧାନ**

ସୂଚନାନୁସାରେ, ଏହି ବକ୍ସରେ ଜିପିଏସ୍ ଓ ଭଏସ୍ କମ୍ୟୁନିକେସନ୍ ଭଳି ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ରହିଛି। ଜଣେ ବ୍ୟକ୍ତି ଉକ୍ତ ବକ୍ସ ନିକଟରେ ପହଞ୍ଚି କେବଳ କଲ୍-ବଟନ୍‌କୁ ପ୍ରେସ୍ କଲେ, ତାହା ଏକାସାଙ୍ଗରେ ପୁଲିସ, ଅଗ୍ନିଶମ ଓ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବାପ୍ରଦାନକାରୀ ସଂସ୍ଥାକୁ କଲ୍ ସଂଯୋଗ କରିବେଦ। ଏହା ସୋଲାର୍ ଦ୍ୱାରା ଚାର୍ଜ ହେଉଥିବା ବେଳେ ବର୍ଷା, ଖରା ଓ ଶୀତରେ ଖରାପ ହେବ ନାହିଁ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଉଛି। ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍(ଏସ୍‌ଜେପିଏଲ୍) ଲଗାଉଥିବା ବେଳେ ଏହାର ରକ୍ଷଣାବେକ୍ଷଣା ମଧ ଏହି ସଂସ୍ଥା କରିବ ବୋଲି ସୂଚନା ମିଳିଛି।

ଏନ୍‌ଏଚ୍‌ଏଆଇର ଓଡ଼ିଶା ମୁଖ୍ୟ ତଥା ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂହଙ୍କ କହିବାନୁସାରେ, ଏହି ଇସିବି ଲଗାଇବା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମୋଟ ୬୦ ଦିନ ସମୟ ଲାଗିଛି। ଇସିବି ଲଗାଇବା ପୂର୍ବରୁ ଆମେ ଯାତ୍ରୀମାନଙ୍କ ସହ ଆଲୋଚନା କରିଥିଲୁ। ଏହାର ସରଳ ବ୍ୟବହାର ବିଷୟରେ ଲୋକଙ୍କୁ ଅବଗତ କରାଇଛୁ। ଏନେଇ ସଡ଼କ ସୁରକ୍ଷା ସଚେତନତା ଉପରେ କାର୍ଯ୍ୟ କରୁଥିବା ବିଶ୍ୱଭୂଷଣ ତ୍ରିପାଠୀ କହିଛନ୍ତି, ଏନ୍‌ଏଚ୍‌ଏଆଇ ପକ୍ଷରୁ ଲଗାଯାଇଥିବା ଏହି ଇସିବି ବକ୍ସ ଠିକ୍ ଭାବେ କାମ କଲେ, ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚାଇବା ସହଜ ହେବ। ଏହାସହ ଦୁର୍ଘଟଣାଜନିତ ଟ୍ରାଫିକ୍ ଜାମ୍‌ରୁ ଲୋକମାନେ ମୁକ୍ତି ପାଇପାରିବେ।

## ରାତି ତୁଳନାରେ...

ମେଘଖଣ୍ଡ ହଟିବା ପରେ ରାତିରେ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏଥିପାଇଁ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୫ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଆସନ୍ତା ୨ ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## 'ସୁସ୍ଥ ଜୀବନ'ର...

ହାସଲ କରିପାରିଛି। ଏତିକି ନୁହେଁ ବିଦ୍ୟାଳୟ ସ୍ତରରୁ କିପରି ଜଣେ ଜଣେ କ୍ରୀଡ଼ାବିତ, ଆଥଲେଟ୍ ସୃଷ୍ଟି ହେବେ ସେଥିପାଇଁ ମଧ ସବୁ ବନ୍ଦୋବସ୍ତ କରିଛନ୍ତି। ଫୁଟ୍‌ବଲ, ହକି ଠାରୁ ଆରମ୍ଭ କରି ସନ୍ତରଣ, ତୀରଚାଳନା, ଆଥଲେଟିକ୍, ଚେସ୍ ଭଳି ବିଭିନ୍ନ କ୍ରୀଡ଼ା ପାଇଁ ହାଇପର୍ଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରାଯାଉଛି। ଜିଲ୍ଲାସ୍ତରରେ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ କରାଯାଉଛି। ଏପରିକି ନିକଟରେ ବିଭିନ୍ନ ଜିଲ୍ଲା ଗସ୍ତ ଅବସରରେ ଛାତ୍ରଛାତ୍ରୀଙ୍କୁ ଭେଟି ଫିଟ୍‌ନେସ୍ ମନ୍ତ୍ର ଦେବା ସହ ପିଲାଙ୍କ ସହ ବାସ୍କେଟ ବଲ୍ ଖେଳିଥିବା ମଧ ଦେଖାଯାଇଥିଲା। ଏହିକ୍ରମରେ ଆଜି ତାଙ୍କର ଏହି ସ୍ପୋର୍ଟି ଅବତାର ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

## ଓଡ଼ିଶା ବିଜେପି...

ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ ଅନୁରୂପ ଅଭିଯୋଗ କରି ଏହି ଅର୍ଥ ବିଜେପି ନେତାଙ୍କର ବୋଲି କହୁଛି। ଦୁଇ ଦିନ ହେଲା ଉଭୟ ଦଳର ନେତା ପରସ୍ପରକୁ ଦୋଷ ଦେଉଛନ୍ତି। ଏଥିରୁ ଜଣାପଡୁଛି ଯେ ଉଭୟ ବିଜେପି ଓ କଂଗ୍ରେସ ଦଳର ନେତା ନିଜ ନିଜର ଟଙ୍କାକୁ ବ୍ୟବସାୟୀଙ୍କ ଜରିଆରେ ଠୁଳ କରି ରଖୁଥିଲେ। କିନ୍ତୁ ଚିରାଚରିତ ଭାବେ ଓଡ଼ିଶା ବିଜେପି ନେତାମାନେ ଏହି ମାମଲାରେ ବିଜୁ ଜନତା ଦଳକୁ ଟାଣିଓଟାରୀ ଏହି ମାମଲାରେ ଯୋଡ଼ିବା ପାଇଁ ବୃଥା ଉଦ୍ୟମ ଚଳାଇଛନ୍ତି। ବିଜୁ ଜନତା ଦଳ ସର୍ବଦା ଆଇନ୍‌କୁ ସମ୍ମାନ ଦେଇଥାଏ। ଆୟକର ବିଭାଗ ପକ୍ଷରୁ କରାଯାଇଥିବା ଚଢାଉକୁ ଆମେ ସ୍ୱାଗତ କରୁଛୁ। ମିଳିଥିବା ଟଙ୍କା ଏବଂ ବ୍ୟବସାୟୀଙ୍କ ସହ ବୋଧହୁଏ ପଶ୍ଚିମ ଓଡ଼ିଶାର କିଛି ବିଜେପି ନେତାଙ୍କ ସମ୍ପର୍କ ରହିଛି। ତେଣୁ ତଥ୍ୟ ସାମ୍ନାକୁ ଆସିବା ଆଗରୁ ଛାନିଆ ହୋଇ ସାମ୍ବାଦିକ ସମ୍ମିଳନୀ କରାଯାଇଛି ବୋଲି ଇପ୍‌ସିତା କହିଛନ୍ତି।

## ପାନ, ଗୁଟ୍‌ଖା...

ସେବକଙ୍କ ସହଯୋଗରେ ରାତି ୧୦ଟାରେ ରାତ୍ର ପହୁଡ଼ ଏବଂ ରାତି ୧ଟା ୨୫ରେ ଦ୍ୱାର ଫିଟିଥିଲା। ସେହିପରି ଚଳିତବର୍ଷ ୩୧ ତାରିଖ ରାତି ୧୧ଟା ସୁଦ୍ଧା ରାତ୍ର ପହୁଡ଼ ହୋଇ ନ ପାରିଲେ ରାତ୍ରି ପହୁଡ଼ ନୀତି କାଣ୍ଟଛାଣ୍ଟ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ମୁଖ୍ୟ ପ୍ରଶାସକ ଆହୁରି କହିଛନ୍ତି ଯେ, ଆସନ୍ତା ନୂଆବର୍ଷରୁ ଭକ୍ତମାନଙ୍କୁ ନୂଆ ଅନୁଭୂତି ମିଳିବ। ଜାନୁୟାରୀ ୧ ତାରିଖରୁ ପାନ, ଗୁଟ୍‌ଖା କଟକଣାକୁ କଡ଼ାକଡ଼ି କରାଯିବ। ତେବେ ଏ ନେଇ ସଚେତନତା କରାଯାଇଥିବାରୁ ସେବାୟତ ଏବଂ ଭକ୍ତ ବିଶେଷ ଯତ୍ନବାନ ହୋଇଛନ୍ତି। ସେବାୟତମାନେ ବିଶେଷ ସଚେତନ ହୋଇ ସହଯୋଗ କରୁଛନ୍ତି। ସେହିପରି ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ମଧ ଲାଗୁ ହେବ। ଏବେ ବି ବାହାର ଭକ୍ତଙ୍କୁ ପୋଷାକ ପରିଧାନ ନେଇ ସଚେତନ କରାଯାଉଛି। ପ୍ରାୟ ସମସ୍ତେ ଏଥିପ୍ରତି ସଚେତନ ଥିବାରୁ ସେମିତି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ନାହିଁ ବୋଲି ଅନୁଭବ କରୁଛୁ। ମେଡିସିନରେ ଯଦି ଭଲ ହୋଇଯାଉଛି ତା' ପାଇଁ ସର୍ଜରୀର କାହିଁକି ଆବଶ୍ୟକତା ପଡ଼ିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

## ଅନ୍ତେବାସୀଙ୍କୁ ଯୋଗାଭ୍ୟାସ...

ମାମଲାରେ ଶୁକ୍ରବାର ଆଇନଜୀବୀ ମୃଣାଳିନୀ ପାଢ଼ୀଙ୍କ ଇଣ୍ଟରଭିନର ଭାବେ ଆବେଦନକୁ ଅଦାଲତ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରହିଥିବା ଆଦେଶ ଅନୁସାରେ, ରାଜ୍ୟର ଜେଲ୍‌ରେ ଅନ୍ତେବାସୀଙ୍କ ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମିଳୁ ନଥିବା ଦର୍ଶାଯାଇଥିଲା। ଜେଲ୍ ଅନ୍ତେବାସୀଙ୍କୁ ସ୍ୱେଚ୍ଛାକୃତ ଶ୍ରମ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ବେଳେ ସେମାନଙ୍କୁ ଲେବରିଂ ଡାଏଟ୍ ଦିଆଯାଉନାହିଁ ବୋଲି ଇଣ୍ଟରଭିନର ଅଭିଯୋଗ କରିଥିଲେ। ପ୍ରତିଦିନ ଜଣେ ଅନ୍ତେବାସୀଙ୍କ ପିଛା ୨୮୧୬.୭୪ କିଲୋ କ୍ୟାଲୋରୀଯୁକ୍ତ ପୋଷକ ଖାଦ୍ୟ ପ୍ରଦାନ କରାଯାଉ ବୋଲି ଆବେଦନରେ ଦର୍ଶାଯାଇଛି। ଏହି ପ୍ରସଂଗରେ ରାଜ୍ୟ ସରକାର ପରବର୍ତ୍ତୀ ଶୁଣାଣି ସୁଦ୍ଧା ସତ୍ୟପାଠ ଦେବାକୁ ହାଇକୋର୍ଟ କହିଛନ୍ତି।

ଅନ୍ୟପଟରେ ଆମିକସ୍‌କ୍ୟୁରୀ ଗୌତମ ମିଶ୍ର ଯାଜପୁର ସବ୍ ଜେଲ୍ ଓ ଭଦ୍ରକ ସ୍ୱତନ୍ତ୍ର ଜେଲ୍‌ରେ ଧାର୍ଯ୍ୟ କ୍ଷମତାଠାରୁ ଢେର୍ ଅଧିକ ଅନ୍ତେବାସୀ ଦୀର୍ଘ ଦେଢ଼ ବର୍ଷ ଧରି ରହିଆସୁଥିବା ନେଇ ରିପୋର୍ଟ ଦେଇଥିଲେ। ଯାଜପୁରରେ ୧୩୩ ସ୍ଥଳେ ୧୮୬ ଜଣ ଓ ଭଦ୍ରକ ଜେଲ୍‌ରେ ୨୧୦ ସ୍ଥଳେ ୨୯୫ ଜଣ ଅନ୍ତେବାସୀ ରହୁଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜେଲ୍‌ରେ ରହୁଥିବା ଅନ୍ତେବାସୀଙ୍କୁ ଜେଲ୍ ବାହାରର ସାଧାରଣଲୋକଙ୍କ ଭଳି ମୌଳିକ ସୁବିଧା ଦେବା ରାଜ୍ୟ ସରକାରଙ୍କ ଉତ୍ତରଦାୟିତ୍ୱ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟରେ ଅଧିକ ସଂଖ୍ୟାରେ ଜେଲ୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରିବା ଉପରେ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ନିକଟରେ ସୁପ୍ରିମକୋର୍ଟଙ୍କ ରହିଥିବା ନିର୍ଦ୍ଦେଶାବଳୀ ଅନୁଧ୍ୟାନ କରି ସମ୍ପୃକ୍ତ ଅନ୍ତେବାସୀଙ୍କୁ ଆଇନଗତ ସହାୟତା ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପଦକ୍ଷେପ ନେବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧କୁ ଧାର୍ଯ୍ୟ କରାଯାଇଛି।

## କୃଷି ବିଭାଗର କ୍ଷୟକ୍ଷତି ଆକଳନ

**ପୋଲସରା, ୮ ।୧୨(ସମିସ):** ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳରେ ବାତ୍ୟା ଜନିତ ଲଗାଣ ବର୍ଷାରେ ବହୁ ଚାଷୀଙ୍କ କ୍ଷେତରେ କଟା ହୋଇ ପଡ଼ିଥିବା ପାଚିଲା ଧାନ ନଷ୍ଟ ହୋଇଛି। ଗ୍ରାମ୍ୟ କୃଷି କର୍ମଚାରୀ ରାଜେଶ ସେଠୀ ସୋଡ଼କ ଓ ବୁଢ଼େଇଶୁଣି ଗ୍ରାମରେ ପହଞ୍ଚି ଧାନକ୍ଷେତ ପରିଦର୍ଶନ କରିଛନ୍ତି। ଚାଷୀମାନେ ବହୁ ଚେଷ୍ଟା କରି ମଧ୍ୟ ପାଚିଲା ଧାନ କଳେଇଗୁଡ଼ିକୁ ଉଠାଇ ଅମଳ କରିପାରିନଥିଲେ। ଯାହା ଫଳରେ ଜମିରେ ପାଣିରେ ପଡ଼ି ନଷ୍ଟ ହୋଇଥିଲା। ଶୁକ୍ରବାର ବର୍ଷା ଛାଡ଼ିବା ପରେ ଚାଷୀମାନେ ପାଣିରୁ ଧାନ ଛାଣି ଶୁଖିଲା ସ୍ଥାନରେ ଆଣି ରଖୁଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ମାନେ ତଦନ୍ତ କରି ରିପୋର୍ଟ ଦେଲା ପରେ ହିଁ କ୍ଷୟକ୍ଷତି ଆକଳନ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ।

● ଇଚିଲିଙ୍କୁ ମାଡ଼ମାରିବା ଘଟଣା

## ଜେଲ୍ ଗଲେ ଫେରାର ଅଭିଯୁକ୍ତ ଶୁଭମ୍

**ବ୍ରହ୍ମପୁର, ୮ ।୧୨(ସମିସ):** ସ୍ଥାନୀୟ ଗୋଷାଣିନୂଆଗାଁ ଆଡୁଆ ସାହିରେ ସନ୍ତୋଷ ପାଣିଗ୍ରାହୀ ଓରଫ୍ ଇଚିଲିଙ୍କୁ ମାଡ଼ ମାରିବା ସହ ଖଣ୍ଡାରେ ଆକ୍ରମଣ ଘଟଣାରେ ଫେରାର ଅଭିଯୁକ୍ତ ଶୁଭମ କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ପରେ ଶୁଭମ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଗୋଷାଣିନୂଆଗାଁ ଥାନା ପୁଲିସ ପୂର୍ବରୁ ବିଜିପୁର ଅଞ୍ଚଳର ଉମେଶଚନ୍ଦ୍ର ରଥ ନାମକ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ତଥା ନେହେରୁ ନଗର ଅଞ୍ଚଳର ଶୁଭମ ଚୌଧୁରୀ ଫେରାର ଥିଲା। ଗୁରୁବାର ଶୁଭମ ନିଜ ଓକିଲଙ୍କ ଜରିଆରେ ଏସଡିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲା। ଜାମିନ ଆବେଦନ ଖାରଜ ପରେ ଶୁଭମକୁ ଜେଲ ପଠାଇ ଦିଆଯାଇଥିଲା। ଫେରାର ଶୁଭମ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢାଉ ଜାରି ରହିଥିଲା। ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୨୪ତାରିଖ ସନ୍ଧ୍ୟାରେ ଦୁର୍ଦ୍ଦାନ୍ତ ଅପରାଧି ସନ୍ତୋଷ ପାଣିଗ୍ରାହୀ ଓରଫ୍ ଇଚିଲି ନିଜ ଘର ସମ୍ମୁଖରେ ବସିଥିବା ବେଳେ ଉମେଶ ରଥ ଓ ତାର ପ୍ରାୟ ୬ଜଣ ସହଯୋଗୀ ବାଇକରେ ପହଁଞ୍ଚି ବିଭିନ୍ନ ମାରଣାସ୍ତ୍ର ଧରି ଇଚିଲିଙ୍କୁ ଗାଳି ଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଏପରିକି ଇଚିଲିଙ୍କ ଦୁଇଭରୀ ଓଜନର ସୁନା ଚେନ ଓ ୧୦ଗ୍ରାମର ଓଜନର ସୁନାମୁଦିକୁ ଛଡ଼ାଇ ନେଇ ଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗ ଆଧାରରେ ଆହୁରି ୪ରୁ ଅଧିକ ଜଣ ଫେରାର ଥିବା ଜଣାପଡ଼ିଛି।

## ଦୁଇ ଗୃହରକ୍ଷୀ ସମ୍ବର୍ଦ୍ଧିତ



**ଭଞ୍ଜନଗର, ୮ ।୧୨(ସମିସ):** ଗଞ୍ଜାମ ପୁଲିସ ପକ୍ଷରୁ ୬୧ତମ ହୋମଗାର୍ଡ ପ୍ରତିଷ୍ଠା ଦିବସ ଅବସରରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମିନାଙ୍କ ସଂଯୋଜନାରେ ଜିଲ୍ଲାର ୫୩ ଜଣ ଶ୍ରେଷ୍ଠ ହୋମଗାର୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଥିମଧ୍ୟରେ ଭଞ୍ଜନଗର ଥାନାର ୨ଜଣ ହୋମଗାର୍ଡଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ପି. ହେମନ୍ତ କୁମାର ଓ କାଳୁଚରଣ ସେନାପତି। ହେମନ୍ତ ଓ କାଳୁ ଉଭୟଙ୍କୁ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶ୍ରେଷ୍ଠ ହୋମଗାର୍ଡ ପୁରସ୍କାର ପ୍ରଦାନ କରିଥିବାରୁ ଭଞ୍ଜନଗର ଥାନା ଓ ଆମ ପୋଲିସ ସମିତି ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ହୋମଗାର୍ଡ ଦ୍ୱୟ ଏହି ସଫଳତାର ସମସ୍ତ ଶ୍ରେୟ ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀଙ୍କୁ ଦେଇଛନ୍ତି। ଆମ ପୁଲିସ ସମିତିର ବରିଷ୍ଠ ସଦସ୍ୟ ଡ଼.କୃତ୍ତିବାସ ବିଶ୍ୱାଳ, ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅନୁପମ ବାନାର୍ଜୀ, ଏସଆଇ କେଶବ ଷଡ଼ଙ୍ଗୀ, ମୋହନ କଂହର, ହରସୀ ଜେନା ଓ ଅନ୍ୟମାନେ ଖୁସିବ୍ୟକ୍ତ କରିଛନ୍ତି।

# ଯବାନଙ୍କ ମୃତ୍ୟୁ ଘଟଣାରେ ୫ ଅଭିଯୁକ୍ତ ଗିରଫ

**ଛତ୍ରପୁର, ୮ ।୧୨(ସମିସ)**

ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ କାଳିପଲ୍ଲୀ ଗ୍ରାମର ସେନା କର୍ମଚାରୀ ଜେ.ଡିଲେଶ୍ୱର ପାତ୍ରଙ୍କୁ ହତ୍ୟା ଘଟଣାରେ ଗଞ୍ଜାମ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଏହାସହିତ ସେମାନଙ୍କ ଠାରୁ ଦୁଇଟି ବାଇକ ଓ ଦୁଇଟି ମୋବାଇଲ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ କାଳିପଲ୍ଲୀ ଗ୍ରାମର ସିଏଚ୍. ଶେଖର ପାତ୍ର(୨୩), ଜେ.କଲ୍ୟାଣୀ ପାତ୍ର(୧୯) ଓ ବି.ଚିନେୟା ପାତ୍ର(୨୬) ଏବଂ ନିମଖଣ୍ଡି ଥାନା ଜି.ଜଗନ୍ନାଥପୁର ପାଲିଗାଁର ସିଏଚ୍.ବିକି କୁମାର ପାତ୍ର(୨୬) ଓ ବି. ବୁଲୁ ପାତ୍ର(୨୬)। ଦୁଇ ଯୁବଗୋଷ୍ଠୀଙ୍କ ଛକାପଞ୍ଝାରୁ ଯବାନଙ୍କୁ ଆକ୍ରମଣ କରାଯାଇଥିବା ଏସପି ଜଗମହୋନ ମିନା କହିଛନ୍ତି। ସେହିପରି ଏହି ଅଭିଯୁକ୍ତମାନଙ୍କୁ ଆକ୍ରମଣ କରିବାରେ ଉସୁକାଇଥିବା ବେଳେ ଏବଂ ଆକ୍ରମଣ ପରେ ସେମାନଙ୍କୁ ଫେରାର ହେବାରେ ସମସ୍ତ ପ୍ରକାର ସହଯୋଗ କରିଥିବା ନେଇ ବିକି କୁମାର ଓ ଚିନେୟାକୁ ମଧ୍ୟ ଗିରଫ କରାଯାଇଛି। ଘଟଣା ସ୍ଥଳେ ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରିବା ସହ ଘଟଣାରେ ଅନ୍ୟ କାହାରି ସମ୍ପୃକ୍ତିକୁ ନେଇ ତଦନ୍ତ ଜାରି ରହିଛି ବୋଲି ଗଞ୍ଜାମ ଏସ୍ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଯବାନଙ୍କ ମା' ଜେ.ଜାନମ୍ମା ପାତ୍ରଙ୍କ ଅଭିଯୋଗ କ୍ରମେ ପ୍ରଥମେ ଚମାଖଣ୍ଡି ଥାନାରେ ୩୦୭ ଦଫା ନେଇ ୪୪୧ ଏକ ମାମଲା ରୁଜୁ ହୋଇଥିଲା ଏବଂ ଯବାନଙ୍କ ମୃତ୍ୟୁ ପରେ ଏହି ମାମଲା ୩୦୨ରେ ପରିବର୍ତ୍ତନ କରାଯାଇଥିଲା। ଛତ୍ରପୁର ଏସ୍ଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ଛତ୍ରପୁର, ଚମାଖଣ୍ଡି ଓ ହେଡକ୍ୱାଟର ଥାନାରେ ଆଇଆଇସିଙ୍କ ତତ୍ତ୍ୱାବଧାନରେ



ଏକ ପୁଲିସ ଟିମ୍ ଏବଂ ୨ଟି ସ୍ୱତନ୍ତ୍ର ପୁଲିସ ଟିମ୍ ମୋଟ ୩ଟି ପୁଲିସ ଟିମ୍ ଘଟଣାର ଛାନଭିନ୍ ଆରମ୍ଭ କରିଥିଲେ। କଟକ ଠାରେ ଅଭିଯୁକ୍ତଙ୍କ

**୨ଟି ବାଇକ୍ ସହ ମୋବାଇଲ ଜବତ**

ବିରୋଧରେ ସୂଚନା ମିଳିଥିଲା। ପରେ ୫ ଜଣ ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଥିଲା ବୋଲି ଏସ୍ପି ମୀନା କହିଛନ୍ତି।

ପୁଲିସର ସୂଚନାନୁସାରେ, ଜେ.ଡିଲେଶ୍ୱର ଭାରତୀୟ ସେନାରେ କାର୍ଯ୍ୟ କରୁଥିଲେ ଏବଂ ପଶ୍ଚିମବଙ୍ଗ ଦୁର୍ଗାପୁର ଜିଲ୍ଲା ପାନାଗଡ଼ ଠାରେ ପୋଷ୍ଟିଂ ହୋଇଥିଲା। ଏହା ପୂର୍ବରୁ ଗଣେଶ ପୂଜା ସମୟରେ ଗାଁକୁ ଆସିଥିବା ବେଳେ ଗଣେଶଙ୍କ ଭସାଣି ବେଳେ କାଳିପଲ୍ଲୀ ଗାଁର ଦୁଇଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା। ମୃତ ଯବାନ ଡିଲେଶ୍ୱର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଉଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର ଅଭିଯୁକ୍ତ ସିଏଚ୍.ଶେଖର ପାତ୍ର ଓ ବି.ଚେନେୟା ପାତ୍ର ନେତୃତ୍ୱ ନେଉଥିଲେ। ଝଗଡ଼ାରେ ଗ୍ରାମବାସୀମାନଙ୍କ ମଧ୍ୟରେ ସମାଧାନ କରାଇଥିଲେ। ଠିକ୍ ଗୋଟିଏ ମାସ ପୂର୍ବରୁ ଅଭିଯୁକ୍ତ ଜେ.କଲ୍ୟାଣୀ ପାତ୍ର ତାଙ୍କ ହ୍ୱାଟସପ୍ ସ୍ଥିତି ବଦଳାଇ ଦେଇଥିଲା। ଏହା ଉପରେ ମୃତ ଡିଲେଶ୍ୱର କଲ୍ୟାଣୀ ପାତ୍ରଙ୍କୁ ଗାଳିଗୁଲଜ କରିଥିବା ସହିତ ତାଙ୍କ ମୋବାଇଲକୁ ଅଭୁତ ବାର୍ତ୍ତା ପଠାଇଥିଲେ। ଗଲାମାସ ୧୦ ତାରିଖରେ କାଳିପଲ୍ଲୀ ଗ୍ରାମରେ ଦେବୀ ନନ୍ଦିଆମା ପୂଜା ଉତ୍ସବ ପାଳନ କରାଯାଇଥିଲା। ଯେଉଁଠାରେ ଶେଖର ପାତ୍ର ଏବଂ ଜେ.କଲ୍ୟାଣୀ ପାତ୍ର କିଛି ବନ୍ଧୁ ତଥା ଲୋଚାପଡ଼ାର ବି.ବୁଲୁ ପାତ୍ର ଏବଂ ରାମପଲ୍ଲୀର ରାମକୃଷ୍ଣ ସ୍ୱାଇଁ ଓରଫ୍ ମାଖନ୍ ଅଂଶଗ୍ରହଣ କରିଥିଲେ। ଗତ ୩ ତାରିଖରେ ଗୋପାଳପୁର ରେଗେଡ଼ି ଗ୍ରାମ ଏବଂ ବ୍ରହ୍ମପୁରର ଏକ ଦଳ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ହୋଇଥିଲା। ଗୋପାଳପୁରରେ ଉକ୍ତ ମ୍ୟାଚରେ ଡିଲେଶ୍ୱର ଅତିଥି ଭାବରେ ଯାଇଥିଲେ। ଅଭିଯୁକ୍ତ ଶେଖର, ବି.ଚିନେୟା, ରାମକୃଷ୍ଣ ସ୍ୱାଇଁ ଓରଫ୍ ମାଖନ ସେହି ମ୍ୟାଚ୍ରେ ଉପସ୍ଥିତ ଥିଲେ। କ୍ରିକେଟ୍ ମ୍ୟାଚ୍ ପରେ ଡିଲେଶ୍ୱର ଏବଂ ଅଭିଯୁକ୍ତ ଶେଖର, କଲ୍ୟାଣୀ ଏବଂ ଚିନେୟାଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତ ଶେଖର ଫୋନ୍ ମାଧ୍ୟମରେ ବିକି କୁମାର, ବୁଲୁକୁ ସେଠାକୁ ଆସିବାକୁ କହିଥିଲା। ଏହାପରେ ବୁଲୁ ପାତ୍ର ଗୋପାଳପୁର ଆସି ଅନ୍ୟ ଅଭିଯୁକ୍ତଙ୍କ ସହ ସାକ୍ଷାତ କରିଥିଲେ। ଅଭିଯୁକ୍ତ ବିକି ପାତ୍ର ସମସ୍ତ ଜିନିଷ ଉପରେ ନଜର ରଖିଥିଲେ। ସେମାନେ ଗୋପାଳପୁରରେ ଡିଲେଶ୍ୱରକୁ ହତ୍ୟା କରିବାକୁ ଯୋଜନା କରିଥିଲେ। ହେଲେ ଡିଲେଶ୍ୱର ସେଠାରୁ ପଳାଇ ରାଇକାଟୁର ଗାଁର ଜଣେ ଇ.ଚିନେୟାଙ୍କ ଆଗରେ ଏହି କଥା ବର୍ଣ୍ଣନା କରିଥିଲେ ଏବଂ ତାଙ୍କ ଗାଁର କିଛି ବନ୍ଧୁଙ୍କୁ ସାଙ୍ଗରେ ନେବାକୁ ଡାକିଥିଲେ। କିନ୍ତୁ ଅଭିଯୁକ୍ତ କଲ୍ୟାଣୀ, ଶେଖର, ବୁଲୁ ଏବଂ ରାମକୃଷ୍ଣ ଓରଫ୍ ମାଖନ ଡିଲେଶ୍ୱରଙ୍କୁ ହତ୍ୟା କରିବା ପାଇଁ ହରିପୁର ଛକ ଠାରେ ଅପେକ୍ଷା କରିଥିଲେ।

ଅଭିଯୁକ୍ତଙ୍କ ଯୋଜନା ଅନୁସାରେ ଡିଲେଶ୍ୱର କିଛି ବନ୍ଧୁଙ୍କ ସହ ସେହି ରାସ୍ତା ଦେଇ ଆସିଲା ବେଳେକୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଠେଙ୍ଗା, ଗୋଡ ହାତରେ ଆକ୍ରମଣ କରିଥିଲେ। ଯବାନଙ୍କ ସହିତ ଆସିଥିବା ଇ.ଚିନେୟା ଅଭିଯୁକ୍ତମାନଙ୍କ ଠାରୁ ଡିଲେଶ୍ୱରଙ୍କୁ ବଞ୍ଚାଇବା ପାଇଁ ବହୁ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହୋଇଥିଲେ।

## ପୂର୍ବଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ; ୬ ଗିରଫ

**ସାନଖେମୁଣ୍ଡି, ୮ ।୧୨(ସମିସ):** ଗଞ୍ଜାମ ଜିଲ୍ଲା ପାଟପୁର ଥାନା କଙ୍କୋରଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ପୁଲିସ ଏନେଇ ୨ଟି ମାମଲା ରୁଜୁ କରିବା ସହ ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ କଙ୍କୋରଡ଼ା ଗ୍ରାମର ସୁଶାନ୍ତ ମହାଙ୍କୁଡ଼, ବିକାଶ ବାଡ଼ତ୍ୟା, ସୁନୀଲ ପ୍ରଧାନ, ରାକେଶ ପ୍ରଧାନ, ଭୋଳା ଶଙ୍କର ବରାଡ଼ ଓ ମହେନ୍ଦ୍ର ବେହେରା।

ସୂଚନା ମୁତାବକ, ଗୁରୁବାର ସନ୍ଧ୍ୟାରେ କଙ୍କୋରଡ଼ା ଛକର ତାରାତାରିଣୀ ଫାଷ୍ଟ ଫୁଡ ଦୋକାନରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀ ମାରଣାସ୍ତ୍ରରେ ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ। ଫଳରେ ଉଭୟ ଗୋଷ୍ଠୀର କିଛି ଯୁବକ ଆହତ ହୋଇଥିଲେ। ଏନେଇ ପାଟପୁର ଥାନାରେ ଭୋଳା ଶଙ୍କର ବରାଡଙ୍କ ମାଆ ବନିତା ବରାଡ ଥାନାରେ ଏତଲା ଦେଇଥିବା ବେଳେ ସୁଶାନ୍ତ ମହାଙ୍କୁଡ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଦୁଇଟି ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି।

# ପାଚିଲା ଧାନକ୍ଷେତରେ ପାଣି; ଚିନ୍ତାରେ ଚାଷୀ

**କୁକୁଡ଼ାଖଣ୍ଡି, ୮ ।୧୨(ସମିସ):** ଲଘୁଚାପଜନିତ ବର୍ଷା ପ୍ରଭାବରେ କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳର ଚାଷୀଙ୍କ ଅମଳ ଧାନ ନଷ୍ଟ ହୋଇଛି। ଆଗୁଆ ରୁଆ ହୋଇଥିବା ଜମିରୁ କଟା ଫସଲ ଚାଷୀ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରୁଛି ତ କିଛି ଚାଷୀ କଞ୍ଚା ଧାନକୁ ବିଲରୁ ସାଉଁଟି ଆଣି ମେସିନ ଦ୍ୱାରା ଅମଳ କରୁଛନ୍ତି। ପୂର୍ବରୁ ବର୍ଷା ଅଭାବ ଯୋଗୁଁ ଢିପ ଜମିରେ ଫସଲ ଭଲ ହୋଇନଥିଲା। କେନାଲ ଓ ଜଳସେଚନର ସୁବିଧା ନଥିବା ରୋହିଗାଁ, ଆଙ୍କୁଶପୁର, ଲାଞ୍ଜିଆ, ମସିହାଖାଲି, ବୋରିଗାଁ,



ବି.ଜଗନ୍ନାଥପୁର, ଜଗଦଲପୁର, ଦକ୍ଷିଣପୁର, ନଳିଆଡ, ପାଣ୍ଡିଆଝୋଲି, ଡେଙ୍ଗାପଦର, ହୁଗୁଳାପଟ୍ଟା, ଲୋଚାପଡ଼ା, ଗୁରୁଣ୍ଡି ପଞ୍ଚାୟତର ହେକ୍ଟର ହେକ୍ଟର ଜମି ଫାଟି ଆଁ କରିଥିଲା। ଖାଲ ଜମି ତଥା ଜଳସେଚନ ବ୍ୟବସ୍ଥା ଥିବା ଜମିରେ ଚାଷୀ ବହୁ କଷ୍ଟରେ ଧାନ ଅମଳ କରିଥିଲେ। ହେଲେ ଅମଳବେଳେ ବର୍ଷା ହୋଇଯିବାରୁ କଟା ଧାନ କିଆରିରେ ପାଣି ପଶିବା ସହ ବ୍ୟାପକ ଫସଲ ନଷ୍ଟ ହୋଇଛି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଚାଷୀଙ୍କୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

## ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ସମୀକ୍ଷା ବୈଠକ

**ଦିଗପହଣ୍ଡି, ୮ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଡ଼. ଚିତ୍ତ ରଞ୍ଜନ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସହକାରୀ ବ୍ଲକ ଶିକ୍ଷାଧିକାରୀ ତଥା ବିଆରସିସି ବାଳା ମାଝୀ, ବିଶ୍ରବା ପାଇକ, ରସାନନ୍ଦ ଘଡ଼େଇ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଏବଂ ଗୋଷ୍ଠୀ ସାଧନ କର୍ମୀଙ୍କ ଉପସ୍ଥିତିରେ ବିଭିନ୍ନ ହାଇସ୍କୁଲର ୫-ଟି ରୂପାନ୍ତରଣ କାର୍ଯ୍ୟର ୪ର୍ଥ ପର୍ଯ୍ୟାୟ ଅଗ୍ରଗତି ନେଇ ବୈଠକରେ ସବିଶେଷ ସମୀକ୍ଷା କରାଯାଇଥିଲା। ମୋ-ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରେ କିଭଳି ସଫଳତାର ସହ କରାଯାଇପାରିବ ସେନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ସଡ଼କ ସୁରକ୍ଷା ସଚେତନତା

**ବେଲଗୁଣ୍ଠା, ୮ ।୧୨(ସମିସ):** ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ଷେତ୍ରିୟବରପୁର ତରଫରୁ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ 'ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ପଟ୍ଟନାୟକ ଓ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ସମାଜସେବୀ ଶୂଳପଣୀ ଶତପଥୀ ସଡ଼କ ସୁରକ୍ଷା ଜନିତ ଶପଥ ପାଠ କରାଇଥିଲେ। ପରେ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଭାଗିରଥି ନାଇକ ପତାକା ଦେଖାଇ ସଡ଼କ ସୁରକ୍ଷା ରାଲିର ଶୁଭାରମ୍ଭ କରିଥିଲେ। ଯୁବ ଓଡ଼ିଶା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଦେବେଶ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସମାଜ ସେବା ସଂଯୋଜକ ଶ୍ରୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସ୍ଥିତ ଆଞ୍ଚଳିକ ପରିବହନ ବିଭାଗର ଏମ୍. ଭି. ଆଇ ଭାଗିରଥି ନାଇକ, ସହକାରୀ ଟ୍ରାଫିକ ସବ୍-ଇନିସପେକ୍ଟର ଏସ୍. କେ. ଅନସୁଦିନ, ଅବସରପ୍ରାପ୍ତ ଆର୍ମି ଅଧିକାରୀ କ୍ୟାପ୍ଟେନ୍ ମହେନ୍ଦ୍ର କୁମାର ସ୍ୱାଇଁ, ଗାଙ୍ଗପୁର ଥାନା ଏସ୍ଆଇ ଉମା ଚରଣ ପ୍ରଧାନ ପ୍ରମୁଖ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**କୁକୁଡ଼ାଖଣ୍ଡି, ୮ ।୧୨(ସମିସ):** କୁକୁଡାଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗୁରୁବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିବ ପ୍ରସାଦ ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଡିଏ ଅଧ୍ୟକ୍ଷ କୈଳାସ ରଣା, ଅଶୋକ ଦାସ ଯୋଗ ଦେଇଥିଲେ। ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକ, ନୋଡାଲ ଅଫିସରେ ବସନ୍ତ କୁମାର ପଟ୍ଟନାୟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ବସନ୍ତ କୁମାର ଜେନା, ଉପଦେଷ୍ଟା ଡ଼ ଭାବାଶିଷ ମହାପାତ୍ର ଓ ଏନ.ପୀତବାସ ମଞ୍ଚାସୀନ ଥିଲେ। ପ୍ରଥମ ଦିନରେ ଇଂରେଜୀ ଓ ଓଡ଼ିଆ ବିଭାଗରେ ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଚିତ୍ରାଙ୍କନ, ବ୍ୟାଙ୍ଗ ଚିତ୍ର ଓ ସଙ୍ଗୀତ ସମେତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପଦାର୍ଥ ବିଜ୍ଞାନ ଅଧାପକ ବିଭୁ ପ୍ରସାଦ ପାତ୍ର ସଂଯୋଜନା କରିଥିବା ବେଳେ ବସନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**୧୩ରେ କେଏସ୍ୟୁବି କଲେଜ କୋଠା ଉଦ୍‌ଘାଟନ**

# ଭିତ୍ତିଭୂମି ସମୀକ୍ଷାକଲେ ମନ୍ତ୍ରୀ

**ଭଞ୍ଜନଗର, ୮ ।୧୨(ସମିସ):** ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉଦ୍ୟମ କ୍ରମେ ଭଞ୍ଜନଗର କେଏସ୍ୟୁବି କଲେଜର ଭିତ୍ତିଭୂମି ସୁଦୃଢ଼ ପାଇଁ ରାଜ୍ୟ ସରକାର ବିପୁଳ ଅନୁଦାନ ଦେଇଛନ୍ତି। ଆସନ୍ତା ୧୩ ତାରିଖରେ ବିଶ୍ୱବ୍ୟାଙ୍କ ସହାୟତାରେ ୩ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ନୂତନ କୋଠା ଉଦଘାଟିତ ହେବ। ଏଥିସହ ପୁରୁଣା ଟିଣ ଘରଗୁଡ଼ିକୁ ଭାଙ୍ଗି ନୂତନ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ହେବ। ତେଣୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଅଚାନକ କଲେଜରେ ପହଞ୍ଚି



ଭିତ୍ତିଭୂମି ବୁଲି ଦେଖିଥିଲେ। ୧୩ ତାରିଖରେ ହେବାକୁ ଥିବା ଉତ୍ସବରେ ଅର୍ଥମନ୍ତ୍ରୀଙ୍କ ସମେତ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଲେଜ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଚେଷ୍ଟା ଚଳାଇଛନ୍ତି। ଅର୍ଥମନ୍ତ୍ରୀଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ନାୟକ, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ କଲେଜରେ ସ୍ମାର୍ଟ କଲେଜ ଯୋଜନାରେ ଅଢ଼େଇ କୋଟି ଟଙ୍କା ବ୍ୟୟରେ ଅନେକ କ୍ଲାସ ଆଧୁନିକୀକରଣ ହେଉଛି। କଲେଜରେ ଖାଲିଥିବା ଅଧ୍ୟାପକ ପଦବୀ ମଧ୍ୟ ପୂରଣ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏହି ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟର ଉନ୍ନତିକରଣ ପାଇଁ ଅର୍ଥମନ୍ତ୍ରୀ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ତେଣୁ କିଛି ମାସ ମଧ୍ୟରେ କଲେଜର ରୂପରେଖା ସମ୍ପୂର୍ଣ୍ଣ ବଦଳିଯିବ।

## ବନ୍ଧୁକ ମୁନରେ ୨ ଲକ୍ଷ ଲୁଟ୍ ଘଟଣା; ଡ୍ରାଇଭର ଗିରଫ

**ରଙ୍ଗେଇଲୁଣ୍ଡା, ୮ ।୧୨(ସମିସ):** ଗୋଳନ୍ଥରା ଥାନା ଘଟକେଶ୍ୱର ନିକଟରେ ଟାଟା ଏସି ଗାଡିକୁ ଜଣେ ମହିଳା ଅଟକାଇ ଡ୍ରାଇଭରର ମୁଣ୍ଡରେ ବନ୍ଧୁକ ଓ ଖଣ୍ଡା ଲଗାଇ ୨ ଲକ୍ଷ ୧୦ ହଜାର ଟଙ୍କା ଲୁଟ କରିବା ଘଟଣାରେ ନୂଆ ମୋଡ଼ ନେଇଛି। ଏହି ଘଟଣାରେ ନିଜେ ଡ୍ରାଇଭର ହିଁ ମିଥ୍ୟା ଅଭିଯୋଗ କରିଥିଲେ ବୋଲି ତଦନ୍ତରୁ ଜଣାପଡିଛି। ଚାଳକକୁ ଶୁକ୍ରବାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ପୁରୁଣା ବ୍ରହ୍ମପୁର ଅଞ୍ଚଳର ବିରହ ବସନ୍ତ ଶତପଥୀ (୩୭)। ପୁରୁଣା ବ୍ରହ୍ମପୁର ଅଞ୍ଚଳରେ ବେହେରା ଟ୍ରେଡର୍ସ ଦୋକାନରୁ ପୁରୁଣା ବ୍ରହ୍ମପୁର ରାଧାକାନ୍ତ ସାହିର ଡ୍ରାଇଭର ବିରହ ବସନ୍ତ ଶତପଥୀ ଏକ ଟାଟା ଏସି ଗାଡି(ଓଡି ୦୯ ଜେଡ ୩୪୩୮) ଯୋଗେ ଗତ ୩ ତାରିଖରେ ଲୁହା ପାଇପ ଧରି ଜୟନ୍ତୀପୁର ମୁରଲୀ ମୋହନ ଦୋକାନ ଯାଇ ଦେଇଥିଲେ। ରାତି ୯ଟା ବେଳେ ଘଟକେଶ୍ୱର ରାସ୍ତାରେ ବ୍ରହ୍ମପୁର ଫେରୁଥିବା ବେଳେ ରାସ୍ତାରେ ଜଣେ ମହିଳା ଗାଡ଼ି ଅଟକାଇ ଥିଲେ। ଡ୍ରାଇଭର ବିରହ ବସନ୍ତ ଗାଡି ଅଟକାଇବା ପରେ ସେଠାରେ ଛପି ରହିଥିବା କିଛି ମୁଖା ପିନ୍ଧା ଯୁବକ ସେଠାରେ ପହଞ୍ଚି ବିରହ ବସନ୍ତଙ୍କ ମୁଣ୍ଡରେ ବନ୍ଧୁକ ସହ ଖଣ୍ଡା ଲଗାଇ ୨ ଲକ୍ଷ ୧୦ ହଜାର ଟଙ୍କା ସହ ଗୋଟିଏ ମୋବାଇଲ ଫୋନ ଛଡାଇ ନେଇ ଚାଲି ଯାଇଥିଲେ ବୋଲି ବିରହ ବସନ୍ତ ୫ ତାରିଖରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳେଇଥିଲା। ତଦନ୍ତରେ ଡ୍ରାଇଭର ସମ୍ପୃକ୍ତି ଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା। ଥାନାରେ ବସନ୍ତକୁ ପଚାରା ଉଚରା କରିବା ବେଳେ ନିଜେ ହିଁ ଲୁଟ ହୋଇଥିବା ନେଇ ଅଭିନୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଉକ୍ତ ଟଙ୍କାକୁ ଘରେ ଲୁଚାଇ ରଖିଥିଲେ। ପୁଲିସ ସେଠାରୁ ଟଙ୍କା ଜବତ କରିଥିବାବେଳେ ଏହି ଟଙ୍କାକୁ ମାଲିକ ପ୍ରଦୀପ କୁମାର ବେହେରାକୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ବସନ୍ତକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ମଧ୍ୟାହ୍ନଭୋଜନରେ ଅବ୍ୟବସ୍ଥା ଅଭିଯୋଗ

**ସୋରଡ଼ା, ୮ ।୧୨(ସମିସ)**

ପିଲାଙ୍କୁ ସରକାରୀ ସ୍କୁଲମୁହାଁ କରିବା ଲାଗି ସରକାର ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ପୋଷାକ ଓ ଜୋତା ବଣ୍ଟନ କରୁଛନ୍ତି। ହେଲେ ବିଭିନ୍ନ ସମୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁଁ ପିଲାଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ ଦୁଲାଡ଼ ପ୍ରାଥମିକ ବିଦ୍ୟାଳୟରେ। ସ୍କୁଲରେ ନିୟମିତ ତଥା ନିର୍ଦ୍ଧାରିତ ସମୟରେ ପିଲାଙ୍କୁ ମଧ୍ୟାହ୍ନଭୋଜନରେ ପୁଷ୍ଟିକର ଖାଦ୍ୟ ମିଳୁନଥିବା ଖୋଦ୍ ଗ୍ରାମବାସୀ ତଥା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହା ସହ ବିଦ୍ୟାଳୟ ପରିସରରେ ସୌନ୍ଦର୍ଯ୍ୟକରଣ ପାଇଁ ବଗିଚା କରିବା ତ ଦୂରର କଥା ବିଦ୍ୟାଳୟରେ ଥିବା ଶୌଚାଳୟ ପିଲାଙ୍କ ବ୍ୟବହାର ଯୋଗ୍ୟ ନହୋଇ ତାଲା



ପଡ଼ିଥିବା ଦେଖିବାକୁ ମିଳିଛି।

ଗ୍ରାମବାସୀଙ୍କ କହିବା ଅନୁସାରେ ସରକାର ସମସ୍ତ ବିଦ୍ୟାଳୟକୁ ବହୁ ସୁବିଧା ଦେଇଛନ୍ତି। କିନ୍ତୁ ଏଠାରେ ଦୃଶ୍ୟ ସମ୍ପୂର୍ଣ୍ଣ ବିପରୀତ। ପିଲାମାନଙ୍କୁ ସ୍କୁଲ ବାହାରେ ରାସ୍ତାଉପରେ ଦିଆଯାଉଛି ମଧ୍ୟାହ୍ନ ଭୋଜନ। ବିଦ୍ୟାଳୟର ଉନ୍ନତି ପାଇଁ ଅନୁଦାନ ଆସୁଥିଲେ ମଧ୍ୟ କିଛି କାମ ହେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହଁ ବିଦ୍ୟାଳୟକୁ ଆସିଥିବା ଅର୍ଥ କେଉଁ ବାବଦରେ ଖର୍ଚ୍ଚ ହେଉଛି ତାହାର ହିସାବ ଖୋଦ ପରିଚାଳନା କମିଟି ମଧ୍ୟ ଅବଗତ ନୁହଁନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ପ୍ରାୟ ତିନିବର୍ଷର ହିସାବ ପାଇଁ କମିଟି ସଦସ୍ୟ ଅଡ଼ି ବସିଥିଲେ ହେଁ ତାହା ଦେଇପାରୁନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଉଭୟ କମିଟି ସଦସ୍ୟ ଓ ଗ୍ରାମବାସୀ ପଚାରିବାରେ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ତଥା ଅମୃତୁଲୁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସମସ୍ତଙ୍କୁ ନାଲି ଆଖି ଦେଖାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଅମୃତୁଲୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସମ୍ପୃକ୍ତ ଶିକ୍ଷକ ଜଣକ ଅସୁସ୍ଥ ଥିବା କାରଣରୁ ଛୁଟିରେ ଥିବା ସେ କହିଛନ୍ତି। ବିଦ୍ୟାଳୟକୁ ଆସୁଥିବା ଅର୍ଥ କେଉଁ ବାବଦରେ ଖର୍ଚ୍ଚ ହେଉଛି ତାହାକୁ ନେଇ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀଙ୍କ ସହ ଗ୍ରାମବାସୀ ଓ ବିଦ୍ୟାଳୟର ସଭାପତିଙ୍କ ମଧ୍ୟରେ ସର୍ବସାଧାରଣରେ ବହୁ ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା। ସେହିଭଳି ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ ସହିତ ହଳଦୀ ଗୁଣ୍ଡ ମିଶା ପାଣି ହିଁ ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ କୋମଳମତି ଶିଶୁଙ୍କ ଦୈନନ୍ଦିନ ଖାଦ୍ୟ ହୋଇଥିବାବେଳେ ତିନି ବର୍ଷ ଧରି ପିଲାଙ୍କୁ ପୋଷାକ ଖଣ୍ଡିଏ ମଧ୍ୟ ମିଳିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ସିଆରସିସି ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ଶିକ୍ଷକଙ୍କ ଅଭାବର ଆଳ ଦେଖାଇ ଘଟଣାକୁ ହାଲୁକା ଭାବେ ନେଇଥିବା ଜଣାପଡ଼ିଛି।

● ଗୋକର୍ଣ୍ଣପୁର ବସ୍ ଦୁର୍ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ

**ଦିଗପହଣ୍ଡି, ୮ ।୧୨(ସମିସ):** ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗ୍ରାମରେ ଘଟିଥିବା ବସ୍ ଦୁର୍ଘଟଣା ରେ ଆହାତ ହୋଇ ଚିକିତ୍ସା ହେଉଥିବା ଜଣେ ବୃଦ୍ଧ ଶୁକ୍ରବାର ସକାଳୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ଏସ୍ . ଗଣପତି ଦୋରା (୬୬)। ଗତ ୬ ତାରିଖ ଭୋର ୫ଟା ସମୟରେ ବୃଦ୍ଧ ଜଣକ ଚାହା ପିଇବା ନିମନ୍ତେ ରାସ୍ତା ପାର ହେଉଥିବା ସମୟରେ କୋଟପାଡରୁ ଭୁବରେଶ୍ୱର ଅଭିମୁଖେ ଆସୁଥିବା ମହାଦେବ ନାମକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଗ୍ରାମବାସୀ ବୃଦ୍ଧ ଜଣକୁ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଥିଲା। ସେଠାରେ ମଧ୍ୟ ଅବସ୍ଥା ଅତି ଜଟିଳ ହେବାରୁ ଭୁବନେଶ୍ୱର ନିଆଯାଇଥିଲା। ଏନେଇ ମୃତ ବୃଦ୍ଧଙ୍କ ଝିଅ ଏସ୍ . ମହାଶ?ବେତା ଦୋରା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ତେବେ ଶୁକ୍ରବାର ସକାଳୁ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଖବର ଦିଗପହଣ୍ଡି ପୋଲିସ ଥାନାକୁ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ପୋଲିସ ଦୁର୍ଘଟଣା ଗ୍ରସ୍ତ ବସ୍ ଜବତ କରିବା ସହ ଗାଡ଼ି ଚାଳକ ଅର୍ଜୁନ ଟାକିରିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ଦିପ୍ତୀରଞ୍ଜନ ବେହେରା ସୂଚନା ଦେଇଛନ୍ତି।

## ବାଇକ୍ ଧକ୍କାରେ ମା'-ଝିଅ ଗୁରୁତର

**ଦିଗପହଣ୍ଡି, ୮ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଶନି ମନ୍ଦିର ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ ଧକ୍କାରେ ମା' ଓ ଝିଅ ଆହତ ହୋଇଛନ୍ତି। ସେମାନେ ହେଲେ କଇଠଡ଼ା ପଞ୍ଚାୟତ ଅନ୍ତର୍ଗତ ବୀର ଲକ୍ଷ୍ମୀନାରାୟଣପୁର ଗ୍ରାମର ସସ୍ମିତା ପଣ୍ଡା (୨୬) ଓ ତାଙ୍କ ଝିଅ ସରିତା (୭)। ସସ୍ମିତା, ତାଙ୍କ ସ୍ୱାମୀ ଓ ଝିଅ ଗୋଟିଏ ବାଇକ୍ରେ ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଦିଗପହଣ୍ଡି ଅଭିମୁଖେ ଆସୁଥିଲେ। ଏତିକିବେଳେ ପଛପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସସ୍ମିତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଧକ୍କା ଦେଇଥିବା ବାଇକ୍ ଚିହ୍ନଟ ହୋଇପାରି ନାହିଁ।

● ପୂର୍ବତନ ମେୟରଙ୍କ ଗାଡ଼ି ଉପରକୁ ବୋମାମାଡ଼ ମାମଲା

## ଆଉ ୨ ଅଭିଯୁକ୍ତଙ୍କୁ ଜାମିନ

**ବ୍ରହ୍ମପୁର, ୮ ।୧୨(ସମିସ):** ପୂର୍ବତନ ମେୟର ଶିବଶଙ୍କର ଦାଶ (ପିଣ୍ଟୁ)ଙ୍କ କାର ଉପରକୁ ବୋମାମାଡ କରି ଗିରଫ ହୋଇଥିବା ଆଉ ୨ଅଭିଯୁକ୍ତଙ୍କୁ ଶୁକ୍ରବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ) ଡ. ଇନ୍ଦ୍ର ଶର୍ମା। ଶୁକ୍ରବାର କୋର୍ଟରେ ଏନେଇ ହୋଇଥିବା ଆବେଦନର ଶୁଣାଣି ହୋଇଥିଲା। ଜାମିନ ପାଇଥିବା ଦୁଇ ଅଭିଯୁକ୍ତ ହେଲେ ଗୋଷାଣୀନୂଆଗାଁର ସାନି ଓରଫ ସୁନିଲ କୁମାର ସାହୁ, ଆଡୁଆ ସାହିର ଡାକ୍ତର ଓରଫ ସନ୍ତୋଷ କୁମାର ସାହୁ। ପୂର୍ବରୁ ଏହି ମାମଲାରେ ଅନ୍ୟ ୩ଜଣ ଅଭିଯୁକ୍ତ ଜାମିନ ପାଇ ସାରିଛନ୍ତି। ସେମାନେ ହେଲେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ପାଣିଗ୍ରାହୀ ସାହିର ନିଳାଞ୍ଚଳ ପାଳ (୩୨), ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର ମହେଶ୍ୱର ମହାରଣା(୩୫) ଓ କୋଦଳା ଥାନା ଅନ୍ତର୍ଗତ ଫାସି ଗ୍ରାମର ଶିବ ଜେନା (୨୨)। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୯ତାରିଖ ରାତିରେ ପିଣ୍ଟୁ ଦାଶ ତାଙ୍କ ପୁଅର ଚିକିତ୍ସା ପାଇଁ ନିଜ କାର (ଓଡ଼ି୦୭ ଇ-୧୧୧୧) ରେ ଘରକୁ ଫେରୁଥିଲେ। ଗୋଷାଣିନୁଆଗାଁ ବଡସାହିରେ କେତେକ ଦୃର୍ବୃତ୍ତ ତାଙ୍କ କାରଉପରକୁ ବୋମାମାଡ଼ ହୋଇଥିଲା। ଏଥିରେ ତାଙ୍କ କାର'ର ସମ୍ମୁଖଭାଗ କାଚ ଭାଙ୍ଗି ଯାଇଥିଲା। ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ଅନୁସନ୍ଧାନ କରି ୫ଜଣଙ୍କୁ ଗତ ଅକ୍ଟୋବର ୧୧ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପୀତବାସ ପଣ୍ଡା, ବିରଞ୍ଚି ନାରାୟଣ ମହାପାତ୍ର, ଅଶୋକ ସାହୁ ଓ କେ କ୍ରୀଷ୍ଣା ରାଓ ମକଦ୍ଦମା ପରିଚାଳନା କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସମ୍ମିଳନୀ ପ୍ରସ୍ତୁତି

**କେନ୍ଦ୍ରାପଡ଼ା, ୮।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡ଼ା ଇଚ୍ଛାପୁରସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି କୁରାଳ ପଞ୍ଚମୀ ଅବସରରେ ସପ୍ତମୀ ତିଥିରେ ୧୯ ତାରିଖ ଏହି ସମ୍ମିଳନୀ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ବରିଷ୍ଠ ଉପସଭାପତି ବିଷ୍ଣୁ ଚରଣ ବେହେରା ସଭାପତିତ୍ୱ କରିଥଲେ। ସଂଘ ସମ୍ପାଦକ ବିଚିତ୍ରାନନ୍ଦ ବେହେରା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ମହାକାଳପଡ଼ାର ରବୀନ୍ଦ୍ର ବେହେରା, ମାର୍ଶାଘାଇର ମନୋରଞ୍ଜନ ପରିଡ଼ା, ପଟ୍ଟାମୁଣ୍ଡାଇର ରମେଶ ବେହେରା, ରାଜନଗରର ମନମୋହନ ବେହେରା, ଗରଦପୁରର ଗୟାଧରମୁଦୁଲି, କେନ୍ଦ୍ରପଡ଼ାର ନିରଞ୍ଜନ ରଣା, ଚନ୍ଦନ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ହୃଦ୍‌ଘାତରେ ଦୋକାନୀଙ୍କ ପରଲୋକ



**ଡେରାବିଶ, ୮।୧୨ (ସମିସ):** ଚାନ୍ଦୋଳ ବଜାରରେ ଟେଲର ଦୋକାନ କରିଥିବା ଦେବେନ୍ଦ୍ର ପାତ୍ର (୭୫)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ପୋଷାକ ସିଲେଇ କରୁଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ମୁଣ୍ଡ ବୁଲାଇ ବାନ୍ତି ହୋଇଥିଲା। ପାଖ ଦୋକାନୀମାନେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ତାଙ୍କ ଜନ୍ମସ୍ଥାନ ଚାନ୍ଦୋଳ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ଶୁଭେନ୍ଦୁ ମୁଖାଗ୍ନି ଦେଇଥିଲେ। ତେବେ ତାଙ୍କ ମୃତ୍ୟୁରେ ଶୁକ୍ରବାର ଅପରାହ୍ନରେ ବଜାର ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି।

## ପ୍ରଧାନଶିକ୍ଷକଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା



**ରାଜକନିକା, ୮।୧୨(ସମିସ):** ରାଜକନିକା ବ୍ଲକ ପୂର୍ବ କନିକା ଅଞ୍ଚଳର ମଦରଙ୍ଗାପାଟ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଧାମରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କେଶରୀ ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ସିଆରସିସି ମହେନ୍ଦ୍ର ମାହୁନ୍ତ, ଶିକ୍ଷକ ତପନ ଭୋଇ, କ୍ଲଷ୍ଟରର ଶିକ୍ଷକ ନାରାୟଣ ବେହେରା, ମୁରଲୀଧର ଦାସ, ପ୍ରଶାନ୍ତ ତ୍ରିପାଠୀ, ବଲ୍ଲଭ ପଲାଇଙ୍କ ସମେତ ସମସ୍ତ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ଚାନ୍ଦୋଳ କଲେଜ ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ଡେରାବିଶ, ୮।୧୨(ସମିସ):** ଚାନ୍ଦୋଳ କଲେଜର ଅବସରପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଶ୍ୱନାଥ ଜେନା (୭୫)ଙ୍କ ପରଲୋକ ହୋଇଯାଇଛି। ପୈତୃକ ଗାଁ ଦାନପୁର ପଞ୍ଚାୟତ ନରସିଂହପୁରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଦୀପକ ମୁଖାଗ୍ନି ଦେଇଥିଲେ। ତେବେ ତାଙ୍କ ସ୍ମୃତିରେ କଲେଜ ପରିସରରେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ ଦାଶଙ୍କ ସଂଯୋଜନାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ଅକ୍ଷୟ ବଳ, ଦିଲ୍ଲୀପ ଭୂୟାଁ, ପ୍ରଭାକର ଦାସ, ରମାକାନ୍ତ ଦାସ, ଦିବ୍ୟ ଦାସ, ମାନସ ରଞ୍ଜନ ଦାସ, ପ୍ରତାପ ଜେନା, ପ୍ରଦୀପ ରାଉତ, ସଞ୍ଜୟ ନାୟକ, ପ୍ରାଧ୍ୟାପିକା ଶ୍ରୀମତୀ ଦାସ, ମିନାକ୍ଷୀ ପ୍ରଧାନ, ଝରାଶ୍ରୀ ପରିଜା ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

## ପଟ୍ଟାମୁଣ୍ଡାଇରେ ନିଯୁକ୍ତି ପରାମର୍ଶ ମେଳା




**ପଟ୍ଟାମୁଣ୍ଡାଇ, ୮ ।୧୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକରେ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରଥିଲେ। ରିଚା ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତଏହି ଉତ୍ସବରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା, ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁ, ବ୍ଲକ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ବ୍ଲକ ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ ଓ ବିଜୟ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୧୨ରୁ ଅଧିକ ସଂସ୍ଥା ଯୋଗ ଦେଇଥିଲେ। ୨୭୦ ଶିକ୍ଷିତ ବେକାର ଯୁବକଯୁବତୀ ନିଯୁକ୍ତି ଭିତ୍ତିକ ତାଲିମ ପାଇଁ ନାମ ପଞ୍ଜୀକରଣ କରିଥିଲେ।

# ଜାନୁଆରୀ ୨୪ରେ 'ନୂଆ -ଓ' ଫେଷ୍ଟ

**କେନ୍ଦ୍ରାପଡ଼ା, ୮ ।୧୨(ସମିସ)**




ବାରୁଅ ନିକଟସ୍ଥ ପଡ଼ିଆରେ ଜାନୁଆରୀ ୨୪ ତାରିଖରେ 'ନୂଆ ଓ' ଫେଷ୍ଟ ଅନୁଷ୍ଠିତ ହେବ। ଏ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସୱାନ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏହି ବୈଠକ ବସିଥିଲା। ଜିଲ୍ଲାର ସମସ୍ତ ବିଡିଓ ଏଥିରେ ଉପସ୍ଥିତ ଥିଲେ।

ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳର ଯୁବଶକ୍ତି ମଧ୍ୟରେ ଥିବା ଲୁକାୟିତ ପ୍ରତିଭାର ଅନ୍ୱେଷଣ ଓ ଉପଯୋଗିତା ପାଇଁ ଏହା ସୁଯୋଗ ଆଣିବ। ନଭେମ୍ବର ୩୦ ତାରିଖ ସୁଦ୍ଧା ପଞ୍ଜିକରଣ କରିଥିବା ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳର ୧୩ ବର୍ଷରୁ ୩୫ ବର୍ଷ ବୟସ୍କ ଯୁବକ ଯୁବତୀ ଏଥିରେ ଭାଗ ନେଇପାରିବେ। କ୍ରୀଡା କ୍ଷେତ୍ରରେ ହକି, ଫୁଟବଲ, ଭଲିବଲ, ଖୋ-ଖୋ, କବାଡି, କ୍ରିକେଟ(ଧଳା ଟେନିସ ବଲ୍) ବ୍ଲକ ସ୍ତରୀୟ, ପୌରପାଳିକାସ୍ତରୀୟ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ସାଂସ୍କୃତିକ ପ୍ରତିଯୋଗିତାରେ ଦଳଗତ ନୃତ୍ୟ, ସଙ୍ଗୀତ(ସୋଲୋ), ମନୋଆକ୍ଟିଂ, ଷ୍ଟାଣ୍ଡଅଫ କମେଡି, ଚିତ୍ରାଙ୍କନ ଓ କୁଇଜ ଆଦି ରହିଛି। ବ୍ଲକସ୍ତରୀୟ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀ ବା ଦଳ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବାକୁ ସ୍ଥିର କରାଯାଇଛି। ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଚାମ୍ପିୟନ, ୧ମ ରନର୍ସଅପ, ୨ୟ ରନର୍ସଅପ, ୩ୟ ରନର୍ସଅପଙ୍କୁ ପୁରସ୍କୃତ କରାଯିବ। ବ୍ଲକସ୍ତରୀୟ ଓ ପୌରାଞ୍ଚଳ ସ୍ତରରେ ଯଥାକ୍ରମେ ବିଡିଓ ଓ ନିର୍ବାହୀ ଅଧିକାରୀମାନେ ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ। ବ୍ଲକ ଓ ପୌରାଞ୍ଚଳସ୍ତରୀୟ ପ୍ରତିଯୋଗିତା ଡିସେମ୍ବର ୩୧ ତାରିଖ ସୁଦ୍ଧା ଶେଷ କରିବା ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଜାନୁୟାରୀ ୧୨ରୁ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ଜନ ମଙ୍ଗଳକାରୀ କାର୍ଯ୍ୟକ୍ରମକୁ ଡକୁମେଣ୍ଟେସନ ଓ ଫଟୋଗ୍ରାଫି କରିବା ସହ ସ୍କୁଲ ଓ କଲେଜରେ ହେଉଥିବା କାର୍ଯ୍ୟକ୍ରମକୁ ମଧ୍ୟ ଫଟୋ ଓ ଭିଡିଓଗ୍ରାଫି କରାଯିବ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ, କେନ୍ଦ୍ରାପଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଏପିଜି ଅବଦୁଲ ରହମାନପ୍ରମୁଖ ଯୋଗ ଦେଇଥିଲେ।

● ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

## କୁନି ବୈଜ୍ଞାନିକଙ୍କ ଦ୍ୱାରା ୬୨ ପ୍ରକଳ୍ପ ପ୍ରଦର୍ଶିତ




**ଗରଦପୁର, ୮।୧୨(ସମିସ)**

କୁଦାନଗରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ବା ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର କୁନି ବୈଜ୍ଞାନିକଙ୍କ ଦ୍ୱାରା ନିର୍ମିତ ୬୨ଟି ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ବିଚାରପତିଙ୍କ ଦ୍ୱାରା ୫ଟି ଉଚ୍ଚକୋଟୀର ପ୍ରକଳ୍ପ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଅଜୟ ସେଠୀ ସଭାପତିତ୍ୱ କରିଥିଲେ। ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଲୋକନାଥ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରଧାପକ ଶଶୀକାନ୍ତ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଅଜୟ ସେଠୀ, ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ବେହେରା, ସମିତି ସଭ୍ୟ ମନୋଜ ମଲ୍ଲିକ, ବିଜ୍ଞାନ ମେଳାର ଜିଲ୍ଲା ଓ ବ୍ଲକ ସମନ୍ୱୟ କମିଟି ସଭ୍ୟ ଶିକ୍ଷକ ଅଶୋକ ପରିଡ଼ା ଓ

**ଜିଲ୍ଲାକୁ ୫ ପ୍ରକଳ୍ପ ମନୋନୀତ**

ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ମେଳା କମିଟିର ସଂଯୋଜକ ପ୍ରଧାନ ଶିକ୍ଷକ ମଳୟ ପାଣି ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ ଶିକ୍ଷକ ନୃସିଂହ ଚରଣ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ଗତିକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଉଦ୍‌ଯାପନୀ ଉତ୍ସବରେ କୁଦାନଗରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଗରଦପୁର ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁ, କୁଦାନଗରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ଜ୍ଞାନ ରଞ୍ଜନ ପାତ୍ର, ଶିକ୍ଷାବିତ୍ ଅଲେଖ ପଟ୍ଟନାୟକ, ଅତିରିକ୍ତ ବିଇଓ ବଳଦେବ ପ୍ରସାଦ ଉପାଧ୍ୟାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ପ୍ରଭାଗୀୟ ଶ୍ରମ ସଂସ୍ଥାପକଙ୍କ ସହ ଆଲୋଚନା



**ଡେରାବିଶ, ୮।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପରିସରରେ ପ୍ରଭାଗୀୟ ଶ୍ରମ ସଂସ୍ଥାପକ ପ୍ରଦୀପ ମହାନ୍ତିଙ୍କ ସହ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ସମ୍ପାଦକ ଅଶୋକ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଛି। ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ କଲେ ବି ଜିଲ୍ଲା ଶ୍ରମ ଅଧିକାରୀ ଏହାର ସମାଧାନ କରୁ ନ ଥିବା ନେଇ ସଂସ୍ଥାପକ ଶ୍ରୀ ମହାନ୍ତିଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହି ଆଲୋଚନାରେ ମହେଶ୍ୱର ନାୟକ, ଅଧିର ସ୍ୱାଇଁ, ଜଗଦୀଶ କଟାଳ, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, କାର୍ତ୍ତିକ ବେହେରା, ଦ୍ୱିତୀରଞ୍ଜନ ପଣ୍ଡା, ଅକ୍ଷୟ ଲେଙ୍କା, ବିଷ୍ଣୁ ବାରିକ, ଉପେନ୍ଦ୍ର ସାହୁ ଓ ମନୋଜ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅନୁସୂଚିତ ମହିଳା ନିର୍ମାଣ ଶ୍ରମିକଙ୍କ ପରିଚୟ ପତ୍ର, ୨୦୨୦ରୁ ହୋଇଥିବା ଶିକ୍ଷା ସହାୟତା ଦରଖାସ୍ତ, ତଦନ୍ତ ହୋଇସାରିଥିବା ଓ ତଦନ୍ତ ହୋଇ ନ ଥିବା ମୃତ୍ୟୁକାଳୀନ ସହାୟତା, ଶହ ଶହ ଝିଅ ବିଭାଘର ପାଇଁ ଅଫ୍‌ଲାଇନ୍‌ରେ ଅଭିଯୋଗ ଓ କାର୍ଯ୍ୟାଳୟରୁ ହଜିଯାଇଥିବା କେତେକ ଆବେଦନପତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୁଇ ସପ୍ତାହ ମଧ୍ୟରେ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସଂସ୍ଥାପକ ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ନିର୍ଦ୍ଧାରିତ ସମୟରେ ସମସ୍ୟାଗୁଡ଼ିକର ସମାଧାନ ନ ହୁଏ ତାହେଲେ ସଂଘ ତରଫରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

## ଜାନୁଆରୀ ୧୫ରୁ ଜଗତସିଂହପୁର ପୁସ୍ତକ ମେଳା

**ଜଗତସିଂହପୁର, ୮ ।୧୨(ସମିସ):** ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୨୫ତମ ଜଗତସିଂହପୁର ପୁସ୍ତକ ମେଳା ଜାନୁୟାରୀ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଅନୁଷ୍ଠିତ ହେବ। ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ପାରୁଲ୍ ପଟ୍ଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଉପାଧ୍ୟକ୍ଷ ବିଜୟ ରାଉତ, ଗଣେଶ୍ୱର ମାଣିଆ, ସମ୍ପାଦକ ଶାରଦା ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ସୁଧୀର ମହାନ୍ତି, ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ରଙ୍କ ସହିତ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ।

ଏ ବର୍ଷ ପୁସ୍ତକ ମେଳାକୁ ୨୫ ବର୍ଷ ହେଉଥିବା ଯୋଗୁଁ ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ପୁସ୍ତକ ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରିଡିଂ ଜୋନ୍, ଫୁଡ୍ ଜୋନ୍, ଗେମ୍ ଜୋନ୍ ତଥା ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପୁସ୍ତକ ମେଳା ପରିସରରେ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହା ସହିତ ଯୁବପିଢି ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବହି କିଣିବା ଓ ପଢ଼ିବା ପାଇଁ ଉତ୍ସାହ ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ପାଦକ ଶାରଦା ପ୍ରସାଦ ଦାସ ବିଗତ ବର୍ଷର ଆୟବ୍ୟୟ ପାଠ କରିଥିଲେ। କାର୍ଯ୍ୟକାରିଣୀ ସଭ୍ୟ କୈଳାସ ଚନ୍ଦ୍ର ମଲ୍ଲିକ, ମନୋଜ ଦାଶ, ମାନସ କାନୁନଗୋ, ଦୁର୍ଯ୍ୟୋଧନ ମହାରଣା, ସରୋଜ ସାହୁ ସତ୍ୟବ୍ରତ ବିଶ୍ୱାଳ, ପ୍ରଦୀପ ମିତ୍ର, ମାନସ ରଥ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଅବନୀକାନ୍ତ ମହାରଣା, କାର୍ଯ୍ୟକାରିଣୀ ସଭ୍ୟା ଜ୍ୟୋତିର୍ମୟୀ ମହାନ୍ତି, ସୁଷମା ପ୍ରଧାନ ପ୍ରମୁଖ ରୌପ୍ୟ ଜୟନ୍ତୀ ତଥା ପୁସ୍ତକ ମେଳାର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହଯୋଗ

**ଡେରାବିଶ, ୮।୧୨(ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ (ରଥପଡ଼ିଆ)ରେ ଅଗ୍ନିକାଣ୍ଡ ଘଟି ମୃତ୍ୟୁଞ୍ଜୟ ରାଉତ ଓ ତାଙ୍କ ପଡୋଶୀ ଗୋବିନ୍ଦ ରାଉତଙ୍କ ୬ବଖରା ଚାଳ ଛପର ଘର ଜଳି ଯାଇଛି। ଏହି ଅଗ୍ନିକାଣ୍ଡରେ ଉଭୟ ପରିବାର ସଦସ୍ୟମାନେ ପିନ୍ଧିଥିବା ବସ୍ତ୍ର ବ୍ୟତୀତ ଅନ୍ୟ ସମସ୍ତ ଆସବାବପତ୍ର, ଦରକାରୀ କାଗଜପତ୍ର, ଧାନ ଚାଉଳ, ଆଲମିରାରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ନଗଦ ଟଙ୍କା ପୋଡି ପାଉଁଶ ହୋଇଯାଇଛି। ତେବେ ଏହି ଦୁଇ ଅଗ୍ନିବିପନ୍ନ ପରିବାରଙ୍କ ନିକଟରେ ବ୍ଲକ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ପହଞ୍ଚି ଉଭୟ ପରିବାରକୁ ସମବେଦନା ଜ୍ଞାପନ କରିବା ସହ ସହାୟତାର ବଢ଼ାଇଛନ୍ତି। ଏଥିସହ ଉଭୟ ବିପନ୍ନ ପରିବାରକୁ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବା ପାଇଁ ସରକାରୀ ସ୍ତରରେ ସମସ୍ତ ଉଦ୍ୟମ କରାଯିବାକୁ ଶ୍ରୀ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହ ଗୋଲରାହାଟ ସମିତିସଭ୍ୟ କରୁଣାକର କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପିତାପାଟରେ ମା' ମନସା ଦେବୀଙ୍କ ପୂଜା

**ମହାକାଳପଡ଼ା, ୮ ।୧୨(ସମିସ):** ମହାକାଳପଡ଼ା ବ୍ଲକ ଉପକୂଳବର୍ତ୍ତୀ ବଙ୍ଗଭାଷୀ ବହୁଳ ରାମନଗର ପଞ୍ଚାୟତର ପିତାପାଟ ଗ୍ରାମରେ ୨୭ତମ ବାର୍ଷିକ ମା' ମନସା ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ସର୍ପାଘାତରୁ ରକ୍ଷା ପାଇବା ପାଇଁ ଏହି ଅଞ୍ଚଳରେ ମନସା ଦେବୀଙ୍କୁ ଲୋକେ ସର୍ପଦେବୀ ଭାବେ ପୂଜା କରିଥାନ୍ତି। ୧୯୯୭ ନଭେମ୍ବରରେ ଏହି ଗ୍ରାମରେ ଏକ ପରିବାର ସର୍ପାଘାତର ଶିକାର ହେବାରୁ ସମସ୍ତେ ଆଖି ବୁଜିଥିଲେ। ସେମାନଙ୍କ ଶୁଦ୍ଧିକ୍ରିୟା ଶେଷ ଦିବସରେ ଆଉ ୩ ଜଣ ସର୍ପଦଂଶନର ଶିକାର ହେବାରୁ ଜୀବନ ଯାଇଥିଲା। ତେବେ ସର୍ପଦେବୀ ମା' ମନସାଙ୍କ ପୂଜା କରିଲେ ସର୍ପାଘାତରୁ ରକ୍ଷା ମିଳିବ ବୋଲି ବଙ୍ଗଳାରେ ବିଶ୍ୱାସ ରହିଛି। ତେଣୁ ପଣ୍ଡିତଙ୍କ ପରାମର୍ଶ ପରେ ସେହି ବର୍ଷଠାରୁ ଗ୍ରାମରେ ମା' ମନସାଙ୍କ ପୂଜା କରାଯାଇ ଆସୁଛି। ଏଥର ପୂଜା ଚାଲିଥିବା ବେଳେ ଏକ ନାଗସାପ ପୂଜାମଣ୍ଡପରେ ପ୍ରବେଶ କରି ମେଢ ଉପରକୁ ଚଢି ଅନେକ ସମୟ ରହି ଦର୍ଶନ ଦେଇଥିଲା ବୋଲି ପୂଜା କମିଟି ସଦସ୍ୟ ଏବଂ ଶ୍ରଦ୍ଧାଳୁ ପଞ୍ଚୁରାମ ମଣ୍ଡଳ, ସୁଜିତ ମାଇତି, ସୁବାସ ଶୁକ୍ଳା, ପ୍ରଭାତ ବାଲା, ଟୁକୁନା ଜେନା, ପ୍ରକାଶ ବେହେରା, ମାଧବୀ ବାଲା, ଭବାନିଲତା ସର୍କାର, ଅର୍ଚ୍ଚନା ସର୍କାର, ରୀନା ମିର୍ଦ୍ଧା ପ୍ରମୁଖ କହିଛନ୍ତି।

● ପଟ୍ଟାମୁଣ୍ଡାଇ ଏସ୍‌ଆଇପିଟିରେ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

# 'ଯୁବଶକ୍ତି ଓଡ଼ିଶାର ପ୍ରକୃତ ଶକ୍ତି'

**ପଟ୍ଟାମୁଣ୍ଡାଇ, ୮ ।୧୨(ସମିସ)**



ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟର୍ଗମ ଅଧୀନ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଓଡ଼ିଶାର ଏକମାତ୍ର ପାଣି ପାଇପ କାରିଗର ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସଆଇପିଟି) ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ସଞ୍ଜୀବ ରାୟସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ପ୍ରାଚୁର୍ଯ୍ୟରେ ଭରପୂର ଓଡ଼ିଶାର ଯୁବଶକ୍ତି ପ୍ରକୃତ ଶକ୍ତି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ରାଜ୍ୟର ପ୍ରଶିକ୍ଷିତ ଯୁବଶକ୍ତିଙ୍କୁ ଚିହ୍ନଟ କରିବା ପାଇଁ ସରକାର ୩୮୫କୋଟି ଟଙ୍କା ବ୍ୟୟ ବରାଦ କରିଥିବା ସେ ସୂଚନା ଦେଇଥିଲେ। ଅଞ୍ଚଳର ପ୍ରତିଭାବାନ ଯୁବଛାତ୍ରମାନେ ନିଜ ନିଜର ଅନ୍ତର୍ନିହିତ ପ୍ରତିଭାର ବିକାଶ କରି ସଶକ୍ତ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଓ ଆଞ୍ଚଳିକ ବିକାଶର ସୂତ୍ରଧର ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଧାୟକ କୃତି ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା, ବୈବ୍ରତ ନାରାୟଣ ବିଶ୍ୱାଳ, କାଉନସିଲର ପ୍ରଶାନ୍ତ ବାରିକ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ଗୋପାଳପୁର ସରପଞ୍ଚ ଗୋଲେଖ ସ୍ୱାଇଁ, ମହୁଲିଆ ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ଶକ୍ତି ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧୀନ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସୁଧାଂଶୁ ରାଉତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ତାଲିମଦାତା ଜଗନ୍ନାଥ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରାୟ ୩୦୦ବାଳକ/ବାଳିକା ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

## ବିରିଡ଼ିରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବିରିଡି, ୮ ।୧୨(ସମିସ):** ବିରିଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୧୮, କର୍ଣ୍ଣ, ନାସା, ଗଳା ବିଭାଗରେ ୧୧୨, ସ୍ନାୟୁ ବିଭାଗରେ ୭, ଶିଶୁ ବିଭାଗରେ ୪୦, ଚକ୍ଷୁ ବିଭାଗରେ ୩୩, ଶ୍ରବଣ ବିଭାଗରେ ୩୬ଓ ମାନସିକ ବିକାରଗ୍ରସ୍ତ ବିଭାଗରେ ୪୪ଜଣ ଏହିଭଳି ୩୯୦ ଜଣ ହିତାଧିକାରୀ ନାମ ପଞ୍ଜୀକରଣ କରିଥିଲେ। ଏଥିରୁ ୧୭୧ଜଣ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ବଜୟ ଶଙ୍କରଦାସ, ଜିଲ୍ଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ଉପାଧ୍ୟାକ୍ଷା ପିନାକୀ ପ୍ରିୟଦର୍ଶିନୀ, ବିଡ଼ିଓ ଡ. ବେବିତା ମଞ୍ଜରୀ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଏଥିରେ ପୌରୋହିତ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜୋତିର୍ମୟୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜଗତସିଂହପୁରରୁ ଡାକ୍ତର ସତ୍ୟବ୍ରତ ଭୂୟାଁ, ଶ୍ରୀମନ୍ତିନୀ ରାଉତ, ଅଏସକାନ୍ତ ଦାସ, ମନୋଜ ପରିଡ଼ା, ଦୀପକ ମହାପାତ୍ର, ହିମାଂଶୁ ଶେଖର ଏବଂ କଟକରୁ ଡାକ୍ତର ରାଜକିଶୋର ଦାଶ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ସହକାରୀ ଅଧିକାରୀ ବିଶ୍ୱଜିତ ବିଶ୍ୱାଳ ସଂଯୋଜନା କରିଥିଲେ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା

**କେନ୍ଦ୍ରାପଡ଼ା, ୮ ।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପ୍ରଥମ ତଥା ନାରୀ ଶିକ୍ଷାର ଅଗ୍ରଣୀ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ତୁଳସୀ ମହିଳା ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଆଧାରରେ ଯୁକ୍ତ ଦୁଇ ବିଭାଗର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ମଣ୍ଡଳସ୍ତରୀୟ ମିଶନ ଶକ୍ତିର ସଭାପତି ଜ୍ୟୋସ୍ନାରାଣୀ ଚୌଧୁରୀ ଏବଂ ମିଶନ ଶକ୍ତିର ସମ୍ପାଦିକା କବିତା ରାଉତ ଅତିଥି ଭାବେ ଯୋଗଦେଇ ଏହି ସାଂସ୍କୃତିକ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନେ ସେମାନଙ୍କ ସୃଜନଶୀଳତା ଏବଂ ଲୁକାୟିତ ପ୍ରତିଭାର ବିକାଶ କରି ଦେଶର ବିକାଶରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ଡ. ପ୍ରମିଳାରାଣୀ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜନୀତି ବିଭାଗର ମୁଖ୍ୟ ତଥା ମହାବିଦ୍ୟାଳୟ କର୍ମଚାରୀ ପରିଷଦର ସମ୍ପାଦକ ସହଯୋଗୀ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁ ସଂଯୋଜନା କରିଥିଲେ। ଯୁକ୍ତ ଦୁଇ ବିଭାଗର ନୋଡାଲ ଅଫିସର ଡ. ସୁଜାତା ମହାନ୍ତି ଓ ପ୍ରଶାସନ ଅଧିକାରୀ ମଥୁରି ଚରଣ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ ବିଭାଗର ଅଫିସର ଅଧାପିକା ସୌମ୍ୟାକାନ୍ତି ମିତାଶ୍ରୀ ଧନ୍ୟବାଦ ପ୍ରଦାନ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ ପ୍ରଥମ ଦିବସରେ ଓଡିଆ ପ୍ରବନ୍ଧ, ଓଡିଆ ବକ୍ତୃତା, ଇଂରାଜୀ ପ୍ରବନ୍ଧ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗୀତାରେ ପ୍ରଧାପିକା ମଞ୍ଜୁଶ୍ରୀ ସ୍ୱାଇଁ, ପ୍ରାଧାପିକା ଡ. ଏଲୋରା କବି, ଅଧାପକ ଶକ୍ତି ଶେଖର ଦାଶ, ଅଧାପିକା ତେଜସ୍ୱିନୀ ସାମଲ, ଅଧାପିକା ଗାୟତ୍ରୀ ରାଏ ବିଚାରକ ଭାବେ ଅଂଶ ଗ୍ରହଣ କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୪ ● ପାଉଣ୍ଡ ୧୦୪.୬୨
- ୟୁରୋ ୮୯.୬୭ ● ୟେନ୍ ୦.୫୭

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୭୦୦ (ନୂଆଦିଲ୍ଲୀ)
- ରୁପା : ୮୦,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୬୯,୮୨୫.୦୦
- ନିଫ୍ଟି ୨୦,୯୬୯.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

### ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଲକ୍ଷ୍ୟରେ ରିଜର୍ଭ ବ୍ୟାଙ୍କର ବଡ଼ ନିଷ୍ପତ୍ତି

# ରେପୋ ହାର ଅପରିବର୍ତ୍ତିତ



- ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ ପାଇଁ ବଢ଼ିଲା ୟୁପିଆଇ କାରବାର ସୀମା
- ଅନଲାଇନରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୈଠ କରିହେବ ଅର୍ଥ

**ପ୍ରଭାବିତ ହେବ ନାହିଁ ଗ୍ରାହକ କିସ୍ତି ଦେୟ**

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ଦେଶର ସାଂପ୍ରତିକ ଅର୍ଥ ବ୍ୟବସ୍ଥା, ବଜାର ସ୍ଥିତି ଏବଂ ମୁଦ୍ରାସ୍ଫୀତି ସ୍ଥିତିକୁ ନେଇ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଶୁକ୍ରବାର ବଡ଼ ନିଷ୍ପତ୍ତି ନେଇଛନ୍ତି। ରିଜର୍ଭ ବ୍ୟାଙ୍କର ୬ ସଦସ୍ୟଙ୍କୁ ନେଇ ଗଠିତ ମୁଦ୍ରାନୀତି କମିଟି(ଏମପିସି) ବୈଠକ ତିନି ଦିନ ଧରି ଚାଲିଥିଲା ବେଳେ ରେପୋ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ପୂର୍ବରୁ ୬.୫ ପ୍ରତିଶତ ରହି ଆସିଥିବା ରେପୋ ହାରରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ନିଶ୍ଚିତ ହୋଇଛି। ଚଳିତ ଥରକୁ ମିଶାଇ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଚତୁର୍ଥ ଥର ପାଇଁ ରେପୋ ହାର ଅପରିବର୍ତ୍ତିତ ରଖିଛନ୍ତି। ବର୍ତ୍ତମାନ ଅନ୍ୟ ଯେକୌଣସି ଦେଶର ଅର୍ଥନୀତି ତୁଳନାରେ ଭାରତୀୟ ଅର୍ଥନୀତିର ମୂଳଦୁଆ ସଶକ୍ତ ରହିଥିଲା ବେଳେ ବ୍ୟାଙ୍କ ଏବଂ କର୍ପୋରେଟ୍ କ୍ଷେତ୍ରର ପ୍ରଦର୍ଶନ ମଧ୍ୟ ଭଲ ରହିଛି। ଏଥିସହିତ ରାଜସ୍ୱ ଆଦାୟ ବୃଦ୍ଧି ସହ ବିତ୍ତୀୟ ନିଅଣ୍ଟରେ ହ୍ରାସ ଏବଂ ପୂର୍ବ ତୁଳନାରେ ଋଣ ହ୍ରାସ ପାଇବା ପରିଲକ୍ଷିତ ହୋଇଛି। ସେହିପରି ବୈଦେଶିକ ମୁଦ୍ରା ଭଣ୍ଡାର ସ୍ଥିତି ମଧ୍ୟ ପୂର୍ବ ତୁଳନାରେ ଭଲ ରହିଛି। ଏଭଳି ସ୍ଥିତିରେ ରେପୋ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ଏହାବ୍ୟତୀତ ବର୍ତ୍ତମାନ ଉଭୟ ଖାଉଟି ଏବଂ ବ୍ୟବସାୟୀଙ୍କ ମନୋବଳ ଯେଭଳି ଦୃଢ଼ ରହିଛି ତଦ୍ୱାରା ସାମଗ୍ରୀକ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିବାରେ ଅସୁବିଧା ହେବ ନାହିଁ। ଏହାଦ୍ୱାରା ଭାରତୀୟ ପୁଞ୍ଜି ବଜାରକୁ ଆହୁରି ପ୍ରୋତ୍ସାହନ ମିଳିବ ଏବଂ ନିବେଶକାରୀ ମଧ୍ୟ ଉତ୍ସାହିତ ରହିବେ। ଯାହାଦ୍ୱାରା ପୁଞ୍ଜି ନିବେଶ କ୍ଷେତ୍ର ଆହୁରି ସଶକ୍ତ ହେବା ସହିତ ଋଣ ପ୍ରଦାନ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ଫଳରେ ଆଗାମୀ ଦିନରେ ଭାରତୀୟ ଅର୍ଥନୀତି ପାଇଁ ସକାରାତ୍ମକ ପ୍ରଭାବ ସୃଷ୍ଟି ହେବ ବୋଲି ଶ୍ରୀ ଦାସ କହିଛନ୍ତି। ରେପୋ ହାର ଅପରିବର୍ତ୍ତିତ ରଖିବା ନିଷ୍ପତ୍ତି ବ୍ୟତୀତ ଅନଲାଇନ ବ୍ୟବସ୍ଥାରେ ଅର୍ଥ କାରବାରକୁ ନେଇ ମଧ୍ୟ ଏମପିସି କମିଟି କିଛି ନୂଆ ପଦକ୍ଷେପ ନେଇଛି। ୟୁପିଆଇ ମାଧ୍ୟମରେ ହେଉଥିବା କାରବାରକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ରିଜର୍ଭ ବ୍ୟାଙ୍କ କ୍ରମାଗତ ପ୍ରୟାସ ଜାରି ରଖିଥିଲା ବେଳେ ପ୍ରତିମାସରେ ୟୁପିଆଇ କାରବାର ବୃଦ୍ଧି ପାଇ ଚାଲିଛି। ଆରବିଆଇ ୟୁପିଆଇରେ ଅଫଲାଇନ ଟ୍ରାଞ୍ଜାକ୍ସନରୁ ଆରମ୍ଭ କରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ପ୍ରୋତ୍ସାହିତ କରିଛନ୍ତି। ଏହିକ୍ରମରେ ହସ୍ପିଟାଲ ଏବଂ ଶିକ୍ଷଣାନୁଷ୍ଠାନ ନିମନ୍ତେ ୟୁପିଆଇ ମାଧ୍ୟମରେ ହେଉଥିବା କାରବାର ସୀମାକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ନୂଆ ନିଷ୍ପତ୍ତି ପରେ ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନରେ ଏବେ ୟୁପିଆଇ ସହାୟତାରେ ଅଧିକ ଅର୍ଥ ପୈଠ କରିହେବ। ଏଣିକି ପ୍ରତି ୟୁପିଆଇ କାରବାରରେ ୧ ଲକ୍ଷ ଟଙ୍କା ପରିବର୍ତ୍ତେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୈଠ କରିହେବ। ଏହି ନିଷ୍ପତ୍ତି ଯୋଗୁ ହସ୍ପିଟାଲ ବିଲ୍ ଓ ସ୍କୁଲ, କଲେଜ ଫି ଜମା କରିବାରେ ହେଉଥିବା ଅସୁବିଧା ଦୂର ହୋଇପାରିବ ବୋଲି କୁହାଯାଇଛି। ରେପୋ ହାର ଅପରିବର୍ତ୍ତିତ ରଖାଯାଇଥିବାରୁ ବ୍ୟାବସାୟିକ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରହିବା ସହିତ ଗ୍ରାହକମାନଙ୍କ କିସ୍ତି ଦେୟ ମଧ୍ୟ ପ୍ରଭାବିତ ହେବ ନାହିଁ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୫.୪୦ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ଆରବିଆଇ କର୍ତ୍ତୃପକ୍ଷ ଅନୁମାନ କରିଛନ୍ତି।

## ୨୦୨୩-୨୪ରେ ଜିଡିପି ଲକ୍ଷ୍ୟ ୭ ପ୍ରତିଶତ

ଦେଶର ସାଂପ୍ରତିକ ଅର୍ଥ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ୨୦୨୩-୨୪ ଆର୍ଥିକ ବର୍ଷର ଜିଡିପି ଲକ୍ଷ୍ୟ ହାସଲ ଆକଳନରେ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ବର୍ଷରେ ୬.୫ ପ୍ରତିଶତ ହାରରେ ଜିଡିପି ହାସଲ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଥିଲା ବେଳେ ଏବେ ଏହାକୁ ୭ ପ୍ରତିଶତ ରଖାଯାଇଛି ବୋଲି ଆରବିଆଇ ଗଭର୍ଣ୍ଣର ଶ୍ରୀ ଦାସ କହିଛନ୍ତି। ଏହି ଲକ୍ଷ୍ୟ ଚଳିତ ଆର୍ଥିକ ବର୍ଷର ବିଭିନ୍ନ ତ୍ରୟମାସିକ ଫଳାଫଳରୁ ହାସଲ କରାଯିବ। ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ୬ ପ୍ରତିଶତ ହାରରେ ଜିଡିପି ହାସଲ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏହାକୁ ୬.୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। ସେହିପରି ଚତୁର୍ଥ ତଥା ଶେଷ ତ୍ରୟମାସରେ ଜିଡିପି ହାସଲ ଲକ୍ଷ୍ୟ ୫.୭ରୁ ୬ ପ୍ରତିଶତକୁ ବୃଦ୍ଧି କରାଯାଇଛି।




### ● ଚାରି ମାସରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ସର୍ବାଧିକ ବୃଦ୍ଧି

# ୬୦୪ ବିଲିୟନ ଡଲାର ଛୁଇଁଲା ପାଣ୍ଠି



**ନୂଆଦିଲ୍ଲୀ ,୮।୧୨(ଏଜେନ୍ସି):** ବିଗତ ୩ ସପ୍ତାହ ଧରି ବୃଦ୍ଧି ପାଉଥିବା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଗତ ୪ ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ଏହି ପାଣ୍ଠି ପରିମାଣ ୬୦୪.୦୪ ବିଲିୟନ ଡଲାରରେ ପହଞ୍ଚିଥିଲା ବେଳେ ଚାରି ମାସରେ ପ୍ରଥମ ଥର ପାଇଁ ୬୦୦ ବିଲିୟନ ଡଲାର ଟପିଛି । ଡିସେମ୍ବର ୧ ତାରିଖ ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ଏହି ସ୍ଥିତି ହାସଲ କରାଯାଇଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଚଳିତ ବର୍ଷ ଅଗଷ୍ଟ ୧୧ରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୬୦୦ ବିଲିୟନ ଡଲାର ଉପରେ ରହିଥିଲା। ତେବେ ବୈଦେଶିକ ମୁଦ୍ରା ଭଣ୍ଡାରର ସାଂପ୍ରତିକ ସ୍ଥିତିକୁ ନେଇ ଦେଶର ଆମଦାନୀ ପାଇଁ କରାଯାଉଥିବା ଅର୍ଥ ପୈଠକୁ ସହଜରେ ପୂରଣ କରାଯାଇ ପାରିବ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ଅକ୍ଟୋବରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୬୪୨ ବିଲିୟନ ଡଲାରରେ ପହଞ୍ଚି ସର୍ବକାଳୀନ ସ୍ତର ଛୁଇଁଥିଲା। ଏହାପରେ ଆନ୍ତର୍ଜାତିକ ସ୍ତରରେ ଗତ ବର୍ଷରୁ ଆରମ୍ଭ ହୋଇଥିବା ଘଟଣାକ୍ରମକୁ ନେଇ ଭାରତୀୟ ମୁଦ୍ରା ଉପରେ ଚାପ ହ୍ରାସ କରିବା ପାଇଁ ବିଦେଶୀ ମୁଦ୍ରା ଭଣ୍ଡାରକୁ ଉପଯୋଗ କରାଯାଇଥିଲା ।

### ଜିଡିପି ଆକଳନ ବୃଦ୍ଧିକୁ ନେଇ ଶେୟାର ବଜାର ଉତ୍ସାହିତ

# ନିଫ୍ଟି, ସେନସେକ୍ସ କାରବାରରେ ୩.୫ ପ୍ରତିଶତ ବୃଦ୍ଧି

**ମୁମ୍ବାଇ,୮।୧୨(ଏଜେନ୍ସି):** ଭାରତର ବର୍ଦ୍ଧିତ ଅର୍ଥନୀତି ସାଙ୍ଗକୁ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଶୁକ୍ରବାର ରେପୋ ହାର ଅପରିବର୍ତ୍ତିତ ରଖିବା ନିବେଶକାରୀଙ୍କ ପାଇଁ ଉତ୍ସାହ ବଢ଼ାଇଛି। ଏହାବ୍ୟତୀତ ଚଳିତ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କ ଜିଡିପିକୁ ନେଇ ପୂର୍ବରୁ ଯେଉଁ ଆକଳନ କରିଥିଲେ ସେଥିରେ ମଧ୍ୟ ବୃଦ୍ଧି କରିଛନ୍ତି। ଏହାକୁ ନେଇ ବିଦେଶୀ ପୁଞ୍ଜି ନିବେଶକାରୀ ଆହୁରି ଉତ୍ସାହିତ ହୋଇପଡ଼ିଥିବା କୁହାଯାଇଛି। ଯାହାକୁ ନେଇ ବର୍ତ୍ତମାନ ଭାରତୀୟ ଶେୟାର ବଜାର ସ୍ଥିତି ଅତ୍ୟନ୍ତ ଅନୁକୂଳ ରହିଛି। ଏହିକ୍ରମରେ ଚଳିତ ସପ୍ତାହରେ ହାରାହାରି ଭାବେ ନିଫ୍ଟି ଏବଂ ସେନସେକ୍ସ କାରବାରରେ ହାରାହାରି ଭାବେ ୩.୫ ପ୍ରତିଶତ ବୃଦ୍ଧି ଘଟିଛି। ବ୍ୟାଙ୍କିଙ୍ଗ କ୍ଷେତ୍ର ଠାରୁ ଆରମ୍ଭ କରି ଆଇଟି କ୍ଷେତ୍ର ଭଳି ବିଭିନ୍ନ କ୍ଷେତ୍ରର ଶେୟାର କାରବାର ଚଳିତ ସପ୍ତାହରେ ଉତ୍ତମ ରହିଥିବା କୁହାଯାଇଛି। ଶୁକ୍ରବାର ସୁଦ୍ଧା ହୋଇଥିବା କାରବାର ଅନୁଯାୟୀ ନିଫ୍ଟି-୫୦ ୨୧ ହଜାର ପଏଣ୍ଟ ନିକଟବର୍ତ୍ତୀ ହୋଇଛି।

# କାନାରା ବ୍ୟାଙ୍କ ରଘୁନାଥପୁର ଶାଖା ଉଦ୍‌ଘାଟିତ



**ଭୁବନେଶ୍ୱର,୮।୧୨(ସମିସ):** ରଘୁନାଥପୁର ଠାରେ କାନାରା ବ୍ୟାଙ୍କର ଏକ ନୂତନ ଶାଖା ଉଦ୍ଘାଟିତ ହୋଇଯାଇଛି। କାନାରା ବ୍ୟାଙ୍କ ମଣ୍ଡଳ ମୁଖ୍ୟ ଜଗଦୀଶ ଚନ୍ଦର ଏହି ଶାଖା ଉଦଘାଟନ କରିବା ସହିତ ରିଟେଲ ଏକ୍ସପୋ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ନୂତନ ଶାଖାକୁ ମିଶାଇ ରାଜ୍ୟରେ କାନାରା ବ୍ୟାଙ୍କ ଶାଖା ସଂଖ୍ୟା ୨୭୦ରେ ପହଞ୍ଚିଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ଅବସରରେ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ମହାମାୟା ପ୍ରସାଦ ରାଏ ଯୋଗ ଦେଇ ରାଜ୍ୟର ଅର୍ଥନୈତିକ ଅଗ୍ରଗତିରେ କାନାରା ବ୍ୟାଙ୍କର ଅବଦାନ ସମ୍ପର୍କରେ କହିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଉପ ମହାପ୍ରବନ୍ଧକ ଜି ଏମ ମୂର୍ତ୍ତି ଏବଂ ଶାଖା ମୁଖ୍ୟ ସୁମନ କୁମାର ଜେନା ଉପସ୍ଥିତ ରହିଥିଲେ। ଏହି ଶାଖାର ପ୍ରଥମ ଦିନର ବ୍ୟବସାୟ ୧.୫ କୋଟି ଟଙ୍କା ରହିଥିଲା। ସେହିପରି ରିଟେଲ ଏକ୍ସପୋ କାର୍ଯ୍ୟକ୍ରମରେ ଡିଭିଜିନାଲ ମ୍ୟାନେଜର ଅରବିନ୍ଦ ବେହେରା ଉପସ୍ଥିତ ରହିଥିଲେ। ବ୍ୟାଙ୍କ ପକ୍ଷରୁ ଗୃହ, ଶିକ୍ଷା ଏବଂ ଯାନ କ୍ରୟ ଆଦି କ୍ଷେତ୍ରରେ ମୋଟ ୧୫ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା।

### ■ କୋପ୍-୨୮ ସମ୍ମିଳନୀରେ ଜିନ୍ଦଲ ଷ୍ଟେନ୍‌ଲେସ୍

# ୨୦୩୫ ପୂର୍ବରୁ ୫୦% କାର୍ବନ ନିର୍ଗମନ ହ୍ରାସ ଲକ୍ଷ୍ୟ




**ଭୁବନେଶ୍ୱର, ୮।୧୨(ସମିସ):** ଭାରତର ସର୍ବବୃହତ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଉଦ୍ୟୋଗ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଏହାର ୫୦ ପ୍ରତିଶତ କାର୍ବନ ନିର୍ଗମନ ହ୍ରାସର ମଧ୍ୟ-ମିଆଦି ଲକ୍ଷ୍ୟକୁ ବର୍ଷ୨୦୩୫ ପୂର୍ବରୁ ହାସଲ କରିବାକୁ ସ୍ଥିର କରିଛି। ନିକଟରେ ଦୁବାଇରେ ଅନୁଷ୍ଠିତ ମିଳିତ ଜାତିସଂଘର କୋପ-୨୮ ଜଳବାୟୁ ସମ୍ମିଳନୀରେ କମ୍ପାନୀ ଭାଗ ନେବା ଅବସରରେ ଏହି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଯୋଗ ଦେବା ପାଇଁ ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ନିମନ୍ତ୍ରିତ ଜିନ୍ଦଲ ଷ୍ଟେନଲେସ ଏକ ପାର୍ଶ୍ୱ କାର୍ଯ୍ୟକ୍ରମରେ କମ୍ପାନୀର ଡିକାର୍ବୋନାଇଜେସନ୍ ପଦକ୍ଷେପଗୁଡ଼ିକୁ ନେଇ ସ୍ୱତନ୍ତ୍ର ପ୍ରଦର୍ଶନ କରିଥିଲା। 'ଶକ୍ତି, ଶିଳ୍ପ / ଟ୍ରାନ୍ସମିସନ୍ / ଆଦିମ ଜନଜାତିର ବିଷୟବସ୍ତୁ ଦିବସ ସହିତ ସମକକ୍ଷ ଏହି ବିଶ୍ୱସ୍ତରୀୟ

**କମ୍ପାନୀ ବିନିଯୋଗ କରିବ ୭୦୦ କୋଟି**

କାର୍ଯ୍ୟକ୍ରମର ଷଷ୍ଠ ଦିବସରେ 'କାର୍ବନମୁକ୍ତ ଭବିଷ୍ୟତ: ଭାରତୀୟ ଇସ୍ପାତ କ୍ଷେତ୍ରର ରୂପାନ୍ତରଣ' ଶୀର୍ଷକ କାର୍ଯ୍ୟକ୍ରମ ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ନୋଡାଲ ମନ୍ତ୍ରଣାଳୟ ଭାବେ ନିଯୁକ୍ତ କରାଯାଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି ଯେ, କୋପ-୨୮ କାର୍ଯ୍ୟକ୍ରମ ପାଇଁ ଭାରତ ସରକାର ଦ୍ୱାରା ଆମନ୍ତ୍ରିତ ହୋଇଥିବାରୁ ଆମେ ନିଜକୁ ଗୌରବ ମନେ କରୁଛୁ। ଆମର ଡିକାର୍ବୋନାଇଜେସନ୍ ପ୍ରୟାସକୁ ନେଇ ଆମେ ଗର୍ବିତ ଏବଂ ଏହି ସମ୍ମାନନୀୟ କାର୍ଯ୍ୟକ୍ରମରେ ଭାଗ ନେଇ ନିଜର ପ୍ରତିବଦ୍ଧତାକୁ ନିଶ୍ଚିତ କରୁଛୁ। ପ୍ରତିବର୍ଷ ୧୫ ଲକ୍ଷ ଟନ୍ କାର୍ବନ ନିର୍ଗମନ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ବିଭିନ୍ନ ପ୍ରକଳ୍ପରେ କମ୍ପାନୀ ୭୦୦ କୋଟି ଟଙ୍କା ବିନିଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।ଉନ୍ନତ ବୈଷୟିକ ବିଦ୍ୟାର ଉପଯୋଗ ସହିତ ନବସୃଜନ, ଗବେଷଣାରେ ପୁଞ୍ଜି ବିନିଯୋଗ ଏବଂ ଉଚ୍ଚମାନର ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ ପାଇଁ କମ୍ପାନୀ ସର୍ବଦା ଗୁରୁତ୍ୱ ଦେଇ ଆସିଛି ବୋଲି ସେ କହିଛନ୍ତି।

# ଔଷଧ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସର୍ତ୍ତ

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** କୌଣସି କମ୍ପାନୀ ନିଜର ସମସ୍ତ ନିର୍ଦ୍ଧାରିତ ଏବଂ ଅଣ ନିର୍ଦ୍ଧାରିତ ଫର୍ମୁଲାରେ ଔଷଧ ବିକ୍ରି କରିବାକୁ ଚାହୁଁଥିଲେ ଏଥିପାଇଁ ଔଷଧର ସର୍ବାଧିକ ଖାଉଟି ମୂଲ୍ୟ(ଟିକସ ସହ) ଉଲ୍ଲେଖ କରିବାକୁ ନିଶ୍ଚିତ କରିବାକୁ ପଡ଼ିବ। 'ଡ୍ରଗ୍ସ ପ୍ରାଇସ୍ କଣ୍ଟ୍ରୋଲ ଅର୍ଡର(ଡିପିସିଓ) ପ୍ରତିଷ୍ଠାନର ସର୍ବଶେଷ ସର୍ତ୍ତ ଅନୁସାରେ ପ୍ରତ୍ୟେକ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ମୂଲ୍ୟ ଉଲ୍ଲେଖ କରିବା ବ୍ୟତୀତ ପ୍ରିଣ୍ଟ ମାର୍କରେ ଔଷଧ ଫର୍ମୁଲା ଏବଂ ସର୍ବନିମ୍ନ ପ୍ୟାକ୍ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିବେ। ସେହିପରି ଔଷଧ ପ୍ରସ୍ତୁତକାରୀ କମ୍ପାନୀମାନେ ଔଷଧ ବିକ୍ରୟକାରୀ ଅନୁଷ୍ଠାନ କିମ୍ବା ବିତରକମାନଙ୍କୁ ମଧ୍ୟ ସେମାନଙ୍କ ଔଷଧ ମୂଲ୍ୟ ତାଲିକା ଦେବେ ଏବଂ ଯେଉଁଠି କୌଣସି ଔଷଧ ବିକ୍ରି ହେବ ସେଠାରେ ବ୍ୟବସାୟୀ କିମ୍ବା ବିତରକ ମଧ୍ୟ ଗ୍ରାହକମାନଙ୍କ ଉଦ୍ଦେଶ୍ୟରେ ଏହି ତାଲିକା ଲଗାଇବେ।

# ଆକ୍ସିସ୍ ଇଣ୍ଡିଆ 'ମାନୁଫ୍ୟାକ୍‌ଚରିଂ ଫଣ୍ଡ' ଉନ୍ମୋଚିତ

**ମୁମ୍ବାଇ, ୮।୧୨(ଏଜେନ୍ସି):** ଭାରତର ଅଭିବୃଦ୍ଧିଶୀଳ ଫଣ୍ଡ ହାଉସ୍ ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍‌ଚରିଂ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ନୂତନ ଫଣ୍ଡ ହେଉଛି ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯାହା ଭାରତର ନିର୍ମାଣ ବିଷୟବସ୍ତୁର ପ୍ରତିନିଧିତ୍ୱ କରୁଛି ଏବଂ ଏହା ନିଫ୍ଟି ଇଣ୍ଡିଆ ମାନୁଫ୍ୟାକ୍‌ଚରିଂ ଟିଆର୍‌ଆଇ ବିରୋଧରେ ମାନକ ହେବ। ଏହି ଏନ୍‌ଏଫ୍‌ଓ ଡିସେମ୍ବର ୧ ତାରିଖରୁ ଆରମ୍ଭ କରାଯାଇଥିଲା ବେଳେ ଏହା ନିବେଶକଙ୍କୁ ଭାରତର ଉତ୍ପାଦନ ବିଷୟବସ୍ତୁର କ୍ଷମତାକୁ ଉପଯୋଗ କରିବା ଦିଗରେ ପ୍ରେରିତ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବାକୁ ଥିବା ଏହି ଏନ୍‌ଏଫ୍‌ଓ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ସିଇଓ ବି.ଗୋପ କୁମାର କହିଛନ୍ତି ଯେ, 'ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍‌ଚରିଂ ଫଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି ଯେତେବେଳେ ଭାରତର ଅର୍ଥନୀତି ମେକ୍ ଇନ୍ ଇଣ୍ଡିଆ ଓ ଏକାଧିକ ସୁଧାର ଭଳି ରଣନୈତିକ ପଦକ୍ଷେପଗୁଡ଼ିକ ଦ୍ୱାରା ତ୍ୱରାନ୍ୱିତ ହେଉଛି। ଏହି ଥିମାଟିକ୍ ଫଣ୍ଡକୁ ଭାରତର ବର୍ଦ୍ଧିତ ସଫଳତାରୁ ପୁଞ୍ଜି ହାସଲ ପାଇଁ ପ୍ରସ୍ତୁତ କରାଯାଇଛି। ଯାହା ଭାରତର ଶିଳ୍ପ ସ୍ଥିତିକୁ ପୁନଃବ୍ୟାଖ୍ୟା କରିବା ପାଇଁ ପ୍ରସ୍ତୁତ କ୍ଷେତ୍ରଗୁଡିକ ଉପରେ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।




### ● ଶୀର୍ଷ ବ୍ରାଣ୍ଡଗୁଡ଼ିକରେ ସ୍ୱତନ୍ତ୍ର ଡିଲ୍ ସହିତ ୫୦ରୁ ୯୦ % ପର୍ଯ୍ୟନ୍ତ ରିଆତି

# ଏଜିଓ 'ର ବିଗ୍ ବୋଲ୍ଡ ସେଲ୍

**ବେଙ୍ଗାଲୁରୁ,୮।୧୨(ଏଜେନ୍ସି):** ଭାରତର ପ୍ରମୁଖ ଫ୍ୟାସନ୍ ଇ-ଟେଲର୍ ଏଜିଓ ଏହାର ଫ୍ଲାଗସିପ୍ ଇଭେଣ୍ଟ 'ବିଗ୍ ବୋଲ୍ଡ ସେଲ୍' ଘୋଷଣା କରିଛି। ଚଳିତ ମାସ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ସେଲରେ ଗ୍ରାହକମାନେ ଶୀଘ୍ର ପ୍ରବେଶ ସୁବିଧା ହାସଲ କରିଥିଲେ। ବିଗ୍ ବୋଲ୍ଡ ସେଲ୍ (ବିବିଏସ୍)ର ସର୍ବବୃହତ ସଂସ୍କରଣରେ ଗ୍ରାହକମାନେ ୫୫୦୦ ରୁ ଅଧିକ ବ୍ରାଣ୍ଡରେ ୧.୬ ନିୟୁତରୁ ଅଧିକ କ୍ୟୁରେଟେଡ୍ ଫ୍ୟାସନ୍ ଷ୍ଟାଇଲ୍ ପ୍ରଦାନ କରି ପାରିବେ, ଯାହା ଅତୁଳନୀୟ ସପିଂ ଅନୁଭୂତି ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିବିଏସରେ ୧୯ ହଜାରରୁ ଅଧିକ ପିନ୍ କୋଡର ଗ୍ରାହକମାନେ ଫ୍ୟାସନ୍, ଜୀବନଶୈଳୀ, ଘର ସଜ୍ଜା, ଗହଣା, ସୌନ୍ଦର୍ଯ୍ୟ ଏବଂ ବ୍ୟକ୍ତିଗତ ଯତ୍ନ ଭଳି ବର୍ଗରେ ସର୍ବୋତ୍ତମ ଡିଲ୍ ଏବଂ ଅଫର୍ ସହିତ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ବ୍ରାଣ୍ଡ, ଓନ୍ଡ ଲେବଲ୍ ଏବଂ ଘରୋଇ ବ୍ରାଣ୍ଡ ସାମଗ୍ରୀ କ୍ରୟ କରିବେ। ଆଇସିଆଇସିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ବ୍ୟବହାର ଉପରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ରିଆତି ସହିତ ଗ୍ରାହକମାନେ ଶୀର୍ଷ ବ୍ରାଣ୍ଡ ବର୍ଗରେ ୫୦ ରୁ ୯୦ % ପର୍ଯ୍ୟନ୍ତ ରିଆତି ପାଇପାରିବେ ।




ଆଡିଡାସ୍, ସୁପରଡ୍ରାଏ, ନାଇକି, ପୁମା, ଜିଏପି, ଆସିକ୍ସ, ୟୁଏସପିଏ, ନ୍ୟୁ ବାଲାନ୍ସ, ଅଣ୍ଡର ଆର୍ମର, ଷ୍ଟିଭ୍ ମାଡେନ, ଟମି ହିଲଫାଇଜର, ଡିଜେଲ, କାଲଭିନ କ୍ଲେନ୍, ମାଇକେଲ କୋର୍ସ, ବୋସ୍, ଲେଭିସ୍, ମାର୍କସ ଆଣ୍ଡ ସ୍ପେନ୍ସର, ଅର୍ମାନି ଏକ୍ସଚେଞ୍ଜ, ରିତୁ କୁମାର, ମୁଜି, ସାମ୍, ବୁଡା ଜିନ୍ସ କମ୍ପାନି, ଫିୟୋର ରୋଜ, ପୋର୍ଟିକୋ, କାସିଓ, ଲାକ୍‌ମେ, ମେବେଲିନ୍ ଆଦି ବ୍ରାଣ୍ଡ ଉପରେ ଆକର୍ଷଣୀୟ ଡିଲ୍ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଆଜିଠାରୁ ଫ୍ଲିପ୍‌କାର୍ଟର 'ଇୟର୍ ଏଣ୍ଡ ସେଲ୍'

**ମୁମ୍ବାଇ,୮।୧୨(ଏଜେନ୍ସି):** ଅନ୍ୟତମ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପ୍‌କାର୍ଟ ଆସନ୍ତାକାଲି ଠାରୁ ଏହାର ' ଇୟର ଏଣ୍ଡ ସେଲ' ଆରମ୍ଭ କରିବାକୁ ଘୋଷଣା କରିଛି। ପୂର୍ବରୁ ପାର୍ବଣ ଅବସରରେ କମ୍ପାନୀ 'ବିଗ୍ ବିଲିୟନ୍ ଡେଜ୍ ସେଲ୍' ଏବଂ 'ଦୀପାବଳି ସେଲ୍'ରେ ଗ୍ରାହକଙ୍କ ଉତ୍ସାହକୁ ଦେଖି ଏହି 'ଇୟର୍ ଏଣ୍ଡ ସେଲ୍' ଆରମ୍ଭ କରିଥିବା କହିଛି। ଏହା ଡିସେମ୍ବର ୯ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଯଦି କୌଣସି ଗ୍ରାହକଙ୍କ ନିକଟରେ 'ଫ୍ଲିପ୍‌କାର୍ଟ ପ୍ଲସ୍' ସଦସ୍ୟତା ରହିଥିବା ତେବେ ସଂପୃକ୍ତ ଗ୍ରାହକ ଡିସେମ୍ବର ୮ ରୁ ଏହି ସେଲ୍‌ର ଲାଭ ଉଠାଇ ପାରିବେ। ଏହି ସେଲ୍‌ରେ ସ୍ମାର୍ଟଫୋନ୍ ଓ ବିଭିନ୍ନ ବ୍ରାଣ୍ଡର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର୍ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଏହାବ୍ୟତୀତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ୫୦ରୁ ୮୦ ପ୍ରତିଶତ ରିଆତି ମିଳୁଛି। ହେଡ୍‌ଫୋନ୍, ଲାପ୍‌ଟପ୍, ସ୍ପିକର୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ପରେ ବି ରିଆତି ରହିଛି। ଯେଉଁ ଗ୍ରାହକ ନୂଆ ସ୍ମାର୍ଟଫୋନ୍ କିଣିବାର ଯୋଜନା କରୁଛନ୍ତି ସେମାନଙ୍କ ପାଇଁ ଏହି ସେଲରେ ଅଧିକ ଲାଭ ଉଠାଇବାର ସୁଯୋଗ ରହିଛି। ଗୁଗୁଲ୍ ପିକ୍ସେଲ୍ ୭ ସିରିଜ୍ ଏବଂ ୮ ସିରିଜ୍ ଫୋନ ଉପରେ ଆକର୍ଷଣୀୟ ଅଫର୍ ସହିତ ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍୨୧ଏଫ୍‌ଇ(୨୦୨୩) ରିଆତି ପରେ ୩୧,୯୯୯ ଟଙ୍କାରେ ଉପଲବ୍ଧ ହେବ ବୋଲି କୁହାଯାଇଛି। ସେହପରି ଆଇଫୋନ୍ ୧୪ ୫୪,୯୯୯ ଟଙ୍କା ଏବଂ ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍୨୨୫ଜି ୩୭,୯୯୯ ଟଙ୍କାରେ ଉପଲବ୍ଧ ହେବ ବୋଲି କମ୍ପାନୀ କହିଛି।

ରାଜ୍ୟ ଭଲିବଲ

# କ୍ୱାର୍ଟରରେ ପୁରୀ ଓ ନୟାଗଡ଼

ଭୁବନେଶ୍ୱର, ୮।୧୨ (ସମିସ): ପୁରୀ ଓ ନୟାଗଡ଼ ଜିଲ୍ଲା ପ୍ରଥମ ଦୁଇଦଳ ଭାବେ ରାଜ୍ୟ ପୁରୁଷ ଭଲିବଲ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବାଲିଗୁଡାରେ ଖେଳାଯାଇଥିବା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ୨-୦ରେ ଭୁବନେଶ୍ୱରକୁ, ବରଗଡ଼ ଜିଲ୍ଲା ୨-୦ରେ ଦେବଗଡ଼କୁ, ଅନୁଗୁଳ ଜିଲ୍ଲା ୨-୦ରେ ୨-୦ରେ ବାଲେଶ୍ୱରକୁ, ସୁନ୍ଦରଗଡ଼ ୨-୧ରେ ଅନୁଗୁଳକୁ, ଓଡ଼ିଶା ପୁଲିସ୍ ୨-୦ରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ, ବାଲେଶ୍ୱର ୨-୦ରେ କେନ୍ଦୁଝରକୁ, ସମ୍ବଲପୁର ୨-୦ରେ ଦେବଗଡ଼କୁ, ଜଗତସିଂହପୁର ୨-୦ରେ ଗଞ୍ଜାମକୁ, ଭୁବନେଶ୍ୱର ୨-୧ରେ ବରଗଡ଼କୁ, କଟକ ୨-୧ରେ ବୌଦ୍ଧକୁ, ସମ୍ବଲପୁର ୨-୧ରେ କନ୍ଧମାଳକୁ ପରାସ୍ତ କରିଛନ୍ତି।



### ମହିଳା ପ୍ରତିଯୋଗିତା ଆରମ୍ଭ

ରାଜ୍ୟ ବରିଷ୍ଠ ଭଲିବଲ ମହିଳା ଚାମ୍ପିଅନସିପର ୭୦ତମ ସଂସ୍କରଣ ଓଡ଼ିଶା ଭଲିବଲ ସଂଘ ଆନୁକୂଲ୍ୟରେ ବୌଦ୍ଧ ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଛି। ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ବୌଦ୍ଧରେ ଖେଳାଯାଇଥିବା ପ୍ରଥମ ଦିନ ଖେଳରେ ପୂର୍ବତଟ ରେଳବାଇ ୨-୦ରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ, ବଲାଙ୍ଗିର ଜିଲ୍ଲା ୨-୦ରେ ଢେଙ୍କାନାଳକୁ, କେନ୍ଦ୍ରାପଡ଼ା ଜିଲ୍ଲା ୨-୦ରେ ସୁନ୍ଦରଗଡ଼କୁ, କନ୍ଧମାଳ ଜିଲ୍ଲା ୨-୦ରେ ଢେଙ୍କାନାଳକୁ ଓ କେନ୍ଦ୍ରାପଡ଼ା ଜିଲ୍ଲା ୨-୦ରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ପରାସ୍ତ କରିଛି।

ପୁଲ-ଏଫ୍'ର ବିଜେତା ହୋଇ ପୁରୀ ଓ ରାଇକିଆରେ ଖେଳାଯାଇଥିବା ପୁଲ-ଇ'ର ବିଜେତା ଭାବେ ନୟାଗଡ଼ କ୍ୱାର୍ଟର ଫାଇନାଲ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତକାଲି ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା।

ଫୁଲବାଣୀରେ ପୁରୁଷ ବିଭାଗ ଲିଗ୍ ଖେଳ ଶୁକ୍ରବାର ମଧ ଗଞ୍ଜାମକୁ, ଆର୍‌ଏସ୍‌ପି ୨-୦ରେ କନ୍ଧମାଳକୁ, କଟକ ୨-୦ରେ ସୁନ୍ଦରଗଡ଼କୁ, ସମ୍ବଲପୁର ୨-୦ରେ ଭୁବନେଶ୍ୱରକୁ, ଆର୍‌ଏସ୍‌ପି ୨-୦ରେ ବରଗଡ଼କୁ, ବୌଦ୍ଧ ୨-୦ରେ ଗଞ୍ଜାମକୁ, ଭୁବନେଶ୍ୱର ୨-୦ରେ କନ୍ଧମାଳକୁ, କିଟ ୨-୦ରେ ପୂର୍ବତଟ ରେଳବାଇକୁ, ମୟୂରଭଞ୍ଜ

ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍

# ଫାଇନାଲରେ କ୍ଲବ୍ ୭୩-କିଶୋର

ଭୁବନେଶ୍ୱର, ୮।୧୨(ସମିସ): ରାଜଧାନୀର ଦୁଇ ପ୍ରତିଷ୍ଠିତ ଫୁଟବଲ ଦଳ କ୍ଲବ୍-୭୩ ଓ କିଶୋର କ୍ଲବ୍ ମଧ୍ୟରେ ୨୦୨୩ ଭୁବନେଶ୍ୱର 'ଏ' ଡିଭିଜନ ଗତିକୃଷ୍ଣ ପଣ୍ଡା ମେମୋରିଆଲ ଫୁଟବଲ ଲିଗ୍ ଫାଇନାଲ ମୁକାବିଲା ହେବ। ୟୁନିଟ୍-୧ରେ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ କିଶୋର କ୍ଲବ୍ ୨-୧ ଗୋଲରେ ଏଜି ରିକ୍ରିଏସନ କ୍ଲବ୍‌କୁ ପରାସ୍ତ କରିଛି। ସେହିପରି ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କ୍ଲବ୍-୭୩ ୧-୦ ଗୋଲରେ ୟୁନିଟ-୬ ଆଥଲେଟିକ୍ ଆସୋସିଏସନକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। କିଶୋର ଓ କ୍ଲବ୍-୭୩ ମଧ୍ୟରେ ଫାଇନାଲ ମୁକାବିଲା ରବିବାର ଅପରାହ୍ଣ (୩ଟାରେ)ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ଖେଳାଯାଇଥିଲା। ଏଥିରେ ଅତ୍ୟନ୍ତ ସଂଗଠିତ ଖେଳ ପ୍ରଦର୍ଶନ କରିଥିବା କିଶୋର କ୍ଲବ୍ ପ୍ରଥମାର୍ଦ୍ଧ ଖେଳର ୧୮ତମ ଓ ୩୫ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ୨-୦ରେ ଅଗ୍ରଣୀ ନେଇଥିଲା। ଏହି ଗୋଲ ଦୁଇଟି ସ୍କୋର କରିଥିଲେ ବେଞ୍ଜାମିନ ମୁର୍ମୁ ଓ ସୌରଭ ଚୌଧୁରୀ। କିନ୍ତୁ ୪୨ତମ ମିନିଟ୍‌ରେ ଏଜି ରିକ୍ରିଏସନର ରାଜେନ୍ଦ୍ର ହେମ୍ବ୍ରମ ଗୋଟିଏ ଗୋଲ ଶୁଝାଇବା ଫଳରେ ପ୍ରଥମାର୍ଦ୍ଧ ଖେଳ ଶେଷରେ କିଶୋର କ୍ଲବ୍ ୨-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିବାରୁ ଏହି ମ୍ୟାଚ୍‌କୁ କିଶୋର କ୍ଲବ୍ ୨-୧ରେ ଜିତିନେଇଥିଲା। ଏହି ପ୍ରତିଯୋଗିତାର ଆୟୋଜକ ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜାଙ୍କ ତତ୍ତ୍ୱାବଧାନରେ ଗଠିତ କିଶୋର କ୍ଲବ୍ ଓ ପୂର୍ବତନ ରଣଜୀ ଖେଳାଳି ତଥା କୋଚ୍ ଲଳିତେନ୍ଦୁ ମହାପାତ୍ରଙ୍କ ସଭାପତିତ୍ୱରେ ଗଠିତ କ୍ଲବ୍-୭୩ ମଧ୍ୟରେ ଫାଇନାଲ ମ୍ୟାଚଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ। ଦୁଇ ବିଶିଷ୍ଟ କ୍ରୀଡ଼ା ସଂଗଠକଙ୍କ ଦଳ ମଧ୍ୟରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାଟି ରାଜଧାନୀ ଫୁଟବଲ ସମର୍ଥକଙ୍କ ଲାଗି ମଧ୍ୟ ବେଶ ଚର୍ଚ୍ଚାର ଖୋରାକ ଯୋଗାଇଛି।



ବିଜୟୀ ଦଳର ଏ. କହ୍ନେୟାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆୟୋଜକ ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ଉପସଭାପତି ରାଧାନାଥ ମହାପାତ୍ର ଅତିଥିଭାବେ ଯୋଗ ଦେଇ କହ୍ନେୟାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ଏମ୍‌ଏସ୍ ବେଗ୍ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ମିଶ୍ର ଓ ଶିବ ସାମନ୍ତରାୟ ତାଙ୍କୁ ଲାଇନ୍‌ରେ ସହାୟତା ଦେଇଥିଲେ। ମ୍ୟାଚ୍ କମିଶନର ଥିଲେ ରାଜ୍ୟର ପ୍ରଥମ ମହିଳା ରେଫରୀ ସୁଦୀପ୍ତା ଦାଶ।

■ ଟୁବୁଲି ମେମୋରିଆଲ ବାରବାଟୀ କପ୍

# ଜୁଭେନାଇଲ୍- ପ୍ରଗତି ଫାଇନାଲ ମୁକାବିଲା




ନିମାପଡ଼ା, ୮।୧୨(ସମିସ) : କଟକର ଜୁଭେନାଇଲ ସ୍ପୋର୍ଟିଂ ଓ କଟକର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ତୃତୀୟ ରାଜ୍ୟସ୍ତରୀୟ ଟୁବୁଲି ମେମୋରିଆଲ ବାରବାଟୀ କପ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ହେବ। ନିମାପଡ଼ା ବାରବାଟୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ୟ ସେମି ଫାଇନାଲ ମ୍ୟାଚ୍‌ରେ ଜୁଭେନାଇଲ ୨ୱିକେଟରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ଜୁଭେନାଇଲ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ୩ ୱିକେଟରେ ନିମପୁରର କ୍ରିକେଟ କ୍ଲବ୍‌କୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲର ବିଜେତା ଦୁଇ ଦଳ ମଧ୍ୟରେ ଫାଇନାଲ ମୁକାବିଲା ଆସନ୍ତା ୧୦ ତାରିଖ ରବିବାର ଖେଳାଯିବ।

ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିରେ ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କର ନିର୍ଦ୍ଧାରିତ ୨୦ ଓଭରରେ ୧୦୧ ରନ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟ ମହାପାତ୍ର ୨୭ ରନ ଏବଂ ୨୫ ରନ କରିଥିଲେ। ଜୁଭେନାଇଲର ଜ୍ଞାନରଞ୍ଜନ ୧୭ ରନରେ ୩ଟି ଏବଂ ସୁମିତ ବେହେରା ୯ରନରେ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଜୁଭେନାଇଲ କ୍ରିକେଟ କ୍ଲବ ୧୯.୨ଓଭରରେ ୮ ୱିକେଟ ହରାଇ ୧୦୨ ରନ ସଂଗ୍ରହକରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶାଶ୍ୱତ ମହାନ୍ତି ୫୩ ବଲରେ ୬୦ରନ୍ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ସୁଶିଲ ବାରିକ ଓ ଦୀପକ ତିୱାରୀ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ଆଜିର ମ୍ୟାଚ୍‌ରେ ଅତିଥିଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଯୋଗଦେଇ ବିଜେତା ଜୁଭେଇନାଲ ଦଳର ଶାଶ୍ୱତ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ସମ୍ବିତ୍ ପଟ୍ଟନାୟକ ଓ ଅଭିନନ୍ଦନ ପାତ୍ର ମ୍ୟାଚ ପରିଚାଳନା କରିଥିଲେ।

ଇଣ୍ଡିଆନ ଓମେନ୍ସ ଲିଗ୍

# ୧୦ରୁ ସ୍ପୋର୍ଟ୍ସ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୮।୧୨(ସମିସ): ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ)ର ତୃତୀୟ ସଂସ୍କରଣରେ ଅଂଶଗ୍ରହଣ କରିବାକୁ ସ୍ପୋର୍ଟ୍ସ ଓଡ଼ିଶା କ୍ଲବ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ୍ ଅଛି। ପ୍ରଥମଥର ପାଇଁ ଆଇଡବ୍ଲ୍ୟୁଏଲ୍ ଇତିହାସରେ ଘର ଓ ବାହର ଫର୍ମାଟ୍‌ରେ ଦଳଗୁଡିକ ସେମାନଙ୍କ ମ୍ୟାଚ୍ ଖେଳିବେ। ଆଇଡବ୍ଲ୍ୟୁଏଲ୍‌ର ଏକମାତ୍ର ଦଳ ଭାବେ ସ୍ପୋର୍ଟ୍ସ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଏରିନାରେ ଆସନ୍ତା ୧୦ ତାରିଖରେ ସ୍ପୋର୍ଟ୍ସ ଓଡ଼ିଶା ଇଷ୍ଟ ବେଙ୍ଗଲ ଏଫ୍‌ସି ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଓ କ୍ୟାପିଟାଲ ଫୁଟବଲ ଏରିନାରେ ସ୍ପୋର୍ଟ୍ସ ଓଡ଼ିଶା ତା'ର ଘରୋଇ ମ୍ୟାଚ୍‌ଗୁଡିକ ଖେଳିବ। ସ୍ପୋର୍ଟ୍ସ ଓଡ଼ିଶା ସମେତ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଏଫ୍‌ସି, ଇଷ୍ଟବେଙ୍ଗଲ ଏଫ୍‌ସି, ଗୋକୁଲମ କେରଳ ଏଫ୍‌ସି, ସେଥୁ ଏଫ୍‌ସି, ହୋପ୍ସ ଏଫ୍‌ସି ଓ କିକ୍‌ଷ୍ଟାର୍ଟ ଏଫ୍‌ସି ପ୍ରତିଦ୍ୱିନ୍ଦ୍ୱୀତାରେ ଅବତୀର୍ଣ୍ଣ ହେବେ। ସବୁ ଦଳ ବିପକ୍ଷରେ ସ୍ପୋର୍ଟ୍ସ ଓଡ଼ିଶା ୨ଟି ଲେଖାଏ ମ୍ୟାଚ୍ ଖେଳିବ। ଫଳରେ ଦଳ ମୋଟ୍ ଉପରେ ୧୨ଟି ମ୍ୟାଚ୍ ଖେଳିବ। ଦଳ କଳିଙ୍ଗରେ ୬ଟି ଓ କ୍ୟାପିଟାଲ ଫୁଟବଲ ଏରିନାରେ ଗୋଟିଏ ଘରୋଇ ମ୍ୟାଚ୍ ଖେଳିବ। ଆଇଡବ୍ଲ୍ୟୁଏଲର ଗତ ୨୦୨୨-୨୩ ସଂସ୍କରଣରେ ଶ୍ରେଷ୍ଠ ୮ଟି ଦଳରେ ରହି ଅଭିଯାନ ଶେଷ କରିଥିବାରୁ ସ୍ପୋର୍ଟ୍ସ ଓଡ଼ିଶା ଏଥର ସ୍ୱତଃ ଭାବେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛି। ସ୍ପୋର୍ଟ୍ସ ଭାରତୀୟ ମହିଳା ଫୁଟବଲର ଆଗାଧାଡିର ଦଳଗୁଡିକ ସହ ପ୍ରତିଦ୍ୱନ୍ଦ୍ୱୀତା କରିବ।

■ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

# ନାଗପୁରକୁ ହରାଇ ସେମିରେ ରାଇଜିଂ ଷ୍ଟୁଡେଣ୍ଟ

ଭାପୁର, ୮।୧୨(ସମିସ): କଟକ ରାଇଜିଂ ଷ୍ଟୁଡେଣ୍ଟ ୨ ୱିକେଟରେ ନାଗପୁର କରିମ ସ୍ପୋର୍ଟ୍ସ ଏକାଡେମୀକୁ ପରାସ୍ତ କରି ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚକୁ ଉନ୍ନୀତ ହୋଇଛି। ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ନାଗପୁର। ଦଳ ୧୮.୩ ଓଭରରେ ସମସ୍ତ ୱିକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା। ଜବାବରେ କଟକର ରାଇଜିଂ ଷ୍ଟୁଡେଣ୍ଟ ୧୯.୨ ଓଭରରେ ୮ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ କରିନେଇଥିଲା। ବିଜୟୀ ଦଳର ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ୧ ଚୌକା ଓ ୪ ଛକା ମାରିବା ସହ ୧୭ ବଲରେ ୩୩ ରନ ଦେଇ ୫ ୱିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




ଶନିବାର ଦ୍ୱିତୀୟ ସେମି ଫାଇନାଲ ଟକର ରାଇଜିଂ ଷ୍ଟୁଡେଣ୍ଟ ଓ କୋଲକାତା ମଧ୍ୟରେ ଖେଳାଯିବ। ଆଜିର ମ୍ୟାଚରେ ଆୟୋଜକ ମୁଖ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏବଂ ପୂର୍ବତନ ଜିଲ୍ଲା ପରିଷଦ ମାନସ ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# ନାଲକୋ ଓପନ୍ ଟେନିସ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୧୨(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରଠାରେ ଶୁକ୍ରବାର ୨୨ତମ ନିଖିଳ ଓଡ଼ିଶା ନାଲକୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ଆନୁକୂଲ୍ୟରେ ୩ ଦିନଧରି ଚାଲିବାକୁ ଥିବା ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ପ୍ରତିଯୋଗୀଙ୍କ ମଧ୍ୟରେ

■ ୪ ଲକ୍ଷ ୩୨ ହଜାର ଟଙ୍କାର ପୁରସ୍କାର
■ ୪୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି

ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ୪୦୦ ଖେଳାଳି ପଞ୍ଜୀକୃତ ହୋଇଛନ୍ତି।

ବିଭିନ୍ନ ବୟସ ବର୍ଗରେ ଏକକ ଓ ଯୁଗଳ ପ୍ରତିଯୋଗିତା ଆୟୋଜନ ହେବ। ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଏକକ, ୧୮ ବର୍ଷରୁ କମ୍ ପୁରୁଷ ଓ ମହିଳା ଏକକ, ପୁରୁଷ ଯୁଗଳ ଏବଂ ୪୦+, ୫୦+ ଓ ୬୦+ ବର୍ଗରେ ଯୁଗଳ ପ୍ରତିଯୋଗିତା ଆୟୋଜନ ହେବ।

ଶୁକ୍ରବାର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ଆର ଭିନିଲ କ୍ରିଷ୍ଣା ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଓଏମସି ଲିମିଟେଡ ମ୍ୟାନେଜିଂ ଡାଇରେକ୍ଟର ବଲବନ୍ତ ସିଂ, ନାଲକୋ ଫାଇନାନ୍ସ ଡାଇରେକ୍ଟର ରମେଶ ଚନ୍ଦ୍ର ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଶାସକ ତଥା ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା, ବିଡିଟିଏ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର ଓ ବିଡିଟିଏ ସମ୍ପାଦକ ସାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।




# ଆଜିଠୁ ନିରାକାରପୁର ସର୍ବଭାରତୀୟ ଫୁଟବଲ

ନିରାକାରପୁର, ୮।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ କ୍ରୀଡାନୁଷ୍ଠାନ ସଖାସଂଘ କ୍ରୀଡା ସଂସଦ ଆନୁକୂଲ୍ୟରେ ଶନିବାର ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହେବ। ସଭାପତି ବିପିନ ଜୟସିଂହଙ୍କ ଅଧ୍ୟକ୍ଷତାରେ ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ରାଜ୍ୟ ବାହାର ଓ ରାଜ୍ୟର ନାମୀ ଫୁଟବଲ ଦଳ ଏହି ଫୁଟବଲ ମହାକୁମ୍ଭରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଶନିବାର ଉଦ୍‌ଘାଟନୀ ମ୍ୟାଚ ଭୁବନେଶ୍ୱର କିଶୋର କ୍ଲବ ଓ ଢେଙ୍କାନାଳ ପପୁଲାର୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ୧୦ ତାରିଖରେ ଏମ୍‌ବିସି କ୍ଲବ ଖଡଗପୁର ସହ ମା' ତାରିଣୀ କ୍ଲବ ତରତରା କେନ୍ଦୁଝର, ୧୧ ତାରିଖରେ ପ୍ରଥମ ସେମି ଫାଇନାଲ, ୧୨ ତାରିଖରେ ୟଙ୍ଗ ଉତ୍କଳ କ୍ଲବ କଟକ ସହ ଏସ୍‌ପିଏମ୍ କ୍ଲବ ବିଶାଖାପାଟଣା, ୧୩ ତାରିଖରେ କମଲ କ୍ଲବ ଛତିଶଗଡ଼ ସହ ଇଲାମ ବଜାର ଏକାଡେମୀ କଲିକତା, ୧୪ ତାରିଖରେ ଦ୍ୱିତୀୟ ସେମିଫାଇନାଲ, ୧୫ ତାରିଖରେ ପ୍ରଥମ ପ୍ରଦର୍ଶନୀ ମ୍ୟାଚ ନିରାକାରପୁର ସଖାସଂଘ ସହ ନିରାକାରପୁର ଭେଟେରାନ ଓ ଦ୍ୱିତୀୟ ପ୍ରଦର୍ଶନୀ ମ୍ୟାଚ ୟୁନିଟ ୬ ଭୁବନେଶ୍ୱର ମହିଳା ଏକାଦଶ ସହ ପପୁଲାର୍ ଢେଙ୍କାନାଳ ମହିଳା ଏକାଦଶ ଖେଳ ହେବ। ଆସନ୍ତା ୧୬ ତାରିଖରେ ଗ୍ରାଣ୍ଡ ଫାଇନାଲ ହେବାନେଇ ସଖାସଂଘ କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

ହାଡିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟ

# କ୍ୱାର୍ଟରରେ ବିନ୍ଦାସ, ସହିଦନଗର





ଭୁବନେଶ୍ୱର, ୮।୧୨(ସମିସ): ସ୍ଥାନୀୟ କପିଳପ୍ରସାଦ ସୁନ୍ଦରପଦା ଖେଳ ପଡ଼ିଆଠାରେ ଚାଲିଥିବା ପଞ୍ଚଦଶ ହାଡିବନ୍ଧୁ- ସତ୍ୟବାଦୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଦୁଇଟି ପ୍ରି- କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ବିଜୟୀ ହୋଇ ବିନ୍ଦାସ-୧୧ ଓ ସହିଦନଗର-୧୧ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ କଟକର ବିନ୍ଦାସ-୧୧ ଓ ଭୁବନେଶ୍ୱରର ବ୍ଲେଜିଂ ବ୍ଲାଷ୍ଟର୍ସ ପରସ୍ପରକୁ ଭେଟିଥିଲେ। ବ୍ଲେଜିଂ ବ୍ଲାଷ୍ଟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୫ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁକେଶ କୁମାର ସର୍ବାଧିକ ୩୪ ରନ ସଂଗ୍ରହ କରିଥିଲେ। ଜବାବରେ ବିନ୍ଦାସ-୧୧ ରଜଦ ପ୍ରଧାନଙ୍କ ଧୂଆଁଧାର ୩୧ ରନ ସହାୟତାରେ ୮ ୱିକେଟ ହରାଇ ୧୧୭ ରନକରି ବିଜୟୀ ହୋଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱରର ସହିଦନଗର-୧୧ ଓ କଟକର ହାପି-୧୧ ପରସ୍ପରକୁ ଭେଟିଥିଲେ। ସହିଦନଗର ପ୍ରଥମେ ବ୍ୟାଟିଂ କରି ସୌରଭ ଜେନାଙ୍କ ୪୧ ରନ, ଭବାନୀଶଙ୍କର ସାହୁଙ୍କ ୩୩ ରନ ବଳରେ ୧୬ ଓଭରରେ ୭ ୱିକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା। ଜବାବରେ ହାପି-୧୧ ୧୨୩ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ୨୧ ରନରେ ବିଜୟୀ ହୋଇ ସହିଦନଗର କ୍ୱାର୍ଟରକୁ ଉଠିଥିଲା। ଆଜିର ଏହି ଦୁଇଟି ମ୍ୟାଚ୍‌ରେ ବିଶିଷ୍ଟ ସମାଜସେବୀ ସୁନୀଲ ଚମ୍ପତି, ନାଇସ ମୋଟର ପ୍ରତିଷ୍ଠାତା ଜଗନ୍ନାଥ ଦାସ ଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଶାନ୍ତ ଶୁକ୍ଲା, ବିଶ୍ୱଜିତ ଦାସ, ଏକତା ଚନ୍ଦ ପ୍ରଧାନ ଓ ଚିତ୍ତ ରଞ୍ଜନ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

■ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍

# ଗ୍ରାମାଞ୍ଚଳ ସେମିରେ ତିନିଘରିଆ ଓ ଗୋଠପୁର

ବାରଙ୍ଗ, ୮।୧୨(ସମିସ): ବାରଙ୍ଗ କଲ୍ୟାଣପୁର ଗ୍ରାମପଞ୍ଚାୟତର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତାର ଷଷ୍ଠ ଦିନରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଗ୍ରାମାଞ୍ଚଳ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ତିନିଘରିଆ, କଟକ ୧-୦ ଗୋଲ୍‌ରେ ନରଣପୁର କ୍ଲବ୍, ବାରଙ୍ଗକୁ ହରାଇ ସେମି ଫାଇନାଲକୁ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ମା' ମଙ୍ଗଳା କ୍ଲବ୍ ଗୋଠପୁର ସହିତ ବନ ମହାବୀର କ୍ଲବ୍ ଜୟପୁର ମଧ୍ୟରେ ହୋଇଥିଲା। ଉଭୟ ଦଳ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲା ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ଜରିଆରେ ଗୋଠପୁର ୫-୪ ଗୋଲ୍‌ରେ ଜୟପୁରକୁ ହରାଇ ସେ ମଧ୍ୟ ଅନ୍ତିମ ୪ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି।

**ସହରାଞ୍ଚଳ ସେମିରେ ବରଗଡ଼:** ଅନ୍ୟ ପକ୍ଷରେ ସହରାଞ୍ଚଳ ବିଭାଗରେ ବରଗଡ଼ ୟୁନାଇଟେଡ୍ ସହିତ ତାମିଲନାଡୁ ପୁଲିସ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଥିଲା। ଏହି ରୋମାଞ୍ଚକ ମୁକାବିଲାର ନିର୍ଦ୍ଧାରିତ ସମୟ ଖେଳ ୩-୩ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଯାହାଫଳରେ ଟାଇବ୍ରେକର ଜରିଆରେ ବରଗଡ଼ ୟୁନାଇଟେଡ୍ ୫-୪ ଗୋଲ୍‌ରେ ତାମିଲନାଡୁକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ମଧୁମାଧବ ଜେନା, ୧୬ ନମ୍ବର ୱାର୍ଡର କର୍ପୋରେଟର ଅଚ୍ୟୁତ ସ୍ୱାଇଁ, ହେମନ୍ତ ନାୟକ, ଅରୁଣ ରାଉତ, ଗ୍ରାମ୍ୟ କମିଟିର ସଭାପତି ଭାସ୍କର ଚନ୍ଦ୍ର ପଢ଼ିହାରୀ ଯୋଗଦେଇଥିଲେ। ଏହି ମ୍ୟାଚ୍‌ଗୁଡ଼ିକୁ ରେଫରୀ ସୁଦୀପ୍ତ ଦାସ, ବ୍ରହ୍ମାନନ୍ଦ ଭୋଇ, ରାଜେନ୍ଦ୍ର ବାରିକ, ବରୁଣ ପ୍ରଧାନ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିବାବେଳେ ରଙ୍କନିଧି ରାଉତ ଧାରାବିବରଣୀ ଦେଇଥିଲେ। ଶନିବାର ପ୍ରଥମ ସେମି ଫାଇନାଲ ସ୍ୱର୍ଣ୍ଣଦେବୀ କ୍ଲବ୍ ବଉଳକୁଦ ସହିତ ଇଲେଭେନଗନ୍ କ୍ଲବ୍ ତିନିଘରିଆ ଓ ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍ ମା' ମଙ୍ଗଳା କ୍ଲବ୍ ଗୋଠପୁର ସହିତ ବଜରଙ୍ଗବାଲି କ୍ଲବ୍ ଘାଟିକିଆ ମଧ୍ୟରେ ମୁକାବିଲା ହେବ। ସେହିପରି ସହରାଞ୍ଚଳର ସେମି ଫାଇନାଲ ମ୍ୟାଚ୍ ନାଇଜେରିଆ ଏକାଦଶ (କୋଲକାତା) ସହିତ ବରଗଡ଼ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ୍‌ର କ୍ରୀଡ଼ା ସମ୍ପାଦକ ପ୍ରଶାନ୍ତ ପଢ଼ିହାରୀ ଜଣାଇଛନ୍ତି।





# କର୍ମ ଘେନି ଫଳ

ବଣ ମୁଲକର କଥା। ମହାରାଜ ସିଂହ ପାଖରେ ଦୁଇଜଣ ମନ୍ତ୍ରୀ ଥାନ୍ତି। ଗୋଟେ ବିଲୁଆ ଆଉ ଗଧିଆ। ସେମାନେ ସର୍ବଦା ରାଜାଙ୍କ ରାଜ କାର୍ଯ୍ୟରେ ସହଯୋଗ ନିମନ୍ତେ ରହିଥାନ୍ତି। ରାଜ୍ୟର ଭଲମନ୍ଦ ଖବର ଆଣି ରାଜାଙ୍କ ପାଖରେ ଦିଅନ୍ତି । ଯାହାଦ୍ୱାରା ରାଜକାର୍ଯ୍ୟ ସହଜ ହୋଇଥାଏ । ତେଣୁ ସେମାନେ ରାଜାଙ୍କର ଅତି ଘନିଷ୍ଠ ଆଉ ନିକଟତର।

ବିଲୁଆ ଆଉ ଗଧିଆ ମଧ୍ୟରୁ ବିଲୁଆ ବହୁତ ଚତୁର। ସେ ସବୁବେଳେ ନିଜର ବୁଦ୍ଧି ପ୍ରୟୋଗ କରି ରାଜାଙ୍କ ପାଖରେ ବିଶ୍ୱସ୍ତ ହେବାକୁ ଚାହେଁ। ରାଜ୍ୟ ମଙ୍ଗଳ କାମ କରିବା ସହ ରାଜ୍ୟକୁ ବହୁତ ବଡ଼ ବଡ଼ ବିପଦରୁ ମଧ୍ୟ ରକ୍ଷାକରିଥାଏ । ରାଜା ତାକୁ ଏତେ ବିଶ୍ୱାସ କରିଗଲେ ଯେ, ସେ ତା'ର ପ୍ରତିଟି କଥାକୁ ଅକ୍ଷରେ ଅକ୍ଷରେ ସତ ମାନି ନିଅନ୍ତି। କିନ୍ତୁ ତା'ର ଉପରେ ଗୋଟେ ବ୍ୟବହାର, ଭିତରେ ଆଉ ଏକ ଗୁଣ। କହିବାକୁ ଗଲେ ତା'ର ଆଚରଣ ଆଉ ଉଚ୍ଚାରଣରେ ଆକାଶପାତାଳ ଫରକ । ସେ ଭାରି କପଟି । ନିଜକୁ ଠିକ୍ ଭାବରେ ଦେଖାଇବା ପାଇଁ ସେ କିଛି ବି କରିପାରେ!

ଗଧିଆ ବିଲୁଆର ପୂରା ବିପରୀତ। ସେ କେବେ ମନରେ ଗର୍ବ କରେ ନାହିଁ। ସର୍ବଦା ଅଳ୍ପରେ ଖୁସି ରହିବାରେ ସେ ବିଶ୍ୱାସ କରେ। ନିଜ ପାଖରେ ଥିବା ବୁଦ୍ଧିକୁ କେବେ ସେ ଖରାପ ବ୍ୟବହାରରେ ଲଗାଏ ନାହିଁ । କୁବୁଦ୍ଧି ଲଗେଇ ଉପରକୁ ଯିବାର ପ୍ରକୃତି ତା'ର ନୁହେଁ । କାହା ପାଇଁ ଗାତ ଖୋଳିବା ତା' ଦ୍ୱାରା ହେବନାହିଁ । ଅତ୍ୟନ୍ତ ଭଦ୍ର ଆଉ ସରଳ ବିଶ୍ୱାସୀଟା।



ଅର୍ଜୁନ ଦାସ

ଏକଦା ଜଙ୍ଗଲରେ ଥିବା ସମସ୍ତ ପଶୁପକ୍ଷୀଙ୍କ ମଧ୍ୟରେ ବିଚାର ପଡ଼ିଲା କିପରି ସିଂହଙ୍କୁ ରାଜଗାଦିରୁ ହଟାଇବା । ବହୁତ ଦିନ ହେଲାଣି ରାଜଗାଦି ମାଡ଼ି ବସିଥିବାରୁ ବହୁତ ଉତ୍ପାତ କରୁଛନ୍ତି । ଅନ୍ୟାୟ ଭାବରେ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଏପରି ଯଦି ଚାଲେ, କିଛିଦିନ ପରେ ହୁଏତ ଏ ଜଙ୍ଗଲକୁ ଛାଡ଼ିଯିବାକୁ ହେବ, ନଚେତ୍ ମୃତ୍ୟୁ ନିଶ୍ଚୟ। ଆମେମାନେ ବି ଚୁପ୍ ରହିବାଟା ଠିକ୍ ନୁହେଁ। ପ୍ରତିବାଦ ନ କରିବାରୁ ଏପରି ଭୋଗିବାକୁ ହେଉଛି। ଏମନ୍ତ କଥା କହି ଗଜରାଜ ଚୁପ୍ କି ବସି ପଡ଼ିଲେ।

ଗଜରାଜଙ୍କ କଥା ଶୁଣି ତେଣେ ଅନ୍ୟ ପଶୁପକ୍ଷୀମାନେ ବହୁତ ରାଗିଗଲେ। ମନେ ମନେ ନିଷ୍ପତ୍ତି ନେଲେ, ସିଂହଙ୍କୁ ଏଥର ରାଜଗାଦିରୁ ହଟାଇ ଆମକୁ ଶାସନ ଭାର ନେବାକୁ ହେବ।

ଏକଥା ଶୁଣି ଶୁଆ କହିଲା , "ଆମେ କ'ଣ ତାଙ୍କୁ ହଟାଇ ପାରିବା? ତାଙ୍କ ପାଖରେ ବାହୁବଳ, ଅର୍ଥବଳ ଆଉ ବିଚକ୍ଷଣ ବୁଦ୍ଧିଥିବା ଯେଉଁ ମନ୍ତ୍ରୀ ଅଛନ୍ତି, କୌଣସି ପରିସ୍ଥିତିରେ ବି ସେମାନେ ହରାଇବାକୁ ଦେବେନାହିଁ। ଆଉ ଆମେ ହେଉଥିବା ସମସ୍ତ କଥା ତାଙ୍କ କାନରେ ପଡ଼ି ଯାଇଥିବ । କାହିଁକି ନା ମୁଁ ଜାଣିଛି ରାଜା ବହୁତ ଗୁପ୍ତଚର ରଖିଛନ୍ତି ।"

ଶୁଆ କଥା ଶୁଣି ଭାଲୁ କହିଲା , "ଆମେ ସିନା ରାଜାଙ୍କ ପାଖକୁ ଯାଇ ପାରିବାନି, ହେଲେ ଏମିତି ଜଣେ ଅଛି, ସେ ରାଜାଙ୍କର ଭାରି ଖାସ୍ । ତାକୁ ଆମେ ରାଜା କରିଦେଲେ ସବୁଠିକ୍ ହୋଇଯିବ ।"

- ସେ କ'ଣ ଆମ କଥାରେ ରାଜି ହେବେ?

- ଆରେ ଏ ସବୁ ଯୋଜନା ତ ତାଙ୍କର । ସେ ଚାହୁଁଛନ୍ତି ରାଜାଙ୍କୁ ହଟାଇ ରାଜପଦ ନେବାପାଇଁ। ଏମିତିରେ ସେ ବି ବହୁତ ଚାଲାକ୍ ଆଉ ଧୂର୍ତ୍ତ । ସେ ରାଜା ହେଲେ ଆମ ରାଜ୍ୟ ବି ବହୁତ ଆଗକୁ ଯିବ। ଏମିତିରେ ଆମ ରାଜା ତ କିଛି ବୁଝନ୍ତି ନାହିଁ। ଯାହା କିଛି ବି ହୁଏ ତାଙ୍କ ଇଙ୍ଗିତରେ । ରାଜା ଖାଲି ନାମକୁ ମାତ୍ର । ତେଣୁ ଆମକୁ କୌଣସି ମତେ ବିଲୁଆକୁ ରାଜା କରିବାର ଅଛି । ଏତିକି କଥାରେ ସଭା ଶେଷ ହେଲା ।

ବୈଠକର ଠିକ୍ ପରଦିନ ଶୁଣାଗଲା କି ରାଜା ବିଲୁଆକୁ ଫାଶୀ ଦଣ୍ଡ ଶୁଣାଇଛନ୍ତି। ରାଜାଙ୍କ ପଛପଟେ ସେ କୁ-ଚକ୍ରାନ୍ତ କରୁଥିବା ଅଭିଯୋଗରେ ତାକୁ ଏପରି ଦଣ୍ଡ ମିଳିଲା।

ରାଜ୍ୟସାରା ଖୁସିର ଲହରି। ସେଇ ଖୁସିରେ ଗୋଟେ ବିରାଟ ଭୋଜିର ଆୟୋଜନ କରାଗଲା। ଭୋଜିଭାତ, ନାଚଗୀତରେ ବ୍ୟସ୍ତ ଥିବାବେଳେ କେବଳ ଠେକୁଆ ଦୁଃଖରେ ବସିଥାଏ। ତା' ଦୁଃଖ ଦେଖି ଭାଲୁ ପଚାରିଲା, ଠେକୁଆ ଭାଇ, ତୁମେ ମନଦୁଃଖ କାହିଁକି କରିଛ?

ଭାଲୁ ଭାଇ ଆମର କଥା ଅନୁସାରେ ବିଲୁଆ ତ ରାଜା ହେଲା ନାହିଁ ବରଂ ସେ ଫାଶୀ ପାଇଲା, ଏଥିରେ ଆମେ ଖୁସି କାହିଁକି ହେବା ?

ଆରେ ବୋକା, ଏଇଟା ଆମର ଗୋଟେ ସୁଚିନ୍ତିତ ଯୋଜନା ଥିଲା, ବିଲୁଆକୁ ସେଠୁ ବିଦା କରିବା ପାଇଁ। ରାଜା ଆମର କେବେ ବି ଖରାପ ନୁହଁନ୍ତି । କିନ୍ତୁ ଏ ଚତୁର ବିଲୁଆ ରାଜାଙ୍କ ମୁଣ୍ଡରେ ଖରାପ ଭାବନା ପୂରାଉଥିଲା, ଯାହାଦ୍ୱାରା ରାଜା ଏପରି ନିଷ୍ପତ୍ତି ନେବାକୁ ପଛାଉ ନ ଥିଲେ । ଆମ ବୈଠକରେ ଜାଣିଶୁଣି ବିଲୁଆ କଥା ମିଛରେ ଉଠାଗଲା, ଯାହାଦ୍ୱାରା ରାଜାଙ୍କ ଗୁପ୍ତଚର ଏ କଥା ଶୁଣି ରାଜାଙ୍କ ଆଗରେ କହିକି ବିଲୁଆକୁ ବିଦା କରିବେ। ସେଇଆ ହିଁ ହେଲା, ଆମ ଯୋଜନା ସଫଳ ହେଲା। ଆଉ ବିଲୁଆ ଦଣ୍ଡ ପାଇଲା । ଏବେ ଆମେ ଖୁସିରେ ଦିନ କାଟିବା। ସେଥିପାଇଁ ପରା କଥାରେ ଅଛି, ଯିଏ ଯେମିତି କରିବ, ସେମିତି ପାଇବ। ଏବେ ବୁଝିଲ ତ ଅସଲ କଥା, ଚାଲ ମିଶିକରି ମଜ୍ଜା କରିବା। ସଭିଏଁ ଏକାଥରେ ନାଚିଉଠିଲେ।■

**ମାଧବ, ନିଆଳୀ, କଟକ**
**ମୋ-୭୭୩୫୯୫୭୧୫୧**

## କୁନି ତାରକା




# ଭଲ ଲାଗିଥାଏ ଅଳପ ଶୀତ



କୀର୍ତ୍ତନ ସାହୁ

ଶୀତର ପ୍ରକୋପ ବଢ଼ି ନାହିଁ ହେଲେ
ଶୀତ ଧୀରେ ଧୀରେ ଆସୁଛି
ବାଡ଼ି ବଗିଚାରେ ନାନା ଫୁଲ ଫୁଟି
ମହମହ ହୋଇ ବାସୁଛି।
ଗରମ ନାହିଁ କି ଥଣ୍ଡା ବେଶି ନାହିଁ
ଭଲ ଲାଗୁ ଅଛି ପାଗଟି
ତାଜା ମୁଢ଼ି ସଙ୍ଗେ ଗରମ ପକୁଡ଼ି
ଖାଇବାକୁ ବଡ଼ ବାଗଟି ।
ସୁଏଟର ଚାଦର ପେଡ଼ିରୁ ବାହାରି
ପଦାକୁ ଏଥର ଆସନ୍ତି
ଗପ ଶୁଣିବାକୁ ବୁଢ଼ୀମା ପାଖରେ
ନାତି ନାତୁଣୀଏ ବସନ୍ତି ।
ସ୍କୁଲ ଗଲା ବେଳେ ପିଲାମାନେ ଦେଖ
ବୁଟ୍ ସଙ୍ଗେ ମୋଜା ପିନ୍ଧନ୍ତି
କେତେକ ପିଲା ବି ମୁଣ୍ଡରେ ତାଙ୍କର
ସ୍କାର୍ଫ ମଫଲର ବାନ୍ଧନ୍ତି ।
ଅଳପ ଶୀତ ତ ଦେହ ପାଇଁ ହିତ
ଖାଇବାକୁ ଭଲ ଲାଗେରେ
ଘରେ ନିଜ ନିଜ କାମ କରିବାକୁ
ମନରେ ଆଗ୍ରହ ଜାଗେରେ ।■

**ଶାଳପଡ଼ା , କେନ୍ଦୁଝର**
**ଦୂରଭାଷ – ୯୪୩୮୪୧୪୭୦୧**

## ପହେଳି

- ରହିଥିଲି ଦିନେ ଚେଇଁକି
ତାକୁ ମୁଁ ଦେଖିବା ପାଇଁକି
ଆସିଲାନି ଜମା ପାଖକୁ
ଚାହିଁଥିଲା ସିଏ ନିଦକୁ
ନିଦ ଆସିବାରୁ ଆଖିରେ
ଦେଖାଦେଲା ସିଏ ନିଦରେ ॥

ଉ-ସ୍ୱପ୍ନ

- ରହିଛି ତାହାର ଦଶଟି ଗୋଡ଼
ତା' ମଧ୍ୟରୁ ଅଟେ ଦୁଇଟି ବଡ଼
ସେ ଦୁଇ ଗୋଡ଼ରେ କେନା ଦୁଇଟି
ଗାତ ଖୋଳି ଗଢ଼େ ନିଜ ଘରଟି
ନଦୀ ସମୁଦ୍ରରେ ଘରେ ତାହାର
ପାଣିରୁ ଖୋଜଇ ନିଜ ଆହାର
ଦଶରଥ ନାମେ ନାମ ବିସ୍ତାର
କିଏ ସେ କହିବ ନାମ ତାହା ॥

ଉ-କଙ୍କଡ଼ା



- ଭୋକ ଲାଗିଲେ ସେ ଖୁଆଇ ଦିଏ
ନିଦ ଲାଗିଲେ ସେ ଶୁଆଇ ଦିଏ
ଶୋଷ ଲାଗିଲେ ସେ ପିଆଇ ଦିଏ
ଅବୁଝା ହୋଇଲେ ବୁଝେଇ ଦିଏ
ସଂସାର ବଡ ଅଟଇ ସିଏ
ନାମଟି ତାହାର କୁହ କହିବ କିଏ ॥

ଉ-ମାଆ

**- ପ୍ରଶାନ୍ତ କୁମାର ନାଥ**
**ସୁନ୍ଦରପୁର, ଯାଜପୁର, ମୋ-୮୮୯୨୩୦୧୧୪୩**

## ପତ୍ରିକା ପରିଚୟ

ସୁମନ୍ତ ମହାରଣାଙ୍କ ସଂପାଦିତ ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଅକ୍ଟୋବର-ଡିସେମ୍ବର ୨୦୨୩ ସଂଖ୍ୟା ପ୍ରକାଶ ପାଇଛି। ଏହି ସଂଖ୍ୟାରେ ଅନେକ ମନଛୁଆଁ କବିତା,ଗପ ସହିତ ଆମ ପ୍ରତିଭା, ଆମ ହାତ ଅଙ୍କା ଛବି, କୁନି ମଡେଲ ଆଦି ନିୟମିତ ବିଭାଗ ପ୍ରକାଶିତ ହୋଇଛି। କବିତା ବିଭାଗରେ ବୃନ୍ଦାବନ କୁମ୍ଭାରଙ୍କ 'ମା' ଆସୁଛନ୍ତି', ଡକ୍ଟର ରବୀନ୍ଦ୍ର ନାଥ ପାଢ଼ୀଙ୍କ 'ଗୁରୁ', ନିରଞ୍ଜନ ସାହୁଙ୍କ 'ପାର୍ବଣ ଆସିଲେ', ଧ୍ରୁବ ଚରଣ ଘିବେଲାଙ୍କ 'କାଶ ହସେ ବାଟେ ଘାଟେ', ପ୍ରଫୁଲ୍ଲ କୁମାର ସାହୁଙ୍କ 'ମାଆଙ୍କର ପୂଜା ପାଇଁ', ରମାକାନ୍ତ ବେହେରାଙ୍କ 'ମରତ ହସାଇ ଆସିଛି ମାଆ', ଡକ୍ଟର ସୁଷମା ମିଶ୍ରଙ୍କ 'କହେନି କିଏ ସୁନା', ଶିବ ପ୍ରସାଦ ନନ୍ଦଙ୍କ 'ଚନ୍ଦ୍ରାୟନର ଚନ୍ଦ୍ରଯାନ ମୁଁ' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି। ସେହିପରି ଧାରାବାହିକ ଗପ-୨ରେ ଶରତ କୁମାର ନାୟକଙ୍କ 'ଲୁଣିଆ ଭୂତ', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ପିତୃପୂଜା', ଦେବେନ୍ଦ୍ର ଚୌଧୁରୀଙ୍କ 'ଟୁଆ ଟୁଇଁ', ସୁଶାନ୍ତ କୁମାର ସେନାପତିଙ୍କ 'ରାଜକବି ହେଲେ ଯଦୁମଣି', ପର୍ଶୁରାମ ବେହେରାଙ୍କ 'ଶ୍ରମ ଅର୍ଜିତ ଧନ', କାର୍ତ୍ତିକ ସ୍ୱାଇଁଙ୍କ 'ଜହ୍ନରେ ଘର', ଡକ୍ଟର ତ୍ରିନାଥ ପଟ୍ଟନାୟକଙ୍କ 'ପଢ଼ିବାର ନିଶା', କାଳିକିଙ୍କରଙ୍କ 'ଅଳସୁଆ ଟିଙ୍କୁ' ଆଦି ଗପ ମନଛୁଆଁ ହୋଇଛି। ସେହିପରି ସରୋଜ କୁମାର ପାଣିଗ୍ରାହୀଙ୍କ 'ସହୀଦ ଖୁଦିରାମ'ରେ ସ୍ୱାଧୀନତା ସଂଗ୍ରାମୀ ଖୁଦିରାମଙ୍କ ଦେଶ ପ୍ରେମ, ତ୍ୟାଗପୂତ ଜୀବନ ଏବଂ 'ଆମ ପ୍ରତିଭା'ରେ କୁନି କଳାକାର ଶ୍ରୀତି ଶୟାଲିଙ୍କ ନୃତ୍ୟ ଓ ଚିତ୍ରକଳା ପ୍ରତିଭା ସଂପର୍କରେ ଅନେକ କଥା ବର୍ଣ୍ଣନା କରାଯାଇଛି। 'ମୋ ଆଶା'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।■

### ମୋ ଆଶା



ସଂପାଦକ: ସୁମନ୍ତ ମହାରଣା
ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬
ମୂଲ୍ୟ: ୨୦ ଟଙ୍କା

## ଶିଶୁ ପ୍ରତିଭା

# ତବଲା ତାଳରେ ବନ୍ଧା ଜୀବନ

**ସାଧାରଣତଃ ପୁଅମାନେ ତବଲାବାଦନ କରିଥାନ୍ତି । ଏ କ୍ଷେତ୍ରରେ ଝିଅମାନଙ୍କ ପ୍ରବେଶ କମ୍ । କିନ୍ତୁ ଛୋଟବେଳୁ ତବଲା ବାଦନ କଳାକୁ ଆୟତ୍ତ କରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛି କୁନି ଝିଅଟିଏ । ତବଲା ତାଳରେ ବାନ୍ଧି ହୋଇଥିବା ଏହି ଶିଶୁ କଳାକାର ଜଣକ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ସଦାଶିବପୁର ଗ୍ରାମର ପ୍ରତୀକ୍ଷା ମିଶ୍ର । ଖେଳିବା କୁଦିବା ବୟସରେ ସେ ପାଠପଢ଼ା ସହିତ ତବଲା ବଜାଇବା ଜାରି ରଖିଛନ୍ତି । ଏତେ କମ୍ ବୟସରେ ତାଙ୍କର ତବଲା ବାଦନ ସମସ୍ତଙ୍କୁ ଅଭିଭୂତ କରିଦିଏ । ହିନ୍ଦୁସ୍ତାନୀ କ୍ଲାସିକାଲ୍ ଓ ଲାଇଟ୍ ତବଲା ବାଦନ କରି ଜାତୀୟସ୍ତରରେ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି ।**

ଯତିନ୍ ମିଶ୍ର ଓ ନୀହାରିକା ମିଶ୍ରଙ୍କର ଝିଅ ପ୍ରତୀକ୍ଷା। ବୟସ ତାଙ୍କୁ ମାତ୍ର ନଅ ବର୍ଷ। ସେ ଉଭୟ ହିନ୍ଦୁସ୍ତାନୀ କ୍ଲାସିକାଲ୍ ଓ ଲାଇଟ୍ ତବଲା ବାଦନ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି। ପ୍ରତୀକ୍ଷାଙ୍କ ମା' ଜଣେ ସଂଗୀତଜ୍ଞ ହୋଇଥିବାବେଳେ ପିତା ହାରମୋନିୟମ୍ ଓ କି-ବୋର୍ଡରେ ପାରଙ୍ଗମ। ତେଣୁ ପ୍ରତୀକ୍ଷାଙ୍କ କ୍ଷେତ୍ରରେ ବାଦ୍ୟକଳାଗୁଣ ପିଲାଟି ଦିନରୁ ପ୍ରସ୍ଫୁଟିତ ହୋଇଥିଲା। ଚାରିବର୍ଷ ବୟସରେ ସେ ସାର୍ଥକ ଟିଭିର 'ସାରେଗାମାପା' ଟପ୍ ୩୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ୨୦୨୧ରେ ମୁମ୍ବାଇସ୍ଥିତ ସୋନିଟିଭି ଅଡିସନ୍‌ରେ ଅଂଶଗ୍ରହଣ କରିବା ସହ ୨୦୨୨ରେ ଜି ଟିଭି 'ସାରେଗାମାପା' ଓ ୨୦୨୩ରେ ଜି ସାର୍ଥକର ମେଗା ଅଡିସନରେ ଅଂଶଗ୍ରହଣ କରିଥିଲେ। ପ୍ରତୀକ୍ଷା ଏବେ ସେଣ୍ଟ ଜାଭିୟର୍ ହାଇସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ରୀ । ଗୁରୁ ଅଶୋକ କୁମାର ସାହୁ ଓ ଗୋପୀନାଥ ବେହେରା ଓ ମା' ନୀହାରିକାଙ୍କ ଠାରୁ ସେ ତବଲା ବଜାଇବା ଶିଖୁଥିବାବେଳେ ପିତା ଯତିନ୍‌ଙ୍କଠାରୁ ହାରମୋନିୟମ୍ ଓ କିବୋର୍ଡ ବାଦନ ଶିଖନ୍ତି। ଜିଲ୍ଲା ଓ ରାଜ୍ୟ ସ୍ତରର ବିଭିନ୍ନ ମଞ୍ଚରେ ତବଲା ବାଦନ କରି ସମସ୍ତଙ୍କର ପ୍ରିୟ ସାଜିଛନ୍ତି ଏହି କୁନି ପ୍ରତିଭାବାନ ବାଳିକା ଜଣକ। ବର୍ତ୍ତମାନ ସୁଦ୍ଧା ସେ ଜିଲ୍ଲା ଓ ରାଜ୍ୟ ସ୍ତରରେ ୨୦ରୁ ଅଧିକ ସାଂସ୍କୃତିକ ଅନୁଷ୍ଠାନରେ ତବଲା ବାଦନ କରି ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ହିନ୍ଦୁସ୍ତାନୀ କ୍ଲାସିକାଲ୍ ଓ ଲାଇଟ୍ ତବଲା ବାଦନ କରି ଜାତୀୟ ସ୍ତରର ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ସେ ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। ବାପା, ମା ଓ ଗୁରୁଙ୍କ ପ୍ରେରଣା ପାଇ ସେ ଆଜି ଏହି ସ୍ଥାନରେ ପହଞ୍ଚି ପାରିଛନ୍ତି ବୋଲି ପ୍ରତୀକ୍ଷା କୁହନ୍ତି। ଭବିଷ୍ୟତରେ ଏକ୍ଷେତ୍ରରେ ଅଧିକ ନାଁ କମାଇବା ସହ ପାଠପଢ଼ାରେ ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ପ୍ରତୀକ୍ଷାଙ୍କ କଳାକୁ ଆଗକୁ ନେବା ପାଇଁ ସେ ସବୁପ୍ରକାର ପ୍ରୟାସ କରିବେ ବୋଲି ପ୍ରତୀକ୍ଷାଙ୍କ ମା' ନୀହାରିକା କହିଛନ୍ତି।■



- ଅମରେନ୍ଦ୍ର ଦାସ
ଢେଙ୍କାନାଳ

## ସକାଳ ଶିଶୁ କୁଇଜ୍-୧୦୧

(୧) ଟେଲିସ୍କୋପ କିଏ ଉଦ୍ଭାବନ କରିଥିଲେ?
ଉତ୍ତର : ______

(୨) ଗରବା କେଉଁ ରାଜ୍ୟର ପ୍ରସିଦ୍ଧ ଲୋକନୃତ୍ୟ?
ଉତ୍ତର : ______

(୩) ସୌରମଣ୍ଡଳର ସବୁଠୁ ଛୋଟଗ୍ରହର ନାମ କ'ଣ?
ଉତ୍ତର : ______

(୪) କେଉଁ ଓଡ଼ିଆ ମାସରେ ମାଣବସା ଗୁରୁବାର ପାଳନ କରାଯାଏ?
ଉତ୍ତର: ______

(୫) ଅଜନ୍ତା ଗୁମ୍ଫା ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା

- ଅଂଶୁମାନ ପ୍ରଧାନ, ଲୋହାରପାଲି, ବରଗଡ
- ଜିଗିଶା ଭୋଇ, ଫାପସି, ବଲାଙ୍ଗୀର
- ଦେବାଶିଷ କର, ଆଙ୍କପଦା,ଭଦ୍ରକ

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଆମ ହାତ ଅଙ୍କା ଛବି





ସ୍ରିଷ୍ଟି ପାଢ଼ୀ
ପ୍ରଥମ ଶ୍ରେଣୀ
ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ଭୁବନେଶ୍ୱର





ଅଂଶୁମାନ ବାଇ
ଷଷ୍ଠ ଶ୍ରେଣୀ
ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ,
ମଙ୍ଗଳପୁର, ଯାଜପୁର





ପ୍ରିୟାଂଶୁ ମାଇତି
ଦ୍ୱିତୀୟ ଶ୍ରେଣୀ
ଭି.ଏସ୍ ବିଦ୍ୟାଳୟ
ସୁନାବେଢ଼ା





ଆଦିତ୍ୟ ନାରାୟଣ ଧରାଇ
ପଞ୍ଚମ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ
ବରଗଡ଼

## ଆଇସିସି ରିପୋର୍ଟ କାର୍ଡ: ଦିନିକିଆ ବିଶ୍ୱକପ୍‌ର ୬ଟି ପିଚ୍ ହାରାହାରି

# ଫାଇନାଲ ମ୍ୟାଚ୍‌ର ପିଚ୍ ଭଲ ନ ଥିଲା

ଦୁବାଇ, ୮ ।୧୨(ଏଜେନ୍ସି): ସଦ୍ୟ ସମାପ୍ତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଭାରତକୁ ହରାଇ ଅଷ୍ଟ୍ରେଲିଆ ରେକର୍ଡ ୬ମଥର ପାଇଁ ଚାମ୍ପିଅନ ହୋଇଥିଲା । ଏହି ପିଚ୍ ମନ୍ଥର ଥିଲା ଓ ଏହାର ଭାରତ ପାଇଁ ଆତ୍ମଘାତୀ ସାବ୍ୟସ୍ତ ହୋଇଥିଲା । କ୍ରମାଗତ ୧୦ଟି ମ୍ୟାଚ୍ ଜିତି ଫାଇନାଲରେ ପରାସ୍ତ ହେବା ଭାରତୀୟ କ୍ରିକେଟର ଓ ପ୍ରଶଂସକଙ୍କ ହଜମ ହୋଇ ନଥିଲା । ଭାରତର ପରାଜୟ ପାଇଁ କେତେକ ପିଚ୍‌କୁ ଦାୟୀ କରିଥିଲେ । ଏବେ ଆଇସିସି ଏହାକୁ ସ୍ୱୀକାର କରିଛି । ଯେଉଁ ପିଚ୍ ଉପରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା ତାହା ବିଶ୍ୱସ୍ତରୀୟ ନ ଥିଲା । ଆଇସିସି ଏହି ପିଚ୍‌କୁ ଆଭରେଜ ରେଟିଂ ଦେଇଛି ବା ସାମାନ୍ୟ ବୋଲି ବିବେଚନା କରିଛି । ବିଶ୍ୱକପ୍‌ରେ ମୋଟ୍ ୬ଟି ମ୍ୟାଚ୍‌ର ପିଚ୍‌କୁ ଆଇସିସି ଆଭରେଜ୍ ରେଟିଂ ଦେଇଛି । ଏହି ୬ଟି ପିଚ୍‌ରେ ଭାରତ ୫ଟି ମ୍ୟାଚ୍ ଖେଳିଛି ।

### ପାକିସ୍ତାନକୁ ହରାଇବା ପରେ ଭାରତ ଫାଇନାଲରେ ହାରିଥିଲା

ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ ଦୁଇଟି ମ୍ୟାଚ୍ ଖେଳିଥିଲା । ଷ୍ଟାଡିୟମର ଏହି ପିଚ୍‌ରେ ଭାରତ ଲିଗ୍ ପର୍ଯ୍ୟାୟରେ ପାକିସ୍ତାନକୁ ହରାଇଥିଲା । କିନ୍ତୁ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା । ଅକ୍ଟୋବର ୧୪ରେ ଭାରତ ପାକିସ୍ତାନକୁ ୭ ୱିକେଟରେ ହରାଇଥିଲା । ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୧୯ରେ ଖେଳାଯାଇଥିଲା ଓ ଏହା ଫାଇନାଲ ମ୍ୟାଚ୍ ଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୨୪୦ ରନ ସଂଗ୍ରହ କରିଥିଲା । ଜବାବରେ ଅଷ୍ଟ୍ରେଲିଆ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା ।



### କୋଲକାତାରେ ଦୁଇ ମ୍ୟାଚ୍; ଦୁଇଟିରେ ଦକ୍ଷିଣ ଆଫ୍ରିକା ହାରିଥିଲା

କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ବିଶ୍ୱକପ୍‌ର ଦୁଇଟି ମ୍ୟା ।ଚ୍‌ର ପିଚ୍‌କୁ ମଧ୍ୟ ଆଭରେଜ୍ କୁହାଯାଇଛି । ନଭେମ୍ବର ୫ରେ ଏଠାରେ ଭାରତ ୨୪୩ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା । ସେହିପରି ଏଠାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା ।

### ଚେନ୍ନାଇ ଓ ଲକ୍ଷ୍ନୌରେ ଭାରତ ମ୍ୟାଚ୍‌ର ପିଚ୍ ମଧ୍ୟ ସାମାନ୍ୟ ଥିଲା

ଚେନ୍ନାଇ ଓ ଲକ୍ଷ୍ନୌରେ ଖେଳାଯାଇଥିବା ଭାରତ ମ୍ୟାଚ୍‌ର ପିଚ୍ ଆଭରେଜ ବା ସାମାନ୍ୟ ଥିଲା ବୋଲି ଆଇସିସି ତରଫରୁ କୁହାଯାଇଛି । ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ଅଷ୍ଟ୍ରେଲିଆକୁ ହରାଇଥିଲା । ସେହିପରି ଲକ୍ଷ୍ନୌର ଏକନା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୧୦୦ ରନରେ ଇଂଲଣ୍ଡକୁ ହରାଇଥିଲା । ଏହି ଦୁଇଟି ମ୍ୟାଚ୍‌ର ପିଚ୍ ଭଲ ନଥିଲା ।

### ମୁମ୍ବଇରେ ଭାରତ- ନ୍ୟୁଜିଲାଣ୍ଡ ସେମିଫାଇନାଲ ପିଚ୍‌କୁ କ୍ଲିନ୍ ଚିଟ୍

ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ର ପିଚ୍ ଭଲ ଥିଲା । ଏହି ପିଚ୍‌କୁ ଆଇସିସି କ୍ଲିନ୍ ଚିଟ୍ ପ୍ରଦାନ କରିଛି । ଏହି ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡକୁ ୭୦ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡିକ ଏହି ପିଚ୍‌ର ମାନକୁ ନେଇ ପ୍ରଶ୍ନ ଉଠାଇଥିଲା । ଏଥିରେ ପିଚ୍ ପରିବର୍ତ୍ତନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ତେବେ ପିଚ୍ ପରିବର୍ତ୍ତନ କରିବା ନିଷ୍ପତ୍ତି ପୂର୍ବରୁ ନିଆଯାଇଥିଲା ବୋଲି ଆଇସିସି ସେତେବେଳେ ସଫେଇ ଦେଇଥିଲା ।

● ଗ୍ଲେନ୍ ଫିଲିପ୍ସଙ୍କ ଚମତ୍କାର ବ୍ୟାଟିଂ

## ପ୍ରଥମ ପାଳିରେ ନ୍ୟୁଜିଲାଣ୍ଡ ଆଗୁଆ

ଢ଼ାକା, ୮।୧୨(ଏଜେନ୍ସି): ଅଲରାଉଣ୍ଡର ଗ୍ଲେନ୍ ଫିଲିପ୍ସଙ୍କ ଚମତ୍କାର ବ୍ୟାଟିଂ ବଳରେ ଏଠାରେ ବାଂଲାଦେଶ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ଆଗୁଆ ହୋଇଛି । ଏହି ମ୍ୟାଚ୍‌ର ପିଚ୍ ସ୍ପିନରଙ୍କୁ ସୁହାଇଥିଲାବେଳେ ପ୍ରଥମ ଦିନରେ ୧୫ଟି ୱିକେଟର ପତନ ହୋଇଥିଲା । ଏଥିରେ ବାଂଲାଦେଶ ୧୭୨ ରନ୍ କରିଅଲଆଉଟ ହେବା ପରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୫ ୱିକେଟ ହରାଇ ୫୫ ରନ୍ କରିଥିଲା । କ୍ରମାଗତ ବର୍ଷା ହେବାରୁ ଦ୍ୱିତୀୟ ଦିନ ଖେଳ ଆଦୌ ସମ୍ଭବ ହୋଇ ନଥିଲା । ତୃତୀୟ ଦିନରେ ଫିଲିପ୍ସ ୭୨ ବଲ୍‌ରେ ୯ ଚୌକା ଓ ୪ଛକା ସହ ଆକର୍ଷଣୀୟ ୮୭ ରନ୍ କରିବା ଫଳରେ ଦଳ ପ୍ରଥମ ପାଳିରେ ୧୮୦ ରନ୍ କରିପାରିଥିଲା । ଫଳରେ ଭ୍ରମଣକାରୀ ଦଳ ୮ ରନ୍‌ରେ ଅଗ୍ରଣୀ ନେଇଥିଲା । ଘରୋଇ ବାଂଲାଦେଶ ଦ୍ୱିତୀୟ ପାଳିରେ ବ୍ୟାଟିଂ ଆରମ୍ଭ କରି ୨ ୱିକେଟରେ ୩୮ ରନ୍ କରିଥିଲାବେଳେ ଆଲୋକ ଅଭାବରୁ ଖେଳ ବନ୍ଦ ରହିଥିଲା । ଏହା ଫଳରେ ଘରୋଇ ଦଳ ହାତରେ ୮ଟି ୱିକେଟ ବାକି ରଖି ମାତ୍ର ୩୦ ରନ୍‌ରେ ଆଗୁଆ ରହିଛି । ଖେଳ ଆଉ ଦୁଇଦିନ ବାକି ଥିବାବେଳେ ମ୍ୟାଚ୍‌ର ଫଳାଫଳ ବାହାରିବାର ଯଥେଷ୍ଟ ସମ୍ଭାବନା ରହିଛି । ଚଳିତ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ବାଂଲାଦେଶ ୧-୦ରେ ଆଗୁଆ ରହିଛି ।

## ବିନ୍ନି ମହିଳା ପ୍ରିମିୟର ଲିଗ୍ କମିଟି ମୁଖ୍ୟ

ନୂଆଦିଲ୍ଲୀ, ୮ ।୧୨(ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମହିଳା ଆଇପିଏଲ କୁହାଯାଉଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ) କମିଟି ଗଠନ କରିଛି । ଲିଗ୍‌ର ବିକାଶ ଓ ସଫଳତା ଉପରେ ନଜର ତଥା ତଦାରଖ କରିବାକୁ ବୋର୍ଡ ଏହି ହାଇପ୍ରୋଫାଇଲ କମିଟି ଗଠନ କରିଛି । ବିସିସିଆଇ ସଭାପତି ରୋଜର ବିନ୍ନି ଏହି କମିଟି ମୁଖ୍ୟ ଭାବେ ଦାୟିତ୍ୱ ବହନ କରିବେ । ବୋର୍ଡ ସମ୍ପାଦକ ଜୟ ଶାହା ଏହି କମିଟିର ଆବାହକ ଦାୟିତ୍ୱ ତୁଲାଇବେ । ୨୦୨୩ରେ ଅନୁଷ୍ଠିତ ଡବ୍ଲ୍ୟୁପିଏଲ୍‌ର ପ୍ରଥମ ସଂସ୍କରଣ ଆଶାତୀତ ଭାବେ ସଫଳତା ପାଇଥିଲା । ମହିଳା କ୍ରିକେଟର ଉନ୍ନତି ପାଇଁ ଗଠିତ ଏହି କମିଟିରେ ୮ ଜଣ ସଦସ୍ୟ ସ୍ଥାନ ପାଇଛନ୍ତି । ଆଇପିଏଲ ଅଧ୍ୟକ୍ଷ ଅରୁନ ଧୁମାଲ, ବିସିସିଆଇ ଉପ- ସଭାପତି ରାଜୀବ ଶୁକ୍ଲା, କୋଷାଧ୍ୟକ୍ଷ ଅଶିଷ ସେଲାର, ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ, ମଧୁମତି ଲେଲେ ଓ ପ୍ରଭଦେଜ ଭାଟିଆ ଏହି କମିଟିର ସଦସ୍ୟ ରହିଛନ୍ତି ।

■ ୧୪ ବର୍ଷରୁ କମ୍ ଏସୀୟ ର୍‍ୟାଙ୍କିଙ୍ଗ୍ ଟେନିସ

## ଯୁଗଳରେ ଆହାନଙ୍କୁ ଟାଇଟଲ

ଭୁବନେଶ୍ୱର, ୮।୧୨(ସମିସ): ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ଆହାନ ମିଶ୍ର ଅନ୍ତର୍ଜାତୀୟ ଟେନିସରେ ଏକ ବଡ଼ ସଫଳତା ହାସଲ କରିଛନ୍ତି । ବେଙ୍ଗାଲୁରୁଠାରେ ଚାଲିଥିବା ଏସୀୟ ର୍‍ୟାଙ୍କିଙ୍ଗ ଟେନିସ ଟୁର୍ଣ୍ଣାମେଣ୍ଟର ୧୪ ବର୍ଷରୁ କମ୍ ବାଳକ ବିଭାଗ ଯୁଗଳରେ ଚାମ୍ପିଅନ ହୋଇଛନ୍ତି । ଆନ୍ଧ୍ରପ୍ରଦେଶର ଇଶାନ ଯାଦ୍‌ଲାପଲ୍ଲୀଙ୍କୁ ସାଥିକରିଥିଲେ ଆହାନ । ଇଶାନ-ଆହାନଙ୍କ ଯୋଡି ଫାଇନାଲରେ ତାମିଲନାଡୁର ଇଶାନ ସୁଦର୍ଶନ ଓ କର୍ଣ୍ଣାଟକର ଅନିରୁଦ୍ଧ ପାଲାନିସ୍ୱାମୀଙ୍କୁ ୬-୧, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ଯୁଗଳ ବିଭାଗରେ ଚାମ୍ପିଅନ ହୋଇଛନ୍ତି । ଓଡ଼ିଶାର ଯୁବ ଖେଳାଳିଭାବେ ଏହା ତାଙ୍କର ଅନ୍ୟତମ ଶ୍ରେଷ୍ଠ ସଫଳତା ବୋଲି ପ୍ରଶିକ୍ଷକ ସନ୍ତୋଷ ମଲ୍ଲିକ ଜଣାଇଛନ୍ତି ।



■ କନିଷ୍ଠ ମହିଳା ହକି ବିଶ୍ୱକପ୍

## ଦକ୍ଷିଣ କୋରିଆକୁ ହରାଇଲା ଭାରତ

ସାଣ୍ଟିଆଗୋ, ୮ ।୧୨(ଏଜେନ୍ସି): ଚିଲିରେ ଚାଲିଥିବା କିନଷ୍ଠ ମହିଳା ହକି ବିଶ୍ୱକପ୍‌ରେ ଭାରତ ଗୁରୁବାର ବିଳମ୍ବିତ ରାତିରେ ଦକ୍ଷିଣ କୋରିଆକୁ ୩-୧ ଗୋଲରେ ପରାସ୍ତ କରିଛି । ୯ମ- ଦ୍ୱାଦଶ ସ୍ଥାନ ପାଇଁ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଛରେ ଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ଭାରତୀୟ ଖେଳାଳିମାନେ ୩ଟି ଗୋଲ ଦେଇଥିଲେ । ମ୍ୟାଚ୍ ୧୯ତମ ମିନିଟ୍‌ରେ ଜିୟୁନ ଚୋଇ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ । କିନ୍ତୁ ଏହାପରେ ରୋପନୀ କୁମାରୀ ୨୩ତମ, ମୁମ୍ତାଜ ଖାନ୍ ୪୪ ଓ ଅନୁ ୪୬ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇବା ସହ ବିଜୟୀ କରାଇଥିଲେ । ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା ।

● କୁଚବିହାର ଟ୍ରଫି

## ବର୍ଷା ବାଧକ; ହାଇଦ୍ରାବାଦ ୪୯/୧

ବରଗଡ଼, ୮।୧୨(ସମିସ): ୧୯ବର୍ଷରୁ କମ୍ ବାଳକ କୁଚ୍ ବିହାର ଟ୍ରଫିର ଓଡ଼ିଶା-ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍ ଶୁକ୍ରବାର ଠାରୁ ବରଗଡ଼ର ବିକାଶ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି । ଘରୋଇ ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ପ୍ରଥମ ଦିବସରେ ମାତ୍ର ୧୭ ଓଭର ଖେଳାଯାଇଥିଲା । ଭ୍ରମଣକାରୀ ହାଇଦ୍ରାବାଦ ଗୋଟିଏ ୱିକେଟ ବିନିମୟରେ ୪୯ ରନ କରିଛି । ଓପନର ସିଦ୍ଧାର୍ଥ ରାଓ ୧୪ରନରେ ଶ୍ରୀରାଜ ପଟ୍ଟନାୟକଙ୍କ ଦ୍ୱାରା ଏଲବି ହୋଇ ପ୍ୟାଭିଲିୟନ ଫେରିଥିଲେ । ଅନ୍ୟତମ ଓପନର କେ. ୱାଫି ୧୬ରନ ଏବଂ ଏ. ରାପୋଲ ୧୩ରନରେ ଅପରାଜିତ ଅଛନ୍ତି । ଚଳିତ କୁଚବିହାର ଟ୍ରଫିରେ ଓଡ଼ିଶାର ଏହା ୪ର୍ଥ ଲିଗ ମ୍ୟାଚ୍ । ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ଟି ଅମୀମାଂସିତ ଫଳାଫଳ ସହାୟତାରେ ଦଳ ୯ ପଏଣ୍ଟ ହାସଲ କରି ଗ୍ରୁପ ଇ ଟେବୁଲର ୩ୟ ସ୍ଥାନରେ ରହିଛି ।

ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ ଗେମ୍ସ

## ଦୀପ୍‌ରଞ୍ଜନଙ୍କୁ ସ୍ୱର୍ଣ୍ଣପଦକ

ଭୁବନେଶ୍ୱର, ୮।୧୨ (ସମିସ): ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଆବିଲିଟିସ୍ପୋର୍ଟ୍ସ ଗେମ୍ସ ଶୁକ୍ରବାର ଶେଷ ହୋଇଛି । ଏଥିରେ ଭାରତ ୩୬ ସ୍ୱର୍ଣ୍ଣ, ୩୨ ରୌପ୍ୟ, ୩୫ କାଂସ୍ୟସହ ୧୦୩ଟି ପଦକ ଜିତି ପଦକ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନରେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ଶୁକ୍ରବାର ଖେଳାଯାଇଥିବା ଶେଷ ଦିନରେ ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ ଯୁଗଳରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା । ଏଥିରେ ଓଡ଼ିଶାର ଦୀପରଞ୍ଜନ ବିଶୋୟୀ ଓ ଶରଦ ଯୋଶି ସଦସ୍ୟ ଥିଲେ । ପୁରୁଷ ଏକକରେ ମଧ୍ୟ ଦୀପଙ୍କୁ କାଂସ୍ୟ ପଦକ ମିଳିଥିଲା । ପୁରୁଷ ବ୍ୟାଡମିଣ୍ଟନରେ ଶୁଭ୍ରଜିତ ମହାରଣା ମଧ୍ୟ କାଂସ୍ୟ ପଦକ ଜିତିଛନ୍ତି । ଅନ୍ୟ ଦୁଇ ଖେଳାଳି ଦିଲେଶ୍ୱର ରାଓ କ୍ୱାର୍ଟର ଫାଇନାଲରୁ ଏବଂ ନୁରୁଲ ହାସନ ଖାନ୍ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାରୁ ପଦକ ଜିତିବା ସମ୍ଭବ ହୋଇପାରି ନଥିଲା ।

ଦୀପ୍‌ଙ୍କ ବ୍ୟତୀତ ସୁଚିତ୍ରା ପରିଡ଼ା ସ୍ୱର୍ଣ୍ଣ ପଦକ ଜିତିଥିଲେ । ମହିଳା ଜଭେଲିନ୍ ଥ୍ରୋରେ ସୁଚିତ୍ରା ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲେ । ଶେଷ ଦିନରେ ସେ ମହିଳା ସଟ୍‌ପୁଟ୍‌ରେ ମଧ୍ୟ ଆଉ ଏକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଏହା ଫଳରେ ଦୀପ ଓ ସୁଚିତ୍ରା ଦୁଇଟି ଲେଖାଏଁ ପଦକ ଜିତିବାରେ ସମର୍ଥ ହୋଇଛନ୍ତି । ଓଡ଼ିଶାର ତାରକା ଆଥଲେଟ ଜୟନ୍ତୀ ବେହେରାଙ୍କୁ ଏହି ପ୍ରତିଯୋଗିତାରେ ୩ଟି ପଦକ ଜିତିଥିଲେ ମଧ୍ୟ ଏଥିରେ ଗୋଟିଏ ହେଲେ ସ୍ୱର୍ଣ୍ଣ ପଦକ ନାହିଁ । ଶେଷ ଦିନରେ ସେ ୪୦୦ ମିଟର ଦୌଡ଼ରେ ରୌପ୍ୟପଦକ ବିଜୟୀ ହୋଇଛନ୍ତି । ପୂର୍ବରୁ ମହିଳା ୧୦୦ ଓ ୨୦୦ ମିଟର ଦୌଡ଼ରେ ଦୁଇଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ । ଗୁରୁବାର ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱାଧୀନ ମାହାର ପୁରୁଷ ଲମ୍ବ ଡିଆଁରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ ।

ଏହି ପ୍ରତିଯୋଗିତାରେ ନିରାଶ କରିଛନ୍ତି ହ୍ୱିଲ ଚେୟାର ଫେନ୍ସିଂ ଟିମ୍ । ଓଡ଼ିଶାରୁ ସର୍ବାଧିକ ୭ଜଣ ଖେଳାଳି ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ମଧ୍ୟ ଜଣେ ହେଲେ ପଦକ ଜିତିବାକୁ ସମର୍ଥ ହୋଇପାରି ନାହାନ୍ତି । ଏହା ପୂର୍ବରୁ ଖେଳାଯାଇଥିବା ପାରା ଏସିଆନ ଗେମ୍ସରେ ମଧ୍ୟ ଏମାନେ ନିରାଶ କରିଥିଲେ ।



ଦୀପ୍ ରଞ୍ଜନ ବିଶୋୟୀ ଓ ଶୁଭ୍ରଜିତ ମହାରଣା


ଜୟନ୍ତୀ ବେହେରା


ସୁଚିତ୍ରା ପରିଡ଼ା

## ନିବେଦିତାଙ୍କ ୪ ଗୋଲ୍, ନୀତା ଏକାଡେମୀ ବିଜୟୀ




କଟକ, ୮।୧୨(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶା ମହିଳା ଲିଗ୍ ଖେଳାଯାଉଛି । ଚୌଦ୍ୱାର ଓଟିଏମ ଗ୍ରାଉଣ୍ଡରେ ଶୁକ୍ରବାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଏବଂ ନୀତା ଫୁଟବଲ ଏକାଡେମୀ ମଧ୍ୟରେ ମ୍ୟାଚ୍ ହୋଇଥିଲା । ନୀତା ଏଫଏ ୬-୦ ଗୋଲରେ ଏହି ମ୍ୟାଚ୍ ଜିତିଛି । ଦଳର ଫରୱାର୍ଡ ନିବେଦିତା ନାୟକ ୪ଟି ଗୋଲ ଦେଇଥିଲେ । ୭ମ, ୧୦ମ, ୭୫ତମ ଏବଂ ୮୨ତମ ମିନିଟରେ ସେ ଉକ୍ତ ଗୋଲ ସ୍କୋର କରିଥିଲେ । ଅସରଫି ଖାତୁନ ଏବଂ ଏଲସେଲିଆ ଦେବୀ ଅନ୍ୟ ଦୁଇଟି ଗୋଲ ଦେଇଥିଲେ ।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ତ୍ରିପୁରା ବିପକ୍ଷରେ ଓଡ଼ିଶାର ଇନିଂସ ବିଜୟ

କଟକ, ୮।୧୨(ସମିସ): ଆସାମର ମାଙ୍ଗଲଡୋଇ ସ୍ପୋର୍ଟସ ଆସୋସିଏସନ ଷ୍ଟାଡିୟମରେ ଚାଲିଥିବା ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଓ ୬୦ରନରେ ବିଜୟ ହାସଲ କରିଛି । ଚଳିତ ସଂସ୍କରଣରେ ଓଡ଼ିଶାର ଏହା ପ୍ରଥମ ବିଜୟ । ୨ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ଗୋଟିଏ ବିଜୟ ଓ ଗୋଟିଏ ଡ୍ର ବଳରେ ୮ ପଏଣ୍ଟ ହାସଲ କରି ଗ୍ରୁପ-ଡି' ଟେବୁଲର ୩ୟ ସ୍ଥାନରେ ରହିଛି । ପ୍ରକାଶ ଥାଉକି, ତ୍ରିପୁରାର ପ୍ରଥମ ଇନିଂସ୍ ୮୨ରନ ଜବାବରେ ଓଡ଼ିଶା ୨୨୪ରନ କରିଥିଲା । ରେହାନ ଖାନ ସର୍ବାଧିକ ୫୭ରନ କରିଥିଲେ । ଗୁରୁବାର ତଥା ଦ୍ୱିତୀୟ ଦିବସ ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ତ୍ରିପୁରା ୮ ୱିକେଟ ହରାଇ ୬୮ରନ କରିଥିଲା । ଶୁକ୍ରବାର ମ୍ୟାଚ୍‌ର ତୃତୀୟ ଦିବସରେ ଆଉ ୧୪ରନ ଯୋଡ଼ି ଦଳ ଅବଶିଷ୍ଟ ୨ ୱିକେଟ ହରାଇଥିଲା । ଓଡ଼ିଶା ପକ୍ଷରୁ ଯୋଗେଶ୍ୱର ବାଗ ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଥିଲେ ।



## ସ୍ପୋର୍ଟସ ଓଡ଼ିଶାର ବୃହତ୍ ବିଜୟ



କଟକ, ୮।୧୨(ସମିସ): ଫୁଟବଲ ଆସୋସିଏନ ଅଫ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ୟୁଥ୍ ଲିଗର ଏକ ମ୍ୟାଚ୍‌ରେ ସ୍ପୋର୍ଟସ ଓଡ଼ିଶା ୯-୦ ଗୋଲରେ ବୃହତ୍ ବିଜୟ ହାସଲ କରିଛି । ସତ୍ୟବ୍ରତ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ୧୫ବର୍ଷରୁ କମ୍ ବୟସ ବର୍ଗର ଏହି ମ୍ୟାଚ୍‌ରେ ସ୍ପୋର୍ଟସ ଓଡ଼ିଶା ଏବଂ ରାଇଜିଂ ଷ୍ଟାର ମୁହାଁମୁହିଁ ହୋଇଥିଲେ । ପ୍ରଥମାର୍ଦ୍ଧରେ ୭ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ସ୍କୋର କରି ସ୍ପୋର୍ଟସ ଓଡ଼ିଶା ସହଜରେ ଏହି ମ୍ୟାଚ୍‌କୁ ଜିତିଥିଲା । ମଣ୍ଟୁ ନାଗ ହ୍ୟାଟ୍ରିକ ଗୋଲ ଦେଇଥିଲେ । ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଜଟଣୀ ଫୁଟବଲ କ୍ଲବ ୬-୨ ଗୋଲରେ ୟୁନିଟ-୬ ଆଥଲେଟିକ ଆସୋସିଏସନକୁ ପରାସ୍ତ କରିଛି । ୧୩ବର୍ଷରୁ କମ୍ ବୟସ ବର୍ଗରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଜଟଣୀ ପକ୍ଷରୁ ପ୍ରବୀଣ ନାୟକ ୬ଟି ଯାକ ଗୋଲ ଦେଇଥିଲେ । ୟୁନିଟ-୬ ଆଥଲେଟିକ ଆସୋସିଏସନ ପକ୍ଷରୁ ଶୁଭମ ଦେହୁରୀ ଏବଂ ଅନିକେତ ଟୁଡୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ ।

# ୧୨ରୁ କଟକରେ ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦




■ ଏସିଆ ମହାଦେଶର ମର୍ଯ୍ୟାଦାଜନକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ
■ ଭାଗ ନେବେ ଭାରତ ଓ ବିଦେଶର ଅନେକ ତାରକା

କଟକ, ୮।୧୨(ସମିସ): କଟକରେ ପୁଣି ଥରେ ଆୟୋଜିତ ହେବ ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ । ଏସିଆ ମହାଦେଶର ଏହା ଏକ ମର୍ଯ୍ୟାଦାଜନକ ଟୁର୍ଣ୍ଣାମେଣ୍ଟ । ବ୍ୟାଡମିଣ୍ଟନ ୱାର୍ଲଡ ଫେଡେରେଶନ (ବିଡବ୍ଲ୍ୟୁଏଫ) ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଲଗାତାର ଦ୍ୱିତୀୟ ଥର ଓଡ଼ିଶାରେ ହେବାକୁ ଯାଉଛି । ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ୧୨ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ମ୍ୟାଚ୍ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି ହେଉଛି ୧ ଲକ୍ଷ ଡଲାର, ଭାରତୀୟ ମୁଦ୍ରାରେ ଯାହା ପ୍ରାୟ ୮୪ଲକ୍ଷ ଟଙ୍କା ସହ ସମାନ । ଭାରତର ନାମିଦାମୀ ବ୍ୟାଡମିଣ୍ଟନ ତାରକାଙ୍କ ସମେତ ବିଦେଶୀ ରାଷ୍ଟ୍ରର ପ୍ରତିଯୋଗୀମାନେ ଏଥିରେ ଭାଗ ନେବେ । ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ସମସ୍ତ ପ୍ରସ୍ତୁତି ଗ୍ରହଣ କରାଯାଉଛି ।

ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ର ଚଳିତ ସଂସ୍କରଣର ନାମ ରଖାଯାଇଛି ଓଡ଼ିଶା ମାଷ୍ଟର୍ସ-୨୦୨୩ । ପ୍ରଥମ ସଂସ୍କରଣ ମଧ୍ୟ କଟକରେ ଖେଳାଯାଇଥିଲା । ୨୦୨୨ରେ ହୋଇଥିବା ପ୍ରଥମ ସଂସ୍କରଣ ବେଶ୍ ସଫଳ ହେବା ପରେ ପୁନର୍ବାର କଟକରେ ଆୟୋଜନ କରିବାକୁ ସ୍ଥିର କରାଯାଇଛି । ବ୍ୟାଡ୍‌ମିଣ୍ଟନପ୍ରେମୀ ମାନେ ପୁଣି ଥରେ ଅନେକ ତାରକା ଖେଳାଳିଙ୍କୁ ଦେଖିବାର ସୁଯୋଗ ପାଇବେ । ଗତ ସଂସ୍କରଣର ପୁରୁଷ ବର୍ଗରେ ଚାମ୍ପିଅନ କିରନ ଜର୍ଜ ଏବଂ ମହିଳା ବର୍ଗରେ ଚାମ୍ପିଅନ ଉନ୍ନତି ହୁଡା ଟ୍ରଫି ବଜାୟ ରଖିବା ଲକ୍ଷ୍ୟରେ ପୁର୍ନବାର ପ୍ରତିଯୋଗିତାକୁ ଓହ୍ଲାଇବେ । ସେହିପରି ମହିଳା ଡବଲ୍ସରେ ଚାମ୍ପିଅନ ଗାୟତ୍ରୀ ଗୋପିଚାନ୍ଦ ଏବଂ ଟ୍ରେସା ଜଲ୍ଲି ମଧ୍ୟ ଏଥର ମୁକାବିଲା କରିବେ । ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ସଚିବ ଆର ଭିନୀଲ କ୍ରିଷ୍ଣା କହିଛନ୍ତି ଯେ, କଟକରେ ପୁଣି ଥରେ ଓଡ଼ିଶା ମାଷ୍ଟର୍ସ ଆୟୋଜନ କରାଯିବ । ରାଜ୍ୟରେ ବ୍ୟାଡମିଣ୍ଟନ ପ୍ରତି ଗୁରୁତ୍ୱ ଦିଆଯାଉଛି । ଏହି ଖେଳର ପ୍ରଚାର, ପ୍ରସାର ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି । ଏହି କ୍ରୀଡ଼ାର ଭିତ୍ତିଭୂମିର ବିକାଶ ଯେତିକି ଜରୁରୀ, ଏଭଳି ଅନ୍ତର୍ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟ ଆୟୋଜନ ମଧ୍ୟ ସେତିକି ଜରୁରୀ ବୋଲି ସଚିବ ଶ୍ରୀ କ୍ରିଷ୍ଣା ମତ ଦେଇଛନ୍ତି । ବିଶ୍ୱର ଅନେକ ରାଷ୍ଟ୍ରର ପ୍ରତିଭାବାନ ବ୍ୟାଡମିଣ୍ଟନ ଖେଳାଳି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ । ରାଜ୍ୟର ଖେଳାଳିମାନଙ୍କ ପାଇଁ ଏହା ଉତ୍ସାହପ୍ରଦ ହେବ ବୋଲି ସେ କହିଥିଲେ ।

ପ୍ରକାଶଯୋଗ୍ୟ, ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ପୁଣି ଥରେ ଆୟୋଜନ କରାଯିବା ଓଡ଼ିଶା ନିମନ୍ତେ ଏକ ମାଇଲଷ୍ଟୋନ ହେବ । ଅନ୍ତର୍ଜାତୀୟସ୍ତରର ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ପାଇଁ ରାଜ୍ୟ ସରକାର ଇଚ୍ଛା ରଖୁଛନ୍ତି । କେବଳ ସେତିକି ନୁହେଁ, ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟସ କମ୍ପ୍ଲେକ୍ସରେ ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ର ନିର୍ମାଣ କରାଯାଉଛି । ଯାହା ଖୁବଶୀଘ୍ର ଉଦ୍‌ଘାଟନ ହେବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର